# ପ୍ରାକୃତ ଭାଷା -

# ଏକ

# ଅଧ୍ୟୟନ

# ପ୍ରାକୃତ ଭାଷା :
# ଏକ ଅଧ୍ୟୟନ

# ପ୍ରାକୃତ ଭାଷା-
# ଏକ ଅଧ୍ୟୟନ

**ଅଧ୍ୟାପକ ଅପର୍ଣ୍ଣା ପ୍ରଧାନ**, ଏମ୍. ଏ. (ହିନ୍ଦୀ),
ଏମ୍. ଏ. (ତୁଳନାତ୍ମକ ଭାଷାତତ୍ତ୍ୱ)

ବିଦ୍ୟା ବୁକ୍‌ଷ୍ଟୋର
ବ୍ରହ୍ମପୁର-୧ (ଗଞ୍ଜାମ)

# ★ ପ୍ରାକୃତ ଭାଷା—ଏକ ଅଧ୍ୟୟନ

ଲେଖକ—ଅଧ୍ୟାପକ ଅପର୍ଣ୍ଣା ପ୍ରଧାନ
ହିନ୍ଦୀ-ବିଭାଗ, ଖଲ୍ଲିକୋଟ କଲେଜ

★ ପ୍ରକାଶକ—
ଶ୍ରୀ ଭାସ୍କରଚନ୍ଦ୍ର ପାଣି
ବିଜୟ ବୁକ୍ ଷ୍ଟୋର
ବ୍ରହ୍ମପୁର-୧ (ଗଞ୍ଜାମ)

★ ମହାବିଷୁବ ସଂକ୍ରାନ୍ତି
ଏପ୍ରିଲ୍, ୧୯୭୨

★ ସର୍ବାଧିକାରୀ :
ଶ୍ରୀ ବଲ୍ଲଭ ପ୍ରଧାନ
କଲ୍ଲୁଡା (ଗଞ୍ଜାମ)

★ ପ୍ରଚ୍ଛଦପଟ :
ଶ୍ରୀ ସୀତାକାନ୍ତ ମହାପାତ୍ର

★ ମୁଦ୍ରାକର :
ଶ୍ରୀ ରାମଚରଣ ପାଢ଼ୀ
ସ୍ୱାଧୀନ ପ୍ରେସ୍, ବ୍ରହ୍ମପୁର

★ ମୂଲ୍ୟ—ବନ୍ଧେଇ ସହ ଟ ୧୫/
ସାଦା ବନ୍ଧେଇ ଟ ୧୨/

★ PRAKRUTA BHASA- EKA ADHYANA

**By Appanna Pradhan**
Dept. of Hindi, Khallikote College.

★ Published by :
Sri Bhaskar Chandra Patro
**Bijoy Book Store**
Berhampur-1 (Ganjam)

★ **Mahavisuva Sankranti**
**April, 1972**

★ Copyright :
**Sri Ballabha Pradhan**
Kaluha (Ganjam)

★ Cover design :
**Sri Sitakant Mahapatra**

★ Printed by :
**Sri Ramacharan Padhi**
Swadheena Press
Berhampur (Ganjam)

★ **Price Rs. 15 (Bound)**
**Rs. 12 (unbound)**

# ଉତ୍ସର୍ଗ

ଦିବଂଗତ ପିତୃଦେବ ଉଦ୍ଧବ ପ୍ରଧାନ

ଓ

ବାଲ୍ୟଗୁରୁ ସ୍ୱର୍ଗତ ପଞ୍ଚାନନ ପ୍ରଧାନଙ୍କ

ପୁଣ୍ୟସ୍ମୃତି

ଉଦ୍ଦେଶ୍ୟରେ

# ଆମୁଖ

ବହୁ ଦିନରୁ ପ୍ରାକୃତ ବିଷୟରେ ଏକ ବହିର ଅଭାବ ଅନୁଭବ କରାଯାଉଥିଲେ ହେଁ ଏ ଦିଗରେ କେହି ଅଗ୍ରସର ହୋଇନାହାନ୍ତି । ଓଡ଼ିଆରେ ଭଲ ଭାଷାବିଜ୍ଞାନର ବହୁ ଅଭାବ ଅଦ୍ୟାବଧି ରହିଛି । ଏଣୁ ଓଡ଼ିଆ ଏମ୍.ଏ. ଛାତ୍ରମାନେ ହିନ୍ଦୀ, ବଙ୍ଗଳା ବହି ପଢ଼ିବାକୁ ବାଧ୍ୟ ହୋଇଥାନ୍ତି । ଅନେକ ସମୟରେ ଅନ୍ୟ ଭାଷା ମାଧ୍ୟମରେ କଠିନ ବିଷୟ ବୁଝି ହୁଏନାହିଁ । ସେ ଦୃଷ୍ଟିରୁ ଓଡ଼ିଆ ଭାଷାରେ ପ୍ରାକୃତ ତଥା ଅପଭ୍ରଂଶ ଭାଷାବିଜ୍ଞାନ ବହି ଲେଖିବାର ଏକାନ୍ତ ଆବଶ୍ୟକତା ରହିଛି । ଏ ବହିଟି କେତେକାଂଶରେ ଉକ୍ତ ଅଭାବ ପୂରଣ କରିବ ବୋଲି ଆଶା ।

ପ୍ରାକୃତ ଭାଷା ସମ୍ବନ୍ଧୀୟ ଏହି ବହିଟିର କାର୍ଯ୍ୟ ୧୯୬୫ ରେ ଆରମ୍ଭ ହୋଇ ୧୯୬୯ ରେ ଶେଷ ହେଲା । ସେସବୁ ବର୍ଷ ମଧ୍ୟଭାଗରେ ବହିଟି ପ୍ରକାଶନାର୍ଥେ ଦିଆଯାଇଥିଲେ ହେଁ ନାନା କାରଣରୁ ବହିଟି ଆତ୍ମପ୍ରକାଶ କରିବାରେ ବିଳମ୍ବ ଘଟିଲା ।

ଗୁରୁବର ଆଚାର୍ଯ୍ୟ ସୁକୁମାର ସେନ, ଏମ୍. ଏ., ପିଏଚ୍. ଡି., ଏଫ୍. ଏ. ଏସ୍. (କଲିକତା ବିଶ୍ୱବିଦ୍ୟାଳୟର ଖଇରା ପ୍ରଫେସର ଅଫ୍ ଇଣ୍ଡିଆନ୍ ଲିଙ୍ଗୁଇଷ୍ଟିକସ୍ ଅଣ୍ଡ ଫୋନେଟିକସ୍)ଙ୍କଠାରୁ ଏହି ଗ୍ରନ୍ଥ ଲେଖିବାକୁ ପ୍ରେରଣା ପାଇଥିବାରୁ ଲେଖକ ତାଙ୍କ ନିକଟରେ ଚିର କୃତଜ୍ଞ । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଭାଷାତତ୍ତ୍ୱ ରିଡର୍ ଡକ୍ଟର ସତ୍ୟସ୍ୱରୂପ ମିଶ୍ରଙ୍କୁ ଏହି କାର୍ଯ୍ୟର ପ୍ରାଥମିକ ଅବସ୍ଥାରେ ପରାମର୍ଶ ପ୍ରଦାନ ପାଇଁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରୁଛି ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ରିଡର୍ ଡକ୍ଟର ବେଣୀମାଧବ ପାଢ଼ୀଙ୍କ ପରାମର୍ଶକ୍ରମେ ଏଥିରେ ପାଲି ଅଂଶ ଯୋଗ କରାଗଲା । ଏଣୁ ଲେଖକ ତାଙ୍କଠାରେ ଋଣୀ । ବନ୍ଧୁ ଶ୍ରୀ ସୁଦର୍ଶନ ଆଚାର୍ଯ୍ୟ (ଅଧ୍ୟାପକ, ବ୍ରହ୍ମପୁର

ବିଶ୍ୱବିଦ୍ୟାଳୟ) ପାଣ୍ଡୁଲିପିଟିର କେତେକାଂଶ ଦେଖି ମୂଲ୍ୟବାନ୍ ପରାମର୍ଶ ଦେଇଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇବା ମୋର ଏକାନ୍ତ କର୍ତ୍ତବ୍ୟ ।

ବନ୍ଧୁ ବ୍ରହ୍ମାନନ୍ଦ ସିଂହ ଅଙ୍ଗସଜ୍ଜାରେ ସାହାଯ୍ୟ କରି ଅନୁଗୃହୀତ କରିଛନ୍ତି ।

ଅଧ୍ୟାପକ ଶ୍ରୀ ଭାଗବତ ଶତପଥୀ ଓ ଶ୍ରୀ ପ୍ରଫୁଲ୍ଲକୁମାର ରଥଙ୍କ ପ୍ରେରଣା ପାଇଁ ଲେଖକ ତାଙ୍କଠାରେ କୃତଜ୍ଞ ।

ଶ୍ରୀମାନ୍ ଚନ୍ଦ୍ରଶେଖର ମହାପାତ୍ର, ବି. ଏ. (ଅନର୍ସ) ଉକ୍ତ ପୁସ୍ତକର ପାର୍ଶ୍ୱ ଶବ୍ଦ-ସୂଚୀ ପ୍ରସ୍ତୁତ କରିଥିବାରୁ ଲେଖକ ତାଙ୍କୁ ସାଧୁବାଦ ଜଣାଉଅଛି ।

ଶ୍ରୀ ଅବକାଶ ଜେନା (କଲିକତାସ୍ଥ ସେଣ୍ଟ୍ରାଲ ରେଫରେନ୍ସ୍ ଲାଇବ୍ରେରୀ) ଏ କାର୍ଯ୍ୟରେ ପ୍ରେରଣା ଦେଇଥିବାରୁ ଲେଖକ ତାଙ୍କଠାରେ କୃତଜ୍ଞ ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଲାଇବ୍ରେରିଆନ୍ ଶ୍ରୀ ଶ୍ରୀଖଣ୍ଡମଣ୍ଡନ ପତି ଯେଉଁ ଉପକାର କରିଛନ୍ତି ତାହା ଅବିସ୍ମରଣୀୟ ।

ପ୍ରକାଶକ ଶ୍ରୀ ଭାସ୍କରଚନ୍ଦ୍ର ପାଣି ଏ ପ୍ରକାର ବହି ପ୍ରକାଶନ ପାଇଁ ଯେଉଁ ଉତ୍ସାହ ପ୍ରଦର୍ଶନ କରିଛନ୍ତି ଲେଖକ ତାଙ୍କୁ ଧନ୍ୟବାଦ ଜ୍ଞାପନ କରେ । ସ୍ୱାଧୀନ ପ୍ରେସର ମ୍ୟାନେଜର ଶ୍ରୀ ଅଭିମନ୍ୟୁ ପାତ୍ରୀ ଓ ତାଙ୍କ ସହକର୍ମୀମାନଙ୍କ ପ୍ରଗାଢ଼ ଉଦ୍ୟମରେ ଗ୍ରନ୍ଥଟି ଆତ୍ମପ୍ରକାଶ କରିଥିବାରୁ ସେମାନେ ଧନ୍ୟବାଦାର୍ହ ।

ଶିଳ୍ପୀ ବନ୍ଧୁ ଶ୍ରୀ ସୀତାକାନ୍ତ ମହାପାତ୍ର ପ୍ରଚ୍ଛଦପଟ ଅଙ୍କନ କରି ଅନୁଗୃହୀତ କରିଛନ୍ତି । ପୁତ୍ର ଶ୍ରୀମାନ୍ ରାମଚନ୍ଦ୍ର ମହାପାତ୍ର, କୁମାରୀ ବାସନ୍ତୀ, କୁମାର ଜ୍ଞାନେନ୍ଦ୍ର ଓ କୁମାରୀ ଉଲ୍ଲାସିନୀ ପାଣ୍ଡୁଲିପି ପ୍ରସ୍ତୁତିରେ ସାହାଯ୍ୟ କରିଥିବାରୁ ତାଙ୍କୁ ଆଶୀର୍ବାଦ ଜଣାଉଛି ।

ଗ୍ରନ୍ଥଟି ସୁଧୀବୃନ୍ଦଙ୍କଦ୍ୱାରା ଆଦୃତ ହେଲେ ଶ୍ରମସାର୍ଥକ ହେଲା ବୋଲି ମନେ କରିବ ।

ଭଲ୍‌ପାଟଣା
ବ୍ରହ୍ମପୁର

**ଅପର୍ଣ୍ଣା ପ୍ରଧାନ**

# ବିଷୟ-ସୂଚୀ


୧ । ଭୂମିକା

ଧ୍ୱନି ବିଚାର ... ... ୧

୨ । ପ୍ରଥମ ଅଧ୍ୟାୟ

ସ୍ୱର ... ... ୩

୩ । ଦ୍ୱିତୀୟ ଅଧ୍ୟାୟ

ବ୍ୟଞ୍ଜନ ... ... ୨୫

ସଂଯୁକ୍ତ ବ୍ୟଞ୍ଜନ ... ... ୪୯

୪ । ତୃତୀୟ ଅଧ୍ୟାୟ

ସନ୍ଧି ... ... ୭୯

ରୂପ ବିଚାର ... ... ୮୫

୫ । ଚତୁର୍ଥ ଅଧ୍ୟାୟ

ଶବ୍ଦରୂପ ରଚନା ... ... ୮୭

ସର୍ବନାମ ... ... ୧୧୮

ସଂଖ୍ୟାବାଚକ ଶବ୍ଦ ... ... ୧୪୦

୬ । ପଞ୍ଚମ ଅଧ୍ୟାୟ

କ୍ରିୟା ... ... ୧୫୫

୭ । ଷଷ୍ଠ ଅଧ୍ୟାୟ

କୃତ୍ ପ୍ରତ୍ୟୟ ଓ ତଦ୍ଧିତ ପ୍ରତ୍ୟୟ ... ୧୯୨

୮ । ସପ୍ତମ ଅଧ୍ୟାୟ

ସମାସ ... ... ୨୦୪

୯ । ପରିଶିଷ୍ଟ

ଶବ୍ଦସୂଚୀ ... ... ୨୧୩

ଗ୍ରନ୍ଥ-ସୂଚୀ ... ... ୨୬୮

# ଭୂମିକା

## ଭାଷା

ଭାଷା ହିଁ ମନୁଷ୍ୟକୁ ପ୍ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ବୋଲି ପରିଚିତ କରାଇପାରିଛି । 'ହସ୍ତ' ଓ 'ଭାଷା': ଏହି ଦୁଇଟିର ସମନ୍ୱୟରେ ହିଁ ମାନବିକତାର (humanity) ସ୍ଥିତି ।······ଏହି ଦୁଇଟିରେ ବାସ୍ତବ ପ୍ରଗତିର ସେହି କ୍ରିୟାତ୍ମକ ତର୍କ ଏବଂ ମାନସିକ ତର୍କ ନିହିତ, ତାହା ମାନବଜାତିର ସ୍ୱରୂପ ନିରୂପଣ କରିଥାଏ ।" (୧) କିନ୍ତୁ ଭାଷା ଆମର ଏତେ ପରିଚିତ ଯେ ଆମେ ଏହାର ପରିଭାଷା ଦେବାକୁ ପ୍ରୟାସ କରିନାହୁଁ । ଏହା 'ଚାଲିବା' କିମ୍ବା 'ନିଶ୍ୱାସ ନେବା' ପରି ଏତେ ସାଧାରଣ ବୋଧ ହୋଇଥାଏ ଯେ ମନୁଷ୍ୟ ଏ ସମ୍ବନ୍ଧରେ ବିଶେଷ ଚିନ୍ତା କରିନଥାଏ । (୨) ଭାଷାର ପ୍ରଭାବ ବିଶେଷ ଉଲ୍ଲେଖନୀୟ, କାରଣ ଏହା ମଣିଷକୁ ପଶୁଠାରୁ ପୃଥକ୍ କରିଛି । (୩)

"ଧ୍ୱନ୍ୟାତ୍ମକ ଶବ୍ଦମାନଙ୍କଦ୍ୱାରା ହୃଦ୍‌ଗତ ଭାବ ଓ ବିଚାରର ପ୍ରକଟୀକରଣ ହିଁ ଭାଷା ।"—ଗୁଣେ

'ଭାଷା'ର ପରିଭାଷା ଦେବା କଠିନ, ତଥାପି ନିମ୍ନରେ କତିପୟ ବିଦ୍ୱାନ୍‌ଙ୍କ ମତ ଦିଆଯାଉଛି ।

"ଧ୍ୱନ୍ୟାତ୍ମକ ଶବ୍ଦମାନଙ୍କଦ୍ୱାରା ବିଚାରାଭିବ୍ୟକ୍ତି ହିଁ ଭାଷା ।"—ସ୍ୱିଟ୍

---

(୧) "The hand and language: in these two is comprised humanity········In these two lies the decisive progress in practical logic and mental logic that characterizes mankind." Henri Berr—Foreword to Language by J. Vendryes P. VII.

(୨) ଦ୍ରଷ୍ଟବ୍ୟ—ସାପିର୍, ଇ, ଲାଙ୍ଗ୍‌ୱେଜ୍, ପୃ: ୩

(୩) ଦ୍ରଷ୍ଟବ୍ୟ—ବ୍ଲୁମ୍‌ଫିଲ୍‌ଡ, ଲାଙ୍ଗ୍‌ୱେଜ୍, ପୃ: ୩

"ମନୁଷ୍ୟ ଧ୍ୱନ୍ୟାତ୍ମକ ଶବ୍ଦମାନଙ୍କଦ୍ୱାରା ସ୍ୱୀୟ ଭାବର ପ୍ରକାଶ କରେ । ମାନବ-ମସ୍ତିଷ୍କ ବସ୍ତୁତଃ ଭାବାଭିବ୍ୟକ୍ତି ନିମିତ୍ତ ଏହି ପ୍ରକାରର ଶବ୍ଦମାନଙ୍କର ପ୍ରୟୋଗ କରିଥାଏ । ଏହି ପ୍ରକାରର କାର୍ଯ୍ୟକଳାପକୁ ଭାଷା ସଂଜ୍ଞା ଦିଆଯାଇଥାଏ ।"—ଜେସ୍‌ପରସନ୍

**"Language is a learned, shared, and arbitrary *system* of vocal *symbols* through *human beings* in the same speech-community or subculture *interact* and hence *communicate* in terms of their *common cultural experience* and *expectations*."** —**Henry Lee Smith**

ଲିଖିତ ଭାଷାକୁ ହିଁ ଭାଷା ବୋଲି ସାଧାରଣ କଥାବାର୍ତ୍ତାରେ ବୁଝାଯାଇଥାଏ । ବାସ୍ତବରେ ଲିଖନକଳାର ଇତିହାସ ଖୁବ୍ ବେଶି ହେଲେ ସାତ ହଜାର ବର୍ଷର, କିନ୍ତୁ ଭାଷାର ଇତିହାସ ଅପେକ୍ଷାକୃତ ଅତି ପ୍ରାଚୀନ । ଏବେ ବି ବହୁ ଜାତି ଲିଖନକଳାରେ ଅନଭିଜ୍ଞ । କିନ୍ତୁ ଭାଷାବିହୀନ ଜାତି ସଂସାରରେ ବିରଳ ।

ପ୍ରାଚୀନତମ ଭାରତୀୟ ଆର୍ଯ୍ୟଭାଷା ସମ୍ପର୍କରେ ଋଗ୍‌ବେଦର କୌଣସି ଲିଖିତ ପ୍ରମାଣ ନାହିଁ; କିନ୍ତୁ ପରମ୍ପରାନୁକ୍ରମେ ଶ୍ରୁତି ମାଧ୍ୟମରେ ଏହି ଭାଷା ଚାଲି ଆସିଥିଲା । ଭାରତରେ କେବଳ ଅଶୋକଙ୍କ ଅଭିଲେଖ ହିଁ ପ୍ରଥମ ଲିଖିତ ରୂପ ଭାବରେ ଉପଲବ୍ଧ । ବର୍ତ୍ତମାନ ସୁଦ୍ଧା ଭାରତର ବହୁ ଆଦିବାସୀ ଭାଷାର ଲିପି ନାହିଁ । ଅତଏବ ଯାହା ଲୋକେ କହନ୍ତି (ବକ୍ତା ଓ ଶ୍ରୋତା ବୁଝେ) ତାହା ଭାଷା ।

ପ୍ରାକୃତ ଭାଷାର ଧ୍ୱନି, ରୂପ ପ୍ରଭୃତି ଅଧ୍ୟୟନ ପୂର୍ବରୁ ବିଶ୍ୱର ଭାଷା ପରିବାର ଓ ସେହି ପରିପ୍ରେକ୍ଷୀରେ ଭାରତୀୟ ଆର୍ଯ୍ୟଭାଷାର ସଂକ୍ଷିପ୍ତ ପରିଚୟ ପ୍ରଦାନ କରିବା ଏକାନ୍ତ ଆବଶ୍ୟକ ବୋଲି ମନେ ହୁଏ ।

## ସଂସାରର ଭାଷାମାନଙ୍କ ବର୍ଗୀକରଣ

ଏହି ସଂସାରରେ ପ୍ରାୟ ଦୁଇ ହଜାର ଭାଷା ପ୍ରଚଳିତ । ଅଧିକନ୍ତୁ ଉପଭାଷାମାନଙ୍କ ସଂଖ୍ୟା ଚତୁର୍ଗୁଣ । ଭାଷାବିଜ୍ଞାନୀମାନେ ସେଗୁଡ଼ିକର ଭିନ୍ନତା

ମଧ୍ୟରେ ଏକତାର ଅନ୍ୱେଷଣ କରି ସେଗୁଡ଼ିକର ପାରିବାରିକ ବର୍ଗୀକରଣ କରିଅଛନ୍ତି ଓ ପରସ୍ପର ସମ୍ବନ୍ଧିତ ଭାଷାଗୁଡ଼ିକୁ ଏକ ପରିବାରରେ ସ୍ଥାନ ଦେଇଛନ୍ତି । ଅବିଚ୍ଛିନ୍ନ ଶୃଙ୍ଖଳା ଅଭାବରେ ସଂସାରର କେତେକ ପ୍ରାଚୀନ ଓ ଅର୍ବାଚୀନ ଭାଷାର ବର୍ଗୀକରଣ ହୋଇପାରିନି । ଏମାନଙ୍କ ମଧ୍ୟରେ ମେସୋପଟେମିଆର ପ୍ରାଚୀନତମ ଭାଷା ସୁମେରୀୟ, ଇରାନର ଭାଷା ଏଲମୀୟ, ଇଟାଲୀର ପ୍ରାଚୀନ ଭାଷା ଏଟ୍ରୁସ୍କାନ୍ ତଥା ଆଫ୍ରିକାର ବୁଶ୍‌ମନ୍ ଏବଂ ହଟେନ୍‌ଟଟ୍ ଇତ୍ୟାଦି । ବିଭିନ୍ନ ଭାଷାର ଧାତୁ, ଉପସର୍ଗ-ପ୍ରତ୍ୟୟ ଏବଂ ଶବ୍ଦମାନଙ୍କ ଓ ଏଗୁଡ଼ିକର ଗଠନ-ପ୍ରଣାଳୀରେ ସାମ୍ୟ ଓ ବୈଷମ୍ୟ ଅନୁଧ୍ୟାନ କରି ଏ ବର୍ଗୀକରଣ କରାଯାଇଛି । ଏ ଦୃଷ୍ଟିରୁ ପୃଥିବୀର ପ୍ରଧାନ ଭାଷା-ପରିବାରକୁ ନିମ୍ନମତେ ପର୍ଯ୍ୟାୟଭୁକ୍ତ କରାଯାଏ । ଭାରତ-ହିଟାଇଟ୍, ସାମୀ-ହାମୀ କିମ୍ବା ସେମେଟିକ-ହେମେଟିକ, ବାଣ୍ଟୁ, ଫିନୋ-ଉଗ୍ରୀୟ, ତୁର୍କ ମଙ୍ଗୋଲ-ମଞ୍ଚୁ, କକେଶୀୟ, ଦ୍ରାବିଡ଼, ଅଷ୍ଟ୍ରିକ୍, ଭୋଟ-ଚୀନ, ଏସିଆର ଉତ୍ତର-ପୂର୍ବ ସୀମାନ୍ତର ଭାଷାସମୂହ ଏସ୍କିମୋ ଏବଂ ଆମେରିକାର ଆଦିବାସୀମାନଙ୍କ ଭାଷାସମୂହ ।

## ଭାରତ-ହିଟାଇଟ୍ (Indo–Hittite) ଭାଷାପରିବାର

ଏହା ପୃଥିବୀର ସର୍ବାଧିକ ଅଞ୍ଚଳକୁ ଅଧିକାର କରିଅଛି । ଭାରତର ଅଧିକାଂଶ ଅଞ୍ଚଳ, ଏସିଆର ପୂର୍ବାଂଶ, ୟୁରୋପର ଅଧିକାଂଶ ସ୍ଥାନ, ପ୍ରାୟ ସମଗ୍ର ଉତ୍ତର-ଆମେରିକା ଓ କିଛି ପରିମାଣରେ ଦକ୍ଷିଣ-ଆମେରିକାରେ ଏହି ଭାଷାପରିବାର ବିସ୍ତୃତି ଲାଭ କରିଅଛି । ଏହି ଭାଷାପରିବାରକୁ ପୂର୍ବେ ଭାରତ-ୟୁରୋପୀୟ (Indo-European) ଭାଷାପରିବାର ବୋଲି ଅଭିହିତ କରାଯାଉଥିଲା, କିନ୍ତୁ ଏସିଆ ମାଇନରରେ ‘ବୋଘାଜ୍ କୋଇ’ରୁ ଆବିଷ୍କୃତ ଶିଳାଲେଖମାନଙ୍କରୁ ହିଟାଇଟ୍ ଭାଷାର ସନ୍ଧାନ ମିଳିବା ପରେ ହିଟାଇଟ୍‌କୁ ଭାରତ-ୟୁରୋପୀୟ ଭାଷାପରିବାର ଅନ୍ତର୍ଭୁକ୍ତ କରିନପାରି ଭଗିନୀ ଭାଷାରୂପେ ଗ୍ରହଣ କରାଯାଉଛି । କାରଣ ହିଟାଇଟ୍‌ରେ ଉପଲବ୍ଧ କଣ୍ଠନାଳୀୟ (Laryngeal) ଧ୍ୱନି ଭାରୋପୀୟ ଭାଷାପରିବାରରେ ଅନୁପଲବ୍ଧ । ଅଥଚ ସ୍ଥାନେ ସ୍ଥାନେ ଏହାର ପ୍ରଭାବ ପରିଲକ୍ଷିତ ହୁଏ । ଉପରୋକ୍ତ କାରଣରୁ ଏବଂ ଅନ୍ୟାନ୍ୟ ଦିଗରୁ ଅଧ୍ୟୟନ ଫଳରେ ଭାରତ-ହିଟାଇଟ୍ ଭାଷାପରିବାରର ପରିକଳ୍ପନା କରାଯାଇଛି । (୧)

---

(୧) ଦ୍ରଷ୍ଟବ୍ୟ —ଡକ୍ଟର ସତ୍ୟସ୍ୱରୂପ ମିଶ୍ର : ପୃଥିବୀର ଭାଷା ପୃ: ୧୬

ଡକ୍ଟର ମିଶ୍ରଙ୍କ ଅନୁସାରେ ଭାରତ-ହିଟାଇଟ୍‌ର ବୈଶିଷ୍ଟ୍ୟ ହେଉଛି:—ଏଥିରେ ଚାରିଗୋଟି କଣ୍ଠନାଳୀୟ ଧ୍ୱନିଥିଲ, ସେହିଁଥିରୁ ମାତ୍ର ଦ୍ୱିତୀୟଟି ହିଟାଇଟ୍‌ରେ ଉପଲବ୍ଧ; କିନ୍ତୁ ଭାରୋପୀୟ ଭାଷାପରିବାରରେ ସେଗୁଡ଼ିକ ଲୁପ୍ତ ।

ଭାରତୀୟ-ହିଟାଇଟ୍‌ରେ ଖ୍, ଥ୍, ଫ୍ ଧ୍ୱନି ନଥିଲା, କିନ୍ତୁ ଭାରୋପୀୟରେ ଥିବା ଖ୍, ଥ୍, ଫ୍ ଧ୍ୱନି ଯଥାକ୍ରମେ ଭାରତ-ହିଟାଇଟ୍‌ର କ୍, ତ୍, ପ୍ ସହିତ କଣ୍ଠନାଳୀୟ ଧ୍ୱନିର ସମ୍ମିଶ୍ରଣରୁ ଜାତ ହୋଇଅଛି । ଭାରୋପୀୟ ମୂଳଭାଷାରେ ତିନି ପ୍ରକାରର କ୍-ବର୍ଗ ଗୃହୀତ ହୋଇଅଛି, କିନ୍ତୁ ଭାରତ-ହିଟାଇଟରେ ଗୋଟିଏ ପ୍ରକାରର କ-ବର୍ଗ ଥିବା ଅନୁମିତ ହୁଏ । ଭାରତ-ହିଟାଇଟ୍ ପରିବାରର ହିଟାଇଟ୍ ଶାଖାରେ ଚାରୋଟି ଭାଷା ଅନ୍ତର୍ଭୁକ୍ତ—ହିଟାଇଟ୍, ଲୁବିଆନ୍, ଲିସିଆନ୍ ଓ ଲିଡିଅନ୍ ଏବଂ ଏହାର ଭାରୋପୀୟ ଶାଖାରେ ଅସଂଖ୍ୟ ଭାଷା ଅନ୍ତର୍ଭୁକ୍ତ । (୧)

### ଭାରୋପୀୟ ଭାଷାପରିବାର (Iudo-European Family)

ପୃଥିବୀର ଭାଷା-ପରିବାରମାନଙ୍କ ମଧ୍ୟରେ ଭାରତ-ୟୁରୋପୀୟ ଭାଷା ପରିବାର ବିଶେଷ ମହତ୍ତ୍ୱପୂର୍ଣ୍ଣ, ଯେହେତୁ ପୃଥିବୀର ଅଧିକାଂଶ ସ୍ଥାନରେ ଏହା ବିସ୍ତୃତି ଲାଭ କରିଅଛି । ଭାଷାବିତ୍‌ମାନେ ସର୍ବପ୍ରଥମେ ଏହି ପରିବାରର କଳ୍ପନା କରିଥିଲେ ଓ ଏହାପରେ ଭାଷା-ପରିବାର ସମ୍ବନ୍ଧୀୟ ସିଦ୍ଧାନ୍ତର ପରିସ୍ଥାପନା ହେଲା । ଊନବିଂଶ ଶତାବ୍ଦୀରେ ଏହି ସିଦ୍ଧାନ୍ତର ପୂର୍ଣ୍ଣ ବିକାଶ ହେଲା, ଯଦିଓ ସାର୍ ଉଇଲିୟମ୍ ଜୋନ୍ସ୍ ସଂସ୍କୃତ ଅଧ୍ୟୟନ କଲାବେଳେ ଅଷ୍ଟାଦଶ ଶତାବ୍ଦୀରେ ହିଁ ଏ ବିଷୟରେ ଗଭୀର ଚିନ୍ତା କରିଥିଲେ । ସେ ସଂସ୍କୃତ, ଗ୍ରୀକ୍ ଓ ଲାଟିନ୍ ମଧ୍ୟରେ ସାମ୍ୟ ଲକ୍ଷ୍ୟ କରିଥିଲେ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଏମାନଙ୍କ ସହ ଜର୍ମାନ୍, ଗଥିକ ଓ କେଲ୍‌ଟିକ୍ ତଥା ପ୍ରାଚୀନ ପାରସୀ (Old Persian)ର ସମତା ଦର୍ଶାଇଥିଲେ । ଏଣୁ ସେ ଏହି ନିଷ୍କର୍ଷରେ ପହଞ୍ଚିଥିଲେ ଯେ ସଂସ୍କୃତ, ଗ୍ରୀକ୍, ଲାଟିନ୍ ପ୍ରଭୃତିର

(୧) ଦ୍ରଷ୍ଟବ୍ୟ—ଡକ୍ଟର ସତ୍ୟସ୍ୱରୂପ ମିଶ୍ର : ପୃଥିବୀର ଭାଷା ପୃ: ୧୬ ଏବଂ ବିଶଦ ବିବରଣୀ ନିମିତ୍ତ ଦ୍ରଷ୍ଟବ୍ୟ ପୂର୍ବୋକ୍ତ ଲେଖକଙ୍କ ଏ କମ୍ପେରେଟିଭ୍ ଗ୍ରାମାର ଅଫ୍ ସଂସ୍କୃତ, ଗ୍ରୀକ ଆଣ୍ଡ୍ ହିଟାଇଟ୍ ।

ଉଦ୍ଭବ କୌଣସି ଏକ ଭାଷାରୁ ହିଁ ହୋଇଥିବ, ଯାହା ବର୍ତ୍ତମାନ ଲୁପ୍ତ । ଜୋନ୍ସଙ୍କ ଏହି ଧାରଣା ଚମତ୍କାରପୂର୍ଣ୍ଣ, ସତ୍ୟ ଓ ବୈଜ୍ଞାନିକ କଳ୍ପନା-ପ୍ରସୂତ ଥିଲା ଏବଂ ପରବର୍ତ୍ତୀକାଳରେ ଏହା ଭାଷା-କୁଳସିଦ୍ଧାନ୍ତ ପ୍ରତିପାଦନରେ ପଥ-ପ୍ରଦର୍ଶକ ହୋଇଥିଲା । ଏହି ସମୟରେ ଆଧୁନିକ ତୁଳନାତ୍ମକ ଭାଷାବିଜ୍ଞାନ ଜନ୍ମଲାଭ କଲା । ଏଣୁ ଭାରୋପୀୟ ଭାଷାଗୋଷ୍ଠୀ ହିଁ ଭାଷାବିଜ୍ଞାନକୁ ଜନ୍ମଦେଲା । ଭାରତର ଆର୍ଯ୍ୟପରିବାରର ଭାଷାଗୁଡ଼ିକୁ (ପ୍ରାଚୀନ ଓ ଅର୍ବାଚୀନ) ଏହି ଗୋଷ୍ଠୀରେ ଗଣନା କରାଯାଇଛି । ଏହିପରି ବୈଦିକ, ସଂସ୍କୃତ (ପ୍ରା: ଭା: ଆ:), ଅଶୋକୀୟ ଶିଳାଲିପି, ପାଲି, ପ୍ରାକୃତ, ଅପଭ୍ରଂଶ, ଅବହଟ୍ଟ (ମ: ଭା: ଆ:) ଓ ନବ୍ୟ-ଭାରତୀୟ-ଆର୍ଯ୍ୟଭାଷାମାନ ସମସ୍ତେ ଏହି କୁଳର ଅନ୍ତର୍ଭୁକ୍ତ । ଏହି କୁଳର ଭାଷାଭାଷୀ ଲୋକଙ୍କ ମୂଳସ୍ଥାନ ସମ୍ବନ୍ଧରେ ବିଦ୍ୱାନ୍‌ମାନେ ଏକମତ ନୁହନ୍ତି ।

ଭାରୋପୀୟ ଭାଷାମାନଙ୍କ ଧ୍ୱନି ପରିବର୍ତ୍ତନର ବୈଶିଷ୍ଟ୍ୟ ଅନୁସାରେ ଦୁଇ ଭାଗରେ ବିଭକ୍ତ କରାଯାଇଛି — କେନ୍ଟୁମ୍ ଓ ସତମ୍ । ମୂଳଭାଷାରେ କଣ୍ଠ-ତାଲବ୍ୟ 'କ୍' ଯେଉଁ ଭାଷାମାନଙ୍କରେ '୦' ସୁରକ୍ଷିତ ସେହି ବିଭାଗକୁ କେନ୍ଟୁମ (Centum) ଓ ସେହି ଧ୍ୱନି ଯେଉଁ ଭାଷାମାନଙ୍କରେ 'ଶ୍' କିମ୍ବା 'ସ୍' ରୂପେ ରହିଅଛି ସେମାନଙ୍କୁ ସତମ୍ (Satəm) ବିଭାଗ କୁହାଯାଏ । କେନ୍ଟୁମ୍ ଓ ସତମ୍ ନାମକରଣ ମୂଳ ଭାଷାର ଶତବାଚକ କମ୍ତୋମ୍ (Kmtom) ଶବ୍ଦର ଯଥାକ୍ରମେ ଲାଟିନ୍ ଓ ଅବେସ୍ତା ଭାଷାରେ ଉପଲବ୍ଧ ରୂପ ଅନୁସାରେ ହୋଇଅଛି ।

ମୂଳଭାଷାର କମ୍ତୋମ୍

| କେନ୍ଟୁମ୍ ବିଭାଗ | | ସତମ୍ ବିଭାଗ | |
|---|---|---|---|
| ଲାଟିନ୍ | କେନ୍ଟୁମ୍ | ଅବେସ୍ତା | ସତମ୍ (Satəm) |
| ଗ୍ରୀକ୍ | ହେକାତୋନ୍ | ସଂସ୍କୃତ | ଶତମ୍ |
| ଗଥିକ୍ | ଖୁନ୍ଦ | ଲିଥୁଆନିଆନ୍ | ଶିମ୍ତାସ୍ |
| ଓ୍ୱେଲଶ୍ | କାନ୍ତ୍ | ସ୍ଲାଭିକ୍ | ସୁତୋ |
| ଆଇରିଶ୍ | କେତ୍ | (ରୁଷ | ସ୍ତୋ |
| ତୋଖାରିଆନ୍ | କନ୍ଧ | ବଲ୍‌ଗେରିଆନ୍ | ସୁତୋ |
| ଶ ବ୍ରେଟନ୍ | କୈଣ୍ଟ୍ | ଓଡ଼ିଆ -ଶ, ଶହ) | |

ଗ୍ରୀକ୍—ସଂସ୍କୃତ ପରେ ଗ୍ରୀକ୍ ହିଁ ଭାରୋପୀୟ ଭାଷାପରିବାରର ସମୃଦ୍ଧତମ ଭାଷା । ଏଥିରେ ମୂଳଭାଷାର ଅଧିକାଂଶ ବୈଶିଷ୍ଟ୍ୟ ସୁରକ୍ଷିତ, ଏଣୁ ଏହାର ପ୍ରାଧାନ୍ୟ ଅନସ୍ୱୀକାର୍ଯ୍ୟ । ମୂଳଭାଷାର ଦ୍ୱିବଚନ, ପ୍ରାୟ ସମସ୍ତ ସ୍ୱର ଅଧିକାଂଶ ବ୍ୟଞ୍ଜନ ଏଥିରେ ସୁରକ୍ଷିତ । ହୋମରଙ୍କ 'ଇଲିଅଡ୍' ଓ 'ଓଡ଼ିସି'ରେ ପ୍ରାଚୀନ ଗ୍ରୀକ୍‌ର ପ୍ରକୃଷ୍ଟ ନିଦର୍ଶନ ଉପଲବ୍ଧ । ପ୍ରାଚୀନତା ଦୃଷ୍ଟିରୁ ଏହାର ଲିଖିତରୂପ ବେଦର ପରବର୍ତ୍ତୀ । ସଂପ୍ରତି ଏକ ଶିଳାଲେଖ ଆବିଷ୍କୃତ ହୋଇଛି, ଯେଉଁଥିରେ ଭାରୋପୀୟ ମୂଳଭାଷା ଅନେକ ପରିମାଣରେ ରକ୍ଷିତ ହୋଇଛି—ଶବ୍ଦର ଆଦ୍ୟସ୍ଥିତ 'ୱ' ହୋମରଙ୍କ ଗ୍ରୀକ୍‌ରେ ଅନୁପଲବ୍ଧ । ଏହି ଶିଳାଲେଖ ବୈଦିକ (ଲିଖିତରୂପ) ଠାରୁ ପ୍ରାଚୀନ ବୋଲି ଭାଷାତାତ୍ତ୍ୱିକମାନଙ୍କ ମତ, କିନ୍ତୁ ବେଦର ଠିକ୍ କାଳ-ନିର୍ଣ୍ଣୟ ନହେଲାପାଏ ଏ ସମ୍ବନ୍ଧରେ ଜୋରଦେଇ କହିହେବ ନାହିଁ । ପ୍ରାଚୀନ ଗ୍ରୀକର ଉପଭାଷାମାନ ହେଉଛି—ଆୟୋନିକ (Ionic), ଏଟିକ୍ (Attic), ଡୋରିକ୍ (Doric) ଇତ୍ୟାଦି । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ସେଗୁଡ଼ିକର ସମ୍ମିଶ୍ରଣରେ କୋଇନେ (Koine) ନାମକ ଏକ ସର୍ବଜନୀୟ ଭାଷାର ଉଦ୍ଭବ ହେଲା । ଆଧୁନିକ ଗ୍ରୀକ୍ ଭାଷା ଏହି କୋଇନେ ଭାଷାରୁ ଉଦ୍ଭୂତ । ୟୁରୋପୀୟ ସଂସ୍କୃତି ଓ ସାହିତ୍ୟକୁ ଗ୍ରୀକ୍ ହିଁ ଅତ୍ୟଧିକ ପ୍ରେରଣା ଦେଇଅଛି ।

ଇଟାଲିକ୍—ଏହି ଶାଖାର ଦୁଇଟି ପ୍ରାଚୀନ ଭାଷାଥିଲା ଓସ୍କନ୍ ଓ ଅମ୍ବ୍ରିଆନ୍, ଯାହା ବର୍ତ୍ତମାନ ଲୁପ୍ତ । ଏହି ଶାଖାର ସବୁଠୁ ମହତ୍ତ୍ୱପୂର୍ଣ୍ଣ ଭାଷା ହେଉଛି ଲଟିନ୍ । ପ୍ରଥମେ ଏହା ଲାଟିୟମ୍ ପ୍ରଦେଶର ଭାଷା ଥିଲା, କିନ୍ତୁ ରୋମ ସାମ୍ରାଜ୍ୟର ଭାଷା ହୋଇଥିବା ହେତୁ ଏହାର ବିସ୍ତୃତ ପ୍ରସାର ହୋଇଥିଲା ଏବଂ ସଂସ୍କୃତ ପରି ଊନବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଏହା ୟୁରୋପୀୟ ବିଦ୍ୱାନ୍‌ଙ୍କ ଓ ଧର୍ମର ଭାଷା ଥିଲା । ଏହାର କଥିତ ରୂପରୁ ଆଧୁନିକ ଇଟାଲିକ କିମ୍ବା ରୋମାନସ୍ ଭାଷାମାନଙ୍କର ଉଦ୍ଭବ, ଯେଉଁଥିରେ ଇଟାଲୀୟ, ଫ୍ରେଞ୍ଚ୍, ପୋର୍ତ୍ତୁଗୀଜ୍, ସ୍ପେନୀୟ ଓ ରୋମାନ୍ସ ପ୍ରଭୃତି ଭାଷା ଅନ୍ତର୍ଭୁକ୍ତ ।

କେଲ୍‌ଟିକ—ଏହି ଭାଷାର ଇଟାଲିକ୍ ସହିତ ଅନେକ ସାଦୃଶ୍ୟ ଥିବାରୁ ଅନେକେ ଇଟାଲୋ-କେଲ୍‌ଟିକ୍ ଶାଖାର ଇଟାଲିକ୍ ଓ କେଲ୍‌ଟିକ୍ ଦୁଇଟି

ଉପଶାଖା ବୋଲି ଗ୍ରହଣ କରନ୍ତି । ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରୁ ଏହାର ନମୁନା ଉପଲବ୍ଧ । ଆଇରିଶ୍ ଏହି ଶାଖାର ସମ୍ପ୍ରତି ଏକମାତ୍ର ଜୀବିତ ଭାଷା ।

**ଜର୍ମାନିକ୍** — ଜର୍ମାନିକ ଭାଷାମାନଙ୍କର ଭାରୋପୀୟ ପରିବାରରେ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଛି । ଇଂରାଜୀ ଭାଷା ଏହି ଶାଖାର ଅନ୍ତର୍ଭୁକ୍ତ । ଏହା ତିନୋଟି ଉପଶାଖାରେ ବିଭକ୍ତ -- ପୂର୍ବ ଜର୍ମାନିକ୍, ଉତ୍ତର ଜର୍ମାନିକ୍ ଓ ପଶ୍ଚିମ ଜର୍ମାନିକ୍ । ପୂର୍ବ ଜର୍ମାନିକ୍‌ର ପ୍ରାଚୀନ ଭାଷା ଗଥିକ । ଏଥିରେ ବାଇବେଲ୍‌ର ଅନୂଦିତ ଅଂଶ ଉପଲବ୍ଧ । ଉତ୍ତର ଜର୍ମାନିକ୍‌ରେ ନାର୍ୱେଜିଆନ୍, ସ୍ୱିଡିଶ୍, ଡେନିଶ୍ ଓ ଆଇସଲେଣ୍ଡିକ୍ ଭାଷା ଅନ୍ତର୍ଭୁକ୍ତ । ପଶ୍ଚିମ ଜର୍ମାନିକ୍ ଦୁଇ ଭାଗରେ ବିଭକ୍ତ -- ଉଚ୍ଚ ଜର୍ମାନ୍ ଓ ନିମ୍ନ ଜର୍ମାନ୍ । ଉଚ୍ଚ ଜର୍ମାନ୍ ଅନ୍ତର୍ଗତ ଆଧୁନିକ ଜର୍ମାନ ଭାଷାର ଗଣନା କରାଯାଏ ଏବଂ ନିମ୍ନ ଜର୍ମାନ୍‌ରୁ ଇଂରାଜୀ, ଡଚ୍ ଓ ଫ୍ଲେମିସ୍ ପ୍ରଭୃତି ପରେ ବିକାଶ ଲାଭ କରିଛି । ଏହି ଶାଖାର ଭିତ୍ତି ଉପରେ ଜେକବ୍ ଗ୍ରୀମ୍, ଗ୍ରାସ୍‌ମାନ୍ ଓ ଵର୍ନର୍ ପ୍ରଭୃତି ବିଦ୍ୱାନଗଣ ନିଜ ନିଜ ଧ୍ୱନି ସମ୍ବନ୍ଧୀ ନିୟମ ନିର୍ମାଣ କରିଥିଲେ ।

**ବଲ୍‌ଟୋ-ସ୍ଲାବିକ୍** — ଏହି ଶାଖାର ଭାଷାମାନେ ଦୁଇଟି ଉପଶାଖାରେ ବିଭକ୍ତ -- ବଲ୍‌ଟିକ୍ ଓ ସ୍ଲାଭିକ୍ । ପ୍ରାଚୀନ ପ୍ରୁଶିଆନ, ଲିଥୁଆନିଆନ ଓ ଲେଟୀ ବାଲ୍‌ଟିକର ଅନ୍ତର୍ଭୁକ୍ତ । ଲିଥୁଆନିଆନ୍‌ରେ ଭାରୋପୀୟର ପ୍ରାଚୀନତମ ରୂପମାନ ସୁରକ୍ଷିତ, ଏଣୁ ତୁଳନାତ୍ମକ ଭାଷାବିଜ୍ଞାନର ଅଧ୍ୟୟନ ନିମିତ୍ତ ଏହା ମହତ୍ତ୍ୱପୂର୍ଣ୍ଣ । ସ୍ଲାଭିକ୍ ଭାଷାଗୁଡ଼ିକ ଅଧିକ ବିସ୍ତୃତ । ଏହା ଦକ୍ଷିଣ ସ୍ଲାଭିକ, ପଶ୍ଚିମ ସ୍ଲାଭିକ ଓ ପୂର୍ବ ସ୍ଲାଭିକ ତିନି ଭାଗରେ ବିଭକ୍ତ । ପ୍ରଥମ ବିଭାଗରେ ସର୍ବୀୟ, ଦ୍ୱିତୀୟ ବିଭାଗରେ ଚେକ୍, ସ୍ଲାଭେକୀୟ ଓ ପୋଲିଶ୍ ଏବଂ ତୃତୀୟ ବିଭାଗରେ ରୁଷ୍ ଓ ତାର ଉପଭାଷାମାନ ପରିଗଣିତ ।

**ଆଲ୍‌ବେନିଆନ୍** — ଏହାର କ୍ଷେତ୍ର ଏଡ୍ରିଆଟିକ୍ ସାଗରର ପୂର୍ବ ଉପକୂଳ -- ଆଲ୍‌ବେନିଆ । ଏହାର ପ୍ରାଚୀନତମ ରୂପ ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀରୁ ଉପଲବ୍ଧ । ଏହି ଭାଷାରେ ସବୁଠୁ ବେଶି ପରିବର୍ତ୍ତନ ଦେଖାଯାଏ ।

**ଆର୍ମେନିଆନ୍** — ଏହା ଆର୍ମେନିଆର ଭାଷା । ପ୍ରଥମେ ବିଦ୍ୱାନମାନେ ଏହାର ଗଣନା ଇରାନୀରେ କରୁଥିଲେ, କିନ୍ତୁ ପରବର୍ତ୍ତୀ ଯୁଗରେ ଏହାର ସ୍ୱାତନ୍ତ୍ର୍ୟ ସ୍ଥିର ହୋଇଥିଲା । ଏହା ଆଜିକାଲି ଆର୍ମେନିଆ ବାହାରେ ବି କଥିତ । ଏହା ବଲ୍ଟୋ-ସ୍ଲାଭିକ୍ ଓ ଆର୍ଯ୍ୟଭାଷାମାନଙ୍କ ମଧ୍ୟରେ ଅବସ୍ଥିତ । ଖ୍ରୀଷ୍ଟପୂର୍ବ ଅଷ୍ଟମ ଶତାବ୍ଦୀରୁ ଏହା ପ୍ରଚଳିତ ଥିଲା । ଏଥିରେ ଭାରତ-ହିଟାଇଟ୍ ମୂଳଭାଷାର କଣ୍ଠତାଳୀୟ ଧ୍ୱନିର ଚିହ୍ନାବଶେଷ ଦେଖିବାକୁ ମିଳେ ।

**ଟୋଖାରିଆନ୍** — ଭାରୋପୀୟ ପରିବାରର କେଣ୍ଟୁମ୍ ବର୍ଗର ଏକ ଅବଲୁପ୍ତ ଭାଷା ଟୋଖାରିଆନ୍ । ଇଂଲଣ୍ଡ, ଫ୍ରେଞ୍ଚ, ରୁଷ ଓ ଜର୍ମାନ୍ ବିଦ୍ୱାନମାନଙ୍କଦ୍ୱାରା ବିଂଶ ଶତାବ୍ଦୀର ଆରମ୍ଭରେ, ପୂର୍ବ-ଚୀନ, ତୁର୍କିସ୍ଥାନର ତୁରଫାନ ପ୍ରଦେଶରେ କେତେକ ହସ୍ତଲିଖିତ ଗ୍ରନ୍ଥ ଓ କାଗଜପତ୍ର ଆବିଷ୍କୃତ ହୋଇଥିଲା । ଏଗୁଡ଼ିକ ବ୍ରାହ୍ମୀ ଓ ଖରୋଷ୍ଠୀ ଲିପିରେ ଲିଖିତ । ପ୍ରୋଫେସର୍ ସୀଗ୍ (Sieg)ଙ୍କ ଗଭୀର ଅଧ୍ୟୟନ ଫଳରେ ଜଣାଗଲା ଯେ ଏହା ଭାରୋପୀୟ ପରିବାରର ଭାଷା । ଟୋଖାରମାନେ ଏହି ଭାଷା କହୁଥିଲେ । ଏଣୁ ଏହାର ନାମ ଏହିପରି ହୋଇଛି । ଏହା ଉପରେ ସମୀପବର୍ତ୍ତୀ ୟୁରାଲ୍-ଆଲଟାଇ ପରିବାରର ପ୍ରଭାବ ପଡ଼ିଛି । ଗ୍ରୀଅର୍ସନ୍ଙ୍କ ଅନୁସାରେ ମହାଭାରତ ଓ ଗ୍ରୀକ୍ ଗ୍ରନ୍ଥମାନଙ୍କରେ କ୍ରମଶଃ 'ତୁଷାରାଃ' ଓ ଟୋଖାରୋଇ ଜାତିର ନାମ ମିଳେ । ସମ୍ଭବତଃ ଏହା ସେହିମାନଙ୍କର ଭାଷା । ଏମାନେ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ ମଧ୍ୟ-ଏସିଆର ଶାସକ ଥିଲେ । ପ୍ରାୟ ସପ୍ତମ ଶତାବ୍ଦୀବେଳକୁ ଏହି ଭାଷା ଲୁପ୍ତ ହୋଇଗଲା । ଏହି ଭାଷାମାନଙ୍କରେ ସ୍ୱରବର୍ଣ୍ଣ ସମ୍ବନ୍ଧୀୟ ଜଟିଳତା କମ୍ । ସଂଖ୍ୟା, ସର୍ବନାମ ଓ ତଦ୍ଧିତରେ ଭାରୋପୀୟ ସହ ସାମ୍ୟ ଦେଖାଯାଏ । ଏହାର ଦୁଇଟି ଉପଭାଷାର ପ୍ରଚଳନ ଥିଲା । ପାତର୍ (ସଂ ପିତୃ), ମାତର୍ (ସଂ ମାତୃ), ଷର୍ (ସଂ ଷାଉ) ।

ଭାରୋପୀୟ ପରିବାରର ପ୍ରମୁଖବର୍ଗ ଭାରତ-ଇରାନୀ ଅଥବା ଆର୍ଯ୍ୟବର୍ଗର ପରିଚୟ ଏଠାରେ ଦେବା ଏକାନ୍ତ ଆବଶ୍ୟକ; କାରଣ ପ୍ରାକୃତ ଭାଷା ଏହି ସବର୍ଗ ହ ଓତଃପ୍ରୋତ ଭାବେ ଜଡ଼ିତ ।

## ଭାରତ-ଇରାନୀ ଅଥବା ଆର୍ଯ୍ୟବର୍ଗ

ଏହା ସତମ୍ ବର୍ଗର ପ୍ରଧାନ ଶାଖା ହେବା ସଙ୍ଗେ ସଙ୍ଗେ ଭାରୋପୀୟ ଭାଷାପରିବାରର ସର୍ବପ୍ରଧାନ ଭାଷାଗୋଷ୍ଠୀ, କାରଣ ଭାରୋପୀୟର ପ୍ରାଚୀନତମ ଲିଖିତରୂପ ହେଉଛି ବେଦ। ଇରାନୀ ଉପଶାଖାର ଅବେସ୍ତା ଗ୍ରନ୍ଥ ମଧ୍ୟ ଅତି ପ୍ରାଚୀନ । ବିଦ୍ୱାନ୍‌ମାନେ ମତ ଦେଇଛନ୍ତି ଯେ ଆର୍ଯ୍ୟମାନେ ମେସୋପଟାମିଆରୁ ଇରାନ ଆଡ଼କୁ ଅଗ୍ରସର ହୋଇଥିଲେ । ଇରାନରୁ ଭାରତ ଆଡ଼କୁ ଏହି ଆଗମନ ଧୀରେ ଧୀରେ ହୋଇଥିବାର ଅନୁମାନ କରାଯାଏ । ଏହି ସ୍ଥାନରେ ଭାରତ-ଇରାନୀ ସଂସ୍କୃତର ବୀଜ ପଲ୍ଲବିତ ହୋଇଥିଲା ଓ ଏଠାରେ ଭାରତ-ଇରାନୀ ଆର୍ଯ୍ୟଧର୍ମର ଭିତ୍ତିପତ୍ତନ ହେଲା । ଏହି ଧର୍ମରୁ "ବୈଦିକ ଭାରତୀୟ ତଥା ଜରଥୁଶ୍ତ୍ରର ପୂର୍ବ ଇରାନୀ, ଉଭୟ ସଂସ୍କୃତି ଉତ୍ପନ୍ନ ହେଲା । ଅଗ୍ନି-ପୂଜକ ଧର୍ମ ବଳବତ୍ତର ହେଲା; ବିସ୍ତୃତ କର୍ମକାଣ୍ଡକୁ ନେଇ ଏକ ବିଶେଷ ପ୍ରକାରର ପୌରହିତ୍ୟର ପ୍ରଚଳନ ହେଲା ଏବଂ 'ସୋମ' ('*ସଉମ', ଅବେସ୍ତାର 'ହଓମ', ବୈଦିକ 'ସୋମ')କୁ ସମ୍ବନ୍ଧରେ ମହତ୍ତ୍ୱ ଦିଆଗଲା । ବୈଦିକ ଏବଂ ଅବେସ୍ତାର ଛନ୍ଦଗୁଡ଼ିକର ଉତ୍ପତ୍ତି ମେସୋପଟାମିଆରେ ନ ହୋଇଥିଲେ ବି ଇରାନରେ ଅବଶ୍ୟ ହୋଇ ଆରମ୍ଭିକ ଅବସ୍ଥାରେ ପହଞ୍ଚିଥିଲା ।" (୧)

ସଂସ୍କୃତରେ ଉପଲବ୍ଧ ଆର୍ଯ୍ୟ ବା ଅର୍ଯ୍ୟ ଏବଂ ଇରାନୀରେ ଉପଲବ୍ଧ ଅଇର୍ଯ୍ୟ ଶବ୍ଦମାନଙ୍କ ଗୌରବାତ୍ମକ ବହୁଳ ବ୍ୟବହାରରୁ ଭାରତ-ଇରାନୀମାନେ ନିଜକୁ ଆର୍ଯ୍ୟଜାତିରୂପେ ନାମକରଣ କରିଥିବାର ଜଣାପଡ଼େ । ସେଥିପାଇଁ ଭାରତ-ଇରାନୀ ଶାଖାର ଅନ୍ୟ ନାମ ଆର୍ଯ୍ୟ ଶାଖା । ଏହି ଶାଖାର ଦୁଇଟି ଉପଶାଖା— ଇରାନୀ ଓ ଭାରତୀୟ ଆର୍ଯ୍ୟଭାଷା । ଇରାନୀ ପୁଣି ଦୁଇ ଭାଗରେ ବିଭକ୍ତ— ଅବେସ୍ତୀୟ ଭାଷା ଓ ପ୍ରାଚୀନ ପାରସ୍ୟ (**Avestans and old Persian**) ।

ଅବେସ୍ତୀୟ"—'ଅବେସ୍ତା'ର ଅର୍ଥ 'ଶାସ୍ତ୍ର' ବା 'ଜ୍ଞାନ' ପୁସ୍ତକ' । 'ଅବେସ୍ତା' ନାମ ମୂଳତଃ ପାରସିମାନଙ୍କ ଧର୍ମଗ୍ରନ୍ଥକୁ ବୁଝାଉଥିଲା ।

---

(୧) ଚାଟାର୍ଜି : ଭାରତୀୟ ଆର୍ଯ୍ୟଭାଷା ଔର ହିନ୍ଦୀ, ପୃ: ୨୯ ।

ଏହାର ଜନ୍ଦ୍ ନାମକ ଏକ ଟୀକା ମଧ୍ୟ କରାଯାଇଥିଲା । ଏଣୁ ଏହାର ଅନ୍ୟନାମ ଜନ୍ଦାବେସ୍ତା । ଏହାର ଭାଷାକୁ ମଧ୍ୟ ବେଳେବେଳେ ଜେନ୍ଦାବେସ୍ତା କୁହାଯାଉଥିଲା । କିମ୍ବଦନ୍ତୀ ଅନୁସାରେ ଏହା ପାରସୀ ଧର୍ମ ପ୍ରବର୍ତ୍ତକ ଜରଥୁଷ୍ଟ୍ରଙ୍କଦ୍ୱାରା ଲିଖିତ, ଯଦିଓ ଏହାର ବିଭିନ୍ନ ଅଂଶ ଖ୍ରୀଷ୍ଟପୂର୍ବ ସପ୍ତମ ଓ ପ୍ରଥମ-ଦ୍ୱିତୀୟ ଶତାବ୍ଦୀ ମଧ୍ୟରେ ବିଭିନ୍ନ କାଳରେ ଲେଖାଯାଇଥିବାର ଜଣାଯାଏ । ଅବେସ୍ତା ଗ୍ରନ୍ଥ ଯସ୍ନ, ବିସ୍ପାରଦ, ୟଶ୍‌ତ, ବେନ୍ଦିଦାଦ ଆଦି ବିଭିନ୍ନ ଭାଗରେ ବିଭକ୍ତ । ଯସ୍ନର ଭାଷା ପ୍ରାଚୀନତମ ଓ ଅବେସ୍ତୀୟ ଏହି ଗ୍ରନ୍ଥର ଭାଷା । ଅବେସ୍ତୀୟ ବେକ୍‌ଟ୍ରିଆର ରାଜା ୱିଶ୍‌ତାସ୍ପଙ୍କ ଦରବାରର ଭାଷା ଥିଲା ଏଣୁ ଏହାକୁ ପ୍ରାଚୀନ ବେକ୍‌ଟ୍ରିଆନ୍ ବି କହନ୍ତି । ଏହି ଭାଷାର ବୈଦିକ ଭାଷା ସହ ବହୁତ ସାମଞ୍ଜସ୍ୟ ଅଛି ।

ଯସ୍ନ ଛନ୍ଦ-୧ —

ହଵନାମ୍ ଆ ରତୂମ୍ ଆ
ହଓମୋ ଉପଇତ୍ ଜରଥୁଶ୍ତ୍ରେମ୍,
ଆଥ୍ରେମ୍ ପଇରି-ୟଓଜ୍‌ଦଥେମ୍,
ଗାଥସ୍-ଚ ସ୍ରାବୟନ୍ତେମ୍

ସଂସ୍କୃତ ରୂପ —

ସବନାମ୍ ଆ ଋତୁମ୍ ଆ
ସୋମଃ ଉପୈତ୍ ଜରଦୁଷ୍ଟ୍ରମ୍ ।
ଅଷ୍ଟ୍ରମ୍ ପରି-ସ୍ତୋମ୍-ଦଧନ୍ତମ୍
ଗାଥାଶ୍ଚ ଶ୍ରାବୟନ୍ତମ୍ ।

ଅର୍ଥ—'ସବନ ବେଳାରେ(ପ୍ରାତଃକାଳ) ହୋମ (ସୋମ) ଜରଥୁଷ୍ଟ୍ରଙ୍କ ନିକଟକୁ ଆସିଲା, ଯେ ଅଗ୍ନିକୁ ପ୍ରଜ୍ୱଳିତ କରୁଥିଲା ଓ ତାହାକୁ ସ୍ତବ ଶୁଣାଉଥିଲା ।'

ଅବେସ୍ତୀୟ ଓ ବୈଦିକ ଭାଷାରେ ସ୍ୱରସାଦୃଶ୍ୟ, ସନ୍ଧି, ଅପନିହିତି, ଅକ୍ଷରାଗମ ଓ ସ୍ୱରଭକ୍ତିରେ ସାମ୍ୟ ଦେଖାଯାଏ । ପ୍ରା: ଭା: ଆ: ର 'ସ',

ଅବେସ୍ତୀୟରେ 'ହ' ହୋଇଥାଏ । ଏଥିରେ ପ୍ରା: ପା: ଆ: ପରି କାରକ ଆଠ ପ୍ରକାର, ତିନି ବଚନ ଓ ତିନି ଲିଙ୍ଗ ଦେଖିବାକୁ ମିଳେ । ବିଶେଷଣ, ସଂଖ୍ୟାବାଚକ ଓ ସର୍ବନାମ ଶବ୍ଦରୂପମାନଙ୍କରେ ମଧ୍ୟ ସମାନତା ଦ୍ରଷ୍ଟବ୍ୟ ।

**ପ୍ରାଚୀନ ପାରସ୍ୟ**—ଏହା ଆଧୁନିକ ପାରସ୍ୟର ଜନନୀ । ଏଣୁ ଏହାକୁ 'ପ୍ରାଚୀନ ପାରସ୍ୟ' କୁହାଯାଇଥାଏ । ଏହି ଭାଷାରେ ଏଖାମେନିଆନ୍ (Achaemenian) ରାଜବଂଶର ଡେରିୟୁସ୍ ଆଦି ସମ୍ରାଟମାନଙ୍କର ଶିଳାଲେଖ ଓ ତାମ୍ରଲେଖ ଉପଲବ୍ଧ । ପରବର୍ତ୍ତୀ କାଳରେ ଏହି ସମ୍ରାଟମାନଙ୍କର ରାଜ୍ୟବିସ୍ତାର ହେତୁ ଏହି ଭାଷା ସମଗ୍ର ଇରାନ୍‌ରେ ପ୍ରସାରଲାଭ କରି ଏହା ଆଧୁନିକ ପାରସ୍ୟ (Modern Persian)ର ଜନନୀ ହୋଇଅଛି । ପ୍ରାଚୀନ ପାରସ୍ୟରୁ ଜାତ ଭାଷା 'ମଧ୍ୟ ପାରସ୍ୟ'ର ଅନ୍ୟନାମ ପହ୍ଲବୀ (Pahlavi) । 'ପ୍ରାଚୀନ ପାରସ୍ୟ'ର ଧ୍ୱନି ଓ ବ୍ୟାକରଣ ଯଦିଓ ଅବେସ୍ତୀୟ ପରି, ତଥାପି ଏଥିରେ କେତେକ ଭିନ୍ନତା ମଧ୍ୟ ଅଛି । ଉଦାହରଣ ସ୍ୱରୂପ—ଏରେ (ଅବେସ୍ତୀୟ), ଋ (ସଂ), ଅର୍ (ପ୍ରାଚୀନ ପାରସ୍ୟ) । ଇରାଣୀଭାଷାର କେତେକ ମୌଳିକ ବିଶେଷତ୍ୱ ଉଭୟ ଅବେସ୍ତୀୟ ଓ ପ୍ରାଚୀନ ପାରସ୍ୟରେ ଦେଖିବାକୁ ମିଳେ । ଆଧୁନିକ ପାରସ୍ୟ ଭାଷାମାନଙ୍କରେ ପାରସ୍ୟ (ଫାରସୀ), ଅଫଗାନ୍ (ବା ପଶ୍‌ତୋ) ଏବଂ ବେଲୁଚୀ ଉଲ୍ଲେଖଯୋଗ୍ୟ ଭାଷା । ଏହି ଆଧୁନିକ ଭାଷାମାନଙ୍କ ଉପରେ ପରବର୍ତ୍ତୀ କାଳରେ ଆରବ୍ୟ ଭାଷାର ପ୍ରଚୁର ପ୍ରଭାବ ପଡ଼ିଥିଲା । ଗ୍ରୀୟର୍ସନ୍‌ଙ୍କ ମତରେ ଭାରତ-ଇରାଣୀ ଶାଖାର ଅନ୍ୟ ଏକ ଉପଶାଖା ଡାର୍ଡିକ ବା ପୈଶାଚୀ । ଏହା କାଶ୍ମିରୀ ଭାଷା ଓ ତତ୍‌ସଦୃଶ ଭାଷାର ଜନନୀ । କିନ୍ତୁ ସୁନୀତିକୁମାର ଚଟାର୍ଜି ଓ ସୁକୁମାର ସେନ ପ୍ରଭୃତିଙ୍କ ମତରେ ଏହି ଡାର୍ଡିକ ଭାଷାମାନ ପ୍ରକୃତରେ ଭାରତୀୟ ଆର୍ଯ୍ୟଭାଷାର ଅନ୍ତର୍ଭୁକ୍ତ ।

## ଭାରତୀୟ ଆର୍ଯ୍ୟଭାଷା

ଭାରତ-ଇରାଣୀର ଦ୍ୱିତୀୟ ଶାଖା ଭାରତୀୟ-ଆର୍ଯ୍ୟଭାଷା ନାମରେ ପରିଚିତ । ସାର୍ଦ୍ଧ ତିନିହଜାର ବର୍ଷର ଇତିହାସ ଏଥିରେ ପ୍ରାପ୍ତ । ଏଣୁ ଏହାର ଯେ କୌଣସି ଆଧୁନିକ ଶବ୍ଦର ମୂଳ ଖୋଜି ଭାରତୀୟ ପର୍ଯ୍ୟନ୍ତ ଯାଞ୍ଚ କରିହୁଏ ।

ଭାରତୀୟ ଆର୍ଯ୍ୟଗଣ ଏକ ଯଜ୍ଞସର୍ବସ୍ୱ ସଂସ୍କୃତି ସ୍ଥାପନ କରିଥିଲେ । ସେମାନେ ପ୍ରଥମେ ପଞ୍ଜାବ ଓ ପରେ ପୂର୍ବାଞ୍ଚଳେ ଅଗ୍ରସର ହୋଇଥିଲେ ଏବଂ ଧୀରେ ଧୀରେ ସେମାନଙ୍କର ପ୍ରଭୁତ୍ୱ ସମଗ୍ର ଉତ୍ତର ପଥରେ ବିସ୍ତାରଲାଭ କଲା । ସୁବିକଶିତ ଆର୍ଯ୍ୟସଂସ୍କୃତି ଭାରତର ପ୍ରାଚୀନ ସଂସ୍କୃତି ସମ୍ପର୍କରେ ଆସି ଆର୍ଯ୍ୟଭାଷାର ବିକାଶ ସାଧନ କରିଥିଲା । ଏହି ପ୍ରକ୍ରିୟା ବହୁ ଶତାବ୍ଦୀର ଓ ଆଜି ଏହାର ପ୍ରକୃଷ୍ଟ ନିଦର୍ଶନସ୍ୱରୂପ ଆମକୁ ପ୍ରାଚୀନ ସାହିତ୍ୟ-ସମ୍ପଦ ମିଳେ ଏବଂ ଏହିଗୁଡ଼ିକର ଅବଲମ୍ବନରେ ଭାରତୀୟ ଆର୍ଯ୍ୟଭାଷାର କ୍ରମିକ ବିକାଶ ନିମ୍ନରେ ପ୍ରଦତ୍ତ—(୧) ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା (୨) ମଧ୍ୟ-ଭାରତୀୟ ଆର୍ଯ୍ୟଭାଷା –(ଅଶୋକଙ୍କ ଅନୁଶାସନର ଭାଷା, ପାଲି, ପ୍ରାକୃତ, ବୌଦ୍ଧସଂସ୍କୃତ, ଅପଭ୍ରଂଶ ଇତ୍ୟାଦି), (୩) ନବ୍ୟ-ଭାରତୀୟ ଆର୍ଯ୍ୟଭାଷା ।

## ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା

ଆର୍ଯ୍ୟମାନେ ଭାରତକୁ ପ୍ରାୟ ଖ୍ରୀଷ୍ଟପୂର୍ବ ପଞ୍ଚଦଶ ଶତାବ୍ଦୀରେ ଆସିଥିଲେ । ସେମାନେ କ୍ଷୁଦ୍ର କ୍ଷୁଦ୍ର ଦଳରେ ବିଭକ୍ତ ହୋଇ ଭାରତର ଉତ୍ତର-ପଶ୍ଚିମାଞ୍ଚଳ ଓ ପଶ୍ଚିମ ପଞ୍ଜାବରେ ବସତି ସ୍ଥାପନ କଲେ । କ୍ରମଶଃ ସେମାନେ ପୂର୍ବଦିଗକୁ ଅଗ୍ରସର ହୋଇ ପୂର୍ବ ପଞ୍ଜାବ ଓ ମଧ୍ୟ-ଦେଶରେ ବାସ କଲେ । ପରେ ପରେ ସେମାନେ କାଶୀ-କୋଶଳ, ମଗଧ-ବିଦେହ-ଅଙ୍ଗ, ରାଢ଼-ବାରେନ୍ଦ୍ର-କାମରୂପ ପ୍ରଭୃତି ଉତ୍ତରାପଥର ପର୍ବାଞ୍ଚଳର ଅଧିବାସୀମାନଙ୍କ ଭାଷା ଓ ସଂସ୍କୃତିକୁ ଆତ୍ମସାତ୍ କରି ଆର୍ଯ୍ୟ ଭାଷାର ଏକାଧିପତ୍ୟ ପ୍ରତିଷ୍ଠା କଲେ । ଦାକ୍ଷିଣାତ୍ୟରେ ମଧ୍ୟ ଆର୍ଯ୍ୟଭାଷା ଓ ସଂସ୍କୃତି କ୍ରମଶଃ ପ୍ରସାର ଲାଭ କଲା, କିନ୍ତୁ ଦ୍ରାବିଡ଼ ଓ କର୍ଣ୍ଣାଟକ ପ୍ରଭୃତିରେ ଆର୍ଯ୍ୟଭାଷା ସ୍ଥାନୀୟ କଥିତ ଭାଷାଗୁଡ଼ିକୁ ଦବାଇ ପାରିନଥିଲା । ପଶ୍ଚିମରେ ସିନ୍ଧୁ-ସୌବୀର ପ୍ରଦେଶରେ ଆର୍ଯ୍ୟଭାଷା ଓ ସଂସ୍କୃତିର ପ୍ରସାର କିଛି ବିଳମ୍ବରେ ହୋଇଥିଲା । (୧)

---

(୧) ସେନ, ଭାଷାର ଇତିବୃତ୍ତ ପୃ : ୮୦ ।

ଆର୍ଯ୍ୟମାନେ ଯଦ୍ୟପି ଯାଯାବର ଥିଲେ, ଭାରତକୁ ଆସି ସେମାନେ ଯାଯାବରତ୍ୱ ତ୍ୟାଗକରି କୃଷି କର୍ମରେ ଲିପ୍ତ ହେଲେ । ସେମାନଙ୍କ ଭାଷା, ଦେବରୀତିମୂଳକ ସାହିତ୍ୟ ଉନ୍ନତ ଥିଲା ଏବଂ ସେମାନଙ୍କ ନିକଟ ସମ୍ପର୍କରୁ ଉପଭାଷାଗୁଡ଼ିକର ମଧ୍ୟ ଗୋଟିଏ ଗୋଟିଏ ସାହିତ୍ୟିକ ରୂପଥିଲା । ଏହି ବୈଦିକ (ଋଗ୍‌ବେଦ) ଭାଷା, ପ୍ରତ୍ନ-ଭାରତୀୟ ଆର୍ଯ୍ୟଭାଷାର ସାହିତ୍ୟିକ ରୂପ । (୧)

ଋଗ୍‌ବେଦର ପ୍ରାଚୀନତମ କବିତାଗୁଡ଼ିକର ରଚନାକାଳ ଖ୍ରୀଷ୍ଟପୂର୍ବ ପଞ୍ଚଦଶ ଶତାବ୍ଦୀ ପୂର୍ବର ନୁହେଁ, ଏବଂ ଏହାର ସଙ୍କଳନ ଆହୁରି ୫୦୦ ବର୍ଷ ପରେ ହୋଇଥିଲା । କିନ୍ତୁ ଭାରୋପୀୟ ଭାଷା-ପରିବାରର ଏହାହିଁ ହେଉଛି ସର୍ବାପେକ୍ଷା ପ୍ରାଚୀନତମ ସାହିତ୍ୟିକ ରୂପ । ଋଗ୍‌ବେଦ ସଂହିତାର ସଙ୍କଳନ କାଳ ପ୍ରାୟ ଖ୍ରୀଷ୍ଟପୂର୍ବ ଦଶମ ଶତାବ୍ଦୀ ।

ବୈଦିକ ସାହିତ୍ୟ (ଖ୍ରୀଷ୍ଟପୂର୍ବ ୧୨୫୦-୬୦୦)କୁ ତିନି ଭାଗରେ ବିଭକ୍ତ କରାଯାଇପାରେ—(କ) ବେଦ ବା ସଂହିତା (ଖ) ବ୍ରାହ୍ମଣ ଏବଂ (ଗ) ଉପନିଷଦ୍ । 'ବେଦତ୍ରୟୀ' ଯଜ୍ଞୀୟ ବେଦ, ଏବଂ ଅଯଜ୍ଞୀୟ ଅଥର୍ବ । ବ୍ରାହ୍ମଣ ଗ୍ରନ୍ଥଗୁଡ଼ିକରେ ଯଜ୍ଞକାର୍ଯ୍ୟାଦିର ବିବରଣୀ ଓ ବ୍ୟାଖ୍ୟା ଏବଂ କେତେକ ପ୍ରାଚୀନ ଉପାଖ୍ୟାନ ସ୍ଥାନ ପାଇଛି । ଉପନିଷଦ୍ ହେଉଛି ବ୍ରାହ୍ମଣର ପରିଶିଷ୍ଟ । ଋକ୍ ଓ ସାମବେଦ ପଦ୍ୟରେ, ଅନ୍ୟ ବେଦ ପଦ୍ୟ ଓ ଗଦ୍ୟରେ ଏବଂ ବ୍ରାହ୍ମଣ ଓ ଉପନିଷଦ୍ ମୁଖ୍ୟତଃ ଗଦ୍ୟରେ ରଚିତ ।

ବୈଦିକ କହିଲେ ବୁଝାଯାଏ ଯେ ଋଗ୍‌ବେଦର ଭାଷା । ଅନ୍ୟ ବେଦ ଓ ବ୍ରାହ୍ମଣ-ଉପନିଷଦ୍‌ଗୁଡ଼ିକର ଭାଷା ଅପେକ୍ଷାକୃତ ଅର୍ବାଚୀନ । ଋଗ୍‌ବେଦର ସମ୍ପୂର୍ଣ୍ଣ ଦଶମ ମଣ୍ଡଳ ଓ ପ୍ରଥମ ମଣ୍ଡଳର କେତେକାଂଶ ଅର୍ବାଚୀନ ଓ ଏଗୁଡ଼ିକର ଭାଷା ସରଳ । ଉପନିଷଦ୍‌ଗୁଡ଼ିକର ଭାଷା ଅନେକାଂଶରେ ବୈଦିକତ୍ୱ ତ୍ୟାଗ କରି ସଂସ୍କୃତର ଖୁବ୍ ପାଖାପାଖି ଆସିଯାଇଥିବାରୁ ଏହାକୁ ସଂସ୍କୃତର ଜନନୀ ବୋଲି କୁହାଯାଇଥାଏ ।

(୧) ପୂର୍ବୋକ୍ତ ।

ପ୍ରତ୍ନ ଭାରତୀୟ ଆର୍ଯ୍ୟଭାଷାର ଦୁଇଟି ସାହିତ୍ୟିକ ରୂପ (ଛାନ୍ଦ) ଥିଲା । ଗୋଟିଏ ହେଉଛି ଧର୍ମ ସାହିତ୍ୟ—ଋଗ୍‌ବେଦ ଓ ପରବର୍ତ୍ତୀ ବୈଦିକ ସାହିତ୍ୟ ଓ ଅପରଟି ସେହି କାଳର ଶିଷ୍ଟ ଅର୍ଥାତ୍ ଶିକ୍ଷିତ ବ୍ୟକ୍ତିଙ୍କଦ୍ୱାରା ବ୍ୟବହୃତ ଏବଂ ଅବୈଦିକ ଓ ଲୌକିକ ଆଖ୍ୟାନ-ଉପାଖ୍ୟାନର ଭାଷା । ଏହି ଶେଷୋକ୍ତ ଛାନ୍ଦର ଲିଖିତ ରୂପ କୌଣସି ପ୍ରାଚୀନ ରଚନାରେ ବର୍ତ୍ତମାନ ପର୍ଯ୍ୟନ୍ତ ଦୃଷ୍ଟିଗୋଚର ହୁଏନାହିଁ । ତେବେ ପରବର୍ତ୍ତୀ ଯୁଗର ରାମାୟଣ, ମହାଭାରତ ଓ ପ୍ରାଚୀନ ପୁରାଣର ଭାଷାରେ ଏହି ଛାନ୍ଦର ଆଭାସ ରହିଛି । ପାଣିନି ଏହି ଶେଷୋକ୍ତ ଭାଷାରୁହିଁ 'ସଂସ୍କୃତ' ଅର୍ଥାତ୍ 'ଶିଷ୍ଟ ବ୍ୟବହାର୍ଯ୍ୟ' ରୂପଟି ନିର୍ଦ୍ଧାରଣ କରିଥିଲେ । (୧)

ପାଣିନିଙ୍କ 'ଅଷ୍ଟାଧ୍ୟାୟୀ' (ଆଠ ଅଧ୍ୟାୟବିଶିଷ୍ଟ) ମାନବମନୀଷାର ଏକ ଶ୍ରେଷ୍ଠ ନିଦର୍ଶନ । ଏହି ବ୍ୟାକରଣରେ ସଂସ୍କୃତ ଭଳି ବିରାଟ ଭାଷାର ଯେପରି ବିବରଣୀ ଓ ଦକ୍ଷ ବିଶ୍ଳେଷଣ ରହିଛି ତାହା ଅତୁଳନୀୟ । (୨) ସ୍ୱଳ୍ପଶିକ୍ଷିତ ଓ ଅଶିକ୍ଷିତ ଜନସାଧାରଣଙ୍କ ପାଇଁ ପାଣିନିଙ୍କ ବ୍ୟାକରଣ ଏକ ଦୁର୍ଗମ ବ୍ୟାପାର । ସେମାନେ ଅପାଣିନୀୟ କଥ୍ୟଭାଷାରେ ରଚିତ ପୁରାଣକଥା କହନ୍ତି ଧର୍ମତତ୍ତ୍ୱ ଇତ୍ୟାଦି ଶୁଣନ୍ତି । ଏହିପରି ଅବୈଦିକ, ଅ-ସଂସ୍କୃତ ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାର ପୁରାଣ କାହାଣୀଗୁଡ଼ିକ ପ୍ରଥମେ ଲେଖାଯାଇଥିଲା । କେତେକ ସମ୍ପ୍ରଦାୟରେ (ମଧ୍ୟ-ଭାରତୀୟ ଆର୍ଯ୍ୟଭାଷା କାଳରେ) ଏହି ଅ-ସଂସ୍କୃତ ଲୌକିକ ପ୍ରା: ଭା: ଆ: ର ବ୍ୟବହୃତ ହେଉଥିଲା । ବୌଦ୍ଧ-ସଂସ୍କୃତ, 'ଗାଥାଭାଷା' କିମ୍ବା ସଂସ୍କୃତ-ପ୍ରାକୃତ ମିଶ୍ରଭାଷା ଏହାର ଜ୍ୱଳନ୍ତ ଉଦାହରଣ ।

ପ୍ରାଚୀନ ଓ ଅର୍ବାଚୀନ ବୈଦିକ ଭାଷାର ଏକ ତୁଳନାତ୍ମକ ଅଧ୍ୟୟନ କଲେ ସ୍ପଷ୍ଟ ଜଣାଯାଏ ଯେ ପ୍ରାଚୀନ ବୈଦିକ ର-କାର ବହୁଳ, କିନ୍ତୁ ଅର୍ବାଚୀନ ବୈଦିକରେ ର-କାର ସ୍ଥାନରେ ଲ କାର ଦେଖିବାକୁ ମିଳେ ।

---

(୧) ଦ୍ରଷ୍ଟବ୍ୟ—ସେନ, ଭାଷାର ଇତିବୃତ୍ତ ପୃ: ୮୨ ।

(୨) ତୁଳ: **Panini's Astadhyayi "is one of the greatest monuments of human intelligence." Bloomfield. Language P. 11.**

| ପ୍ରାଚୀନ ବୈଦିକ | ଅର୍ବାଚୀନ ବୈଦିକ |
|---|---|
| ରପ୍, ରମ୍ବତେ, କୃପ୍ର, ଅଶ୍ରୀର, ସ୍ରେଚନ | ଲପ, ଲମ୍ବତେ, କ୍ଳପ୍ତ, ଅଶ୍ଳୀଳ, ଶ୍ଲେଚନ |

ଅର୍ବାଚୀନ ବୈଦିକର ଲ-କାର କଥିତ ଭାଷାର ପ୍ରଭାବ । ଏହାର ବିକଟ (< ବିକୃତ), ଦଣ୍ଡ (< ଦନ୍ଦ୍ର, ତୁଳ: ଗ୍ରୀକ୍ ଦେ'ନ୍ଦ୍ରୋନ୍), ଆଢ୍ୟ (< √ ଋଧ୍-) ପ୍ରଭୃତି ଶବ୍ଦ ମଧ୍ୟ କଥିତ ଭାଷାରୁ ଗୃହୀତ ହୋଇଥିବାର ଅନୁମାନ କରାଯାଏ ।

ଉଚ୍ଚାରଣଗତ ଉପଭାଷୀୟ ବୈଶିଷ୍ଟ୍ୟର ନିଦର୍ଶନ ଶିକ୍ଷା ଓ ପ୍ରାତିଶାଖ୍ୟରେ ମଧ୍ୟ ଉପଲବ୍ଧ । ଡକ୍ଟର ସିଦ୍ଧେଶ୍ୱର ବର୍ମାଙ୍କ ଅନୁସାରେ— ପ୍ରାତିଶାଖ୍ୟର 'ର୍' ଏବଂ 'ର୍' ଦନ୍ତ୍ୟ, ବର୍ତ୍ସ୍ୟ; ପାଣିନୀୟ ଓ ଆପିଶଳ ଶିକ୍ଷାନୁସାରେ ମୂର୍ଦ୍ଧନ୍ୟ । ପୂର୍ବ ଧ୍ୱନିର ସମ୍ବନ୍ଧ ପ୍ରତୀଚ୍ୟ ଉପଭାଷା ସହ ଓ ପର ଧ୍ୱନିର ସମ୍ବନ୍ଧ ପ୍ରାଚ୍ୟ ଉପଭାଷା ସହ ଥିବା ଜଣାଯାଏ (୧) । ସେହିପରି ତୈତ୍ତିରୀୟ ପ୍ରାତିଶାଖ୍ୟ ଓ ବାଜସନେୟୀ ପ୍ରାତିଶାଖ୍ୟରେ ଯଥାକ୍ରମେ ପୂର୍ବ ଓ ପର ସ୍ୱରର ନାସିକ୍ୟୀଭବନ ସୂଚିତ ହୋଇଥିବାରୁ ଏଥିରୁ ଅର୍ଦ୍ଧମାଗଧୀ-କଥିତାଞ୍ଚଳ (Ardhamagadhi-speaking areas) ଓ ଇତର ଉପଭାଷାଞ୍ଚଳର ସମ୍ଭାବନା କରାଯାଇପାରେ । (୨) ପରବର୍ତ୍ତୀ ବୈଦିକ

---

(୧) ଦ୍ରଷ୍ଟବ୍ୟ—"The Phonetic observations of Indian grammarians" by Dr. S. Verma, P. 53

(୨) "The *Taittiriya Pratisakhya's* view of the *yamas* as belonging to the succeeding syllable (nasalization being weaker in this case) and that of the *Vajasaneyi Pratisakhya* as belonging to the preceding syllable may connect the former with the Ardhamagagdhi-speaking areas, and the latter with other areas." Ibid.

ମନ୍ତ୍ରଗୁଡ଼ିକରେ ଉପଭାଷୀୟ ଭିନ୍ନତା ପରିଲକ୍ଷିତ ହୁଏ । ସମ୍ଭବତଃ ଏହା କଥିତଭାଷାଦ୍ୱାରା ପ୍ରଭାବିତ । (୧)

ବ୍ରାହ୍ମଣ ଗ୍ରନ୍ଥଗୁଡ଼ିକରେ ଭାଷା ଓ ମ୍ଳେଚ୍ଛ ଭାଷା ସମ୍ବନ୍ଧୀୟ ଦୃଷ୍ଟାନ୍ତ ମିଳେ—ହେଲବୋ ହେଲବ ଇତି ତେ ପରାବଭୂବୁଃ । ହେଲବୋ < ହେ ଅରୟଃ । ଅୟ > ଏ ରେ ପରିବର୍ତ୍ତନ ମ: ଭା: ଆ: ଧ୍ୱନ୍ୟାତ୍ମକ ପ୍ରବୃତ୍ତି । ଅସୁରମାନେ ତାଙ୍କ ମ୍ଳେଚ୍ଛ ଭାଷା ଯୋଗୁଁ ପରାସ୍ତ ହେଲେ । ମ୍ଳେଚ୍ଛ ନହେବା ପାଇଁ ବ୍ୟାକରଣ ଅଧ୍ୟୟନ କରିବା ଦରକାର । (ମହାଭାଷ୍ୟ ୧. ୧. ୧) ।

ପ୍ରା: ଭା: ଆ: ଭାରତ-ଇରାନୀ ସହ ତୁଳନା କଲେ ଜଣାଯାଏ ଯେ ପ୍ରା: ଭା: ଆ: ରେ ମୂର୍ଦ୍ଧନ୍ୟ ବର୍ଗ—ଟ୍, ଠ, ଡ୍, ଢ୍, ଣ୍, ଷ୍ ଧ୍ୱନିଗୁଡ଼ିକ ଅଭିନବ । ଭାରତ-ଇରାନୀର ଊଷ୍ମ ଧ୍ୱନି— z, sh, z′, zh′ ପ୍ରା: ଭା: ଆ: ରେ ଲୁପ୍ତ ଓ 'ଅଇ', 'ଅଉ' > ଯଥାକ୍ରମେ 'ଏ', 'ଓ' ରେ ପରିଣତ ହୁଏ । '-ୟ-' ଏବଂ '-ସ୍ୟ-' ବିକରଣ ଯୋଗରେ ପ୍ରା' ଭା: ଆ: ରେ ଯଥାକ୍ରମେ ଭାବ କର୍ମ-ବାଚ୍ୟ ଓ ଭବିଷ୍ୟତ କାଳର ରୂପ ରଚନା ହୋଇଥାଏ ।

ବୈଦିକ ଓ ସଂସ୍କୃତ ମଧ୍ୟରେ ପ୍ରାୟ ଧ୍ୱନିଗତ ଐକ୍ୟ ଅଛି, କିନ୍ତୁ ବ୍ୟାକରଣଗତ ବ୍ୟବଧାନ ବେଶି । ସଂସ୍କୃତରେ ସ୍ୱର (**Accent**)ର କୌଣସି ସ୍ଥାନ ନାହିଁ, କିନ୍ତୁ ଋଗ୍‌ବେଦର 'ସ୍ୱର' ଏହାର ଏକ ପ୍ରଧାନ ବିଶେଷତ୍ୱ; 'ସ୍ୱର'ର ସ୍ଥାନ ପରିବର୍ତ୍ତନରେ ଅର୍ଥ ପରିବର୍ତ୍ତନ ହୋଇଥାଏ । ବୈଦିକ ଶବ୍ଦ-ରୂପ ଓ ଧାତୁ-ରୂପ ବିପୁଳ ଓ ବିବିଧ । ନର ଶବ୍ଦର ପ୍ରଥମା-ଦ୍ୱିତୀୟା ଦ୍ୱିବଚନରେ ନରା, ପ୍ରଥମା ବହୁବଚନରେ ନରାସଃ, ତୃତୀୟା ବହୁବଚନରେ ନରେଭିଃ ପ୍ରଭୃତି ରୂପ ଉପଲବ୍ଧ । ବୈଦିକରେ ଦୁଇଟି ଅତିରିକ୍ତ ଭାବ (**Mood**) ଥିଲା—ଅଭିପ୍ରାୟ (ଲେଟ୍) ଏବଂ ନିବନ୍ଧ (**Injunctive**) । ବୈଦିକ ଓ ମୂଳଭାଷାର ଅନୁଜ୍ଞାରେ ଉତ୍ତମ ପୁରୁଷ ନଥିଲା, କାରଣ ଉତ୍ତମ-ପୁରୁଷରେ ଅନୁଜ୍ଞା ହୋଇପାରେନା । ବୈଦିକରେ ଅସମାପ୍ତ (ଲଙ୍), ସାମାନ୍ୟ (ଲୁଙ୍) ଏବଂ ସମାପ୍ତ (ଲିଟ୍)—ଏହି ତିନୋଟି

---

(୧) **R. A. Singh, Enquiries into the spoken languages of India, P. 2**

ଅତୀତ କାଳର ପ୍ରୟୋଗ ନିର୍ଦ୍ଦିଷ୍ଟ ଥିଲା; କିନ୍ତୁ ସଂସ୍କୃତରେ କେବଳ ବର୍ତ୍ତମାନ ଏବଂ କ୍ୱଚିତ୍ ସାମାନ୍ୟ ଅତୀତ କାଳର ଭାବାନ୍ତର ହୁଏ । ବୈଦିକରେ ବର୍ତ୍ତମାନ, ସାମାନ୍ୟ ଅତୀତ, ସମ୍ପନ୍ନ ଅତୀତ ଏବଂ ଭବିଷ୍ୟତ—ଏହି ଚାରି କାଳରେ ବିଭିନ୍ନ ଭାବର ରୂପ ହୋଇଥାଏ । ସଂସ୍କୃତରେ କେବଳ ଲଟ୍‌ର ଲିଙ୍ (=ବିଧିଲିଙ୍) ଏବଂ ଲୋଟ୍ ଅଛି ଏବଂ ଆଶୀର୍ଲିଙ୍ ନାମରେ କେତୋଟି ଲୁଙ୍‌ର ବିଶିଷ୍ଟ ଲିଙ୍ ପଦର ବ୍ୟବହାର ଦେଖିବାକୁ ମିଳେ ।

ପ୍ର, ପରା, ଅପ ପ୍ରଭୃତି ଉପସର୍ଗଗୁଡ଼ିକ ବୈଦିକରେ ସାଧାରଣ କ୍ରିୟା-ବିଶେଷଣ ପରି ସ୍ୱତନ୍ତ୍ର ପଦ ରୂପେ ବ୍ୟବହୃତ, କିନ୍ତୁ ସଂସ୍କୃତରେ ଏଗୁଡ଼ିକ କ୍ରିୟାପଦ ପୂର୍ବରେ ଯୁକ୍ତ ହୋଇଥାଏ । ବୈଦିକରେ ସମାସ ଅପେକ୍ଷାକୃତ କମ୍ ଏବଂ ଦୁଇ ପଦରୁ ବେଶି ଥିବା ସମାସ ପ୍ରାପ୍ତ ନଥିଲା ।

ସଂସ୍କୃତ ବ୍ୟାକରଣରେ ନୂତନତ୍ୱ—ଅତୀତ କାଳ ସମାପିକା କ୍ରିୟା ଅର୍ଥରେ-ତବତ୍ ପ୍ରତ୍ୟୟର ପ୍ରୟୋଗ ଏବଂ ଧାତୁ ପାଠରେ ବହୁ ଅର୍ବାଚୀନ ଧାତୁର ପ୍ରବେଶ । ସେ ସମୟର କଥ୍ୟ ଭାଷାରେ ଦ୍ୱିବଚନ ଓ ଲିଟ୍‌ର ପ୍ରୟୋଗ ନଥିଲା, କିନ୍ତୁ ସଂସ୍କୃତରେ ଏହାର ପ୍ରୟୋଗ ପ୍ରଚୁର ମାତ୍ରାରେ ଥିଲା । †

## ମଧ୍ୟ-ଭାରତୀୟ ଆର୍ଯ୍ୟଭାଷା

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀ ବେଳକୁ ଆର୍ଯ୍ୟଭାଷା ପରିବର୍ତ୍ତନ ମଧ୍ୟ ଦେଇ ମ: ଭା: ଆ: ରେ ପରିଣତ ହୋଇସାରିଥିଲା । ଏହି ପରିବର୍ତ୍ତନ ଧ୍ୱନି ତଥା ବ୍ୟାକରଣ ଉଭୟରେ ଘଟିଥିଲା । ପ୍ରା: ଭା: ଆ: ଋ ଏବଂ ଌ ର ପତନ ଘଟିଲା । ଯୁକ୍ତ ବ୍ୟଞ୍ଜନ ସମୀଭବନ କିମ୍ବା ସ୍ୱରଭକ୍ତି ଫଳରେ ସରଳ ବ୍ୟଞ୍ଜନରେ ପରିଣତ ହେଲା । ମିଗ, ମଗ < ମୃଗ; ଚକର < ଚକ୍ର । ସମ୍ବନ୍ଧକାରକ ସମ୍ପ୍ରଦାନକାରକର କାର୍ଯ୍ୟ କଲା । ତିନୋଟି ବଚନ ସ୍ଥାନରେ

† ବିଶେଷ ବିବରଣୀ ପାଇଁ ଦ୍ରଷ୍ଟବ୍ୟ—ସେନ, ଭାଷାର ଇତିବୃତ୍ତ ଅଷ୍ଟମ ଅଧ୍ୟାୟ । **Sen—History and Pre-History of Sanskrit (Mysore Univ. Lectures)**

ଦୁଇଟି ବଚନର ପ୍ରଚଳନ ହେଲା । ସଂସ୍କୃତର ଦଶୋଟି ଗଣରେ ମହତ୍ତ୍ୱ କମି କେବଳ ଏକ ଗଣର ପ୍ରାଧାନ୍ୟ ରହିଲା ।

ମ: ଭା: ଆ. କୁ ତିନି ଭାଗରେ ବିଭକ୍ତ କରାଯାଇଥାଏ: – ପ୍ରଥମ ମ: ଭା: ଆ: ଆଶୋକୀୟ ଅଭିଲେଖ, ପାଲି । ଦ୍ୱିତୀୟ ମ: ଭା: ଆ: ସାହିତ୍ୟିକ ପ୍ରାକୃତ । ତୃତୀୟ ମ: ଭା: ଆ: ଅପଭ୍ରଂଶ ।

ପ୍ରଥମ ମ: ଭା: ଆ: ବେଳକୁ ପଦାନ୍ତସ୍ଥିତ ବ୍ୟଞ୍ଜନ ଓ ବିସର୍ଗ ଲୁପ୍ତ ହୋଇସାରିଥିଲା । କେବଳ ଅନୁସ୍ୱାର ହିଁ ଅବଶିଷ୍ଟ ରହିଥିଲା । ଯୁକ୍ତ ବ୍ୟଞ୍ଜନମାନଙ୍କର ବିଭିନ୍ନ ପ୍ରକାର ପରିବର୍ତ୍ତନ ଆରମ୍ଭ ହୋଇସାରିଥିଲା । ଉଷ୍ମ ବ୍ୟଞ୍ଜନରେ ପରିବର୍ତ୍ତନ ହୋଇଥିଲା । କେବଳ ଦୁଇ ସ୍ୱର ମଧ୍ୟବର୍ତ୍ତୀ ସ୍ପର୍ଶ ଅଧିକାଂଶ ସ୍ଥଳରେ ଅପରିବର୍ତ୍ତିତ ହୋଇଥିଲା ।

## ଅଶୋକଙ୍କ ଅଭିଲେଖ ଗୃବେଚି ଉପଭାଷା

ଅଶୋକଙ୍କ ଅଭିଲେଖର ଭାଷା ହେଉଛି ମ: ଭା: ଆ: ପ୍ରାଚୀନତମ ଓ ଉତ୍ତମ ଦୃଷ୍ଟାନ୍ତ । ଏହି ଅଭିଲେଖଗୁଡ଼ିକ ସାହିତ୍ୟିକ ରୀତିରେ ଲିଖିତ ହେଲେ ହିଁ ସେହି ସମୟର କଥିତ ଭାଷାଠାରୁ ଦୂରରେ ନଥିଲା । ଏଗୁଡ଼ିକୁ ଚାରି ଭାଗରେ ବିଭକ୍ତ କରାଯାଇଛି —

(କ) ଉତ୍ତର-ପଶ୍ଚିମ ଉପଭାଷା ସମୂହ : ଶାହ୍‌ବାଜ୍‌ଗଢ଼ୀ, ମାନସେରା ।

(ଖ) ପଶ୍ଚିମ ଉପଭାଷା ସମୂହ : ଗିର୍‌ନାର୍ ।

(ଗ) ମଧ୍ୟ-ପ୍ରାଚ୍ୟ ଉପଭାଷା ସମୂହ : କାଲ୍‌ସୀ, ଟୋପ୍ରା ଇତ୍ୟାଦି ।

(ଘ) ପ୍ରାଚ୍ୟ ଉପଭାଷା ସମୂହ : ଧଉଳି, ଜଉଗଡ଼, ସାରନାଥ ଆଦି ।

ଶାହ୍: ଏବଂ ମାନ୍: ଖରୋଷ୍ଠୀ ଲିପିରେ ଲିଖିତ, ଯାହା ଡାହାଣରୁ ବାମକୁ ଲେଖାଯାଏ । ଦୀର୍ଘ ସ୍ୱର ଏଥିରେ ଅଲଗା ଚିହ୍ନିତ ହୋଇନାହିଁ । ଅନ୍ୟ ସମସ୍ତ ଲେଖ ବ୍ରାହ୍ମୀ ଲିପିରେ ଲିଖିତ । ଅଶୋ: ରେ ଦ୍ୱିତ୍ୱ ବ୍ୟଞ୍ଜନ ସ୍ଥାନରେ ଏକକ ବ୍ୟଞ୍ଜନର ବ୍ୟବହାର ଦେଖାଯାଏ । †

† ବିଶଦ ବିବରଣୀ ପାଇଁ ଦ୍ରଷ୍ଟବ୍ୟ —ଚାଟାର୍ଜି ଓ ସେନ – ଏ ମିଡ଼ିଲ୍ ଇଣ୍ଡୋଆର୍ଯ୍ୟନ୍ ରିଡର୍, ପୃ: ୧୦୩–୫ ।

# ଧ୍ୱନ୍ୟାତ୍ମକ

| ମୂଳରୂପ | ଉତ୍ତର-ପଶ୍ଚିମ ଶାହ୍‌ବାଜ୍‌ଗଢ଼ୀ | ଉତ୍ତର-ପଶ୍ଚିମ ମାନ୍‌ସେରା | ପଶ୍ଚିମ ଗିର୍‌ନାର୍ | ପୂର୍ବ-ମଧ୍ୟ କାଲ୍‌ସୀ | ପୂର୍ବ-ମଧ୍ୟ ଟୋପ୍ରା | ପୂର୍ବ କଳିଙ୍ଗ |
|---|---|---|---|---|---|---|
| ମୃଗଃ | ମ୍ରୁଗ | ମ୍ରିଗେ | ମଗୋ | ମିଗେ | | ମିଗେ |
| ବ୍ରାହ୍ମଣ- | ବ୍ରମନ | ବ୍ରମଣ- ବମନ | ବ୍ରାମ୍ହଣ- | ବମ୍ଭନ- ବାଭନ- | | ବାଭନ |
| ଭୂତ- | ଭ୍ରୁତ- | ହ୍ରୁତ | ଭୂତ- | ହୂତ | | ହୂତ- |
| କର୍ତ୍ତବ୍ୟ- | କଟବ- | କଟବୀୟ- | କତବ୍ୟ- | କଟବିୟ- | | କଟବିୟ- |
| କଲ୍ୟାଣ- | କଲଣ- | କୟଣ- | କଲ୍ୟାଣ- | କୟାଣ- | | କୟାଣ- |
| ସ୍ୱର୍ଗ | ସ୍ପଗ୍ର- | ସ୍ପଗ୍ର- | ସ୍ୱଗ- | ସ୍ୱଗ- | | ସ୍ୱଗ- |
| ଅସ୍ତି | ଅସ୍ତି | ଅସ୍ତି | ଅସ୍ତି | ଅଥି | | ଅଥି |
| କିଞ୍ଚିତ୍ | କିଚି | କିଚି | କିଂଚି | କିଛି | | କିଛି |
| ପଶ୍ଚାତ୍- | ପଚ | ପଚ | ପଛ | | | ପଛ |
| ଅର୍ଥନ୍- | ଅଠ- | ଅଠ- | ଆରଭ- | ଅଠ- | | ଅଠ- |

[ ଙ୍କ

## ରୂପାତ୍ମକ

| ମୂଳରୂପ | ଉତ୍ତର-ପଶ୍ଚିମ ଶାହ୍‌ବାଜ୍‌ଗଡ଼ୀ | ମାନ୍‌ସେରା | ପଶ୍ଚିମ ଗିର୍‌ନାର୍ | ପୂର୍ବ-ମଧ୍ୟ କାଲ୍‌ସୀ | ଟୋପ୍ରା | ପୂର୍ବ କଳିଙ୍ଗ |
|---|---|---|---|---|---|---|
| * ଵିଜିତସ୍ମିନ୍ | (ଵିଜିତସ୍ପ) | ଵିଜିତସି | ଵିଜିତମ୍ହି | ଵିଜିତସି | | ଵିଜିତସି |
| ଷଣ୍ଣାଃ, ଷୀ, ଷୀଣି | ଷସ୍ୱ୍ୟା | ଛନ | ଛ, ଷୀ | ଛଂନ, ଛନ | | ଛଂନ |
| * ଆରଭ୍ୟ(ମ୍) | ଅରଭିତୁ | ଅରଭିତୁ | ଆରଭିତ୍ପା | ଆଲଭିତୁ | | ଆଲଭିତୁ |
| * ଆରଭ୍ୟା | | | | | | |
| ରାଜ୍ଞଃ | ରଞ୍ଜୋ | ରଜିନେ | ରାଞ୍ଜୋ | ଲଜିନେ | | ଲାଜିନେ |
| ଭ୍ରାତୃଣାମ୍ | ଭ୍ରତୁନ | ଭ୍ରତନ | | ଭାତିନଂ | | ଭାତିନଂ |

## ବାକ୍ୟାତ୍ମକ

ଉତ୍ତର-ପଶ୍ଚିମ ଶାହ୍ : ଅୟଂ ଧ୍ରମଦିପି ଦେବନ ପ୍ରିଅସ ରଞ୍ଜୋ ଲିଖପିତୁ ।

ମାନ୍ : ଅୟି ଧ୍ରମଦିପି ଦେଵନ ପ୍ରିୟେନ ପ୍ରିୟଦ୍ରସିନ-ରଜିନ ଲିଖପିତ ।

ପଶ୍ଚିମ ଗିର୍ : ଇୟଂ ଧଂମଲିପୀ ଦେଵାନଂ ପ୍ରିୟେନ ପ୍ରିୟଦସିନା ରାଞ୍ଜା ଲେଖାପିତା ।

ପୂର୍ବ-ମଧ୍ୟ କାଲ୍‌ସୀ : ଇୟଂ ଧଂମଲିପି ଦେଵାନା ପିୟେନା ପିୟଦସିନା ଲେଖିତା ।

ପୂର୍ବ ଜଉ : ଇୟଂ ଧଂମଲିପୀ ଖେପିଂଗଲସି ପଵତସି ଦେଵାନଂ ପିୟେନ ପିୟଦସିନା ଲାଜିନା ଲିଖାପିତା ।

## ପାଳି

ଏହା ସ୍ଥାନଯାନମାନଙ୍କ ଧାର୍ମିକ ଭାଷା, ଯାହା ଦକ୍ଷିଣ-ପଶ୍ଚିମ ଓ ଦକ୍ଷିଣ ଅଞ୍ଚଳରେ ପ୍ରଚଳିତ । ଏହା ଉପରେ ସଂସ୍କୃତର ମଧ୍ୟ ପ୍ରଭାବ ଥିଲା । ଅଶୋକୀୟ ଦକ୍ଷିଣ-ପଶ୍ଚିମ ଉପଭାଷା ସହ ଏହାର ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ଏଥିରେ ମଧ୍ୟ-ପ୍ରାଚ୍ୟ ଉପଭାଷାର କିଛି ପ୍ରବୃତ୍ତି ଦେଖାଯାଏ— -ଅଃ > -ଏ । ଘୋଷ ମହାପ୍ରାଣର 'ହ'ରେ ପରିଣତି ଓ ଦୁଇ ସ୍ୱରର ମଧ୍ୟବର୍ତ୍ତୀ ବ୍ୟଞ୍ଜନର 'ଯ୍' ଏବଂ 'ବ୍' ରେ ପରିଣତି ଖୁବ୍ କମ୍ ସ୍ଥାନରେ ଦେଖିବାକୁ ମିଳେ । ଯଥା - ଲହୁ < ଲଘୁ, ରୁହିର < ରୁଧିର, ନିୟ < ନିଜ, ସୁବ < ଶୁକ । ଦୁଇ ସ୍ୱର ମଧ୍ୟବର୍ତ୍ତୀ ବ୍ୟଞ୍ଜନର ଘୋଷୀଭବନ ମଧ୍ୟ ଦେଖାଯାଏ । ଯଥା — ଉଦାହୁ < ଉତାହୋ, ନିୟ୍ୟାଦେତି < ନିର୍ୟାତୟତି, ପବେଧତି < ପ୍ରବ୍ୟଥତେ । ନିମ୍ନରେ ପାଲିର ମୁଖ୍ୟ ଲକ୍ଷଣମାନ ପ୍ରଦତ୍ତ —

-ଅ-ଅ-ଅ (ଆ) > -ଅ-ଇ-ଅ (ଆ) : ଚନ୍ଦ୍ରମାଃ > ଚନ୍ଦିମା, ଚରମ > ଚରିମ, ସତ୍ୟକ > ସଚ୍ଚିକ ।

ହ୍ରସ୍ୱ ସ୍ୱର ବେଳେବେଳେ ଦୀର୍ଘ ହୁଏ (ପରବର୍ତ୍ତୀଯୁକ୍ତ ବ୍ୟଞ୍ଜନର ସରଳୀଭବନ ଫଳରେ) : ସାସପ < ସର୍ଷପ, ଦାଠା < ଦଂଷ୍ଟ୍ରା, ବୀସତି < ବିଂଶତି ।

ଦୁଇ ସ୍ୱର ମଧ୍ୟବର୍ତ୍ତୀ -ଡ଼(ଢ଼)- (ସମୟେ ସମୟେ ଲ୍) '-ଳ୍(ହ)-'ରେ ପରିଣତ ହୁଏ— ଆବେଳା < ଆପୀଡ଼ା, ମୀଳ୍ହ < ମୀଢ଼ ।

କେତେକ ସ୍ଥଳରେ ଘୋଷ ବ୍ୟଞ୍ଜନ ଅଘୋଷ ହୋଇଥାଏ ଓ ଅଳ୍ପ ପ୍ରାଣ ବ୍ୟଞ୍ଜନ, ମହାପ୍ରାଣ ହୋଇଥାଏ— ଛକଲ < ଛଗଲ, ପଲିଖ < ପରିଘ, ମୁତିଙ୍ଗ < ମୃଦଙ୍ଗ ।

ସ୍ମ୍, ଷ୍ମ୍, ଶ୍ମ୍ ସର୍ବଦା ମ୍ହ୍‌ରେ ପରିଣତ ହୋଇନଥାଏ—ଆୟସ୍ମା < ଆୟୁଷ୍ମାନ ।

ର୍ ଓ ଲ୍‌ର ପରସ୍ପର ପରିବର୍ତ୍ତନ ହୋଇଥାଏ— ପଲି < ପରି, କର < କଲ ।

ପାଲିରେ ବ୍ୟଞ୍ଜନାନ୍ତ (ଉଶେଷ୍ୟ) ଶବ୍ଦରୂପ ସଂସ୍କୃତର ପ୍ରଭାବ ଫଳରେ ସୁରକ୍ଷିତ । ଏଥିରେ ଅଳ୍ପ କେତେକ (ବୈଦିକ) ପୁରାତନ ପ୍ରୟୋଗ (Arachaism) ଦେଖିବାକୁ ମିଳେ ।

ପ୍ରାକୃତ ଭାଷାଗୁଡ଼ିକର ବର୍ଗୀକରଣ—

ଧାର୍ମିକ ପ୍ରାକୃତରେ ପ୍ରାଚୀନ ଜୈନସୂତ୍ରର ଭାଷା ଭାବରେ ଅର୍ଦ୍ଧମାଗଧୀ (ଆର୍ଷ), ଜୈନ ମହାରାଷ୍ଟ୍ରୀ ଓ ଜୈନ ଶୌରସେନୀ ଉଲ୍ଲେଖଯୋଗ୍ୟ ।

ସାହିତ୍ୟିକ ପ୍ରାକୃତ ହେଉଛି— ମହାରାଷ୍ଟ୍ରୀ, ଶୌରସେନୀ, ମାଗଧୀ ଓ ପୈଶାଚୀ ।

ନାଟକୀୟ ପ୍ରାକୃତ—ସଂସ୍କୃତ ନାଟକରେ ବ୍ୟବହୃତ ମହାରାଷ୍ଟ୍ରୀ, ଶୌରସେନୀ, ମାଗଧୀ (ଓ ତା'ର ଉପଭାଷା) ଏବଂ ଅଶ୍ୱଘୋଷଙ୍କ ନାଟକରେ ବ୍ୟବହୃତ ପ୍ରାଚୀନ ଅର୍ଦ୍ଧମାଗଧୀ । ବୈୟାକରଣମାନଙ୍କଦ୍ୱାରା ବର୍ଣ୍ଣିତ ପ୍ରାକୃତରେ ମହାରାଷ୍ଟ୍ରୀ, ଶୌରସେନୀ, ମାଗଧୀ, ପୈଶାଚୀ, ଚୂଲିକା ପୈଶାଚିକ, ଅପଭ୍ରଂଶ ଏବଂ ପ୍ରାକୃତର ଅନେକ ଉପଭାଷାର ଗଣନା କରାଯାଇଛି । ଏଗୁଡ଼ିକରେ କାବ୍ୟଶାସ୍ତ୍ର ଓ ସଙ୍ଗୀତ ସମ୍ବନ୍ଧୀୟ ରଚନାଗୁଡ଼ିକ ଅନ୍ତର୍ଭୁକ୍ତ । ଉଦାହରଣ ସ୍ୱରୂପ ରୁଦ୍ରଟଙ୍କ କାବ୍ୟାଳଙ୍କାରର ଟୀକା (ନମିସାଧୁଙ୍କ), ଭରତଙ୍କ ନାଟ୍ୟଶାସ୍ତ୍ର, ଭରତ ମୁନିଙ୍କ ଗୀତାଳଙ୍କାର (ସଙ୍ଗୀତ ଗ୍ରନ୍ଥ) (୧) ଇତ୍ୟାଦି ।

---

(୧) A list of languages far more exhaustive than that available in Natyasastra is found in Gitalankara, a work of music attributed to Bharata Muni. Whether he was the same author of Natyasastra or some other Bharata is a matter of controversy; but on the evidence of the language (the Prakrit portion) it seems to be quite old, written not later than the 3rd or 4th Cent. A. D.

ଭାରତ ବାହାରୁ ଯେଉଁ ପ୍ରାକୃତଗୁଡ଼ିକ ଆବିଷ୍କୃତ ସେଗୁଡ଼ିକ ମଧ୍ୟରେ ‘ପ୍ରାକୃତ-ଧମ୍ମପଦ’ ଅନ୍ତର୍ଭୁକ୍ତ ଯାହାର କେତେକ ପଦ ଖୋତାନ୍ ପ୍ରଦେଶରୁ ଉଦ୍ଧାର କରାଯାଇଥିଲା । ମଧ୍ୟ-ଏସିଆରୁ ପ୍ରାପ୍ତ ଲେଖଗୁଡ଼ିକୁ ‘ନିୟ’ ଏବଂ ‘ଖୋତାନୀ’ ପ୍ରାକୃତ କୁହାଯାଏ । ଶିଳାଲେଖୀ ପ୍ରାକୃତ—ବ୍ରାହ୍ମୀ ଓ ଖରୋଷ୍ଠୀ ଲିପିରେ ଲିଖିତ ଭାରତ ଓ ସିଂହଳରୁ ମିଳିଥିବା ଅଶୋକଙ୍କ ସମୟର ଓ ତତ୍ପରବର୍ତ୍ତୀ କାଳର ଶିଳାଲେଖ ଓ ସ୍ତମ୍ଭଲେଖର ‘ଶିଳାଲେଖୀ ପ୍ରାକୃତ’ ନାମ ରଖାଯାଇଛି । ଏଥିରେ ମୁଦ୍ରା ଓ ତାମ୍ରଫଳକରେ ଲିଖିତ ଭାଷା ଅନ୍ତର୍ଭୁକ୍ତ କରାଯାଇଛି । ବିକୃତ ସଂସ୍କୃତ (Popular Sanskrit) – ହିନ୍ଦୁ, ବୌଦ୍ଧ ଓ ଜୈନ ଗ୍ରନ୍ଥମାନଙ୍କରେ ଉପଲବ୍ଧ । ଏହା ପ୍ରାଚୀନ ଆର୍ଯ୍ୟଭାଷାର ପ୍ରାକୃତ ରୂପ ଯାହା ସେ ସମୟରେ ପ୍ରଚଳିତ ହେଉଥିଲା । (ସେତେବେଳେ ସଂସ୍କୃତ ବ୍ୟାକରଣ ନିୟମରେ ଆବଦ୍ଧ ହୋଇଥିଲା ।)

**ଅଶ୍ୱଘୋଷଙ୍କ ନାଟକର ଭାଷା** (ପ୍ରଥମ ଖ୍ରୀଷ୍ଟାବ୍ଦ) : ମଧ୍ୟ-ଏସିଆରୁ ଉଦ୍ଧାର କରାଯାଇଥିବା ଅଶ୍ୱଘୋଷଙ୍କ ନାଟକରେ ତିନି ପ୍ରକାର ପ୍ରାକୃତର ଦୃଷ୍ଟାନ୍ତ ମିଳେ । (କ) ଦୁଷ୍ଟର ଭାଷା (ଖ) ଗଣିକା ଓ ବିଦୂଷକର ଭାଷା (ଗ) ଗୋଭମର ଭାଷା । ଏଗୁଡ଼ିକ ଅଶୋକୀୟ ଭାଷା ସହ ସମାନ । ଧୁରଦ- < ଧୁରତ- ବ୍ୟତୀତ ଦୁଇ ସ୍ୱର ମଧ୍ୟସ୍ଥିତ ଅଘୋଷ ସ୍ପର୍ଶର ଘୋଷ ହୁଏନାହିଁ । ସାହିତ୍ୟିକ ରଚନା ହୋଇଥିବା ହେତୁ ସଂସ୍କୃତର ପ୍ରଭାବ ବେଶି ।

(କ) ଦୁଷ୍ଟର ଭାଷାକୁ ଲ୍ୟୁଡର୍ସ୍ ପ୍ରାଚୀନ ମାଗଧୀ (ଅଥବା ପ୍ରାଚ୍ୟ ପ୍ରାକୃତ) କହିଛନ୍ତି, କାରଣ ଏଥିରେ ‘ର୍’ ସ୍ଥାନରେ ‘ଲ୍’, ‘ଷ୍’, ‘ସ୍’

---

× × The chapter refers to 42 languages/dialects current probably in the days of the author. The list of the languages covering the first five introductory verses of the chapter is supplemented by 41 stanzas (in Prakrit) ‘supposed to illustrate the characteristics of these languages.’
— Singh, *Op. Cit.* P. 18.

ସ୍ଥାନରେ 'ଶ୍', -ଅଃ > -ଏ ଇତ୍ୟାଦି ଦେଖିବାକୁ ମିଳେ । କାଲଣା < କାରଣାତ୍, କଶ୍ଶ < *କଶ୍ୟ, ଏତ୍ରେ < ଏତ୍ର । ଅନ୍ୟ ବିଶେଷ ମାଗଧୀ ରୂପ : ଅହକଂ < ଅହମ୍ (ଅଶୋ: ହକଂ); ସମ୍ବନ୍ଧକାରକ ଏକ ବଚନରେ-ହେ ପ୍ରତ୍ୟୟ: ମକ୍କଟହେ ।

(ଖ) ଗଣିକା ଓ ବିଦୂଷକର ଭାଷା ପ୍ରାଚୀନ ଶୌରସେନୀ (ଅଥବା ପଶ୍ଚିମ ପ୍ରାକୃତ) । ଅନ୍ତିମ -ଅଃ > -ଓ : ଦୁକ୍କଗୋ, ଆଦଂସୋ; ନ୍ୟ > ଞ୍ଞ୍ : ହଞ୍ଞିଜ୍ଞେ; କ୍ଷ୍ > କ୍ଖ : ସକ୍ଖୀ, ଟ୍ରପକ୍ଖାମି; ବର୍ତ୍ତମାନ କୃଦନ୍ତ (ଆତ୍ମନେପଦ) ପ୍ରତ୍ୟୟ -ମାନ ସୁରକ୍ଷିତ : ଭୁଞ୍ଜମାଣୋ, ପଢ଼ସ୍ୟମାଣୋ । ଅନ୍ୟ ରୂପ — ଇମସ୍ସ (< *ଇମସ୍ୟ, ଅଶୋ: ଇମସ), ଖୁ (ଅଶୋ: ଖୋ), ନଂ, କଟ୍ଟୁଂ (<* କର୍ତୁମ୍), କରିୟ (<*କରିୟ = କୃତ୍ୱା) ।

(ଗ) ଚୋରମର ଭାଷା ମଧ୍ୟପ୍ରାଚ୍ୟ ଉପଭାଷା ଗୋଷ୍ଠୀର (ଲ୍ୟୁଡର୍ସଙ୍କ ଅନୁସାରେ ପ୍ରାଚୀନ ଅମାଗଧୀ) । ଏଥିରେ 'ର୍' ସ୍ଥାନରେ 'ଲ୍'; -ଅଃ > -ଓ, 'ଶ୍' ଧ୍ୱନିର ଅଭାବ । ଉଦାହରଣ: ଭଟ୍ଟିଦାଲକେ, କଲେଓ । -କ, -ଆକ, -ଇକ ଯୁକ୍ତ ରୂପ : କଲମୋଦକାକଂ, ପଣ୍ଡଲକଂ < ପାଣ୍ଡର+ ।

## ନିୟ ପ୍ରାକୃତ

ମଧ୍ୟ-ଏସିଆର ପ୍ରାଚୀନ ଶାନଶାନ ରାଜ୍ୟର ନିୟ ନାମକ ସ୍ଥାନରୁ ଖରୋଷ୍ଠୀ ଲିପିରେ ଲିଖିତ ସାର୍ ଆରେଲ୍ ଷ୍ଟେନ୍‌ଙ୍କଦ୍ୱାରା ଆବିଷ୍କୃତ ପତ୍ର, ଯାହାର ରଚନାକାଳ ପ୍ରାୟ ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀ ଏବଂ ଯାହା ଅଶୋ: ଶାହ୍: ଓ ମାନ୍: ର ଅଭିଲେଖ ସହ ସାମ୍ୟ ରକ୍ଷା କରେ, ତାହା ନିୟ ପ୍ରାକୃତ ଭାବରେ ନାମିତ । ଖରୋଷ୍ଠୀ ଧମ୍ମପଦର ଭାଷା ମଧ୍ୟ ନିୟ ସହ ସାମଞ୍ଜସ୍ୟ ରକ୍ଷା କରିଛି । ନିୟ ପ୍ରାକୃତ ଉପରେ ପଡ଼ୋଶୀ ଇରାନୀ, ତୋଖାରୀ, ମଙ୍ଗୋଲୀ ପ୍ରଭୃତି ଭାଷାର ପ୍ରଭାବ ପଡ଼ିଛି । ଇ <-ସୁ, -ସ୍ମୀ, -ସ୍ମେ : ସମଡ଼ < ସମାଦାୟ, ଉବଇ < ଭବତ୍ୟେ । ଘୋଷୀଭବନ : କୋଡ଼ି < କୋଟି, ଦନୁ < ତନୁ; ହଦ < ହସ୍ତ । ଅଘୋଷୀଭବନ : କଲଟେ < ଗ୍ଲାନଃ, ଚଣ୍ଡ < ଦଣ୍ଡ; ପୋଗ < ଭୋଗ । ଗ୍ରାମି, ଅଲ୍ପ । ଖରଧମ୍ମ; ଶାବକ, ଚେଟୋ < ଶ୍ରେଷ୍ଠଃ । ସ୍ମୃତି < ସ୍ମୃତ ।

# ସାହିତ୍ୟିକ ପ୍ରାକୃତ

ବ୍ୟୁତ୍ପତ୍ତି—ହେମଚନ୍ଦ୍ରଙ୍କ ଅନୁସାରେ ପ୍ରାକୃତର ଆଧାରଭୂତ ଭାଷା ସଂସ୍କୃତ ଏବଂ ଏହି ସଂସ୍କୃତରୁ ପ୍ରାକୃତର ଉତ୍ପତ୍ତି । ପ୍ରକୃତିଃ ସଂସ୍କୃତମ୍ ତତ୍ର ଭବଂ ତତ ଆଗତଂ ବା ପ୍ରାକୃତମ୍ (୧।୧) । ମାର୍କଣ୍ଡେୟଙ୍କ ଅନୁସାରେ ପ୍ରକୃତିଃ ସଂସ୍କୃତମ୍ । ତତ୍ଭବଂ ପ୍ରାକୃତମୁଚ୍ୟତେ (୧।୧) । ଦଣ୍ଡୀଙ୍କ କାବ୍ୟାଦର୍ଶ (୧।୩୪)ରେ ମହାରାଷ୍ଟ୍ରୀକୁ ଶ୍ରେଷ୍ଠ ପ୍ରାକୃତ କୁହାଯାଇଛି । ଶକୁନ୍ତଳାର ଟୀକାକାର ଶଙ୍କର ଉଲ୍ଲେଖ କରିଛନ୍ତି ସଂସ୍କୃତାତ୍ ପ୍ରାକୃତଂ ଶ୍ରେଷ୍ଠଂ ତତୋଽପଭ୍ରଂଶ ଭାଷଣମ୍ । ଆଦ୍ୟ ପ୍ରାକୃତ ବୈୟାକରଣ ବରରୁଚି କହିଛନ୍ତି ଯେ ଯେଉଁ ପ୍ରାକୃତ ଭାଷାମାନଙ୍କ ସମ୍ବନ୍ଧରେ ବିଶେଷ ଭାବରେ କିଛି କୁହାଯାଇନି ସେଗୁଡ଼ିକ ମହାରାଷ୍ଟ୍ରୀ ପରି ଧରାଯିବ—ଶେଷଂ ମହାରାଷ୍ଟ୍ରୀବତ୍ (୧୨।୩୨) । ପ୍ରା: ଭା: ଅ: ହିଁ ପ୍ରାକୃତର ଆଧାରଭୂତ ଭାଷା ।

ପ୍ରାକୃତ ଭାଷାମାନଙ୍କ ସମ୍ବନ୍ଧରେ ବୈୟାକରଣମାନଙ୍କ ମତ ଦ୍ରଷ୍ଟବ୍ୟ—ବରରୁଚି ମହାରାଷ୍ଟ୍ରୀ, ପୈଶାଚୀ, ମାଗଧୀ ଓ ଶୌରସେନୀର ଉଲ୍ଲେଖ କରିଅଛନ୍ତି । ହେମଚନ୍ଦ୍ର ଆର୍ଷ, ଚୂଳିକା, ପୈଶାଚିକ ଏବଂ ଅପଭ୍ରଂଶକୁ ପ୍ରାକୃତ ବୋଲି କହିଛନ୍ତି । ତ୍ରିବିକ୍ରମ, ସିଂହରାଜ, ନରସିଂହ ଓ ଲକ୍ଷ୍ମୀଧର ମଧ୍ୟ ଉକ୍ତ ଭାଷାଗୁଡ଼ିକୁ ପ୍ରାକୃତ ମାନିଛନ୍ତି କିନ୍ତୁ ତ୍ରିବିକ୍ରମ ଆର୍ଷକୁ ପ୍ରାକୃତ ବୋଲି ଗ୍ରହଣ କରିନାହାନ୍ତି । ସିଂହରାଜ, ନରସିଂହ ଓ ଲକ୍ଷ୍ମୀଧର ଆର୍ଷର ଉଲ୍ଲେଖ କରିନାହାନ୍ତି । ମାର୍କଣ୍ଡେୟ ଚାରି ପ୍ରକାର ପ୍ରାକୃତ ଦେଇଛନ୍ତି—ଭାଷା, ବିଭାଷା, ଅପଭ୍ରଂଶ ଓ ପୈଶାଚ । ଭାଷାମାନଙ୍କ ମଧ୍ୟରେ ସେ ନିମ୍ନୋକ୍ତ ପ୍ରାକୃତମାନଙ୍କର ଉଲ୍ଲେଖ କରିଅଛନ୍ତି—ମହାରାଷ୍ଟ୍ରୀ, ଶୌରସେନୀ, ପ୍ରାଚ୍ୟା, ଆବନ୍ତୀ ଓ ମାଗଧୀ ।

## ମହାରାଷ୍ଟ୍ରୀ

ପ୍ରାକୃତ ବୈୟାକରଣମାନଙ୍କ ଅନୁସାରେ ମହାରାଷ୍ଟ୍ରୀ ଶ୍ରେଷ୍ଠ ପ୍ରାକୃତ । ଧ୍ୱନ୍ୟାତ୍ମକ ବିକାଶ ଦୃଷ୍ଟିରୁ ଏହା ଅନ୍ୟ ପ୍ରାକୃତ ତୁଳନାରେ ବହୁତ ଆଗରେ । ଏହା କୌଣସି ଏକ ଅଞ୍ଚଳର ଭାଷା ହୋଇନପାରେ । ଏହା ଏକ ଉନ୍ନତ ପ୍ରାକୃତ ଏବଂ ସମସ୍ତ ପ୍ରାକୃତ ପଦ୍ୟ ସାହିତ୍ୟ ଏହି ପ୍ରାକୃତରେ ସୃଷ୍ଟ । ଏହି ପ୍ରାକୃତରେ ସମସ୍ତ ଦୁଇସ୍ୱର ମଧ୍ୟବର୍ତ୍ତୀ ଅଳ୍ପପ୍ରାଣ ସ୍ପର୍ଶ ବ୍ୟଞ୍ଜନ ଲୋପ ହୁଏ ଏବଂ ସମସ୍ତ ଦୁଇସ୍ୱର ମଧ୍ୟବର୍ତ୍ତୀ ଘୋଷ ମହାପ୍ରାଣ ସ୍ପର୍ଶ -ହ୍- ରେ ପରିଣତ ହୁଏ : ପାଇଅ < ପ୍ରାକୃତ, ପାହୁଡ < ପ୍ରାଭୃତ ।

ମାଗଧୀ ଓ ଅର୍ଦ୍ଧମାଗଧୀ ପରି ଏଥିରେ ବେଳେ ବେଳେ ଦୁଇସ୍ୱର ମଧ୍ୟବର୍ତ୍ତୀ -ସ୍- > -ହ୍- ପରିଣତ ହୋଇଥାଏ : ପାହାଣ < ପାଷାଣ, ତାହ < ତାସ (= ତସ୍ୟ) ।

ଅଘୋଷ ଅଳ୍ପପ୍ରାଣ କେବେ କେବେ ମହାପ୍ରାଣତ୍ୱ ଲାଭ କରିଥାଏ : ଣିହସ < *ନଖସ < ନକଷ; ଭରହ < *ଭରଥ < ଭରତ ।

କ୍ରିୟା ବିଶେଷଣ ପ୍ରତ୍ୟୟ ଅନ୍ତ ଅପାଦାନ ଏକବଚନର କାର୍ଯ୍ୟ କରିଥାଏ —

ଦୂରତ୍ତୁ, ମୂଳତ୍ତୁ (ତୁଳ: ସଂ ଦକ୍ଷିଣାତ୍) ପ୍ରାଚୀନ ଅପାଦାନ ପ୍ରତ୍ୟୟ କେତେକ କ୍ଷେତ୍ରରେ ରହିଅଛି : ଘରା < ଗୃହାତ୍, ଅଧିକରଣ ଏକବଚନ ପ୍ରତ୍ୟୟ -ମ୍ମି < -ସ୍ମିନ୍ ।

√କୃ > କୁ- : କୁଣଇ < *କୃନୋତି < *କୃଣୋତି ।

କର୍ମବାଚକ ପ୍ରତ୍ୟୟ -ଯ- ଏଥିରେ -ଇଜ୍ଜ- ହୁଏ (କିନ୍ତୁ ଶୌରସେନୀରେ -ଈଅ) । -ତୁମନ୍ ଅର୍ଥରେ -ଉଣ ହୁଏ ପୁଚ୍ଛିଉଣ ।

## ଶୌରସେନୀ

ଏହି ପ୍ରାକୃତ ସଂସ୍କୃତଦ୍ୱାରା ବିଶେଷଭାବେ ପ୍ରଭାବିତ । ଏଣୁ ଏହା କେତେକାଂଶରେ ପୂର୍ବଗତ ଓ କେତେକାଂଶରେ କୃତ୍ରିମ । ସଂସ୍କୃତ ନାଟକ ବ୍ୟତୀତ ଏହା ଅନ୍ୟ କୌଣସି ସାହିତ୍ୟରେ ଅମିଶ୍ରିତଭାବରେ ମିଳେନାହିଁ ।

ଦୁଇସ୍ୱର ମଧ୍ୟବର୍ତ୍ତୀ -ଦ୍-, -ଧ୍- (ମୂଳ କିମ୍ବା ତ୍, ଥ୍ ରୁ ନିଷ୍ପନ୍ନ) ସୁରକ୍ଷିତ : ଇଧ, ମଦ, ଗଦ, କଧେଦୁ < କଥୟତୁ ।

ଦୁଇସ୍ୱର ମଧ୍ୟବର୍ତ୍ତୀ -ନ୍ତ୍- ବେଳେବେଳେ -ନ୍ଦ୍- ହୋଇଥାଏ : ହନ୍ଦ < ହନ୍ତ; -କ୍ଷ୍- ସାଧାରଣତଃ -କ୍ଖ୍- ହୋଇଥାଏ କିନ୍ତୁ ମହାରାଷ୍ଟ୍ରୀରେ -ଚ୍ଛ୍- : କୁକ୍ଷି, ଇକ୍ଖୁ କିନ୍ତୁ ଉଚ୍ଛୁ (ମହା:) ।

ମହାରାଷ୍ଟ୍ରୀ ଓ ଅର୍ଦ୍ଧମାଗଧୀ ତୁଳନାରେ ଦ୍ୱିତ୍ୱ ବ୍ୟଞ୍ଜନର ସରଳ ଭବନ ଏଥିରେ କମ୍ । କାଦୁଂ < କର୍ତୁଂ, ଉସବ < ଉସ୍ସବ < ଉତ୍ସବ ।

ବଧ୍ୟର୍ଥକ କିମ୍ବା ସଂସ୍କୃତ ପର ହୋଇଥାଏ । କିନ୍ତୁ ମହାରାଷ୍ଟ୍ରୀ ଓ ଅର୍ଦ୍ଧମାଗଧୀରେ -ଏଜ୍ଜ-ଯୁକ୍ତ ରୂପ ହୋଇଥାଏ । ଘଟେଜ୍ଜ < *ଘଟେର୍ତ୍ର (ମହା:, ଅମାଗ: ଘଟ୍ଟେଜ୍ଜ) କର୍ମବାଚ୍ୟ ପ୍ରତ୍ୟୟ -ଇୟ : ଉଚ୍ଛିଯ୍ୟଇ, ଗମିଅଇ ।

## ଅର୍ଦ୍ଧମାଗଧୀ

ଜୈନାଚାର୍ଯ୍ୟଗଣ ଅମାଗଙ୍କୁ ଆର୍ଷୀ ଆଦ୍ୟ ଭାଷା ମନେକରନ୍ତି । ଏହା ଶୌରସେନୀ ଓ ମାଗଧୀର ମଧ୍ୟବର୍ତ୍ତୀ ଭାଷା । ଏଣୁ ଏଥିରେ ଉଭୟ ପ୍ରାକୃତର କେତେକ ଲକ୍ଷଣ ମିଳେ । ଜୈନ ସମ୍ପ୍ରଦାୟର ଧାର୍ମିକ ଭାଷା ହୋଇଥିବାରୁ ଏହା ପାଲି ପରି ରୁଢ଼ ହୋଇଯାଇଛି । ଏହାର କଥ୍ୟରୂପ ପ୍ରାୟ ଲୁପ୍ତ ହୋଇଯାଇଛି । ସଂସ୍କୃତ ନାଟକରେ ମଧ୍ୟ ଏହାର ପ୍ରୟୋଗ ଜୈନସାଧୁମାନଙ୍କର ଭାଷା ଭାବରେ ହୋଇଛି । ଏହି ଭାଷାରୁ ଉଦ୍ଭୂତ ଦୁଇଟି ଉପଭାଷା—ଜୈନ ଶୌରସେନୀ ଓ ଜୈନ ମହାରାଷ୍ଟ୍ରୀ ନାମରେ ପରିଚିତ, ଯେଉଁଥିରେ ବିପୁଳ କଥାସାହିତ୍ୟ ସୁରକ୍ଷିତ । ସେଗୁଡ଼ିକ ମଥୁରା ଓ ପଶ୍ଚିମାଞ୍ଚଳର ଜୈନ ସମ୍ପ୍ରଦାୟାଦି ଦ୍ୱାରା ଲିଖିତ ସାହିତ୍ୟରେ ବ୍ୟବହୃତ ହୋଇଛି । ସଂସ୍କୃତର ପ୍ରଭାବ ଫଳରେ ଏହାର ଦୀର୍ଘ ସମାସ ବହୁଳ ଗଦ୍ୟ ମିଳେ ।

ଅନ୍ତିମ -ଅଃ > -ଏ କିମ୍ବା -ଓ (-ଓ ସାଧାରଣତଃ କବିତାରେ) । ଅବଲୁପ୍ତ ସ୍ୱରମଧ୍ୟବର୍ତ୍ତୀ ବ୍ୟଞ୍ଜନ ସ୍ଥାନରେ ଯ୍‌- ଶ୍ରୁତିର ଆଗମ ହୁଏ : ଠିୟ < ସ୍ଥିତ, ସାୟର < ସାଗର, କୟ < କୃତ । ସ୍ୱର ମଧ୍ୟବର୍ତ୍ତୀ ଘୋଷ ଧ୍ୱନି ସୁରକ୍ଷିତ : ଲୋଗଂସି < ଲୋକସ୍ମିନ୍ । ସ୍ୱର ମଧ୍ୟବର୍ତ୍ତୀ ଅଘୋଷ > ଘୋଷ : ସାବଗ < ଶାବକଃ, ଦାରଗସ୍ସ < ଦାରକସ୍ୟ, ଉବମା < ଉପମା, ଚଣ୍ଡର < ଚପଣ୍ଡ । ଏଥିରେ ଅନ୍ୟ ପ୍ରାକୃତ ଅପେକ୍ଷା ମୂର୍ଦ୍ଧନ୍ୟୀଭବନ ଅଧିକ : ଗମଣାଏ < ଗମନାୟ । କେବଳ 'ସ୍' ଧ୍ୱନି ସୁଲଭ । -ସ୍ସ୍- > ସ୍ ହୋଇଥାଏ : ଵାସ < ଵସ୍ସ < ବର୍ଷ (ଅଶୋ:ରେ ମଧ୍ୟ) -ସ୍ମ- > -ଂସ- : ଅଂସି < ଅସ୍ମି, ଲୋଗଂସି । ସଂସ୍କୃତ -ତ୍ୱା > -ତ୍ତା, -ତ୍ୟ > ଚ୍ଚା (ବୈଦିକ -ତ୍ୱାୟ) : କଟ୍ଟୁ, ଗଚ୍ଛିଉଏ, କଚ୍ଚା, ଗଚ୍ଚା, କଡ଼ୁଆଣଂ । ବାକ୍ୟରଚନା ଦୃଷ୍ଟିରେ ଏଥିରେ ଲମ୍ବା ବାକ୍ୟ ଏବଂ ଗର୍ଭ ବାକ୍ୟ ପ୍ରଚୁର ମାତ୍ରାରେ ମିଳେ । ସଂସ୍କୃତ -ତୁମ୍ : କାଉଂ < କର୍ତୁମ୍ ।

## ମାଗଧୀ

ମାଗଧୀରେ ସ୍ୱତନ୍ତ୍ର ସାହିତ୍ୟ ରଚିତ ହୋଇନଥିଲା । ସଂସ୍କୃତ ନାଟକଗୁଡ଼ିକରେ ଅଧମ ପାତ୍ରଙ୍କ ଭାଷା ଭାବରେ ଏହାର ଦୃଷ୍ଟାନ୍ତ ମିଳେ । ଏହା ପ୍ରାଚ୍ୟଭାଷା (କଥ୍ୟ)ର କୃତ୍ରିମ ରୂପ (stylezed form) । ପ୍ରାଚୀନ ବୈୟାକରଣମାନଙ୍କ ନିର୍ଦ୍ଦେଶାନୁସାରେ ଏହାର ଶୌରଃ ସହ ଯଥେଷ୍ଟ ସାମଞ୍ଜସ୍ୟ ରହିଛି ।

ଏଥିରେ ର୍ > ଲ୍ ହୋଇଥାଏ ଏବଂ ଉଷ୍ମ ବ୍ୟଞ୍ଜନଗୁଡ଼ିକ ପାଇଁ 'ଶ୍' ର ପ୍ରଚଳନ ହୋଇଥାଏ — ଲଜା < ରାଜା, ଶୁନ୍ଦଲେ < ସୁନ୍ଦରଃ, 'ଷ୍' ଖୁବ୍ କମ୍ ସ୍ଥଳରେ ସୁରକ୍ଷିତ ।

ଅନ୍ତ୍ୟ -ଅଃ > -ଏ ହୁଏ : ଶେ < ସଃ ।

ୟ୍ < ଜ୍, ୟ୍ୟ୍ < ଦ୍ୟ୍ : ୟାଣାଦି < ଜାନାତି, ଅୟ୍ୟ < ଅଦ୍ୟ, ଅର୍ଯ୍ୟ । ନାସିକ୍ୟଯୁକ୍ତ ବ୍ୟଞ୍ଜନରେ ତାଲବ୍ୟ ନାସିକ୍ୟର ପ୍ରଚଳନ ବେଶି : କଞ୍ଞକା < କନ୍ୟକା, ଅଞ୍ଞଲି < ଅଞ୍ଜଲି ।

ଉଷ୍ମବ୍ୟଞ୍ଜନ ସହ ଥିବା ଯୁକ୍ତବ୍ୟଞ୍ଜନ ସୁରକ୍ଷିତ : ହସ୍ତ, ଶୁଷ୍କ । -ଚ୍ଛ୍ > -ଶ୍ଚ୍ ଏବଂ କ୍ଷ୍ > ଶ୍କ୍ : ଗଶ୍ଚ < ଗଚ୍ଛ, ପଶ୍କ < ପକ୍ଷ, ପେଶ୍କଦି < ପ୍ରେକ୍ଷତେ ।

ସ୍ୱର ମଧ୍ୟବର୍ତ୍ତୀ -ଦ୍- (ମୂଳ କିମ୍ବା ତ୍ ରୁ ନିଷ୍ପନ୍ନ) ସୁରକ୍ଷିତ : ଭବିଶ୍ଶଦି । ଅନ୍ୟାନ୍ୟ ସ୍ପର୍ଶ ମଧ୍ୟ ସ୍ଥାନେ ସ୍ଥାନେ ସୁରକ୍ଷିତ : କଞ୍ଞକା, କଞ୍ଞଗା ।

ସଂସ୍କୃତ ନାଟକରେ ଅତି ନୀଚଶ୍ରେଣୀ ଓ ବିଭିନ୍ନ ପ୍ରକାରର ପାତ୍ରମାନଙ୍କ ଭାଷା ହୋଇଥିବାରୁ ଏହି ପ୍ରାକୃତରେ ବିବିଧତା ଦେଖାଯାଏ । ଏହି ବିବିଧତା ଉନ୍ନପାଦ ମୁଖ-ଭାଷା ହେଉ ମହତ୍ତ୍ୱପୂର୍ଣ୍ଣ ବୋଲି ଗ୍ରହଣ କରାଯାଇଛି । ଏହି କାରଣରୁ ପ୍ରାକୃତ ବୈୟାକରଣମାନେ ମାଗଧୀର ତିନୋଟି ବିଭାଷା ସ୍ୱୀକାର କରିଅଛନ୍ତି — ଶାକାରୀ, ଚାଣ୍ଡାଳୀ, ଶାବରୀ । †

---

† ଅଥ ଶାକାରୀ ବିଭାଷା ବିଶେଷେ । ମାଗଧ୍ୟାଃ ।୧। ଦୁଷ୍ଟେକ୍ଷ-ସଦୃଷ୍ଟୟୋଃ କ୍ଷ୍ୟ ଭୂକେ ବା ।୨। ସ୍ଥ ଶ୍ଟଃ ।୩। × × × ଶ୍ୟାଲେ ଶିଆଲଃ ।୭।

ଶାକାରୀ—(ମୃଚ୍ଛକଟିକ ନାଟକରେ ଖଳନାୟକଦ୍ୱାରା ପ୍ରଯୁକ୍ତ) ଚ୍ ସ୍ପୃଷ୍ଟ-ତାଲବ୍ୟ (strong affricate) ଧ୍ୱନି ସ୍‌ଚ୍ ପର ଲକ୍ଷିତ : ସ୍‌ଚିଷ୍ଠ < *ଚିଷ୍ଠ < ତିଷ୍ଠ । ସମ୍ବନ୍ଧ ଏକବଚନରେ -ଅହ (-ଆହ) ପ୍ରତ୍ୟୟ ହୁଏ : ଚାଲୁଦତ୍ତହ; କିନ୍ତୁ : -ଆହଂ : କମ୍ମାହଂ, ଭୂମ୍‌ହାହଂ । ଅଧିକରଣ ଏକବଚନରେ -ଆହିଂ : ପବହଣାହିଂ = ପ୍ରବହଣେ । ସ୍ୱାର୍ଥିକ -କ ପ୍ରତ୍ୟୟର ପ୍ରୟୋଗ ବେଶି । ଏଶକେ ଦାଶିକାଏ ପୁଶ୍‌ତକେ = ଏଷଃ ଦାସ୍ୟାଃ ପୁତ୍ରଃ । (†) ତଦ୍ଧିତ ପ୍ରତ୍ୟୟର ଲୋପ ହୋଇଥାଏ । ଚାଣ୍ଡାଳୀ—ଏଥିରେ ଗ୍ରାମ୍ୟ ଓ ଅଶିଷ୍ଟ ଶବ୍ଦଗୁଡ଼ିକର ପ୍ରୟୋଗ ବେଶି । (୧) ଶାବରୀରେ ସମ୍ବୋଧନରେ '-କ' ପ୍ରତ୍ୟୟ ବା ଘୃଣାର୍ଥେ ବ୍ୟବହୃତ । (୨) କହି, ବଣହିଂ, ଵଣେ (ଅଧିକରଣ ଏକବଚନ) (୩) ଅମ୍‌ହକେଅକଂ ଧଣଂ, ଅମ୍ହକେଲକଂ ଧଣଂ (୪)

## ପୈଶାଚୀ

ପ୍ରାକୃତ ବୈୟାକରଣମାନଙ୍କ ରଚନାରୁ ପୈ: ର ଦୃଷ୍ଟାନ୍ତ ପ୍ରାପ୍ତ । ଏକ ସମୟରେ ପୈଶାଚୀରେ ଉନ୍ନତ ସାହିତ୍ୟ ଥିବାର ବିଶ୍ୱାସ କରାଯାଉଛି । ଗୁଣାଢ୍ୟଙ୍କ 'ବୃହତ୍‌କଥା' ପୈ: ରେ ରଚିତ ହୋଇଥିଲା, ଯାହାର ବର୍ତ୍ତମାନ କେବଳ ସଂସ୍କୃତ ରୂପାନ୍ତର ଦେଖିବାକୁ ମିଳେ । କେବଳ ପ୍ରାକୃତ ବୈୟାକରଣ ତଥା ଆଳଙ୍କାରିକମାନଙ୍କଦ୍ୱାରା ପ୍ରଦତ୍ତ ଅତି ଅଳ୍ପ ଉଦାହରଣ ଛଡ଼ା ଆଉ କୌଣସି ସାହିତ୍ୟ ମିଳେ ନାହିଁ । କିନ୍ତୁ

---

ହୃତସ୍ୟସ୍ୟ ଶିତକଞ୍ଚ ।୭। ଛବସ୍ୟ ଶ୍‌ବଷ୍ଟ ।୮। କ-ବାହୁଲ୍ୟମ୍ ।୯। ଲୋପାଗମବିକାଷ୍ଣ ବର୍ଣାନାଂ ବହୁଲମ୍ ।୧୦। ବ୍ୟଞ୍ଜନସ୍ଥ ସ୍ୱପଞ୍ଚଙ୍ ସ୍ୱରାଣାମ୍ ।୧୧। ସ୍ୱାଦେର୍ ଲୁକ୍ ଚ ।୧୨। ସଂଯୋଗେ ଗୁରୁତ୍ୱଂ ବା ।୧୩। ଅପାର୍ଥମ୍ ଆଦ୍ୟନଂ ବ୍ୟର୍ଥଂ ପୁନରୁକ୍ତଂ ଇତୋପରମ୍ । *ସ୍‌-ଚୁଭଶ୍ ଶକାରଭାଷାୟାମ୍ (୧୪) ପ୍ରାକୃତାନୁଶାସନ ତ୍ରୟୋଦଶୋଽଧ୍ୟାୟଃ ।

(†) ମାର୍କଣ୍ଡେୟ—୧୩।୫ (୧) ପ୍ରାକୃତାନୁଶାସନ—ଚତୁର୍ଦଶୋଽଧ୍ୟାୟଃ ପୂର୍ବୋକ୍ତ । (୨) ଡେକ୍‌ଶସ୍ୟ ସ୍ତଃ ।୨। ଅହମର୍ଥେ ହକେ ହଂ ଚ ।୩। ପ୍ରାକୃତାନୁଶାସନ ପଞ୍ଚଦଶୋଽଧ୍ୟାୟଃ ପୂର୍ବୋକ୍ତ । (୩) ମାର୍କ—୧୫।୬ । (୪) ମାର୍କ—୧୫।୭ ।

ସେମାନଙ୍କ ମଧ୍ୟରୁ ଅନେକ ପୈ: ର ପ୍ରତ୍ୟକ୍ଷ ଜ୍ଞାନ (direct knowledge) ନଥିବାର ପ୍ରମାଣ ମିଳେ; ଏଣୁ ସେମାନଙ୍କର ସନ୍ଦର୍ଭ ବହୁଧା ପରସ୍ପର ବିରୋଧୀ । ପୈ: ର ଉତ୍ତର-ପଶ୍ଚିମ ନ: ଭା: ଆ: ଉପଭାଷା ସହ ସାମଞ୍ଜସ୍ୟ ମିଳେ । ଦେଶର ଅନ୍ୟ ଅଞ୍ଚଳରେ ଏପରିକି ମଧ୍ୟ-ଭାରତରେ ମଧ୍ୟ ଏହାର ପ୍ରଚଳନ ଥିବାର ଅନୁମାନ କରାଯାଏ । ଅପଭ୍ରଂଶ ସହ ଏହାର ସ୍ପଷ୍ଟ ସାମଞ୍ଜସ୍ୟ ରହିଛି ।

ପ୍ରାକୃତ ବୈୟାକରଣମାନଙ୍କ ଅନୁସାରେ ଏହାର ଦୁଇଟି ପ୍ରଧାନ ବୈଶିଷ୍ଟ୍ୟ ରହିଛି । ଯଥା—(କ) ସ୍ୱର ମଧ୍ୟବର୍ତ୍ତୀ ଘୋଷ ସ୍ପର୍ଶମାନଙ୍କର ଅଘୋଷୀଭବନ ଓ (ଖ) ସ୍ୱର ମଧ୍ୟବର୍ତ୍ତୀ ସ୍ପର୍ଶଗୁଡ଼ିକର ଲୋପ ନହେବା । ହେମଚନ୍ଦ୍ର ଦୁଇଟି ପୈଶାଚୀର ନାମ ଦେଇଛନ୍ତି । କିନ୍ତୁ ଅନ୍ୟ ବୈୟାକରଣମାନେ ପୈଶାଚୀର ତିନୋଟି ବିଭାଷା ଉଲ୍ଲେଖ କରିଅଛନ୍ତି । ଯଥା—କୈକୟ, ଶୌରସେନ, ପାଞ୍ଚାଳ । କୈକୟ ସଂସ୍କୃତ ଓ ଶୌରସେନୀର ମିଶ୍ରିତ ରୂପ । ଉଦା : ନକର < ନଗର, ରାଚୁ < ରାଜା, କଚଂ < କାର୍ଯ୍ୟମ୍, ଣ > ନ : ନାରାଇନୋ < ନାରାୟଣଃ, ପିସାଲଂ < ବିଶାଲମ୍, କୁପଚି < କ୍ୱଚିତ୍ । (୧)

## ଅପଭ୍ରଂଶ

ସର୍ବପ୍ରଥମେ ପତଞ୍ଜଳି 'ଅପଭ୍ରଂଶ' ଓ 'ଅପଶବ୍ଦ' ଏହି ଦୁଇଟିର ପ୍ରୟୋଗ କରିଥିଲେ । ତାଙ୍କ ଦୃଷ୍ଟିରେ ଯାହା ପାଣିନୀୟ ବ୍ୟାକରଣାନୁସାରେ ଅସାଧୁ ଶବ୍ଦ, ସେଗୁଡ଼ିକ ହେଉଛି ଅପଭ୍ରଂଶ । ଉଦା: ଗୋଣୀ, ଗୋତା, ଗୋପୋତଲିକା (ଗୋର ପର୍ଯ୍ୟାୟ) । ଗୋଣୀ (କୈୟଟ:) । ଏହାର ପୁଂଲିଙ୍ଗ ରୂପ ଗୋଣେ (କର୍ତ୍ତା ଏକ:) ଅଶୋ: ଏବଂ ଅମାତ: ଓ ମାତ:ରେ ଦେଖିବାକୁ ମିଳେ । ଆଚାର୍ଯ୍ୟ ଭାମହ ମଧ୍ୟ କାବ୍ୟାଳଙ୍କାରରେ ସଂସ୍କୃତ ଓ ପ୍ରାକୃତ ସହ ଅପଭ୍ରଂଶକୁ ସ୍ଥାନ ଦେଇଛନ୍ତି । ପୁରୁଷୋତ୍ତମ (୧୧ଶ ଶତାବ୍ଦୀ) ଅପଭ୍ରଂଶକୁ ଶିଷ୍ଟଭାଷା କହିଛନ୍ତି ଏବଂ ଏହାର ତିନୋଟି ମୁଖ୍ୟ ବିଭାଷାର

---

(୧) ଦ୍ରଷ୍ଟବ୍ୟ—ମାର୍କ ୧୯ଶ ପାଦ ।

ବହୁ ଉଦାହରଣ ଦେଇଛନ୍ତି—ନାଗର, ସମସ୍ତ ଆର୍ଯ୍ୟାବର୍ତ୍ତର ପ୍ରଧାନ ଓ ସାଧାରଣ ସାହିତ୍ୟିକ ଭାଷା । ବ୍ରାଚଡ ପ୍ରାଚ୍ୟ ଭାଷା, ଏବଂ ଉପନାଗର ଏହି ଦୁଇଟିର ମଧ୍ୟବର୍ତ୍ତୀ ଭାଷା । ନାଟ୍ୟଶାସ୍ତ୍ରରେ ଆଭୀରୋକ୍ତି ଭାବରେ ଅପଭ୍ରଂଶର ପ୍ରାଚୀନତମ ଦୃଷ୍ଟାନ୍ତ ମିଳେ ଏବଂ ଏଗୁଡ଼ିକରୁ ଉ-କାର ବହୁଳ କୁହାଯାଇଛି । ମାର୍କଣ୍ଡେୟ (ସପ୍ତଦଶ ଶତାବ୍ଦୀ) ୨୭ଟି ବିଭାଷା (ଅପଭ୍ରଂଶ)ର ଉଲ୍ଲେଖ କରିଛନ୍ତି ।

ଅପଭ୍ରଂଶର ମୁଖ୍ୟଲକ୍ଷଣ—(୧) ଅନ୍ତିମ -ଇ, -ଉ, -ଅ ର ନାସିକ୍ୟୀଭବନ । (୨) -ମ୍- ବେଳେ ବେଳେ > -ୱ୍- : କୱଁଲ, କୁୱଁାର (< କମଲ, କୁମାର) । (୩) -ଈ ସ୍ତ୍ରୀ ପ୍ରତ୍ୟୟ : ପୁଟ୍‌ଠ (< ପୃଷ୍ଠ): ପୁଟ୍‌ଠୀ । (୪) -ଡା, -ଡୀ, -ଲ୍ଲ, -ଲ୍ଲୀ -ଅ ପ୍ରଭୃତି ବିଶେଷ୍ୟ ଓ ବିଶେଷଣ ପଦ ସହ ଯୁକ୍ତ ହୁଏ : ବିପ୍ପିଅଡା, ଉଟ୍‌ଠଡୀ, ବିଲଉଲ୍ଲ, କୁଉଲ୍ଲୀ, ଗୁଜ୍ଝଅ । (୫) କର୍ତ୍ତା ଏକ : (ପୁଂ) -ଅଃ > -ଓ/ଉ (-ଓ/-ଏ ବ୍ୟତୀତ) ଏବଂ କ୍ଲୀବରେ -ଅଂ ଛଡ଼ା -ଉ/ଅ । କରଣ ଏକ: (ପୁଂ-କ୍ଲୀବ) : ତେଣ(ଂ), ତେଂ, ମହୁଏଂ, ମହୁଂ । ଅପାଦାନ (ଏକ: ବହୁ:) : ରୁକ୍ଖହେ, ରୁକ୍ଖହୁଂ; ଏକ: ରୁକ୍ଖାହୁ । ସମ୍ବନ୍ଧ ଏକ: ରୁକ୍ଖହ, -ହେ, -ହୋ, -ସୁ, -ସସ । ଅଧିକରଣ ଏକ: ରୁକ୍ଖହିଂ । ସ୍ତ୍ରୀ ଲିଙ୍ଗରେ କରଣ- ଅପାଦାନ- ସମ୍ବନ୍ଧ- ଅଧିକରଣ : କହହେ, ରଇହେଂ (< ରତି-) । ସମ୍ବୋଧନ ବହୁ: ଅଗ୍‌ଗିହୋ, କହହୋ, ମହିଲହୋ । (୬) ସର୍ବନାମ ରୂପ ବହୁଳ ଓ ବିବିଧ : ତୁମ୍‌ହାର (ତୁମ୍ହାର) (ସର୍ବନାମ ବିଶେଷଣ) । କର୍ମ-କରଣ- ଅଧିକରଣ ଏକ : ତଇ(ଂ), ମଇ(ଂ) । ସମ୍ବନ୍ଧ ଏକ: ତୁହ, ତୁହୁ, ତୁଜ୍ଝ, ମହୁ, ମଜ୍‌ଝୁ । କର୍ତ୍ତା ବହୁ : ତୁମ୍‌ହେ, ଅମ୍‌ହେ । କର୍ମ ବହୁ: ତୁମ୍‌ହହଂ, ତୁମ୍‌ହାଇଂ, ଅମ୍‌ହହଂ । ଏହ, ତେହ, ଜେହ, କେହ 'କଣ', ଖାସ 'କାହିଁକି' ଖାଣ 'କାହିଁକି' । ଏବଡ୍‌ଡ 'ଏତନ', କେବଡ୍‌ଡ । ଜେମ 'ଯେପରି', କେମ । (୭) ଉତ୍ତମ ବର୍ତ୍ତମାନ ନିର୍ଦ୍ଦେଶକ ରୂପ : ଚଲଉଁ (ଏକ:), ଚଲହୁଁ (ବହୁ:) । ବର୍ତ୍ତମାନ କୃଦନ୍ତ ଭିନ୍ନ କାଳରେ ବ୍ୟବହୃତ । (୮) ପ୍ରାଚୀନ ଧାତୁଗୁଡ଼ିକ ସ୍ଥାନରେ ନୂତନ ଧାତୁଗୁଡ଼ିକରେ ପ୍ରଚଳନ— ବୋଲ୍ଲ- (ବଦ୍-) ମେଲ୍ଲ-; ମୁକ୍କ-, ମୁଅ- (ମୁଚ୍-) ।

# ସଂକ୍ଷେପ

ଅପ : ଅପଭ୍ରଂଶ
ଅମାଗ : ଅର୍ଦ୍ଧମାଗଧୀ
ଅଶୋ(କାପୃ) : ଅଶୋକଙ୍କ ଅଭିଲେଖ
ଉଦା : ଉଦାହରଣ
ଏକ : ଏକବଚନ
ଓ : ଓଡ଼ିଆ
ଓ : ଡ : ବ : ଏଲ୍ : ଓରିଜିନ୍ ଆଣ୍ଡ୍ ଡେଭଲପ୍‌ମେଣ୍ଟ୍ ଅଫ୍ ବେଙ୍ଗଲୀ ଲାଙ୍ଗ୍‌ୱେଜ୍
କ : ଗ୍ର : ମି: ଇ: ଆ: ଦ୍ର: ସେନ
କଂସ : କଂସବହୋ
କୁ୍ମ କ : କୁ୍ମବଲ୍ଲଙ୍ଗ
ଖରଧମ୍ମ : ଖରୋଷ୍ଟୀ ଧମ୍ମପଦ
ଖାରବେଳ : ଖାରବେଳଙ୍କ ଶିଳାଲିପି
ଗାଥା : ଗାଥା ସପ୍ତଶତୀ
ଗିର୍ : ଗିର୍ନାର୍
ଚପୈ : ଚଲିକା ପୈଶାଚିକ
ଜଉ : ଜଉଗଡ
ଜୈଶୌର : ଜୈନ ଶୌରସେନୀ
ଜୈମହା : ଜୈନ ମହାରାଷ୍ଟ୍ରୀ
ଟର୍ନର୍ : ଦ୍ର : ସି. ଡି. ଆଇ. ଏ.
ଟୋପ୍ରା : ଦିଲ୍ଲୀ-ଟୋପ୍ରା
ଭୁଲ : ଭୁଲମାପ୍ସ
ଦ୍ର : ଦ୍ରଷ୍ଟବ୍ୟ
ନପୁଂ : ନପୁଂସକ ଲିଙ୍ଗ
ନ : ଭା : ଆ : ନବ୍ୟଭାରତୀୟ ଆର୍ଯ୍ୟଭାଷା
ନିୟ : ନିୟ ପ୍ରାକୃତ
ପା : ପାଲି
ପାଇଅସଦ୍ଦ — ପାଇଅସଦ୍ଦ ମହଣ୍ଣବୋ
ପିଶଲ୍ — ପ୍ରାକୃତ ଭାଷାଓଁକା ବ୍ୟାକରଣ
ପୁଂ : ପୁଂଲିଙ୍ଗ
ପୈ : ପୈଶାଚୀ
ପ୍ରା : ପ୍ରାକୃତ
ପ୍ରା : ପ୍ର : ପ୍ରାକୃତପ୍ରକାଶଃ
ପ୍ରା: ଭା: ଆ: (ଭାଷା) : ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା
ବହୁ : ବହୁବଚନ
ମ: ଭା: ଆ : ମଧ୍ୟ ଭାରତୀୟ ଆର୍ଯ୍ୟଭାଷା
ମହା : ମହାରାଷ୍ଟ୍ରୀ
ମାର୍କ : ମାର୍କଣ୍ଡେୟଙ୍କ ପ୍ରାକୃତ ସର୍ବସ୍ୱମ୍
ମାଗ : ମାଗଧୀ
ମାନ୍ : ମାନ୍‌ସେରା
ମୃଚ୍ଛ : ମୃଚ୍ଛକଟିକ
ରବଣ : ରାବଣବହୋ
ବର — ବରରୁଚିଙ୍କ ପ୍ରାକୃତପ୍ରକାଶଃ
ଶାହ୍ : ଶାହ୍‌ବାଜ୍‌ଗଡ଼ୀ
ଶୌ : ଶୌର : ଶୌରସେନୀ
ସଂ : ସଂସ୍କୃତ
ସେନ : ସୁକୁମାର ସେନ, ଏ କମ୍ପାରେଟିଭ ଗ୍ରାମର୍ ଅଫ୍ ମିଡିଲ ଇଣ୍ଡୋଆର୍ଯ୍ୟନ୍
ସି: ଡି: ଆଇ: ଏ : ଏ କମ୍ପାରେଟିଭ୍ ଡିକ୍ସନାରୀ ଅଫ୍ ଇଣ୍ଡୋଆର୍ଯ୍ୟନ୍
ସ୍ତ୍ରୀ : ସ୍ତ୍ରୀଲିଙ୍ଗ
ହାଲ : ଦ୍ର : ଗାଥା
ହ୍ୱି : ଗ୍ରା : ପ୍ରା: ଇ — ହ୍ୱିଷ୍ଟ୍ ଶବଲ୍ ଗ୍ରାମାର୍ ଅଫ୍ ଇନସ୍କ୍ରିପ୍ସନାଲ ପ୍ରାକ୍ରିଟ୍ସ୍
ହେମ : ହେମଚନ୍ଦ୍ରଙ୍କ ପ୍ରାକୃତ ଗ୍ରାମାର୍

# ପ୍ରଥମ ଭାଗ

## ଧ୍ୱନି ବିଚାର

# ପ୍ରଥମ ଅଧ୍ୟାୟ

## ସ୍ୱର

ପ୍ରାକୃତରେ ନିମ୍ନଲିଖିତ ସ୍ୱର ପରିଦୃଷ୍ଟ—

| ହ୍ରସ୍ୱ | ଦୀର୍ଘ |
|---|---|
| ଅ | ଆ |
| ଇ | ଈ |
| ଉ | ଊ |
| | ଏ |
| | ଓ |

'ଏ' ଏବଂ 'ଓ' ଆବଦ୍ଧ ବର୍ଣ୍ଣରେ (Close syllable) ହ୍ରସ୍ୱ ହୁଅନ୍ତି ।

ସ୍ୱରମାନଙ୍କ ମଧ୍ୟରେ ସମସ୍ତ ପ୍ରକାର ସନ୍ଧି (ଦ୍ୱିସ୍ୱର ଓ ତ୍ରିସ୍ୱର) ପରିଲକ୍ଷିତ ହୋଇଥାଏ । ସାଧାରଣତଃ ପ୍ରାକୃତ ସ୍ୱରଗୁଡ଼ିକର ମୂଳ ସ୍ୱରୂପ ନିର୍ଣ୍ଣୟ କରିବା ପାଇଁ ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା (ବୈଦିକ ଓ ସଂସ୍କୃତ) ନିକଟକୁ ଯିବାକୁ ହୁଏ ।

ପ୍ରାକୃତ 'ଅ' ଧ୍ୱନି ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା (ସଂସ୍କୃତ କିମ୍ବା ବୈଦିକ) ର ଅ, ଆ, ଇ, ଈ, ଉ, ଊ, ଋ, ଏ, ଐ, ଓ ଏବଂ ଔ ରୁ ଉଦ୍ଭବ ହୋଇଛି । ଏଣୁ ପରିଣତ ଲୌକିକ-ସଂସ୍କୃତ, ବୈଦିକ କିମ୍ବା ସଂସ୍କୃତର ଧ୍ୱନିମାନଙ୍କରୁ କେଉଁ ସ୍ୱର କିପରି ପ୍ରାକୃତରେ ପହଞ୍ଚିଛି ।

ସେହିପରି ପ୍ରାକୃତ 'ଆ' ଧ୍ୱନିର ଇତିହାସ ମଧ୍ୟ ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାରେ ହିଁ ମିଳେ । ଏହା ଅ, ଈ, ଔ ରୁ ହିଁ ନିଷ୍ପନ୍ନ ।

ପ୍ରାକୃତ 'ଇ' ଧ୍ୱନି ମଧ୍ୟ ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାର ଅ, ଆ, ଇ, ଈ, ଉ, ଊ, ଋ, ଏ ଏବଂ ଔ ରୁ ବିକଶିତ । ପ୍ରାକୃତ ଦୀର୍ଘ 'ଈ' ଧ୍ୱନିର ଇତିହାସ ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା ( ପ୍ରା: ଭା: ଆ: ଭାଷା )ର ଅ, ଇ, ଈ, ଉ, ଊ, ଏବଂ ଔ ରେ ମିଳେ ।

ପ୍ରାକୃତ ହ୍ରସ୍ୱ 'ଉ' ଧ୍ୱନି ପ୍ରା: ଭା: ଆ: ଭାଷାର ଅ, ଆ, ଇ, ଈ, ଉ, ଊ, ଋ, ଏବଂ ଔ ଧ୍ୱନିମାନଙ୍କରୁ ନିଷ୍ପନ୍ନ । ପ୍ରାକୃତ ଦୀର୍ଘ 'ଊ' ଧ୍ୱନିର ଇତିହାସ ପ୍ରା: ଭା: ଆ: ଭାଷାର ଅ, ଆ, ଉ, ଊ, ଋ ଏବଂ ଓ ଧ୍ୱନିମାନଙ୍କରେ ଦେଖାଯାଏ ।

ପ୍ରାକୃତର ସଂଯୁକ୍ତ ସ୍ୱର 'ଏ' ର ଇତିହାସ ଅତ୍ୟନ୍ତ କୌତୂହଳପୂର୍ଣ୍ଣ । କାରଣ କେବଳ ହ୍ରସ୍ୱ 'ଇ' ଏବଂ 'ଔ' ବ୍ୟତୀତ ଏହା ପ୍ରା: ଭା: ଆ: ଭାଷାର ସମସ୍ତ ପ୍ରକାର ସ୍ୱରଧ୍ୱନିର ସ୍ଥାନ ପୂରଣ କରିପାରିଛି । ଏପରି କି 'ଅଃ' ମଧ୍ୟ 'ଏ' ରେ ପରିଣତ ହୋଇପାରିଛି ।

ପ୍ରାକୃତ ସଂଯୁକ୍ତ ସ୍ୱର 'ଓ' ଧ୍ୱନିର ଉତ୍ପତ୍ତି ପ୍ରା: ଭା: ଆ: ଭାଷାର ଦୀର୍ଘ ଈ, ଏ ଏବଂ ଐ ବ୍ୟତୀତ ଅନ୍ୟ ସମସ୍ତ ଧ୍ୱନିରୁ ସମ୍ଭବ ହୋଇପାରିଛି ।

ପ୍ରା: ଭା: ଆ: ଭାଷାର 'ଋ' ମଧ୍ୟ-ଭାରତୀୟ ଆର୍ଯ୍ୟଭାଷାରେ ନାହିଁ । ଏହା ମଧ୍ୟ-ଭାରତୀୟ ଆର୍ଯ୍ୟଭାଷା ( ମ: ଭା: ଆ: ଭାଷା ) କିମ୍ବା ପ୍ରାକୃତରେ ଇ, ଉ, ଏ, ରି, ରୁ, ରେ ପ୍ରଭୃତିରେ ପରିଣତ ହୋଇଥାଏ । ପ୍ରଫେସର ସୁକୁମାର ସେନଙ୍କ ମତରେ ଏହି 'ଋ', 'ଅ' ରେ ପରିଣତ ( ଅର୍ ଏବଂ ର୍ ମାଧ୍ୟମରେ ) ହେବା ଭାରତ-ଇରାନୀୟର ପ୍ରାଚୀନ ପ୍ରକ୍ରିୟା । ( ତୁଳନୀୟ ଋଗ୍‌ବେଦ କଟ, ବିକଟ, ସଂ: ବଟ, ନଟ, ଭଟ ଇତ୍ୟାଦି ) । ଦର୍ଶନୀୟ:— ଅଶୋକୀୟ:— ମଗ < ମୃଗ, ଅପକଠ < ଅପକୃଷ୍ଟ, ମଟ < ମୃତ; ପ୍ରା:— ବସହ < ବୃଷଭ । ଋ— ତ୍ରିବେଣୀ 'ଋ' ର 'ଉ'ରେ ପରିଣତ ହ

ପ୍ରାଚୀନ:—ସଂସ୍କୃତ କୁଟ୍ଟ < * କୃତ୍ତ ଏବଂ ପ୍ରାକୃତ କୁଣଇ; କିନ୍ତୁ ମଧ୍ୟ-ଭାରତୀୟ ଆର୍ଯ୍ୟଭାଷାରେ ଏହି ପ୍ରବୃତ୍ତି କେବଳ ଆସନ୍ନ ଓଷ୍ଠ୍ୟ ବ୍ୟଞ୍ଜନ(ର ଉପସ୍ଥିତି) ହେତୁ ହିଁ ସମ୍ଭବ । ଅଶୋକୀୟ—ମୁଟ < ମୃତ, ବୁଢ < ବୃଦ୍ଧ । 'ଋ' ଧ୍ୱନିର 'ଏ' ରେ ପରିଣତି ଅତି ବିରଳ । ଭୂଳମାସ୍ତୁ—ସଂ: ଗେହ < ଗୃହ; ପ୍ରା: ଗେଜ୍ଝ < ଗୃହ୍ୟ । ଏହା ଅର୍ଦ୍ଧତତ୍ସମ ପ୍ରତିପ୍ପା ବୋଲି ପ୍ରଫେସର ସେନ ମନେ କରନ୍ତି, ଯେହେତୁ ଏହା କେବଳ ଅଶୋକୀୟ ଉତ୍ତର-ପଶ୍ଚିମ ଉପଭାଷାରେ ହିଁ ପ୍ରାପ୍ତ । ପରବର୍ତ୍ତୀ ମ: ଭା: ଆ: ଭାଷାରେ 'ଋ' ଓ 'ଋ' ବର୍ଣ୍ଣର 'ର' ପୂର୍ବବର୍ତ୍ତୀ ବ୍ୟଞ୍ଜନରେ ସମୀଭୂତ ହୋଇଅଛି:— ରୁକ୍ଖ (< ବୃକ୍ଷ)ରେ ଅନ୍ତ୍ୟ ଅର୍ଦ୍ଧସ୍ୱର ବ ର ବତ୍ୟନ୍ତ ହେତୁ 'ର' ସୁରକ୍ଷିତ ହୋଇପାରିଛି । (୧)

ଆବଦ୍ଧ ବର୍ଣ୍ଣରେ ଦୀର୍ଘସ୍ୱରର ହ୍ରସ୍ୱୀଭବନ କମ୍ ଉଦାହରଣମାନଙ୍କରେ ଦୃଷ୍ଟବ୍ୟ । ଏହା ଲେଖିବା, ଗାଇବା କିମ୍ବା ଉଭୟରେ ଘଟିଥିବା ପ୍ରଫେସର ସେନ ଉଲ୍ଲେଖ କରିଛନ୍ତି । (୨)

ଇସ୍‌ସର < ଈଶ୍ୱର; କଂତଂ < କାନ୍ତାମ୍, କାନ୍ତମ୍ ।

ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାରେ ଆବଦ୍ଧ ବର୍ଣ୍ଣର ହ୍ରସ୍ୱ ସ୍ୱର ମଧ୍ୟ ଭାରତୀୟ ଆର୍ଯ୍ୟଭାଷାରେ ଅନାବଦ୍ଧ ବର୍ଣ୍ଣରେ (Open syllable) ଖୁବ୍ କମ୍ ସ୍ଥାନରେ ଦୀର୍ଘ ହୁଏ ।

ବୀସ (ତି) < ବିଂଶ (ତି); ସୀହ < ସିଂହ

ଅଶୋକୀୟ—ଅବିହିସା < ଅବିହିଂସା

ପାଲି—ଦାଠା < ଦଂଷ୍ଟ୍ରା ।

(୧) ସେନ, ସୁକୁମାର—ଏ କମ୍ପାରେଟିଭ୍ ଗ୍ରାମାର୍ ଅଫ୍ ମିଡ଼ଲ୍ ଇଣ୍ଡୋ ଆର୍ଯ୍ୟାନ୍ ୧୯୬୦ ପୃ ୩୪ ।

(୨) 	„ 	„ 	ପୃ ୩୫ ।

ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାରେ ଅନାବଦ୍ଧ ବର୍ଣ୍ଣର ଦୀର୍ଘ ସ୍ୱର ଖୁବ୍ କମ୍ ସ୍ଥାନରେ ମଧ୍ୟ-ଭାରତୀୟ ଆର୍ଯ୍ୟଭାଷାର ଆବଦ୍ଧ ବର୍ଣ୍ଣରେ ହ୍ରସ୍ୱ ହୁଏ।

ହୁଢି (ଢି) < ଦ୍ୱା ଧିକ୍; ତବ < ତାବତ୍ (ଅପଭ୍ରଂଶ)

ସ୍ୱରଭକ୍ତି ଫଳରେ ସ୍ୱରାଗମ ହୁଏ: —

କସଣ < କୃଷ୍ଣ; ଅଶୋ: ସଡୁବୀସତି < ଷଡ୍ବିଂଶତି

ପଉ (ଦୁ)ମ < ପଦ୍ମ

ଆଦ୍ୟ ସ୍ୱରାଗମର ଏକ ଦୃଷ୍ଟାନ୍ତ:— ଇତ୍ଥି < ସ୍ତ୍ରୀ। ସମ୍ପ୍ରସାରଣ ହେତୁ 'ଯ୍' ଏବଂ 'ବ' ଯଥାକ୍ରମେ 'ଇ' ଓ 'ଉ' ରେ ପରିଣତ ହୁଅନ୍ତି। ଯଥା—ଅଶୋ: କଟବିୟୁ < କର୍ତ୍ତବ୍ୟ; ସୁବେ ସୁବେ < ଶ୍ୱଃ – ଶ୍ୱଃ।

ବେଳେବେଳେ ଦୁଇ କିମ୍ବା ତତୋଧିକ ସ୍ୱର ସଂକୁଚିତ ହୋଇ (ପରବର୍ତ୍ତୀ ଅବସ୍ଥାରେ) ଗୋଟିଏ ସ୍ୱରରେ ପରିଣତ ହୁଏ। ନବ୍ୟପ୍ରାକୃତ— ମୁଲ < * ମୁଲଅ < ମୂଲ୍ୟ; ଅଂଧାର < ଅଂଧଆର < ଅନ୍ଧକାର।

ସଂଯୁକ୍ତ ସ୍ୱର ଐ ଏବଂ ଔ > (ଯଥାକ୍ରମେ) ଅଇ ଏବଂ ଅଉ ରେ ପରିଣତ ହେବାର ଦେଖାଯାଇଥାଏ। ସେଗୁଡ଼ିକର ସଂଖ୍ୟା ଖୁବ୍ କମ୍। ଅଇରାବଣ < ଐରାବଣ; ପଉସ < ପୌଷ ଇତ୍ୟାଦି।

## ଅ

ଅ < ଅ ( ପ୍ରା: ଭା: ଆ: ଭାଷାର 'ଅ' ପ୍ରାକୃତରେ ସୁରକ୍ଷିତ )।

ଅଇ < ଅତି
ଅତ୍ଥ < ଅର୍ଥ
ଅମ୍ବିର < ଅମ୍ଳ

ମାଗ:    ଅଙ୍ଗାଲ    <    ଅଙ୍ଗାର
ମାଗ:    ଅବଲ    <    ଅପର
    ଅ    <    ଆ ( ପ୍ରା: ଭା ଆ: ଭାଷାରେ 'ଆ'
ପ୍ରାକୃତରେ 'ଅ' ରେ ପରିଣତ ହୁଏ ) ।
    ଜହ, ଜହା    <    ଯୂଥା
ଅମାଗ:    ନତ୍ଥି    <    ନାସ୍ତି
ଅମାଗ:    ଅପକ୍କଣ୍ଣ    <    ଅପର୍ଯ୍ୟାପ୍ତ
    ପଜଅଂ    <    ପ୍ରାକୃତମ୍ ( ମାର୍କ ୧।୧୩ )
    ଅମଚ୍ଚ    <    ଅମାତ୍ୟ; ଉକ୍‌ଖଏ୍ପ    < ଉତ୍‌ଖାତ
ପ୍ରାକୃତରେ ଦ୍ୱିତ୍ୱ ବ୍ୟଞ୍ଜନର ପୂର୍ବରେ 'ଅ' ହୁଏ ।
    ଅସ୍‌ହଂ    <    ଆସ୍ୟମ୍
    ଅଷ୍ଣା    <    ଆତ୍ମା
    ଅଂବଂ    <    ଆମ୍ରମ୍
    ରତ୍ତି }    <    ରାତ୍ରି
ମାଗ:    ଲତ୍ତି }
    ଣତ୍ଥି    <    ନାସ୍ତି
ମାଗ:    ଅସ୍ପ, ସ୍ପ }    <    ଆସ୍ପୃ
    ଅଚ୍ଛ }
    ଅତ୍ଥାଣ    <    ଆସ୍ଥାନ ( ସଭା, ସଭାସ୍ଥାନ )

ଶବ୍ଦର ଅନ୍ତିମ ସ୍ଥାନରେ ଥିବା 'ଆ', 'ଅ' ରେ ପରିଣତ ହୁଏ । ପ୍ରା: ଭା: ଆ:ରେ ମଧ୍ୟ ଏହିପରି ଦୃଷ୍ଟାନ୍ତ ବିରଳ ନୁହେଁ । ଯଥା:— 'ଯୁତା' (ଯେଉଁଠି), 'ତତା' (ସେଇଠି) । ପରବର୍ତ୍ତୀକାଳରେ ସାହିତ୍ୟିକ ସଂସ୍କୃତରେ 'ଯୁତ' ଓ 'ତତ'ରେ ପରିଣତ ହେଲା । ଅଶୋକଙ୍କ ପ୍ରାଚ୍ୟ ଶିଳାଲେଖରେ ମଧ୍ୟ ଅକାରାନ୍ତ ଶବ୍ଦ ମିଳେ ।

    କଦୁଅ    <    କୃତ୍ୱା
    ଗଦୁଅ    <    ଗତ୍ୱା
    ଵ    <    ଵା (ଅଥବା, କମ୍ୱା) । (୧)
ମାଗ:    ଅବଣ୍ଡ୍‌ସ୍ତ    <    ଅବଜ୍ଞା

(୧) ଝା, ମାଗଧୀ: ୨୨ ।

ମଣସ୍ସଂ }
ମଣଂ } < ମନାକ୍ (ଅଳ୍ପ) (ପାଇଅସଦ୍ଦ)

(ଧଉଳ, ଜଉଗଡ଼:—ସିପ୍ସ < ସ୍ୟାତ୍)

ଅ < ଋ (ପ୍ରା: ଭା: ଆ: ଭାଷାର 'ଋ' ପ୍ରାକୃତରେ 'ଅ' ରେ ପରିଣତ ହୁଏ)।

ହରଉଣ < ହରିତକ୍ଷ (ପାଇଅସଦ୍ଦ)

ଅ < ଌ (ପ୍ରା: ଭା: ଆ: ଭାଷାର 'ଌ' ପ୍ରାକୃତରେ 'ଅ' ରେ ପରିଣତ ହୁଏ)।

ଅବର < ଉପର (ମାର୍କ ୧।୨୭)

ମାଗ: ଗଲୁଗ < ଗୁଞ୍ଛକ (ଟିକେ ଖାର)

ମଉଲ < ମୁକୁଲ

ଅ < ଊ (ପ୍ରା: ଭା: ଆ: ର ଦୀର୍ଘ 'ଊ' ପ୍ରାକୃତରେ 'ଅ' ରେ ପରିଣତ ହୁଏ)।

ଦୁଅଲ୍ଲଂ, ଦୁଉଲ୍ଲଂ < ଦୁକୂଲମ୍

ଅ < ଋ (ପ୍ରା: ଭା: ଆ: ର 'ଋ' ପ୍ରାକୃତରେ 'ଅ' ରେ ପରିଣତ ହୁଏ)।

ତଣଂ < ତୃଣମ୍

ମଅଂ < ମୃତମ୍

ଅମାଗ: ମଗ < ମୃଗ

କଅ }
ଅମାଗ: କଡ } < କୃତ

ଶୌର: ମାଗ: କଦ }
ପୈ: କତ } < କୃତ

ମାଗ: ହଡକ୍କ (କ), ହଡଅ < ହୃଦୟ

ବସହ }
ଅମାଗ: ବସଭ } < ବୃଷଭ

ଜୈନମହା: ପାଗୟ, ପାୟୟ < ପ୍ରାକୃତ

ଅଇ < ଐ (ପ୍ରା: ଭା: ଆ: ର 'ଐ' ପ୍ରାକୃତରେ 'ଅଇ' ହୁଏ)।

ଉଚଅଂ < ଉଚ୍ଚୈଃ (ହେମ—୧।୧୫୪)

ନୀଚଅଂ < ନୀଚୈଃ

ଅ < ଓ ( ପ୍ରା: ଭା: ଆ: ଭାଷାର 'ଓ' ପ୍ରାକୃତରେ 'ଅ' ରେ ପରିଣତ ହୁଏ ) ।

ଅନ୍ନନ୍ନଂ<br>ଅନ୍ନ୍ନନ୍ନଂ } < ଅନ୍ୟୋନ୍ୟମ୍ (ହେମ—୧।୧୫୬)

ପଉଟ୍ଠ<br>ପବଟ୍ଠ } < ପ୍ରକୋଷ୍ଠ

ଅଇ < ଐ ( ପ୍ରା: ଭା: ଆ: ଭାଷାର 'ଐ' ପ୍ରାକୃତରେ 'ଅଇ' ରେ ପରିଣତ ହୁଏ ) ।

ଅଇସ୍ୱବଣ < ଐସ୍ୱବଣ

ଦଇଚ < ଦୈତ୍ୟ

ଦଇବଜ୍ଞ < ଦୈବଜ୍ଞ

ଦଇନ୍ନଂ < ଦୈନ୍ୟଂ

ଅଉ < ଔ ( ପ୍ରା: ଭା: ଆ:ର 'ଔ' ପ୍ରାକୃତରେ 'ଅଉ' ରେ ପରିଣତ ହୁଏ ) ।

ଗଉଅ, ଗଉଆ < ଗୌ

ପଉରୋ < ପୌରଃ

କଉରବୋ < କୌରବଃ

## ଆ

ଆ < ଆ ( ପ୍ରା: ଭା: ଆ: ଭାଷାର 'ଆ' ପ୍ରାକୃତରେ ସୁରକ୍ଷିତ ) ।

(ଶୁଣ୍ଡାଲି) କାମାହ<br>କାମସ୍ସ } < କାମସ୍ୟ

ମାଗ: ଅଙ୍ଗାଲ < ଅଙ୍ଗାର

ମାଗ: ଶେୟ୍ୟା<br>ମହା: ସେଜ୍ଜା } < ଶଯ୍ୟା

| | | | |
|---|---|---|---|
| ମାଗ: | ଯ୍ଯାଦ | } < | ଖ୍ଯାତ |
| ମହା: | ଜାଇ | | |
| ମାଗ: | ଯୁଧା | } < | ଯୁଥା |
| ମହା: | ଜହ, ଜହା | | |
| ମହା: | ତହା | } < | ତଥା |
| ମାଗ: | ତଧା | | |

ଜାଦେଇ, ଜବଇ < ଖ୍ଯାପୟତ ( ହେମ—୪।୪୦ )

ଆ < ଅ ( ପ୍ରା: ଭା: ଆ: ଭାଷାର 'ଅ' ପ୍ରାକୃତରେ 'ଆ' ରେ ପରିଣତ ହୁଏ ) ।

ସାମିଦ୍ଧୀ, ସମିଦ୍ଧୀ < ସମୃଦ୍ଧି:

ପାଅଡଂ, ପଅଡଂ < ପ୍ରକଟମ୍

ଫାସ < ସ୍ପର୍ଶ ( ହେମ— ୨।୯୨ )

ମାଗ: ପୁଲିଶା < ପୁରୁଷ

ମାଗ: ମଣୁଶା < ମାନୁଷ

ମାଗ: (ଗ୍ରୃଣ୍ଡାଳୀ, କାମାଧ୍ୱ < କାମସ୍ୟ

ଆ < ଈ ( ପ୍ରା: ଭା: ଆ:ର 'ଈ' ପ୍ରାକୃତରେ 'ଆ' ହୁଏ ) ।

କମ୍ହାର < କାଶ୍ମୀର:

ଆ < ଔ ( ପ୍ରା: ଭା: ଆ:ର 'ଔ' ପ୍ରାକୃତରେ 'ଆ' ହୁଏ ) ।

ଗାରବଂ } ଗଉରବଂ } < ଗୌରବମ୍

ଆବ < ଔ ( ପ୍ରା: ଭା: ଆ:ର 'ଔ' ପ୍ରାକୃତରେ 'ଆବ' ରେ ପରିଣତ ହୁଏ ) ।

ନାବା < ନୌ

ଗାବୋ < ଗୌ:

[ ତୁଳ: ଅଶୋକାପ୍ର—ଆ < ସଂ-ଅକ୍, - ଅବୁ:— ସମ୍ମ୍ୟା < ସମ୍ୟକ୍; ପଲସା < ପରଗତ୍; କାଦୁଂ < କତ୍ତୁମ୍; କାଦବ < କର୍ତ୍ତବ୍ୟ ] ।

## ଇ

ଇ < ଇ ( ପ୍ରା: ଭା: ଆ: ଭାଷାର 'ଇ' ପ୍ରାକୃତରେ ସୁରକ୍ଷିତ )।

ଇଆଣିଂ < ଇଦାନୀମ୍

ଇଦୋ < ଇତଃ

ଜିବ୍ଭା < ଜିହ୍ୱା

ଖଇରଂ < ଖାଦିରଂ (ଖଇର ବୃକ୍ଷ ସମ୍ବନ୍ଧୀୟ)

ମାଗ: ଲୁହିଲ, ଲୁଧିଲ < ରୁଧିର

ଢସି < ଢକ୍

ମାଗ: ଶିଢିଲ < ଶିଢିର

ମାଗ: ଯୁହିଧ < ଯୁଧିଷ୍ଠ

ମାଗ: ବୁହପ୍ପଦ }
ମହା: ଭଅପ୍ପଇ } < ବୃହସ୍ପତି ( ମାର୍କ — ୫।୭୨ )

ମହା: ଜୁଢିଇଲଣୋ < ଯୁଧିଷ୍ଠିରଜନଃ

ଶୌର: ଜୁଢିଇଲଣୋ

ମାଗ: ପଡଢ }
ପଢଧ } < ପତତି

ଇ < ଋ ( ପ୍ରା: ଭା: ଆ:ର 'ଋ' ପ୍ରାକୃତରେ 'ଇ' ହୁଏ )।

ମୁଇଂଗୋ < ମୃଦଙ୍ଗଃ

ପିକ୍କଂ < ପକ୍ୱମ୍

କିବିଣ < କୃପଣ

ସିବିଣ < ସ୍ୱପ୍ନ

ବିଅଣ < ବ୍ୟଜନ

[ ଭୁଳମାପୁ—ଜଉଗଡ—ଗିହ୍ୱୃଥ < ଗୃହସ୍ଥ ]

ଇ < ଆ ( ପ୍ରା: ଭା: ଆ:ର 'ଆ' ପ୍ରାକୃତରେ 'ଇ' ହୁଏ)।

ସଇ, ସଆ < ସଦା

ଜଇ, ଜଆ < ଯଦା

ମାଗ: ଅହୁଣି < ଅଧୁନା ( ବୋଧହୁଏ ଅହ୍ନି, ଅହନ ଅଧିକରଣରେ ସାଦୃଶ୍ୟ ହେତୁ ) (୧)

ଇ < ଈ ( ପ୍ରାଃ ଭାଃ ଆଃର ଦୀର୍ଘ 'ଈ' ପ୍ରାକୃତରେ ହ୍ରସ୍ୱ 'ଇ'ରେ ପରିଣତ ହୁଏ )।

ପାଣିଅଂ < ପାନୀୟମ୍
ମାଗ: ଇଶ୍ଶା < ଈର୍ଷ୍ୟା
ଅଲିଅଂ < ଅଲୀକମ୍
ଗିଂହ, ଗିହ୍ମ < ଗ୍ରୀଷ୍ମ
[ ତୁଳ: ଅଶୋକୀୟ — ତିଂଣି < ତ୍ରୀଣି ]

ଇ < ଉ ( ପ୍ରାଃ ଭାଃ ଆଃ ର 'ଉ' ପ୍ରାକୃତରେ 'ଇ' ରେ ପରିଣତ ହୁଏ )।

ପୁରିସ, ମାଗ: ପୁଲିଶ < ପୁରୁଷ

ଇ < ଊ ( ପ୍ରାଃ ଭାଃ ଆଃ ର ଦୀର୍ଘ 'ଊ' ପ୍ରାକୃତରେ 'ଇ' ହୋଇଥାଏ )।

ଣଉରଂ, ଣେଉରଂ < ନୂପୁରମ୍
ଭିଉଡି < ଭ୍ରୂକୁଟିଃ

ଇ < ଋ ( ପ୍ରାଃ ଭାଃ ଆଃ ର 'ଋ' ପ୍ରାକୃତରେ 'ଇ' ରେ ପରିଣତ ହୋଇଥାଏ )।

ମିଅଂକ < ମୃଗାଙ୍କ
ଇସୀ < ଋଷିଃ
ଢିଡ, ଦିଢ < ଦୃଢ
ମାଗ: ଶିଆଲ < ଶୃଗାଲ
କିବିଣ < କୃପଣ ( ମାର୍କ—୧।୩୪ )
ପାଇଅ, ପାଯୁସ୍ସ < ପ୍ରାକୃତ (ହେମ—୧।୬୭)

---

(୧) ଝା, ସୁଭଦ୍ର, ମାଗଧୀ ଆଣ୍ଡ ଇଟସ୍ ଫର୍ମେସନ: ୬୨।

ଶୌର: ମାଗ: ଘିଦ
ମହା: ଘିଅ } < ଘୃତ

ଅମାଗ: ତଣ < ତୃଣ

ମହା: ବିଂଛୁଅ
ଅମାଚ: ବିଚ୍ଛିଅ } < ବୃଶ୍ଚିକ ( ମାର୍କ—୩।୧୫ )

ସିଂଗ < ଶୃଙ୍ଗ

ହିଅଅ
ଅମାଗ: ଜୈନମହା: ହିୟୟ } < ହୃଦୟ

ଇ < ଏ ( ପ୍ରା: ଭା: ଆ: ଭାଷାର 'ଏ' ପ୍ରାକୃତରେ 'ଇ' ରେ ପରିଣତ ହୁଏ )।

ଇକ୍କ < ଏକ ( ହେମ—୧।୮୪ )

ବିଅଣା
ବେଅଣା
ମାଗ: ଶୌର: ବିଦଣା } < ବେଦନା

ଦିଅରେ, ଦେଅରେ < ଦେବରଃ

ମହା: ଶୌର: ସିଣା
ମାଗ: ଶିଣା } < ସେନା ( ଝା, ମାଗଧୀ: ୩୧ )

[ ତୁଳ: ଅଶୋକ: (ସାହ: ମାନ:)—ଇକ < ଏକ; ଦୁବ < ଦ୍ୱେ ]

ଇ < ଐ ( ପ୍ରା: ଭା: ଆ: ଭାଷାର 'ଐ' ପ୍ରାକୃତରେ 'ଇ' ହୁଏ )।

ସିନ୍ଧବଂ < ସୈନ୍ଧବମ୍
ସଣିଚ୍ଛରେ < ଶନୈଶ୍ଚରଃ

ଇ < ଋ ( ପ୍ରା: ଭା: ଆ: ଭାଷାର 'ଋ' ପ୍ରାକୃତରେ 'ଇ' ହୁଏ )।

ଇସି < ଋଷି

## ଈ

ଈ < ଈ ( ପ୍ରା: ଭା: ଆ: ଭାଷାର 'ଈ' ପ୍ରାକୃତରେ ସୁରକ୍ଷିତ )।

ପୀବ < ପୀପ

ଦୋବଈ
ମାଗ: ଦୋବଦୀ } < ଦ୍ରୌପଦୀ

ମାଗ: ଈଶଲ
ଈସର } < ଈଶ୍ୱର

ମାଗ: କଲଣୀୟ
କରଣୀୟ } < କରଣୀୟ

ଚଚରୀ < ଚର୍ଚରୀ ( ଗୀତବିଶେଷ )

ଈ < ଅ ( ପ୍ରା: ଭା: ଆ: ଭାଷାର 'ଅ' ପ୍ରାକୃତରେ ଦୀର୍ଘ 'ଈ' ହୁଏ )।

ହୀରେ, ହରେ < ହରଃ

ଖଲ୍ଲୀଡୋ < ଖଲ୍ୱାଟଃ ( ଚନ୍ଦାମୁଣ୍ଡା )

ଥୀଣଂ
ଥିଣ୍ଣଂ } < ସ୍ତ୍ୟାନମ୍ ( କଠିନ )

ଈ < ଇ ( ପ୍ରା: ଭା: ଆ: ଭାଷାର ହ୍ରସ୍ୱ 'ଇ' ପ୍ରାକୃତରେ ଦୀର୍ଘ 'ଈ' ରେ ପରିଣତ ହୁଏ )।

ବୀସ (ଇ) < ବିଂଶତି

ସୀହ < ସିଂହ ( ପାଲିରେ ମଧ୍ୟ )

କଈ < କବିଃ ( ହେମ—୧।୧୨୮, ୧୮୦ )

ସୁକଈ < ସୁକବିଃ ( ମାର୍କ—୨।୨ )

ଈ < ଋ ( ପ୍ରା: ଭା: ଆ: ଭାଷାର 'ଋ' ପ୍ରାକୃତରେ 'ଈ' ହୁଏ )।

ଛୀଅଂ < କ୍ଷୁତମ୍ 'ଛୁକ୍କ' (ପାଇଅସଦ୍ଦ)
ଛୀଅମାଣ < କ୍ଷୁତ୍କର୍ 'ଛୁକ୍କିବା' (ପାଇଅସଦ୍ଦ)
ଈ < ୠ (ପ୍ରା: ଭା: ଆ: ଭାଷାର ଦୀର୍ଘ 'ୠ'
ପ୍ରାକୃତରେ ଦୀର୍ଘ 'ଈ' ରେ ପରିଣତ ହୁଏ )।

ଉବ୍ବୀଢଂ, ଉବ୍ବୂଢଂ < ଉଦ୍ବୃଢଂ ( ହେମ—୧।୧୨୦ )

ପ୍ରାକୃତ ଈ < ଐ ( ପ୍ରା: ଭା: ଆ: )
ଧୀରଂ < ଧୈର୍ଯ୍ୟମ୍ ( ମାର୍କ—୧।୩୬ )

## ଉ

ଉ < ଉ ( ପ୍ରା: ଭା: ଆ: ଭାଷାର 'ଉ',
ପ୍ରାକୃତରେ ସୁରକ୍ଷିତ )।

ଉଟ୍ଠ, ଉଟ୍ଠି < ଓଷ୍ଠ ( ମାର୍କଣ୍ଡେୟ—୩।୧୪ )

ଉଣ < ପୁନଃ
ଉତ୍ତ < ଉକ୍ତ
ପୁରୁସ < ପୁରୁଷ
ପହୁ < ପ୍ରଭୁ
ବହୁ < ବହ୍ୱୀ
ଶୌର: ଖଲୁ, ଖୁ, କ୍ଖୁ < ଖଲୁ
ଉ < ଅ ( ପ୍ରା: ଭା: ଆ: ଭାଷାର 'ଅ' ପ୍ରାକୃତରେ
'ଉ' ରେ ପରିଣତ ହୁଏ )।
ପୁଢୁମଂ, ପଢୁମଂ (ପଢମଂ) < ପ୍ରଥମମ୍
ଉ < ଆ ( ପ୍ରା: ଭା: ଆ: ଭାଷାର 'ଆ'
ପ୍ରାକୃତ 'ଉ' ରେ ପରିଣତ ହୁଏ )।
ଉଲ୍ଲଂ, ଓଲ୍ଲଂ < ଆର୍ଦ୍ରମ୍
ସୁଣ୍ହା < ସାସ୍ନା ( ଗାଈର ଗଳକମ୍ବଳ )

ଉ < ଇ ( ପ୍ରା: ଭା: ଆ: ଭାଷାର 'ଇ' ପ୍ରାକୃତରେ 'ଉ' ହୁଏ )।

ଉଚ୍ଛୁ < ଇକ୍ଷୁଃ
ବିଚ୍ଛୁଅ < ବୃଶ୍ଚିକଃ
ଅମାଗ: ଉସୁ < ଇଷୁ

ଊ < ଈ ( ପ୍ରା: ଭା: ଆ: ଭାଷାର 'ଈ' ପ୍ରାକୃତରେ 'ଊ' ହୁଏ )।

ଜୁଣ୍ଣଂ, ଜଣ୍ଣଂ } < ଜୀର୍ଣମ୍

ଉ < ଊ ( ପ୍ରା: ଭା: ଆ: ଦୀର୍ଘ 'ଊ' ପ୍ରାକୃତରେ ହ୍ରସ୍ୱ 'ଉ' ରେ ପରିଣତ ହୁଏ।

ହଣୁମନ୍ତୋ < ହନୂମାନ୍
ମହୁଅଂ, ମହୂଅଂ } < ମଧୂକମ୍
ମୁକ୍ଖ < ମୂର୍ଖ
ଧୁତ୍ତ < ଧୂର୍ତ୍ତ
ମାଗ: ଲୁପଦକ୍ଖ < ଲୂପଦକ୍ଷ

ଉ < ଋ ( ପ୍ରା: ଭା: ଆ: ର 'ଋ' ପ୍ରାକୃତରେ 'ଉ' ହୁଏ )।

ଉଜୁ < ଋଜୁଃ
ମାଗ: ପୁହଇ, ପୁହବୀ } < ପୃଥ୍ୱୀ
ମାଗ: ମୁଦଂଗ < ମୃଦଙ୍ଗ
ପରହୁଓ < ପରଭୃତଃ
ପାଉଅ < ପ୍ରାକୃତ

ଖୁଣଇ < କ୍ଷୁଣୋତି

ଫୁସଇ < ସ୍ପୃଶତି

ପୁଚ୍ଛଇ<br>ଶୌର: ପୁଚ୍ଛଦ } < ପୃଚ୍ଛତି

ମୁଣାଲଂ < ମୃଣାଲମ୍ ( ଭୁଲ—'ମୃଣାଲ' )

ମାଉଚ୍ଛା<br>ମାଉସ୍‌ସିଆ } < ମାତୃଷ୍ୱସା

ମାଉ < ମାତୃ

ଉ < ଋ ( ପ୍ରା: ଭା: ଆ: ର 'ଋ' ପ୍ରାକୃତରେ 'ଉ' ହୁଏ )।

ସୁନେରଂ<br>ସୁନ୍ଦରିଅଂ } < ସୌନ୍ଦର୍ଯ୍ୟମ୍

ସୁଣ୍ଡିଓ < ଶୌଣ୍ଡିକଃ

ଦୁଆରିଓ < ଦୌବାରିକଃ ( ମାର୍କ— ୧।୫ )

ପୁସୋ < ପୌଷଃ

ପୁଲୋମୀ < ପୌଲମୀ

ଅଉ < ଔ ( ପ୍ରା: ଭା: ଆ: ର 'ଔ' ପ୍ରାକୃତରେ 'ଅଉ' ହୁଏ )।

ଗଉରବଂ<br>ଗାରବଂ<br>ଗୋରବଂ } < ଗୌରବମ୍

ମଉଣଂ<br>ମୋଣଂ } < ମୌନମ୍

ପଉରୋ < ପୌରଃ

ଖଉରଂ < କ୍ଷୌରମ୍

ପଉରିସଂ<br>ପଉରୁସଂ } < ପୌରୁଷମ୍ ( ମାର୍କ—୧।୨୮, ୨।୧୫ )

# ଊ

ଊ < ଊ ( ପ୍ରା: ଭା: ଆ: ଭାଷାର 'ଊ' ପ୍ରାକୃତ ଭାଷାରେ ସୁରକ୍ଷିତ ) ।

ଥୂଭ < ସ୍ତୂପ; ଥୂଲଂ (ଥୁଲ୍ଲଂ) < ସ୍ଥୂଲମ୍

ଥଣା < ସ୍ଥୂଣା (ଖୂଣ୍ଣ); ଦୂମଇ < ଦୂଷ୍ଯତେ

ଊ < ଋ ( ପ୍ରା: ଭା: ଆ: ଭାଷାର 'ଋ' ପ୍ରାକୃତ ଭାଷାରେ 'ଊ' ରେ ପରିଣତ ହୁଏ ) ।

ଅବ୍ଭଣ୍ଣୂ < ଅଭଙ୍ଗଃ

ଆଗମଣ୍ଣୂ < ଆଗମଙ୍ଗଃ

ଊ < ଆ ( ପ୍ରା: ଭା: ଆ: ଭାଷାର 'ଆ' ପ୍ରାକୃତରେ 'ଊ' ହୁଏ ) ।

ଊସାରେ<br>ଆସାରେ } < ଆସାରଃ

ଊ < ଉ ( ପ୍ରା: ଭା: ଆ: ଭାଷାର ହ୍ରସ୍ୱ 'ଉ' ପ୍ରାକୃତରେ ଦୀର୍ଘ 'ଊ' ହୁଏ ) ।

ଊସବ < ଉସ୍‌ସବ < ଉତ୍ସବ

ଊଆସୋ < ଉପବାସଃ

ତୂସଇ < ତୁଷ୍ୟନ୍ତି ( ମାର୍କ—୭।୮୩ )

ମାଗ: ଊଣଣଢ<br>ଊସସଇ } < ଉଚ୍ଛ୍ୱସିତ

ଦୂସଇ < ଦୁଷ୍ୟନ୍ତି ( ମାର୍କ—୭।୮୩ )

ଊ < ଋ ( ପ୍ରା: ଭା: ଆ: ଭାଷାର 'ଋ' ପ୍ରାକୃତ 'ଊ' ରେ ପରିଣତ ହୁଏ ) ।

ମୁସା<br>ମୂସା, ମୋସା } < ମୃଷା

ଊ < ଏ ( ପ୍ରା: ଭା: ଆ: ର 'ଏ' ପ୍ରାକୃତରେ 'ଊ' ହୋଇଥାଏ ) ।

ଥଏଣୋ
ଥେଣୋ } < ସ୍ତେନଃ (ଚୋର, ତସ୍କର)

ଊ < ଉ ( ପ୍ରା: ଭା: ଆ: ର 'ଉ' ପ୍ରାକୃତରେ ଦୀର୍ଘ 'ଊ' ରେ ପରିଣତ ହୁଏ ) ।

ଊସାସୋ < ଉଚ୍ଛ୍ୱାସଃ ( ହେମ—୧।୧୫୭)

## ଏ

ପ୍ରାକୃତରେ ଦ୍ୱିତ୍ୱ ବର୍ଣ୍ଣ ପୂର୍ବରେ ଥିବା—ଏ (େ) ହ୍ରସ୍ୱ ହୁଏ, ଅନ୍ୟତ୍ର ଦୀର୍ଘ ହୁଏ ।

ଏ < ଏ ( ପ୍ରା: ଭା: ଆ: ର 'ଏ' ପ୍ରାକୃତରେ ସୁରକ୍ଷିତ ) ।

ଏକ୍କ < ଏକ (କେବଳ, ଠିକ୍)

ବେଅଣା < ବେଦନା

ମେହ < ମେଘ

ଦେଅର < ଦେବର

ଉଚ୍ଛେଅ < ଉଚ୍ଛେଦ

ତେ < ତେ

(ଏ ହ୍ରସ୍ୱ) ପେଲ୍ଲଇ < ପ୍ରେରୟତି

ଏ < ଅ ( ପ୍ରା: ଭା: ଆ: ର 'ଅ' ପ୍ରାକୃତରେ 'ଏ' ରେ ପରିଣତ ହୁଏ ) ।

ପେରନ୍ତଂ
ପଇଅନ୍ତ } < ପର୍ଯ୍ୟନ୍ତ ( ପାଲି—ପରିୟନ୍ତ )

ସେଜ୍ଜା
ମାଗ: ଶେୟ୍ୟା } < ଶଯ୍ୟା

ଏ < ଆ ( ପ୍ରା: ଭା: ଆ: ର 'ଆ' ର ପ୍ରାକୃତରେ 'ଏ' ହୁଏ ) ।

ଦେରଂ, ଦୁଆରଂ < ଦ୍ୱାରମ୍ ( ହେମ—୧।୭୯ )

ଜୈନ: ଦର

ଗେଜ୍ଝଂ < ଗ୍ରାହ୍ୟମ୍ ( ଗେଣ୍ହଇର ସାଦୃଶ୍ୟ )

ଏ < ଇ (ପ୍ରା: ଭା: ଆ: ର 'ଇ' ପ୍ରାକୃତରେ 'ଏ' ହୁଏ ) ।

ପେଣ୍ଡଂ < ପିଣ୍ଡମ୍

ସେନ୍ଦୂରଂ<br>ସିନ୍ଦୂରଂ } < ସିନ୍ଦୂରମ୍

ତେରିଚ୍ଛ<br>ତିରିଚ୍ଛ } < ତିରଶ୍ଚ ( ତୁଳ: ପାଲି—ତିରଚ୍ଛ )

ବେଲ୍ଲଂ, ବିଲ୍ଲଂ < ବିଲ୍ୱମ୍

ଏତ୍ଥ < ଇତ୍ଥା

ଏ < ଈ ( ପ୍ରା: ଭା: ଆ: ର 'ଈ' ପ୍ରାକୃତରେ 'ଏ' ରେ ପରିଣତ ହୁଏ ) ।

ପେଊସଂ < ପୀୟୂଷମ୍

କେରିସୋ < କୀଦୃଶଃ

ଏରିସୋ < ଈଦୃଶଃ

ନେଡ୍ଡଂ < ନୀଡମ୍

ଏ < ଉ ( ପ୍ରା: ଭା: ଆ: ର 'ଉ' ପ୍ରାକୃତରେ 'ଏ' ରେ ପରିଣତ ହୁଏ ) ।

ଣେଉର, ନୂଉର<br>ମାଗ: ଣେଉଲ } < ନୂପୁର

ଏ < ଋ ( ପ୍ରା: ଭା: ଆ: ର 'ଋ' ପ୍ରାକୃତରେ 'ଏ' ରେ ବିକଶିତ ହୁଏ ) ।

ଗେଣ୍ହଇ < ଗୃହ୍ଣାତି

ବେଣ୍ଟଂ, ବିଣ୍ଟଂ < ବୃନ୍ତମ୍

ଗେଜ୍ଝଂ<br>ମାଗ: ଗେଜ୍ଝ } < ଗୃହ୍ୟ (ଝା, ମାଗଧୀ: ୨୧)

ଏ < ଐ ( ପ୍ରା: ଭା: ଆ: ର 'ଐ' ପ୍ରାକୃତରେ 'ଏ' ରେ ପରିଣତ ହୁଏ ) ।

ଶୌର: ଏତିହାସିଅ < ଐତିହାସିକ
ଅମାଗ: ଚେଇଅ < ଚୈତ୍ୟକ
ଅମାଗ: ଏସନ୍ତ < ଐଶ୍ୱର୍ଯ୍ୟ
ଦେବ୍‌ବଣ୍ଣୁଅ < ଦୈବଜ୍ଞଃ
ତେଲଂଗ < ତୈଲଙ୍ଗ
ବେଜୟଂଣ୍ଣ < ବୈଜୟନ୍ତୀ
ଚେଲ < ଚୈଲ ( ବୋସବଶେଷ )
ତେଲ୍ଲ < ତୈଲ
ପେମ୍ମ < ପ୍ରେମନ୍‌

ଏ < ଓ ( ପ୍ରା: ଭା: ଆ: ର 'ଓ' ପ୍ରାକୃତରେ 'ଏ' ହୋଇଥାଏ ) ।

ମାଗ: କଲେଣ୍ତ < କପୋଣ୍ତ

-ଏ < -ଅମ୍, -ଅଃ ( ପ୍ରା: ଭା: ଆ: ର '-ଅମ୍', '-ଅଃ' ପ୍ରାକୃତରେ '-ଏ' ହୁଏ ) ।

ଇମେ, ଇମୋ < ଇମମ୍‌
ମାଗ: ପୈ: ଅହକେ < ଅହକଃ (ସେନ—୧୦୮)
ମାଗ: ସେ, ଶେ } < ସଃ
କେ < କଃ
ମାଗ: ପୁଲିଶେ < ପୁରୁଷଃ
ନସ୍ୱ: ଚତେ < ଚତଃ

## ଓ

ଦ୍ୱିତ୍ୱ ବ୍ୟଞ୍ଜନ ପୂର୍ବବର୍ତ୍ତୀ 'ଓ' ହ୍ରସ୍ୱ ଓ ହୋଇଥାଏ, ଅନ୍ୟତ୍ର ଦୀର୍ଘ ହୁଏ ।

ଓ < ଓ ( ପ୍ରା: ଭା: ଆ: ର 'ଓ' ପ୍ରାକୃତରେ ସୁରକ୍ଷିତ )।

ଲୋଅ < ଲୋକ

ଥୋଅ
ଥୋକ୍କ } < ସ୍ତୋକ (ଅଳ୍ପ)

ମାଗ: ୟୋଗ୍ଗ
ଶୌର: ମହା: ଜୋଗ୍ଗ } < ୟୋଗ୍ୟ

କରେନ୍ଦି < କରେନ୍ତି

ଓ < ଅ ( ପ୍ରା: ଭା: ଆ: ର 'ଅ' ରୁ ମଧ୍ୟ ପ୍ରାକୃତରେ 'ଓ' ଧ୍ୱନି ଆଗତ ହୁଏ )।

ପୋମ୍ମ
ପଉମ } < ପଦ୍ମ

ଣମୋକ୍କାର < ନମସ୍କାର

ବୋରଂ < ବଦରମ୍

ଓ < ଆ ( ପ୍ରା: ଭା: ଆ: ର 'ଆ' ରୁ ପ୍ରାକୃତ 'ଓ' ନିଷ୍ପନ୍ନ ହୁଏ )।

ଓଲ୍ଲୀ < ଆଲୀ

ଓ < ଇ ( ପ୍ରା: ଭା: ଆ: ର 'ଇ' ପ୍ରାକୃତରେ 'ଓ' ହୁଏ )।

ଦୋହାଇଅଂ
ଦୁହାଇଅଂ } < ଦ୍ୱିଧାକୃତମ୍ (ମାର୍କ—୧।୧୧)

ଓ < ଉ ( ପ୍ରା: ଭା: ଆ: ର 'ଉ' ପ୍ରାକୃତରେ 'ଓ' ରେ ପରିଣତ ହୁଏ )।

ପୋକ୍ଖର < ପୁଷ୍କର

ଭୋତ୍ତୁଣ < ଭୁକ୍ତ୍ୱା

ମୋତ୍ତୁଣ < ମୁକ୍ତ୍ୱା

ତୋଣ୍ଡଂ < ତୁଣ୍ଡମ୍ (ହେମ—୧।୧୧୬)

ଧୋରଅଂ < ଧୂର୍ତ୍ତମ୍ (ମାର୍କ—୪।୨୨)

ଓହଲ
ଓକ୍ଖଲ } < ଉଦୂଖଲ

[ ତୁଳ:—ଅପଭ୍ରଂଶ –ମୋଅଇ < ମୁଞ୍ଚଇ ]

ଓ < ଊ ( ପ୍ରା: ଭା: ଆ:ର ଦୀର୍ଘ 'ଊ' ପ୍ରାକୃତରେ 'ଓ' ରେ ପରିଣତ ହୁଏ )।

କୋପ୍ପରଂ < କର୍ପୂରମ୍

ତଂବୋଲଂ < ତାମ୍ବୂଲମ୍

ପୋର < ପୂତର (ଜଳଜନ୍ତୁବିଶେଷ) (ହେମ ୧।୧୭୦)

ପୋପ୍ଫଲଂ < ପୂଗଫଲମ୍

ଓ < ଋ ( ପ୍ରା: ଭା: ଆ: ର 'ଋ' ପ୍ରାକୃତରେ 'ଓ' ରେ ବିକଶିତ ହୁଏ )।

ମୋସା
ମୁସା } < ମୃଷା

ଓ < ଔ ( ପ୍ରା: ଭା: ଆ: ର 'ଔ' ପ୍ରାକୃତରେ 'ଓ' ରେ ପରିଣତ ହୁଏ )।

କୋମୁଦୀ
କୋମୁଈ } < କୌମୁଦୀ

ଓସଢଂ < ଔଷଧମ୍ ( ତୁଳ : ପାଲି—ଓସଧଂ )

ଜୋବ୍ବଣଂ < ଯୌବନମ୍

ମାଗ: ଦୋବଦୀ, ଦୋବଈ < ଦ୍ରୌପଦୀ

ମାଗ: ପୋଲ < ପୌର (ନାଗରିକ)

ମାଗ: ଶୋକ୍ଖ < ସୌଖ୍ୟ

ଓ < -ଅମ୍, -ଅଃ ( ପ୍ରା: ଭା: ଆ: ର '-ଅମ୍', '-ଅଃ' ପ୍ରାକୃତରେ 'ଓ' ହୋଇଥାଏ )।

ଇମୋ < ଇମମ୍

ସୋ < ସଃ

ଜନୋ < ଜନଃ

ଉ < ଅବ ( ପ୍ରା: ଭା: ଆ: ର 'ଅଵ' ପ୍ରାକୃତରେ 'ଉ' ରେ ପରିଣତ ହୋଇଥାଏ )।

ଭୋଦି
ହୋଇ } < ଭବତି ( ତୁଳ: ପାଲି—ହୋତି )
ହୋଦି

ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାର ଌ ପ୍ରାକୃତରେ 'ଲି' ହୁଏ।

କିଲିତ୍ତଂ < କ୍ଲୃପ୍ତମ୍ ( ମାର୍କ—୧।୮୦ )

ଲିଆରେ < ଌକାର ( ମାର୍କ—୧।୩୯ )

# ଦ୍ୱିତୀୟ ଅଧ୍ୟାୟ

## ବ୍ୟଞ୍ଜନ

ମଧ୍ୟ ଭାରତୀୟ ଆର୍ଯ୍ୟଭାଷାରେ ସ୍ୱର ଅପେକ୍ଷା ବ୍ୟଞ୍ଜନ ବର୍ଣ୍ଣଗୁଡ଼ିକର ଇତିହାସ ଅଧିକ ଜଟିଳ ହେଲେ ହେଁ ଏଗୁଡ଼ିକର ସାଧାରଣ ସ୍ୱରୂପ ଅତି ସୁସ୍ପଷ୍ଟ । ବ୍ୟଞ୍ଜନଗୁଡ଼ିକରୁ ହିଁ ବିଭାଷା(ଉପଭାଷା)ଗତ ପ୍ରଭେଦ ବୈୟାକରଣମାନେ ଜାଣିପାରି ଅଛନ୍ତି । ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାର ଧ୍ୱନିମାନଙ୍କରେ କାଳକ୍ରମେ ବହୁ ପରିବର୍ତ୍ତନ ଓ କ୍ଷୟୀଭବନ ସଂଘଟିତ ହୋଇଅଛି ।

ମଧ୍ୟ ଭାରତୀୟ ଆର୍ଯ୍ୟଭାଷା ପ୍ରାକୃତରେ ପ୍ରାପ୍ତ ବ୍ୟଞ୍ଜନ ଧ୍ୱନିଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା—

(୧) ସ୍ଫୋଟ (ସ୍ପର୍ଶ):—କଣ୍ଠ୍ୟ, ତାଲବ୍ୟ, ମୂର୍ଦ୍ଧନ୍ୟ, ଦନ୍ତ୍ୟ ଓ ଓଷ୍ଠ୍ୟ (ଘୋଷ ଓ ଅଘୋଷ ଉଭୟ) ଧ୍ୱନି ଉପଭାଷୀୟ ବିଭିନ୍ନତା ସହ ସମ୍ପ୍ରାପ୍ତ । କ୍, ଖ୍, ଗ୍, ଘ୍; ଚ୍, ଛ, ଜ୍, ଝ୍; ଟ୍, ଠ୍, ଡ୍, ଢ୍; ତ୍, ଥ୍, ଦ୍, ଧ୍ ଏବଂ ପ୍, ଫ୍, ବ୍, ଭ୍ ।

(୨) ଅନୁନାସିକ:—ଣ୍, (ନ୍), ମ୍, (ଞ୍), ଂ ।

(୩) ଅର୍ଦ୍ଧସ୍ୱର:—ଯ୍ ଏବଂ ୱ୍ ।

(୪) ଲୁଣ୍ଠିତ:—ର୍ । ମାଗଧୀରେ 'ଲ୍' ର ବ୍ୟବହାର 'ର୍' ସ୍ଥାନରେ ମିଳେ ।

(୫) ପାର୍ଶ୍ୱିକ:—ଲ୍, (ଳ୍) ।

(୬) ଊଷ୍ମ:—ସ୍ ଏବଂ ମାଗଧୀରେ 'ଶ୍'।

(୭) ଘୃଷ୍ଟ ମହାପ୍ରାଣ:—ହ୍। ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାର ଅଘୋଷ ଊଷ୍ମ ବିସର୍ଗ 'ଃ' ଏବଂ ଏହାର ପରିବର୍ତ୍ତିତ ରୂପ ଜିହ୍ଵାମୂଳୀୟ ଓ ଉପଧ୍ମାନୀୟ ଏହି ସମୟରେ ଲୋପ ହୋଇଥିଲା।

ପ୍ରାକୃତ ଭାଷାରେ ବ୍ୟଞ୍ଜନାନ୍ତ ଶବ୍ଦ ବିରଳ। ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାର ଦୁଇ ସ୍ୱର ମଧ୍ୟସ୍ଥିତ (Intervocalic) ଅଘୋଷ ସ୍ପର୍ଶ ମଧ୍ୟ ଭାରତୀୟ ଆର୍ଯ୍ୟଭାଷାରେ ସଘୋଷରେ ପରିଣତ ହୁଏ।

ସଂଯୁକ୍ତ ବ୍ୟଞ୍ଜନଗୁଡ଼ିକ ସ୍ୱରଭକ୍ତି ହେତୁ ଏକକ କିମ୍ବା ଭିନ୍ନ ବ୍ୟଞ୍ଜନରେ ପରିଣତ ହୋଇଥାଏ।

ଏକକ ବ୍ୟଞ୍ଜନ:—ଅନ୍ତିମ ବ୍ୟଞ୍ଜନ ପ୍ରାକୃତରେ ଲୋପ ହେବା ଫଳରେ କେବଳ ଆଦ୍ୟସ୍ଥ ଓ ମଧ୍ୟସ୍ଥ ବ୍ୟଞ୍ଜନର ବର୍ଣ୍ଣନା ହିଁ ଏଠାରେ ଆବଶ୍ୟକ। ପ୍ରା: ଭା: ଆ: ର ଆଦ୍ୟସ୍ଥ ବ୍ୟଞ୍ଜନ ପ୍ରାକୃତରେ ସୁରକ୍ଷିତ। କେବଳ ମାଗଧୀରେ କେତେକ ବ୍ୟତିକ୍ରମ ଦୃଷ୍ଟିଗୋଚର।

ପ୍ରା: ଭା: ଆ: ର 'ନ୍' ମ: ଭା: ଆ: ରେ 'ଣ୍'ରେ ପରିଣତ ହୋଇଥାଏ।

ମାଗଧୀରେ 'ସ୍' ଓ 'ଷ୍' ସ୍ଥାନରେ 'ଶ୍' ଏବଂ ଅନ୍ୟ ସମସ୍ତ ପ୍ରାକୃତରେ କେବଳ 'ସ୍' ବ୍ୟଞ୍ଜନ ଦେଖିବାକୁ ମିଳେ।

'ର୍' ମାଗଧୀ ପ୍ରାକୃତରେ 'ଲ୍'ରେ ପରିଣତ ହୁଏ, କିନ୍ତୁ ଅନ୍ୟାନ୍ୟ ପ୍ରାକୃତରେ 'ର୍' ସୁରକ୍ଷିତ। ମଧ୍ୟବର୍ତ୍ତୀ 'ର୍', 'ଲ୍'ରେ ମଧ୍ୟ ପରିଣତ ହୋଇଥାଏ।

ବର୍ଗ୍ୟ 'ଜ୍' କେବଳ ମାଗଧୀରେ 'ଯ୍'ରେ ପରିଣତ ହୁଏ, କିନ୍ତୁ ଅନ୍ୟାନ୍ୟ ପ୍ରାକୃତରେ 'ଜ୍' ସୁରକ୍ଷିତ। ପୈଶାଚୀରେ 'ଜ୍', 'ଚ୍'ରେ ପରିଣତ ହୁଏ।

ପ୍ରା: ଭା: ଆ: ର ଦନ୍ତ୍ୟ ବ୍ୟଞ୍ଜନ ପ୍ରାକୃତରେ ମୂର୍ଦ୍ଧନ୍ୟ ହୋଇଥାଏ । ଏହି ମୂର୍ଦ୍ଧନ୍ୟୀଭବନ ପ୍ରାଚ୍ୟ ଭାଷାର ଲକ୍ଷଣ ବୋଲି ଓ୍ୱାକରନଂଗଲ କହିଛନ୍ତି । ମାଗଧୀ କଡ < ସଂ: କୃତ, ଗଡ < ସଂ: ଗତ; ଡୋଲ୍ଲ < ସଂ: ଦୋଲ । [ ତୁଳନୀୟ—ଅଶୋକଙ୍କ କାଲ୍‌ସି ଲେଖରେ ଅ(ଟ୍‌)ଠାୟୁ < ସଂ: ଅର୍ଥାୟୁ ] ଖ୍ରୀଷ୍ଟପୂର୍ବ ଶେଷ କେତେ ଶତାବ୍ଦୀରେ ପ୍ରଚଳିତ ମାଗଧୀୟ (Magadhan) ଭାଷା ଅନ୍ୟାନ୍ୟ ମ: ଭା: ଆ: କୁ ପ୍ରଭାବିତ କରିପାରିଥିଲା; ଫଳରେ ଦନ୍ତ୍ୟ ବ୍ୟଞ୍ଜନ ମୂର୍ଦ୍ଧନ୍ୟରେ ପରିଣତ ହୋଇଥିଲା । କିନ୍ତୁ ପରବର୍ତ୍ତୀ କାଳରେ ଏହି ମାଗଧୀୟ ଭାଷା ମଧ୍ୟଦେଶୀୟ ଓ ପଶ୍ଚିମୀ ଉପଭାଷାଦ୍ୱାରା ପ୍ରଭାବିତ ହେବା ଫଳରେ ଏଥିରେ ମୂର୍ଦ୍ଧନ୍ୟୀଭବନର ଅବସାନ ଘଟିଲା । ଫଳରେ ଏହି ପ୍ରକ୍ରିୟା କେବଳ ପ୍ରାଚ୍ୟ ଭାଷାର ପରିଚାୟକ ହୋଇପାରିଲା ନାହିଁ । ଦ୍ରଷ୍ଟବ୍ୟ:—ମଡ, ମଟ < ମୃତ; ମଟ୍ଟିକା, ମଟ୍ଟିଗା < ମୃତ୍ତିକା ଇତ୍ୟାଦି । ଏହା ସଙ୍ଗେ ଅଢ < ଅର୍ଦ୍ଧ; ଶରୁଥ < ସାର୍ଥ (ଧମ୍ମ) ଆଦି ଶବ୍ଦ ମଧ୍ୟ ମିଳେ ।

(ମୂର୍ଦ୍ଧନ୍ୟ) 'ଣ୍‌' ସମସ୍ତ ପ୍ରାକୃତରେ ଦେଖିବାକୁ ମିଳେ । ମ: ଭା: ଆ: ର ପ୍ରାଥମିକ ଅବସ୍ଥାରେ ସମସ୍ତ (ଦନ୍ତ୍ୟ) 'ନ୍‌' ପୂର୍ଣ୍ଣମାତ୍ରାରେ ମୂର୍ଦ୍ଧନ୍ୟ ହୋଇ ନଥିଲା । ଅଶୋକଙ୍କ ଶିଳାଲେଖ କାଲ୍‌ସି, ଧଉଳି ଓ ଜଉଗଡ଼ରେ ପାନା < ସଂ: ପ୍ରାଣ; ପାପୁନାତି < ସଂ: ପ୍ରାପ୍ନୋତି ଏବଂ ଗିର୍ନାର୍‌ରେ ପ୍ରାଣ, ପ୍ରାପୁଣାତି ଇତ୍ୟାଦି । ହେମଚନ୍ଦ୍ରଙ୍କ ଅନୁସାରେ ଆଦ୍ୟ 'ନ୍‌' ର 'ଣ୍‌' ରେ ପରିଣତି ବିକଳ୍ପ (୧) । କିନ୍ତୁ ବରରୁଚି ସର୍ବତ୍ର 'ଣ୍‌' ର ପ୍ରଚଳନକୁ ସ୍ୱୀକାର କରିଛନ୍ତି (୨) । କାହ୍ନୁପାଙ୍କ ଦୋହାକୋଷରେ 'ନ୍‌' ଓ 'ଣ୍‌' ଉଭୟର ପ୍ରଚଳନ ମିଳେ । ଯଥା—ଗଅଣ, ଗଅନ; ଣ, ନ; ପବଣ, ପବନ ଇତ୍ୟାଦି । କଥିତ ପ୍ରାକୃତରେ ଶବ୍ଦର ଆଦି ବ୍ୟଞ୍ଜନ 'ନ୍‌' ଦନ୍ତ୍ୟ ହୋଇଥିବା ଅନୁମାନ କରାଯାଏ (୩) । ଅର୍ଦ୍ଧମାଗଧୀ ଭାଷାରେ ଶବ୍ଦର ଆଦ୍ୟରେ 'ନ୍‌' ଓ ମଧ୍ୟରେ 'ଣ୍‌' ର ବ୍ୟବହାର ଦେଖିବାକୁ ମିଳେ ।

---

୧ । ହେମ—୧।୧୨୮ ।

୨ । ବର—୨।୪୨ ।

୩ । ଘୋ, ମାଗଧୀ; ୩୭ ।

**ଉଷ୍ମ ବ୍ୟଞ୍ଜନ:—** ମାଗଧୀ ବ୍ୟତୀତ ସମସ୍ତ ପ୍ରାକୃତରେ ଦନ୍ତ୍ୟ 'ସ୍' ର ବ୍ୟବହାର ମିଳେ । ମାଗଧୀ ପ୍ରାକୃତରେ 'ସ୍' ଓ 'ଷ୍' ସ୍ଥାନରେ 'ଶ୍' ର ପ୍ରଚଳନ ଦେଖାଯାଏ । ପୁରୁଷୋତ୍ତମଙ୍କ ମତରେ କ୍ୱଚିତ 'ଷ' ର ବ୍ୟବହାର ମଧ୍ୟ ଦେଖାଯାଇଥାଏ । ଅଶୋକଙ୍କ ଶିଳାଲେଖ ଶାହବାଜ୍‌ଗଡ଼ ଓ ମାନ୍‌ସେରାରେ ହିଁ ପ୍ରା: ଭା: ଆ: ର ଉଷ୍ମ ବ୍ୟଞ୍ଜନମାନଙ୍କର ଅସ୍ତିତ୍ୱ ରହିଅଛି ।

ମାଗଧୀର ଉପଭାଷା ପ୍ରତି ଦୃଷ୍ଟି ଦେଲେ 'ଶ୍' ଓ 'ସ୍' ର ପ୍ରଚଳନ କ୍ୱଚିତ୍ ପରିଦୃଷ୍ଟ ହୁଏ । ଗୋଟିଏ ଉପଭାଷାରେ କେବଳ 'ଶ୍' ଓ ଅନ୍ୟ ଉପଭାଷାରେ ଉଭୟ 'ଶ୍' ଏବଂ 'ସ୍' ଉପଲବ୍‌ଧ । ଅଶୋକଙ୍କ ପ୍ରାଚ୍ୟ ଲେଖମାନଙ୍କରେ କେବଳ 'ସ୍' ମିଳେ; କିନ୍ତୁ ସେହି ସମୟର ଶୁତନୁକା ଶିଳାଲେଖ (ଜୋଗିମାରା-ରାମଗଡ଼)ରେ କେବଳ 'ଶ୍' ହିଁ ଦେଖାଯାଏ । ମାଗଧୀରେ ମଧ୍ୟ 'ସ୍' ର ପ୍ରଚଳନ ଥିଲା, କିନ୍ତୁ ପ୍ରାକୃତ ବୈୟାକରଣମାନଙ୍କ ନିର୍ଦ୍ଦିଷ୍ଟ ନିୟମାବଳୀ ଉପରେ ବିଶେଷ ଗୁରୁତ୍ୱ ଦେବା ଫଳରେ କେବଳ 'ଶ୍' ର ପ୍ରାଧାନ୍ୟ ସ୍ୱୀକୃତ ହୋଇଥିଲା ।

**ର୍ ଏବଂ ଲ୍:—** ପ୍ରା: ଭା: ଆ: ରେ 'ର୍' ଏବଂ 'ଲ୍' ର ପ୍ରଚଳନ ଥିଲା, କିନ୍ତୁ ପ୍ରାକୃତ ବୈୟାକରଣମାନଙ୍କ ମତରେ ମାଗଧୀରେ କେବଳ 'ଲ୍' ବ୍ୟଞ୍ଜନ ହିଁ ଉଭୟ 'ର୍' ଓ 'ଲ୍' ସ୍ଥାନରେ ରହିଥାଏ । ଅଶୋକଙ୍କ ଶିଳାଲେଖ, ଶୁତନୁକା ଶିଳାଲେଖ ଓ ଗୋରଖପୁର ତାମ୍ରଲେଖରେ କେବଳ 'ଲ୍' ହିଁ ମିଳେ । ଅତଏବ ଏହା ଅନୁମାନ କରାଯାଇପାରେ ଯେ ମ: ଭା: ଆ: ର ପ୍ରାଥମିକ ଅବସ୍ଥାରେ ପ୍ରାଚ୍ୟ ଲେଖମାନଙ୍କରେ ଏହିପରି 'ଲ୍' ର ପ୍ରଚଳନ ଦେଖି ପ୍ରାକୃତ ବୈୟାକରଣମାନଙ୍କର ପ୍ରାଚ୍ୟ (ମାଗଧୀ)ରେ କେବଳ 'ଲ' ର ପ୍ରଚଳନ ରହିବା ପାଇଁ ନିର୍ଦ୍ଦେଶ ଦେବା ଅଯୌକ୍ତିକ ନୁହେଁ । ଶୌରସେନୀ ପ୍ରାକୃତରେ 'ର୍' ଏବଂ 'ଲ୍' ଉଭୟର ପ୍ରଚଳନ ମିଳେ । ମହାରାଷ୍ଟ୍ରୀରେ ମଧ୍ୟ ଏହି ଧ୍ୱନିଦ୍ୱୟର ସ୍ୱାତନ୍ତ୍ର୍ୟ ଦ୍ରଷ୍ଟବ୍ୟ । କେତେକ କ୍ଷେତ୍ରରେ ମଧ୍ୟବର୍ତ୍ତୀ 'ର୍' 'ଲ୍' ହୋଇଥିବା ଦେଖାଯାଏ । ( ମାର୍କ—୨।୨୯ )

**ୱ୍ ଏବଂ ବ୍:—** ପ୍ରା: ଭା: ଆ: ର 'ୱ୍' କୁ ଆରମ୍ଭ 'ବ୍', ପଶ୍ଚିମୀ ପ୍ରାକୃତରେ କେତେକାଂଶରେ 'ୱ୍' ରେ ପରିଣତ ହେଲା । ମୂଳ 'ବ'

ଅପରିବର୍ତ୍ତିତ ରହିଲା । ସ୍ୱର ମଧ୍ୟବର୍ତ୍ତୀ 'ପ୍' > 'ଵ୍' ରେ ପରିଣତ ହେଲା । ମହାରାଷ୍ଟ୍ରୀରେ 'ବ୍' ଏବଂ 'ଵ୍'ର ପାର୍ଥକ୍ୟ ଦେଖାଯାଏ । ବିଶେଷତଃ ଆଦ୍ୟସ୍ଥ 'ଵ୍' ସୁରକ୍ଷିତ । ପ୍ରାକୃତ ବୈୟାକରଣମାନେ ପ୍ରାଚ୍ୟ ପ୍ରାକୃତରେ 'ବ୍' ର ପ୍ରଚଳନ ଲକ୍ଷ୍ୟ କରିଥିଲେ । ପ୍ରାଚ୍ୟ ଅପଭ୍ରଂଶରେ 'ବ୍' ର ପ୍ରାଧାନ୍ୟ ଦେଖାଯାଏ । ଏହି 'ବ୍' ଏବଂ 'ଵ୍' ର 'ବ୍' ରେ ପରିଣତି ପ୍ରାକୃତର ଶେଷାବସ୍ଥାରେ ଘଟିଥିବାର ଅନୁମାନ କରାଯାଏ । ପ୍ରାଚ୍ୟ ପ୍ରାକୃତରେ ମଧ୍ୟ ଆଦ୍ୟସ୍ଥ 'ଵ୍' ବହୁକାଳଯାଏ ପ୍ରଚଳିତ ହୋଇଥିଲା ।

**ଜ୍ ଏବଂ ୟ୍** :— ପ୍ରା: ଭା: ଆ: ର 'ୟ୍' କେବଳ ମାଗଧୀରେ ସୁରକ୍ଷିତ ଏବଂ ଅର୍ଦ୍ଧମାଗଧୀ ଓ ଜୈନମହାରାଷ୍ଟ୍ରୀରେ ସ୍ୱରମଧ୍ୟବର୍ତ୍ତୀ 'ୟ୍' ଦେଖାଯାଏ । ପ୍ରା: ଭା: ଆ: ର 'ୟ୍' ଶୌରସେନୀ ଓ ମହାରାଷ୍ଟ୍ରୀରେ 'ଜ୍' ରେ ପରିଣତ ହେଲା । କିନ୍ତୁ ମାଗଧୀରେ ପ୍ରା: ଭା: ଆ: ର 'ଜ୍' > 'ୟ୍' ହୋଇଥାଏ । ଯଥା— ମାଗ: ୟୀଵ < ଜୀଵ; ୟୀହା < ଜିହ୍ୱା; ଅୟ୍ୟ < ଅଦ୍ୟ ଏବଂ ଶୌର: ଅଜ୍ଜ ଇତ୍ୟାଦି । କେତେକ କ୍ଷେତ୍ରରେ ଶବ୍ଦର ଆରମ୍ଭରେ (ସ୍ୱର ପୂର୍ବରେ) 'ୟ୍-' ର ଆଗମ ହୋଇଥାଏ, ଯଥା— ୟେଵ < ଏଵ; ଜୈନ ପ୍ରାକୃତରେ ୟିମ < ଇଦେ; ୟିୟେ < ଇୟମ୍ । ମାର୍କଣ୍ଡେୟଙ୍କ ଅନୁସାରେ ମାଗଧୀ ପ୍ରାକୃତରେ ଶବ୍ଦର ଆଦ୍ୟସ୍ଥ 'ଚ୍' ଓ 'ଜ୍' ପୂର୍ବରେ 'ୟ୍' ର ଆଗମ ହୁଏ । ଯଥା— ୟ୍ଚରଂ < ଚରମ୍; ୟ୍ଜାଆ < ଜାୟା; ଶ୍ରାଚଣ୍ଡରେ ମଧ୍ୟ— ୟ୍ଚଲଇ < ଚଲତି, ୟ୍ଜଲଇ < ଜଲଇ (ମାର୍କ— ଚଜୟୋରୁପରି ୟଃ ସ୍ୟାତ୍ ॥ ୧୨।୨୧, ଚଜୋରୁପରି ୟୋ ଭବେତ୍ ॥ ୧୮।୨) । ଜୈନ: ତଥା ଅନ୍ୟାନ୍ୟ ପ୍ରାକୃତରେ ଉଭୟ ସ୍ୱର ମଧ୍ୟବର୍ତ୍ତୀ 'ଜ୍' ର 'ୟ୍' ହୋଇଥାଏ । ଯଥା— ନିୟ < ନିଜ, ରାୟା < ରାଜା । ଅର୍ଦ୍ଧମାଗଧୀରେ ସ୍ୱର ମଧ୍ୟବର୍ତ୍ତୀ 'ତ୍' ଓ 'ଦ୍' 'ୟ୍' ହୋଇଥିବା ଦେଖାଯାଏ । ଯଥା— ଆୟାର < ଆଚାର, ଗୟ < ଗତ ।

**ସ୍ୱରମଧ୍ୟବର୍ତ୍ତୀ ଏକକ ସ୍ପର୍ଶବ୍ୟଞ୍ଜନ**:— ମହାରାଷ୍ଟ୍ରୀରେ ସମସ୍ତ ମଧ୍ୟବର୍ତ୍ତୀ ସ୍ପର୍ଶର ଲୋପ ହୁଏ, କିନ୍ତୁ ଶୌରସେନୀ ଓ ମାଗଧୀରେ ଏହାର ବ୍ୟତିକ୍ରମ ଦେଖାଯାଏ । ଶୌରସେନୀ ଓ ମାଗଧୀରେ ସ୍ୱରମଧ୍ୟବର୍ତ୍ତୀ 'ଗ୍', 'ଦ୍', 'ବ୍', ସୁରକ୍ଷିତ; ତଥାପି କେତେକ ସ୍ଥଳରେ 'ଗ୍' ଓ 'ବ୍' ର

ଲୋପ ହୋଇଥାଏ । ଡକ୍ଟର ସୁନୀତିଙ୍କ ମତାନୁସାରେ ପ୍ରା: ଭା: ଆ: ର ମୂଳ ସରଳ ବ୍ୟଞ୍ଜନ ଯାହା ସାହିତ୍ୟିକ ପ୍ରାକୃତରେ ଘୋଷ ସ୍ପର୍ଶ ଭାବରେ ରହିଥିଲା ପରେ ପରେ ସେଗୁଡ଼ିକ ବି ଲୋପ ହୋଇଗଲା । ନବ୍ୟ ଭାରତୀୟ ଆର୍ଯ୍ୟଭାଷାର ଦୃଷ୍ଟାନ୍ତ ଉପରେ ନିର୍ଭର କରି ଉପରୋକ୍ତ ମତପୋଷଣ କରିଥିଲେ ।

ସଂ: ଶତମ୍ ମାଗ: ଶଦେ, ଶଦଂ ନ: ଭା: ଆ:— ଶ, ଶାଅ, ସାସୁ ।
ଶୌର: ସଦଂ ଓଡ଼ିଆ — ଶ (ହ)
ହିନ୍ଦୀ—ସୌ

ସଂ: ପାଦ ( ପାଦ, ୍ରୀ )
ମାଗ: } ପାଦ ଓ: -ପା (ଦେହପା); ପା(ଆ) ୍ରୀ
ଶୌର:

ବ: ପା
ମୈ: ପାସୁ
ହି: ପାସୁ (ପାଁଵ)

ମହାରାଷ୍ଟ୍ରୀରେ ସ୍ୱରମଧ୍ୟବର୍ତ୍ତୀ ବ୍ୟଞ୍ଜନମାନଙ୍କର ଲୋପ ହେବା ଫଳରେ ଭାଷା କ୍ରମେ କ୍ରମେ ଦୁର୍ବୋଧ ହୋଇପଡ଼ିବା ସ୍ୱାଭାବିକ । ଦ୍ରଷ୍ଟବ୍ୟ— ମହା: କଇ < କତ, କପି, କବି; ମଅ < ମଦ, ମସ୍ତୁ, ମୃଗ ଇତ୍ୟାଦି । କେବଳ ସଂଗୀତ ଦୃଷ୍ଟିରୁ ଗୀତିକବିତାରେ ଏପ୍ରକାର ଲୋପ ହୋଇଥିବା ସମ୍ଭବ । କିନ୍ତୁ ଅନ୍ୟ ପ୍ରାକୃତ ଉପଭାଷାମାନଙ୍କରେ ସ୍ୱରମଧ୍ୟବର୍ତ୍ତୀ ବ୍ୟଞ୍ଜନ ସୁରକ୍ଷିତ ହେବା ସ୍ୱାଭାବିକ । ତେଣୁ ଶୌରସେନୀ ଓ ମାଗଧୀରେ ଏହି ଧରଣର ବ୍ୟଞ୍ଜନ ଉପଲବ୍ଧ । ଅପଭ୍ରଂଶ ସ୍ତରରେ ମଧ୍ୟ ଏ ଧରଣର ବ୍ୟଞ୍ଜନ 'ଗ୍' 'ଦ୍' 'ବ୍' ସ୍ୱରମଧ୍ୟବର୍ତ୍ତୀ 'କ୍' 'ତ୍' 'ପ୍' ସ୍ଥାନରେ ଦେଖାଯାଏ । (୧)

ଅନୁନାସିକ ବ୍ୟଞ୍ଜନ—ମଧ୍ୟ ଭାରତୀୟ ଆର୍ଯ୍ୟଭାଷାରେ ଅନୁନାସିକ ବ୍ୟଞ୍ଜନଗୁଡ଼ିକର ପ୍ରଚଳନ ସରଳ ହୋଇଥିଲା । ସାହିତ୍ୟିକ ପ୍ରାକୃତରେ 'ଣ୍' ସୁରକ୍ଷିତ; କେବଳ ପୈଶାଚୀରେ ଏହା 'ନ୍'ରେ ପରିଣତ ହୋଇଥିଲା । (୨)

---

(୧) ହେମ—୨।୪; ମାର୍କ—୧୨।୨; ଝା, ମାଗଧୀ: ୪୪ ।
(୨) ବର—୧୦।୫; ହେମ—୪।୩୦୬—ଶୌ ନଃ ।

ସ୍ୱରମଧ୍ୟବର୍ତ୍ତୀ 'ନ୍' ର 'ଣ୍' ରେ ପରିଣତି ଏକ ଜନ୍ମିତ ପ୍ରକ୍ରିୟା, କିନ୍ତୁ ସର୍ବତ୍ର (ଆଦ୍ୟ ଓ ମଧ୍ୟ) 'ନ୍' ର 'ଣ୍' ରେ ପରିଣତ ହେବା ମତ (ପ୍ରାକୃତ ବୈୟାକରଣମାନଙ୍କର) ଧ୍ୱନିବିଜ୍ଞାନ ଦୃଷ୍ଟିରୁ ସେତେଟା ସମ୍ଭବପର ନୁହେ । ପ୍ରାକୃତ ଶବ୍ଦର ଆଦ୍ୟସ୍ଥିତ 'ଣ୍' କେବଳ ଅଳ୍ପ ମାତ୍ରାରେ ମୂର୍ଦ୍ଧନ୍ୟୀଭବନରେ ଜୋର ଦେବାର ପରିଣତି ମାତ୍ର । (୧) କାରଣ 'ନ୍' ଦୁର୍ବଳ ଧ୍ୱନି ଓ 'ଣ୍' ସବଳ ଧ୍ୱନି ।

ମାଗଧୀରେ ଶବ୍ଦର ଆଦ୍ୟରେ 'ଞ୍' ଏବଂ ଦୁଇ ସ୍ୱର ମଧ୍ୟରେ 'ଞ୍ଞ୍' ଅନୁନାସିକ ବ୍ୟଞ୍ଜନ ମିଳେ । ପୈଶାଚୀରେ ମଧ୍ୟ 'ଞ୍ (ଞ୍)' ଉପଲବ୍ଧ । ଅନ୍ୟାନ୍ୟ ପ୍ରାକୃତରେ ଦୁଇ ସ୍ୱର ମଧ୍ୟରେ 'ଞ୍' ଏବଂ 'ନ୍' ଅନୁନାସିକ ଦେଖିବାକୁ ମିଳେନାହିଁ । ପୈଶାଚୀରେ 'ନ୍' ଧ୍ୱନି ଦୁଇ ସ୍ୱର ମଧ୍ୟରେ ପ୍ରାପ୍ତ । ଯଥା—ଗୁନ, ଗନ < ଗୁଣ, ଗଣ ଇତ୍ୟାଦି । (୨) ପ୍ରା: ଭା: ଆ: ର 'ଙ୍' ପ୍ରାକୃତରେ ଅନୁପଲବ୍ଧ । ଅନ୍ୟବର୍ଗର ସ୍ପର୍ଶ ପୂର୍ବରେ ଅନୁନାସିକ ବ୍ୟଞ୍ଜନ ଅନୁସ୍ୱାରରେ ପରିଣତ ହୋଇଥାଏ । ଯଥା—ପଂତ୍ତି < ପଙ୍କ୍ତି ।

ନୋଟ:—ହେମଚନ୍ଦ୍ରଙ୍କ ଅନୁସାରେ ପୈଶାଚୀରେ ସ୍ୱର ମଧ୍ୟବର୍ତ୍ତୀ 'ଲ୍' ର 'ଳ୍' ହୁଏ । ଯଥା—ସୀଳଂ < ଶୀଲମ୍; କମଳଂ, ସଲିଳଂ । (୩)

ପ୍ରଫେସର ସେନ ମଧ୍ୟବର୍ତ୍ତୀ ଳ୍ (ଡ୍, ଢ୍') ର ଉତ୍ପତ୍ତି ଡ୍, ଟ୍, ଣ୍, ଟ୍ୟ ରୁ ଦର୍ଶାଇଛନ୍ତି । ଯଥା—ମହା: କକ୍କୋଳ < କର୍କୋଟ, (ଓ: କାକୋଲା); ଜପ୍ପ: କୁକୁଡ଼' < କୁକ୍କୁଟ । (୪)

[ ତୁଳ: ପାଲି—ବେଳୁ < ବେଣୁ, ଖେଳ < ଖେଟ, ମୁଳାଲ < ମୃଣାଲ । ]

---

(୧) ଝା, ମାଗଧୀ: ୪୩ । (୨) ହେମ—୪।୩୦୬।୫ । (୩) ହେମ—୪।୩୦୮ ।
(୪) ସେନ, କ: ଗ୍ରା: ମି: ଇ: ଆ: ପୃ. ୫୧ ।

## କ୍

କ୍ < କ୍ ( ପ୍ରା: ଭା: ଆ: ର 'କ୍' ଶବ୍ଦର ଆଦ୍ୟରେ ପ୍ରାକୃତରେ ସୁରକ୍ଷିତ । )

କଇ < କପି; କଇ < କବି

କଭ < କୁଭଃ; କଞ୍ଚୁଦ୍ଧା < କଞ୍ଚୁକ୍

କଂସଂ < କାଂସ୍ୟମ୍; କଂଖଇ < କାଙ୍କ୍ଷତି

ଚୂପୈ: ପାଲକୋ < ବାଲକଃ; ଏକାଦସ < ଏକାଦଶ (୧)

କ୍ < ଖ୍ ( ପ୍ରା: ଭା: ଆ: ର 'ଖ୍' ପ୍ରାକୃତରେ 'କ୍' ରେ ପରିଣତ ହୁଏ )।

ସଂକଲଂ < ଶୃଙ୍ଖଲମ୍; ସଂକଲ < ଶୃଙ୍ଖଲ ।

କ୍ < ଗ୍ ( ପ୍ରା: ଭା: ଆ: ର 'ଗ୍' ଚୂଳିକା-ପୈଶାଚୀ ପ୍ରାକୃତରେ 'କ୍' ହୋଇଥାଏ )।

କଂକା < ଗଙ୍ଗା; କିରି-ତଟଂ < ଗିରି-ତଟମ୍ (୨)

ନକରଂ < ନଗରମ୍; ଗକନଂ < ଗଗନମ୍ (୩)

ତଡାକଂ < ତଡାଗମ୍; କହକଂ < ଗୃହମ୍

[ ତୁଳ:—ପାଲି—ଅକଲୁ < ଅଗୁରୁ; ଥକନ < ସ୍ଥଗନ । ]

## ଖ୍

ଖ୍ < ଖ୍ ( ପ୍ରା: ଭା: ଆ: ର ଶବ୍ଦର ଆଦ୍ୟସ୍ଥିତ 'ଖ୍' ପ୍ରାକୃତରେ ସୁରକ୍ଷିତ )।

ଖଜ୍ଜଇ < ଖାଦ୍ୟତେ; ଖୁ < ଖଲୁ

ମାଗ: ଖଜ୍ଜ, ଖୟ୍ୟ } < ଖାଦ୍ୟ

---

(୧) ହେମ—୪।୩୨୭—୧ ।

(୨) ମାର୍କ—୧୯।୨; ହେମ—୪।୩୨୫ ।

(୩) ବର—୧୦।୩; ହେମ—୪।୩୨୫ ।

(୪) ଗାଇଗର୍, ପାଲି: ୩୪।୧ ।

ଖ୍ < କ୍ ( ପ୍ରା: ଭା: ଆ: ର ଆଦ୍ୟସ୍ଥିତ 'କ୍' ପ୍ରାକୃତରେ 'ଖ୍' ରେ ପରିଣତ ହୁଏ) ।

ମାଗ: ଖପପର } ଖପ୍ପଲ } < କର୍ପର

ଅମାଗ: ଖିଲ < କିଲ ( ପାଲି—ଖିଲ )

ନବ୍ୟ: ଖୁଲ < କୁଲ

[ ତୁଳ: ପାଲି—ଖୁଜ୍ଜ < କୁବ୍ଜ ]

ଖ୍ < କ୍ଷ୍ ( ପ୍ରା: ଭା: ଆ: ର 'କ୍ଷ୍' ପ୍ରାକୃତରେ 'ଖ୍' ହୋଇଥିବା ଦେଖାଯାଏ ) ।

ଖଣୋ < କ୍ଷଣଃ; ଖୁଦ୍ଦ < କ୍ଷୁଦ୍ର

ପୈ: ସୁଖମ < ସୂକ୍ଷ୍ମ; ପଖମ < ପକ୍ଷ୍ମ ( ମାର୍କ—୧୯।୧୨, ୧୩ )

ଖ୍ < ଘ୍ ( ପ୍ରା: ଭା: ଆ: ର 'ଘ୍' କେବଳ ପୈଶାଚୀ ପ୍ରାକୃତରେ 'ଖ୍' ହୋଇଥାଏ ) ।

ପୈ: ମେଖ < ମେଘ ( ଅନ୍ୟ ପ୍ରାକୃତରେ ମେହ )

ଖ୍ < ସ୍କ୍, ସ୍ଖ୍ ( ପ୍ରା: ଭା: ଆ: ର 'ସ୍କ୍', 'ସ୍ଖ୍' ପ୍ରାକୃତରେ 'ଖ୍' ରେ ପରିଣତ ହୁଏ) ।

ଖଲ (ଦ) ଇ < ସ୍ଖଲତି; ଖନ୍ଧ < ସ୍କନ୍ଧ

ଖୁତ୍ତ < ସ୍କୃପ୍ତ

## ଗ୍

ଗ୍ < ଗ୍ ( ପ୍ରା: ଭା: ଆ: ର 'ଗ୍' ପ୍ରାକୃତରେ ସୁରକ୍ଷିତ ) ।

ଗଜ୍ଜଇ < ଗର୍ଜତି; ଗଅଣ < ଗଗନ

ଗଅ < ଗତ; ଅବଗଅ < ଅପଗତ

ଗଂଧ < ଗନ୍ଧ ( ନବ୍ୟ: ଗଧ )

ମିଗୀ, ମଈ < ମୃଗୀ ( ନପୁଂ: ମୃଗ )
[ ତୁଳ: ପାଲି — ମିଗୀ; ମଗ, ମିଗ < ମୃଗ ]
ଗ୍ < କ୍ ( ପ୍ରା: ଭା: ଆ: ର 'କ୍' ପ୍ରାକୃତରେ 'ଗ୍' ରେ ପରିଣତ ହୁଏ ) ।
ମରଗଅଂ < ମରକତମ୍
ମାଗ: ହଗେ < ହକଃ ( ସେନ — ୧୦୮ )
ମାଗ: ଲୋଗ < ଲୋକ
ଅସୁଗେ < ଅସୁକଃ; ଏଗେ < ଏକଃ ( ହେମ – ୪।୩୯୬ )
[ ତୁଳ: ଅଶୋ: ଜଉ: — ପଲଲୋଗଂ < ପରଲୋକମ୍, ହିଦଲୋଗଂ < ହିତଲୋକମ୍ ]
ଗ୍ < ଘ୍ ( ପ୍ରା: ଭା: ଆ: ର 'ଘ୍' ପ୍ରାକୃତରେ 'ଗ୍' ରେ ବିକଶିତ ହୁଏ ) ।
ନପୁଂ: ଗାସ < ଘାସ; ଗିଦ < ଘୃତ
ଗ୍ < ଗ୍ର୍ ( ପ୍ରା: ଭା: ଆ: ର ଆଦ୍ୟସ୍ଥିତ 'ଗ୍ର୍' ପ୍ରାକୃତରେ 'ଗ୍' ହୁଏ ) ।
ଗାମ < ଗ୍ରାମ; ଗାହ < ଗ୍ରାହ
ଗୀବା < ଗ୍ରୀବା; ଗୁଂଥଇ < ଗ୍ରଥ୍ନାତି
ଗଂଠି, ଗଂଡା < ଗ୍ରନ୍ଥି ( ମାର୍କ — ୩।୧୫ )

## ଘ୍

ଘ୍ < ଘ୍ ( ପ୍ରା: ଭା: ଆ: ର ଆଦ୍ୟସ୍ଥିତ 'ଘ୍' ପ୍ରାକୃତରେ ସୁରକ୍ଷିତ ) ।
ଘଡଇ < ଘଟ୍ଟତି; ଘାଅଅ < ଘାତକ
ଘାସ, ଘରିସ, ଘସ < ଘର୍ଷ
ଘୋଡ < ଘୋଟ; ଘୋସ < ଘୋଷ
ଘ୍ < ଷ୍ ( ପ୍ରା: ଭା: ଆ: ର 'ଷ୍' ପ୍ରାକୃତରେ 'ଘ୍' ଖୁବ୍ କମ୍ ହୁଏ ) ।
ନପୁଂ: ଭଘୁ < ଭଷ୍

ବୌଦ୍ଧ ସଂସ୍କୃତ—ପଘରନ୍ତି < ପ୍ରକ୍ଷରନ୍ତି (ପାଲି ପଗ୍‌ଘରନ୍ତି)
ଅଶୋ: ଧଉଲି, ଜଉଗଡ—ଚଘଥ < ଚକ୍ଷ

ଘ < ଗ୍ହ ( ପ୍ରା: ଭା: ଆ: ର 'ଗ୍ହ' ମହାପ୍ରାଣତ୍ୱର ବର୍ଣ୍ଣସ୍ୱଦ୍ୱାରା ପ୍ରାକୃତରେ ଆଦ୍ୟରେ 'ଘ' ହୁଏ )।

ଘରସାମୀ < ଗୃହସ୍ୱାମୀ
ଘରଂ < ଗୃହମ୍
ତୁଳ: ଅଓ: ଘେଣଇ < ଗୃହ୍ଣାତି (ଓ: ଘେନଇ);
ଘରିଣୀ < ଗୃହିଣୀ (ଓ: ଘରଣୀ)।

-ଘ୍ < -ହ୍ ( ପ୍ରା: ଭା: ଆ: ର ଅନୁସ୍ୱାର ପରବର୍ତ୍ତୀ 'ହ୍' 'ଘ୍' ରେ ପରିଣତ ହୁଏ )।
ନିୟ: ସିଂଘ < ସିଂହ

## ଚ୍

ଚ୍ < ଚ୍ ( ପ୍ରା: ଭା: ଆ: ର 'ଚ୍' ପ୍ରାକୃତରେ ଆଦ୍ୟରେ ସୁରକ୍ଷିତ )।

ଚ < ଚ; ଛକ (ଚ୍) ଗୁ < ଛକଷ୍ଠା
ଚର < ଚର; ମାଗ: ଚଲ
ଖଚଇ < ଖଚତି; ଚଇତ୍ତଂ < ଚୈତ୍ୟମ୍

ଚ୍ < କ୍ ( ପ୍ରା: ଭା: ଆ: ର 'କ୍' ପ୍ରାକୃତରେ 'ଚ୍' ରେ ପରିଣତ ହୁଏ )।

ଚିଲାଓ < କିରାତଃ

ଚ୍ < ଜ୍ ( ପ୍ରା: ଭା: ଆ: ର 'ଜ୍' ପ୍ରାକୃତରେ 'ଚ୍' ହୋଇଥାଏ )।

ଚୂପୈ: ଚଚରଂ < ଜର୍ଜରମ୍
ଚୂପୈ: ଚଲ୍ଲ < ଜଲ୍ଲା; ଚୀମୁତ୍ତୋ < ଜୀମୂତଃ
ନିୟ: ଚଣତି < ଜାନାତି; ଚୀବ < ଜୀବ
ଚୂପୈ: ନିପ୍ପୋଚଚଂ < ନିପ୍ପୋଜଚମ୍

ଚ୍ < ତ୍ ( ପ୍ରା: ଭା: ଆ: ର 'ତ୍' ଆଦ୍ୟସ୍ଥିତ ପ୍ରାକୃତରେ 'ଚ୍' ରେ ପରିଣତ ହୁଏ )।

ଚିଟ୍ଠଇ, ଚିଟ୍ଠଦି < ତିଷ୍ଠତି

ଚୁଚ୍ଛଂ < ତୁଚ୍ଛମ୍

ଚ୍ < କ୍ଷ୍ ( ପ୍ରା: ଭା: ଆ: ର 'କ୍ଷ୍' ପ୍ରାକୃତରେ 'ଚ୍' ହୋଇଥାଏ )।

ଅମାଗ: ଚୁଲ୍ଲ < କ୍ଷୁଦ୍ର (ତୁଳ: ଜୈନ:— ଚକଅ < ଶକ୍ୟ)

## ଛ୍

ଛ୍ < ଛ୍ ( ପ୍ରା: ଭା: ଆ: ର 'ଛ୍' ପ୍ରାକୃତରେ ଆଦ୍ୟରେ ସୁରକ୍ଷିତ )।

ଛଦଂ < ଛଦମ୍; ଛେଦଗ < ଛେଦକ

ଛାଆ, ଛାୟା < ଛାୟା ( ପାଲି— ଛାୟା )

ଛ୍ < କ୍ଷ୍ - ( ପ୍ରା: ଭା: ଆ: ର 'କ୍ଷ୍' ପ୍ରାକୃତରେ ଆଦ୍ୟରେ 'ଛ୍' ରେ ପରିଣତ ହୁଏ )।

ଛଣୋ < କ୍ଷଣଃ; ଛୀଅଂ < କ୍ଷୁତମ୍

ଛମା < କ୍ଷମା; ଛେମଂ < କ୍ଷେମମ୍

ଅଶୋକଙ୍କ ଶିଳାଲେଖ— ଗିରନାର — ଛୁଦ < କ୍ଷୁଦ୍ର; ଶାହ୍‌ବାଜଗଢ଼ୀ, ମାନ୍‌ସେରା—ମୋଛ < ମୋକ୍ଷ ]

ଛ୍ < ଜ୍ ( ପ୍ରା: ଭା: ଆ: ର 'ଜ୍' ଆଦ୍ୟରେ ପ୍ରାକୃତରେ ଖୁବ୍ କମ୍ 'ଛ୍' ହୁଏ )।

ଜୈ: ଛଂଲ୍‌ପିତ < ଜଲ୍‌ପିତ

ଛ୍ < ଝ୍ ( ପ୍ରା: ଭା: ଆ: ର ଆଦ୍ୟସ୍ଥ 'ଝ୍' ଚୂଳିକା ପୈଶାଚୀରେ 'ଛ୍' ରେ ପରିଣତ ହୁଏ )।

ଛଞ୍ଛରୋ < ଝର୍ଝରଃ

ଛ୍ < ଶ୍ ( ପ୍ରା: ଭା: ଆ: ର 'ଶ୍' ପ୍ରାକୃତରେ ଆଦ୍ୟରେ 'ଛ୍' ହୁଏ )।

ଛୁଓ ଛୁବଓ < ଶବକଃ (ମାର୍କ—୨।୪୦)

ଅମାଗ: ଛୁବୋ < ଶାବକଃ

[ ତୁଳ: ପାଲି—ଛାପ (କ) ] (୧)

ଛ୍ < କ୍ଷ୍ ( ପ୍ରା: ଭା: ଆ: ର 'କ୍ଷ୍' 'ଛ୍' ରେ ପରିଣତ ହୁଏ )।

କଳିଙ୍ଗ: କଛୁ < କକ୍ଷୁ

ଛ୍ < ଷ୍ ( ପ୍ରା: ଭା: ଆ: ର 'ଷ୍' ପ୍ରାକୃତରେ 'ଛ୍' ହୋଇଥାଏ )।

ଛଟ୍ଠୀ < ଷଷ୍ଠୀ; ଛଅ < ଷଟ୍

## ଜ୍

ଜ୍ ( ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାର 'ଜ୍' ପ୍ରାକୃତରେ ସୁରକ୍ଷିତ)।

ଜଣ < ଜନ; ଜଧା < ଯୁଥା

ଜଡଲଂ < ଜଠରମ୍

ଜାଇ < ଜାତି; ଜେଜ < ଜେତୃ

ଜ୍ < ଯ୍ ( ପ୍ରା: ଭା: ଆ: ର 'ଯ୍' ପ୍ରାକୃତରେ 'ଜ୍' ରେ ପରିଣତ ହୁଏ )।

ଜଢ < ଯୂଥା; ଜମ < ଯମ

ଜାଇ < ଯାତି; ଜୁବଇ, (ମାଗ:) ଜୁବଢ < ଯୁବତି

ଜୈଶୌର: ଅଜଧା < ଅଯୁଥା; ସଜଦା < ସଯୁତା

ସଂଜଦୋ < ସଂଯୁତଃ

ଜ୍ < ତ୍ ( କେବଳ ସ୍ୱର ମଧ୍ୟସ୍ଥ ), ସାହିତ୍ୟକ ପ୍ରାକୃତରେ ଏହା ନାହିଁ; କେବଳ (ଅଶୋ:) ଜଉଗଡ଼, ଧଉଳିରେ —

ଅଜଲ < ଅଚଳ

ଜପୁ: ସୁଜ < ସୁତ; ପିସାଜୀ < ପିଶାଚୀ (୨)

---

(୧) ଗାଇଗେର୍, ପାଲି: ୬୦।୬ (୨) ହେମ—୧।୧୭୭

ଜ୍ < ଜ୍ୟ, ଦ୍ୟ ( ପ୍ରା: ଭା: ଆ: ର ଆଦ୍ୟସ୍ଥ 'ଜ୍ୟ' ଓ 'ଦ୍ୟ' ପ୍ରାକୃତରେ 'ଜ୍' ହୁଏ )।

ଜେଟ୍‌ଠ < ଜ୍ୟୈଷ୍ଠ
ଜୋଇକ୍‌କ < ଜ୍ୟୋତିଷ୍କ
ଜୋଣ୍‌ହା < ଜ୍ୟୋତ୍ସ୍ନା
ଜୂଆର < ଦ୍ୟୁତକାର
ଜୋଅଗ < ଦ୍ୟୋତକ

## ଝ୍

ଝ୍ ( ପ୍ରା: ଭା: ଆ: ର 'ଝ୍' ପ୍ରାକୃତରେ ସୁରକ୍ଷିତ )।

ଝଞ୍ଝି } < ଝଟିତି; ଝଜ୍‌ଝର < ଝର୍ଝର
ଝଡ଼ି }

ଝଣ୍‌ଣଜ୍‌ଝଣନ୍ତ < ଝନ୍‌ଝନ୍ତ

ଝ୍ < ଛ୍ ( ପ୍ରା: ଭା: ଆ: ର 'ଛ୍' ପ୍ରାକୃତରେ 'ଝ୍' ରେ ପରିଣତ ହୁଏ )।

ଝମ୍ପଇ < ଛାଦୟତି

ଝ୍ < ଜ୍ ( ପ୍ରା: ଭା: ଆ: ର 'ଜ୍' ପ୍ରାକୃତରେ ଆଦ୍ୟରେ 'ଝ୍' ରେ ପରିଣତ ହୁଏ )।

ଝଡିଲୋ < ଜଟିଲଃ (ହେମ—୧।୧୯୪)

ଝ୍ < ଧ୍ୟ, ଧ୍ୱ୍ ( ପ୍ରା: ଭା: ଆ: ର ଆଦ୍ୟସ୍ଥ 'ଧ୍ୟ', 'ଧ୍ୱ୍' ପ୍ରାକୃତରେ 'ଝ୍' ରେ ପରିଣତ ହୁଏ )।

ଝାଣଂ < ଧ୍ୟାନମ୍
ଝସ୍ଥ < ଧ୍ୱଜ (୧)

ଝ୍ < କ୍ଷ୍ ( ପ୍ରା: ଭା: ଆ: ର 'କ୍ଷ୍' ପ୍ରାକୃତରେ 'ଝ୍' ରେ ପରିଣତ ହୁଏ )।

ଝରଇ < କ୍ଷରତି; ଝୀଣ < କ୍ଷୀଣ

---

(୧) ଟର୍ନର, ପି: ଡ଼: ଆ: ଏ:

## ଞ୍

ମଧ୍ୟ ଭାରତୀୟ ଆର୍ଯ୍ୟଭାଷାର 'ଞ୍' ଧ୍ୱନିର ଦୃଷ୍ଟାନ୍ତ ପୈଶାଚୀ, ମାଗଧୀ (ବିଭାଷା), ଜସୂ ପ୍ରଭୃତି ପ୍ରାକୃତରେ ଆଦ୍ୟ ଓ ମଧ୍ୟ ଉଭୟ ସ୍ଥିତିରେ ଦେଖିବାକୁ ମିଳେ । ପୈଶାଚୀରେ ଏହାର ବ୍ୟବହାର ବେଶି । ପାଲିରେ ମଧ୍ୟ ଏହାର ଉଦାହରଣ ସୁଲଭ ।

ଞ୍ < ଜ୍ଞ ( ପ୍ରା: ଭା: ଆ: ର 'ଜ୍ଞ୍' ପୈଶାଚୀରେ 'ଞ୍' ରେ ପରିଣତ ହୋଇଥାଏ ) ।

ଞାନଂ < ଜ୍ଞାନମ୍ ( ହେମ—୪|୩୦୩ )

ସଞ୍ଞା < ସଂଜ୍ଞା ( ହେମ—୪|୩୦୪ )

ରାଞ୍ଞୋ < ରାଜ୍ଞଃ

[ ତୁଳ: ପାଲି—ଞାନଂ < ଜ୍ଞାନମ୍; ଞତ୍ତି < ଜ୍ଞପ୍ତି; ରଞ୍ଞୋ < ରାଜ୍ଞଃ ]

-ଞ୍- < -ନ୍- ( ପ୍ରା: ଭା: ଆ: ର '-ନ୍-' ପ୍ରାକୃତରେ '-ଞ୍-' ହୁଏ ) । (୧)

ସଞ୍ଝା < ସନ୍ଧ୍ୟା

ବିଞ୍ଝ < ବିନ୍ଧ୍ୟ

ଜସୂ: ଅଞ୍ଞ < ଅନ୍ୟ (୨)

[ ତୁଳ: ପାଲି—ଞାୟ < ନ୍ୟାୟ ]

## ଟ୍

ଟ୍ ( ପ୍ରା: ଭା: ଆ: ର 'ଟ୍' ପ୍ରାକୃତରେ ଖୁବ୍ କମ୍ ସ୍ଥାନରେ ସୁରକ୍ଷିତ ) ।

ଟଙ୍କୋ < ଟଙ୍କଃ (ହେମ—୧|୧୯୫)

କସଟଂ < କଷ୍ଟମ୍

(୧) ସେନ, କ: ଗ୍ରା: ମି: ଇ: ଆ: ପୃ: ୯୮

(୨) ସେନ, କ: ଗ୍ରା: ମି: ଇ: ଆ: ପୃ: ୪୯

ଟ୍ < ତ୍ ( ସଂସ୍କୃତର ଦନ୍ତ୍ୟବର୍ଣ୍ଣ ବହୁସ୍ଥାନରେ ପ୍ରାକୃତରେ ମୂର୍ଦ୍ଧନ୍ୟ ହୁଏ )।

ଟଗରୋ < ତଗରଃ; ଟସରୋ < ତସରଃ

ଟୂବରୋ < ତୂବରଃ (ଜଣ ଦାଢ଼ି ଉଠିନଥିବା ତପାରଣି) (୧)

ଚୂପୈ: ପଡିମା < ପ୍ରତିମା; ନମ୍ବ: ଡଂଶ < ଦଂଶ

[ ତୁଳ: ଧଉଳ—ଡଟେ < କୃତେ; ପାଲି—ପଟଙ୍ଗ < ପତଙ୍ଗ ] (୨)

## ଠ

ଠ୍ ( ପ୍ରା: ଭା: ଆ: ର 'ଠ୍' ପ୍ରାକୃତରେ ସୁରକ୍ଷିତ )।

ଠକ୍କୁର < ଠକ୍କୁର

ଠଗ < ଠକ; କଂଠ < କଣ୍ଠ

ଠ୍ < ଷ୍ଟ୍, ସ୍ତ୍ ( ପ୍ରା: ଭା: ଆ: ଭାଷାର 'ଷ୍ଟ୍', 'ସ୍ତ୍' ପ୍ରାକୃତରେ 'ଠ୍' ହୋଇଥାଏ। )

ଠମ୍ଭୋ < ସ୍ତମ୍ଭଃ; ନମ୍ବ: ଶିଠ < ଶିଷ୍ଟ

ଠ୍ < ସ୍ଥ୍ ( ପ୍ରା: ଭା: ଆ: ଭାଷାର 'ସ୍ଥ୍' ପ୍ରାକୃତରେ 'ଠ୍' ହୁଏ )।

ଠ(ବ)ଅ < ସ୍ଥିତ (ତୁଳ: ଓ: ଠିଆ)

ଠଇଅ < ସ୍ଥଗିତ; ଠବିଅ < ସ୍ଥାପିତ

ଠାଣଂ < ସ୍ଥାନମ୍

ଠ୍ < ଡ୍ ( ପ୍ରା: ଭା: ଆ: ର 'ଡ୍' ପ୍ରାକୃତରେ 'ଠ୍' ରେ ବିକଶିତ )।

ଚୂପୈ: କାଠଂ < ଗାଢମ୍

ଚୂପୈ: ଡାଠା < ଦାଢା < ଦଂଷ୍ଟ୍ରା

ନମ୍ବ: ଢୁଠ < ଦୃଢ଼ ( ସେନ: ପୃ: ୫୦ )

[ ପାଲି: ଦାଠା ] (୩)

---

(୧) ହେମ— ୧।୦୦୫ (୨) ଗାଇଗର, ପାଲି: ୪୨।୧

## ଡ୍

ଡ୍ < ଡ୍ ( ପ୍ରା: ଭା: ଆ: ର 'ଡ୍' ପ୍ରାକୃତରେ ଆଦ୍ୟରେ ସୁରକ୍ଷିତ )।

ଡାଲ < ଡାଲ୍ଲ; ଡାଳ < ଡଲ୍ଲ (ବୃକ୍ଷବିଶେଷ)

ଡୋଙ୍ଗ(ଅ) < * ଡୋଙ୍ଗ (ଓ: ଡୁଆ) (ଟର୍ଣ୍ଣର)

ଡ୍ < ଟ୍ ( ପ୍ରା: ଭା: ଆ: ର ମଧ୍ୟସ୍ଥ 'ଟ୍' ପ୍ରାକୃତରେ 'ଡ୍' ହୁଏ )।

ଝୁଡଲେ < ଜଟିଲଃ, ପୁଡ < ପୁଟ

କୁଡପୁ < କୁଟଙ୍କ (କୁଡ଼ଆ ; କୁଡୁମ୍ବ < କୁଟୁମ୍ବ

ଘଡୋ < ଘଟଃ

ଡ୍ < ତ୍ ( ପ୍ରା: ଭା: ଆ: ର 'ତ୍' ପ୍ରାକୃତରେ 'ଡ୍' ରେ ବିକଶିତ ହୁଏ )।

ମଡ < ମୃତ ( ଓ: 'ମଡ଼, ମଡ଼ା, ମଢ଼' )

ଶୌର: କଡ / କଦ < କୃତ ( ପାଲି—କତ )

ପଡାଦ < ପତତି; ଗଡ < ଗତ

ମଞ୍ଜଡଂ < ମୁକୁଟମ୍

ମାଗ: ଗଡେ < ଗତଃ ( ମାର୍କ—୧୨।୩୪ )

ଡ୍ < ଦ୍ ( ପ୍ରା: ଭା: ଆ: ର 'ଦ୍' ପ୍ରାକୃତରେ 'ଡ୍' ହୁଏ )।

ମାଗ: ଡସଇ < ଦଶତି ( ପା: ଡଂସତି )

ମାଗ: ଡୋଲ୍ଲ < ଦୋଲ୍ଲ (ଦୋଳ)

ଗଡା < ଗଦା

ମାଗ: ହଡଗ < * ହୃଦଗ

ଡ୍ < ର୍ ( ପ୍ରା: ଭା: ଆ: ର 'ର୍' ପ୍ରାକୃତରେ 'ଡ୍' ରେ ପରିଣତ ହୁଏ )

ପିହଡୋ / ପିଢଡେ < ପିଠରଃ ( ହେମ—୧।୨୦୧ )

## ଢ୍

ଢ୍ < ଢ୍ ( ପ୍ରା: ଭା: ଆ: ର 'ଢ୍' ପ୍ରାକୃତରେ ସୁରକ୍ଷିତ )।

ଢୋଇସୁ < ଢୌକତ; ଦଢ < ଦୃଢ

ଢ୍ < ଟ୍ ( ପ୍ରା: ଭା: ଆ: ର 'ଟ୍' ପ୍ରାକୃତରେ 'ଢ୍' ହୋଇଥାଏ )।

କେଢ଼ବୋ < କୈଟଭଃ

ଶଅଢୋ < ଶକଟଃ ( ତୁଳ: ଓ: ଶଗଡ଼ )

ଢ୍ < ଠ୍ ( ପ୍ରା: ଭା: ଆ: ର 'ଠ୍' ପ୍ରାକୃତରେ 'ଢ୍' ରେ ପରିଣତ ହୁଏ )।

ମଢୋ < ମଠଃ; କୁଢାରେ < କୁଠାରଃ

ପଢଇ < ପଠତି; ପୀଢ < ପୀଠ

ଢକ୍କଇ < * ଠକ୍କତି < * ସ୍ଥକ୍ୟତେ

ବେଢଇ < ବେଠତି (ପାଲି) < ବେଷ୍ଟତେ

ଅମାଗ: ଶମିଢ < * ଶପିଠ < * ଶପିତ + ପିଷ୍ଟ (ସେନ, ପୃ. ୫୨)

ଢ୍ < ଥ୍ ( ପ୍ରା: ଭା: ଆ: ର 'ଥ୍' ପ୍ରାକୃତରେ 'ଢ୍' ରେ ପରିଣତ ହୁଏ )।

ପୁଢବୀ < ପୃଥିବୀ; ପଢୁମଂ < ପ୍ରଥମମ୍

ପଢମୋ < ପ୍ରଥମଃ; କଢଇ < କ୍ୱଥତି

ଢ୍ < ଦ୍ (ମହାପ୍ରାଣତ୍ୱର ଅପସର୍ପଣ ଫଳରେ)

ଢଜ୍ଝ(ଇ) < ଦହ୍ୟତେ; ଆଢତ୍ତ < * ଆଢତ୍ର = ଆଦୃତ

ଢ୍ < ଷ୍ଟ୍ ( ପ୍ରା: ଭା: ଆ: ର 'ଷ୍ଟ୍' ପ୍ରାକୃତରେ 'ଢ୍' ରେ ପରିଣତ ହୁଏ )।

ବେଢ < ବେଷ୍ଟକ (ପାଲି —ବେଠକ; ଓ: ବେଢ଼)

ଅମାଗ: ଜୈନଶୌର: ଲେଢ < ଲେଷ୍ଟୁ

ଢ୍ < ଷ୍ଟ୍ର୍ ( ପ୍ରା: ଭା: ଆ: ର 'ଷ୍ଟ୍ର୍' ପ୍ରାକୃତରେ 'ଢ୍' ରେ ବିକଶିତ ହୁଏ )।

ଦାଢା < ଦଂଷ୍ଟ୍ରା ( ପାଲି—ଦାଠା )

ଦାଢୀ < ଦଂଷ୍ଟ୍ରିନ ( ବୌଦ୍ଧ )

# ଣ୍

ଣ୍ < ଣ୍ ( ପ୍ରା: ଭା: ଆ: ର ମଧ୍ୟସ୍ଥ 'ଣ୍' ପ୍ରାକୃତରେ ସୁରକ୍ଷିତ )।

ଭଣଇ < ଭଣନ୍ତି; ପମାଣ < ପ୍ରମାଣ
ଗାମଣୀ < ଗ୍ରାମଣୀ
ଖୂଣ < ଷୂଣ; ଊଣ < ଊନ
ଣ୍ < ନ୍ ( ପ୍ରା: ଭା: ଆ: ର 'ନ୍' ପ୍ରାକୃତରେ 'ଣ୍' ରେ ପରିଣତ ହୁଏ )।

ଣ < ନ; ଣଅଣଂ < ନୟନମ୍
ଣୂଣଂ < ନୂନମ୍
ଣଣୁ < ନନୁ
ଣ୍ < ସ୍ନ୍ ( ପ୍ରା: ଭା: ଆ: ର 'ସ୍ନ୍' ପ୍ରାକୃତରେ 'ଣ୍' ରେ ପରିଣତ ହୁଏ )।

ଣେହ, ନେହ < ସ୍ନେହ
ଅପବାଦ: ସିଣିଦ୍ଧ < ସ୍ନିଗ୍ଧ ( ସ୍ୱରଭକ୍ତି ଫଳରେ )
ଣ୍ < ର୍ ( ପ୍ରା: ଭା: ଆ: ର 'ର୍' ପ୍ରାକୃତରେ ଖୁବ୍ କମ୍ 'ଣ୍' ହୁଏ )।

କଣବୀରେ < କରବୀରଃ
ଣ୍ < ଲ୍ ( ପ୍ରା: ଭା: ଆ: ର 'ଲ୍' ପ୍ରାକୃତରେ 'ଣ୍' ରେ ପରିଣତ ହୁଏ )।

ଣାହଲେ < ଲାହଲଃ; ଣଙ୍ଗାଲଂ < ଲାଙ୍ଗଲମ୍
ଣ୍ < ଜ୍ଞ୍ ( ପ୍ରା: ଭା: ଆ: ର 'ଜ୍ଞ୍' ପ୍ରାକୃତରେ 'ଣ୍' ରେ ପରିଣତ ହୁଏ )।

ଣାଣଂ < ଜ୍ଞାନମ୍; କିନ୍ତୁ ନପୁ: ଅନତ୍ତି < ଅଜ୍ଞପ୍ତି
[ ତୁଳ: ପାଲି – ଆଣା < ଆଜ୍ଞା ]

# ତ୍

ତ < ତ୍ ( ପ୍ରା: ଭା: ଆ: ର 'ତ୍' ପ୍ରାକୃତରେ ଆଦ୍ୟରେ ସୁରକ୍ଷିତ ) ।

ତାବ < ତାବତ୍; ତଇ, ତଇଅଂ < ତସ୍ମିନ୍
ତି < ଇତି; ତୁଅର < ତୁବର (ଧାନ୍ୟବିଶେଷ)
ମା:ଗ: ତଲୁଣ < ତରୁଣ; ତୋଶିଦ < ତୋଷିତ

ତ < ସ୍ତ୍ ( ପ୍ରା: ଭା: ଆ: ର 'ସ୍ତ୍' ପ୍ରାକୃତରେ 'ତ' ରେ ପରିଣତ ହୁଏ ) ।

ତଅଜା < ତ୍ଜଠା; ତଓ < ସ୍ତବଃ
ତଣ୍ଣି < ସ୍ତ୍ରୀଣି

ତ < ର୍ତ୍ ( ପ୍ରା: ଭା: ଆ: ର 'ର୍ତ୍' ପ୍ରାକୃତରେ 'ତ' ରେ ପରିଣତ ହୁଏ ) ।

ଅମାଗ: ତିଗିଚ୍ଛା, ତେଇଚ୍ଛା < ଚିକିତ୍ସା
[ ତୁଳ: ପାଲି – ତିକିଚ୍ଛତି ]

ତ < ଥ୍ ( ପ୍ରା: ଭା: ଆ: ର 'ଥ୍' କେତେ ପ୍ରାକୃତରେ 'ତ' ହୋଇଥାଏ ) ।

ସିତିଲ < ଶିଥିଲ; ପ୍ରତମ < ପ୍ରଥମ (କିମ୍ବା ବୈଦିକ ପ୍ରତମ)

ତ, ତି < ତୃ ( ପ୍ରା: ଭା: ଆ: ର 'ତୃ' ପ୍ରାକୃତରେ 'ତ' ଓ 'ତି' ରେ ପରିଣତ ହୁଏ ) ।

ତଣ, ତିଣ < ତୃଣ ( ପାଲି – ତିଣ )

ତ < ଦ୍ ( ପ୍ରା: ଭା: ଆ: ର 'ଦ୍' ପ୍ରାକୃତରେ 'ତ' ରେ ପରିଣତ ହୁଏ ) ।

ଚୂପୈ: ତିତ < * ଦିତ – ଦତ୍ତ (ସେନ: ପୃ: ୬୪ )
ପୈ: ମତନ < ମଦନ

[ ତୁଳ: ୧ ରହେଲ ଚେତ < ଚେଦ; ପାଲି—ପାତୁ < ପ୍ରାଦୁର୍ ]

# ଥ୍

ଥ୍ < ଥ୍ ( ପ୍ରା: ଭା: ଆ: ର 'ଥ୍' ପ୍ରାକୃତରେ ସୁରକ୍ଷିତ )।

ଥଗିଦ < ଥକିତ

ପୈ: ପୁଥୁଣୀନାଥୋ < ପୃଥ୍ବୀନାଥଃ (ମାର୍କ—୧୯।୧୦, ୧୧)

ପୁଥୁମସିନେହ < ପ୍ରଥମ ସ୍ନେହ

ଥ୍ < ସ୍ତ୍ ( ପ୍ରା: ଭା: ଆ: ର ଆଦ୍ୟସ୍ଥିତ 'ସ୍ତ୍' ପ୍ରାକୃତରେ 'ଥ୍' ହୁଏ )।

ଥଣ < ସ୍ତନ; ଥୁଇ < ସ୍ତୁତିଃ

ଥବ୍ବ < ସ୍ତବ; ଥୁଅଇ, ଥୁବଇ < ସ୍ତୌତି (ମାର୍କ—୨।୬୫)

ଥ୍ < ସ୍ଥ୍ ( ପ୍ରା: ଭା: ଆ: ର ଆଦ୍ୟସ୍ଥିତ 'ସ୍ଥ୍' ପ୍ରାକୃତରେ 'ଥ୍' ରେ ପରିଣତ ହୁଏ )।

ଥାମ < ସ୍ଥାମନ୍ (ବଳ, ବୀର୍ଯ୍ୟ)

ଥାଣଂ < ସ୍ଥାନମ୍

ଥୋଣା < ସ୍ଥୂଣା; ଥୁଲ୍ଲ, ଥୂଲ < ସ୍ଥୂଲ

ଥ୍ < ଧ ( ପ୍ରା: ଭା: ଆ: ର 'ଧ୍' ପ୍ରାକୃତରେ 'ଥ୍' ହୁଏ )।

ପୈ: ମଥୁରଂ < ମଧୁରମ୍

ନସ୍ପ: ଥରଦବୋ < * ଧରତବ୍ୟ ( ସେନ: ପୃ: ୬୫ )

[ ତୁଳ: ପାଳି—ଉପଥେୟ୍ୟୁ < ଉପଧେୟୁ 'ତକିଆ'। ଗାଇଗର୍: ୩୯।୫ ]

ଥ୍ < ସ୍ର୍ ( ପ୍ରା: ଭା: ଆ: ର 'ସ୍ର୍' ପ୍ରାକୃତରେ 'ଥ୍' ରେ ବିକଶିତ ହୁଏ )।

ପ୍ରାକୃତରେ ଥନ୍ଥ < ସ୍ରନ୍ଥ—'ଝଣ୍ଡାର ମୁଠି' ( ପାଲି—ଥନ୍ଥ )

[ ଥ୍ < ଦ୍ ( ପ୍ରା: ଭା: ଆ: ର 'ଦ୍' ନସ୍ପ ପ୍ରାକୃତରେ 'ଥ୍' ହୁଏ ) ।
ପ୍ରଫେସର ସେନ୍ ବିଭାଷୀୟ ରୂପ ବୋଲି ଉଲ୍ଲେଖ କରିଛନ୍ତି ।
ବିବଥ < ବିବାଦ ] (୧)

## ଦ୍

ଦ୍ < ଦ୍ ( ପ୍ରା: ଭା: ଆ: ର 'ଦ୍' ପ୍ରାକୃତରେ ସୁରକ୍ଷିତ ) ।

ଦଇଚ < ଦୈତ୍ୟ; ଦାଣ < ଦାନ
ଦଇଵଂ ଦଵ୍ଵଂ < ଦୈଵମ୍
ମାଗ: ଦୁଲ < ଦୂର; ଦୀଵ < ଦ୍ୱୀପ ( ପାଳି—ଦୀପ )
ଦୋହଲ < * ଦ୍ଵିହୃଦ (୨) ପାଳି – ଦୋହଳ, ଦୋହଦ]

ଦ୍ < ତ୍ ( ପ୍ରା: ଭା: ଆ: ର 'ତ୍' ପ୍ରାକୃତରେ 'ଦ୍' ହୁଏ ) ।

ଉଦୁ < ଋତୁ; ଜଦୁ < ଜତୁ
ରଅଦଂ < ରଜତମ୍; ସଵୁଦ < ସଂଵୃତ
ନସ୍ପ: ଚେଦନ < ଚେତନ; ଘିଦ < ଘୃତ
ଶୌର: କଧେଦୁ < କଥୟତୁ; ହିଦ < ହିତ
ମାଗ: ଭୋଦି }
ଶୌର: ହୋଦି } < ଭଵତି
ମାଗ: ମାଦା < ମାତା; ଭଲଦ < ଭରତ
ମାଦୁ 'ଗନ୍ଧି' < ମାତୃ (୩)
[ ତୁଳ: ପା:—ଉଦାହୁ < ଉତାହୋ; ହୁଦ < ହୁତ ]

ଦ୍ < ଧ୍ ( ପ୍ରା: ଭା: ଆ: ର 'ଧ୍' ପ୍ରାକୃତରେ 'ଦ୍' ରେ ପରିଣତ ହୁଏ ) ।

ମହା: ଦଷ୍ଟ < ଧୃଷ୍ଟ [ ତୁଳ: ପା: ଖୁଦା < କ୍ଷୁଧା ]

---

(୧) ସେନ, କ: ଗ୍ରା: ମି: ଇ: ଆ: ପୃ: ୫୫ ।
(୨) ଟର୍ନର, ସି: ଡ଼: ଆଇ: ଏ: । (୩) ପୂର୍ବୋକ୍ତ ।

# ଧ୍

ଧ୍ < ଧ୍ (ପ୍ରା: ଭା: ଆ: ର 'ଧ୍' ପ୍ରାକୃତରେ ସୁରକ୍ଷିତ)।

| | | | |
|---|---|---|---|
| | ଧମ୍ମ | < | ଧର୍ମ; ଧୁତ୍ତ < ଧୂର୍ତ୍ତ |
| | ଧଣୀ | < | ଧନୀ; ଧଣୁ < ଧନୁଃ |
| ମାଗ: | ଦୁଧା | < | ଦ୍ୱିଧା; ତିଧା < ତ୍ରିଧା |

ଧ୍ < ଥ୍ (ପ୍ରା: ଭା: ଆ: ର 'ଥ୍' ପ୍ରାକୃତ (ଶୌର: ମାଗ:) ରେ 'ଧ୍' ରେ ପରିଣତ ହୁଏ)।

| | | | |
|---|---|---|---|
| ମାଗ: | ଶବ୍ବଧା | < | ସର୍ବଥା; ଅଣ୍ଣଧା < ଅନ୍ୟଥା |
| ଶୌର: | କଧେଦ | < | କଥୟତୁ; ଣାଧୋ < ନାଥଃ (୧) |
| ଶୌର: | ଜଧା | < | ଯଥା (ମହା: ଜହା; ମାଗ: ୟଧା) |
| ମାଗ: | ଅଧ | < | ଅଥ; ତଧା < ତଥା। |

[ ତୁଳ: ପାଲି—ପଟେଧନ୍ତ < ପ୍ରତ୍ୟଥତେ ]

ଧ୍ < ଦ୍ (ପ୍ରା: ଭା: ଆ: ର 'ଦ୍' ପ୍ରାକୃତରେ 'ଧ୍' ହୁଏ)।

ଧିପ୍ପଇ, ଦିପ୍ପଇ < ଦୀପ୍ୟତେ

ମାଗ: ଧୂଆ, ଧୂଦା } < ଦୁହିତା

ଧ୍ < ହ୍ (ପ୍ରା: ଭା: ଆ: ର 'ହ୍' ପ୍ରାକୃତରେ 'ଧ୍' ହୁଏ)।

ଇଧ < ଇହ

[ ଖାରବେଳଙ୍କ ଶିଳାଲିପି—ଇଧ < * ଇଧ = ଇହ; ପାଲି—ଇଧ ]

---

(୧) ହେମ—୪।୨୬୭।

## ନ୍

ନ୍ < ନ୍ ( ପ୍ରା: ଭା: ଆ: ର 'ନ୍' ପ୍ରାକୃତରେ ସୁରକ୍ଷିତ ) । (୧)

ନଈ < ନଦୀ; ନଓ < ନଟଃ; ନାଓ < ନ୍ୟାୟଃ

ଅନଲୋ < ଅନଲଃ; ଖନ୍ଧୋ < ସ୍କନ୍ଧଃ

ନ୍ < ଣ୍ ( ପ୍ରା: ଭା: ଆ: ର 'ଣ୍' ପୈଶାଚୀ ପ୍ରାକୃତରେ 'ନ୍' ହୁଏ ) ।

ଗନ < ଗଣ ( ହେମ—୪।୩୦୬ )

ଗୁନ < ଗୁଣ ( ପୂର୍ବୋକ୍ତ )

ନ୍ < ଜ୍ଞ୍, ସ୍ନ୍ ( ପ୍ରା: ଭା: ଆ: ର 'ଜ୍ଞ୍', 'ସ୍ନ' ପ୍ରାକୃତରେ 'ନ୍' ରେ ପରିଣତ ହୁଏ ) ।

ନାଣଂ < ଜ୍ଞାନମ୍; ନେହ < ସ୍ନେହ

## ପ୍

ପ୍ < ପ୍ ( ପ୍ରା: ଭା: ଆ: ର 'ପ୍' ପ୍ରାକୃତରେ ସୁରକ୍ଷିତ ) ।

ପି < ଅପି; ପିଅ < ପ୍ରିୟ

ପିହୁସ୍ < ପୃଥୁକ ( ଖାଦ୍ୟବିଶେଷ, ଚୁଡ଼ା )

ପସରଇ < ପ୍ରସରତି; ପାଇଅ < ପ୍ରାକୃତ

ପ୍ < ବ୍ ( ପ୍ରା: ଭା: ଆ: ର 'ବ୍' ପୈଶାଚୀ ପ୍ରାକୃତରେ 'ପ୍' ହୁଏ ) ।

ଚୂ.ପୈ: ପାଲକୋ < ବାଲକଃ

ପୈ: ପିନ୍ଧାତଂ < ବଣ୍ଣାତମ୍

ପୈ: ପିଫାବସ୍ଥ < * ବଭବସ୍ଥ < ବିଭବସ୍ଥ

---

(୧) ହେମ—୧।୨୨୯, ୧୭୭; ୧।୨୨୮; ୨।୧୦୦ ।

# ଫ୍

ଏହି ବ୍ୟଞ୍ଜନ ପୈଶାଚୀ ବ୍ୟତୀତ ଅନ୍ୟତ୍ର କେବଳ ଶବ୍ଦର ଆଦ୍ୟରେ ଉପଲବ୍ଧ ।

ଫ୍ ( ପ୍ରା: ଭା: ଆ: ର 'ଫ୍' ପ୍ରାକୃତରେ ସୁରକ୍ଷିତ ) ।

ଫଗ୍ଗୁଣ < ଫାଲ୍ଗୁନ; ଫଡ଼ାଲେ < ଫଟାବାନ ( ହେମ—୨।୧୫୯ )

ଫଲ, ଫଣୀ 'ସାପ' ( ଅପ: ଫୁଲ୍ଲଇ < ଫୁଲ୍ଲତି )

ଫ୍ < ପ୍ ( ପ୍ରା: ଭା: ଆ: ର 'ପ' ପ୍ରାକୃତରେ 'ଫ୍' ହୁଏ ) ।

ଫଣସ < ପନସ ( ହେମ—୧।୨୩୨ )

ଫରୁସ < ପରୁଷ 'କୁମ୍ଭାର, କର୍କଶ'

ଫଲହା < ପରିଖା; ଫଲହୋ < ପରିଘଃ

ଫାଡେଇ < ପାଟୟତି ( ହେମ—୧।୧୯୮ )

ଫାଲେଇ < ପାଟୟତି (ପୂର୍ବୋକ୍ତ)

ଫ୍ < ଭ୍ ( ପ୍ରା: ଭା: ଆ: ର 'ଭ୍' ପୈଶାଚୀ ପ୍ରାକୃତରେ 'ଫ୍' ହୁଏ ) ।

ଫକବତୀ < ଭଗବତୀ ( ହେମ—୪।୩୨୫ )

ଫନିତୂନଂ < ଭଣିତ୍ୱା

ପିଫାବଣୀ < * ବଭାବଣୀ < ବିଭାବଣୀ

ଫ୍ < ସ୍ପ୍ ( ପ୍ରା: ଭା: ଆ: ର 'ସ୍ପ୍' ପ୍ରାକୃତରେ 'ଫ୍' ହୁଏ ) ।

ଫଦ୍ଧୀ < ସ୍ପର୍ଧା; ଫଂସଇ < ସ୍ପୃଶତି

ଫ୍ < ସ୍ଫ୍ ( ପ୍ରା: ଭା: ଆ: ର 'ସ୍ଫ୍' ପ୍ରାକୃତରେ 'ଫ୍' ହୁଏ ) ।

ଫୁଟଇ, ଫୁଡଇ < ସ୍ଫୁଟତି ( ମାର୍କ—୭।୮୫ )

ଫୁରଇ < ସ୍ଫୁରତି
ଫୋଡଅ < ସ୍ଫୋଟକ
[ ଅପ: ଫେଡଇ < ସ୍ଫେଟସ୍ୟତି (ହେମ — ୪।୩୫୮ )

## ବ୍

ବ୍ ( ପ୍ରା: ଭା: ଆ: ର 'ବ୍' ପ୍ରାକୃତରେ ସୁରକ୍ଷିତ ) ।
ଶୌର: ବଅର < ବଦର; ବଇଲ୍ଲ < ବଲୀବର୍ଦ୍ଦ
ବଣ୍ଢହୋ < ବର୍ଦ୍ଧଃ; ବପ୍ଫ < ବାଷ୍ପ
ବାହୋ < ବାଷ୍ପଃ 'ଲୁହ' (ମାର୍କ — ୬।୫୨)
ବ୍ < ଭ୍ ( ପ୍ରା: ଭା: ଆ: ର 'ଭ୍' ପ୍ରାକୃତରେ 'ବ୍' ରେ ପରିଣତ ହୁଏ ) ।
ବହିଣୀ < ଭଗିନୀ
ନପୁ: ବୁମ < ଭୂମି
[ ତୁଳ: ଅପ: ବୂହ < ମ: ଭା: ଆ: ଭୂଅ < ଭୂତ ]
ବ୍ < ବ୍ର୍ ( ପ୍ରା: ଭା: ଆ: ର 'ବ୍ର୍' ପ୍ରାକୃତରେ 'ବ୍' ରେ ପରିଣତ ହୁଏ ) ।
ବମ୍ହଣ < ବ୍ରାହ୍ମଣ; ବମ୍ହଚେରଂ < ବ୍ରହ୍ମଚର୍ଯ୍ୟମ୍
( ଅପ: ବମ୍ଭ < ବ୍ରହ୍ମନ୍ ) ବମ୍ହା < ବ୍ରହ୍ମା
ବ୍ < ଦ୍ୱ୍ ( ପ୍ରା: ଭା: ଆ: ର 'ଦ୍ୱ୍' ପ୍ରାକୃତରେ 'ବ୍' ରେ ବିକଶିତ ହୁଏ ) ।
ଅମାଗ: ମାଗ: ବେ < ଦ୍ୱେ
ବାରହ < ଦ୍ୱାଦଶ; ଅନ୍ୟ ମାଗ: ବାଲଶ(ହ)

## ଭ୍

ଭ୍ < ଭ୍ ( ପ୍ରା: ଭା: ଆ: ର ଆଦ୍ୟସ୍ଥ 'ଭ୍' ପ୍ରାକୃତରେ ସୁରକ୍ଷିତ ) ।

ଭଅଢ < ଭତ୍ତ; ଭରଅ, ଭପ୍ପା < ଭାସ୍ପ।
ଭଦ୍ଦଂ < ଭଦ୍ରମ୍; ଭରଇ < ଭରତି
ଭ୍ < ଫ୍ ( ପ୍ରା: ଭା: ଆ: ର 'ଫ୍' ପ୍ରାକୃତରେ 'ଭ୍' ରେ ପରିଣତ ହୁଏ )।
ରେଭେ < ରେଫଃ; ସେଭାଲିଆ < ଶେଫାଲିକା
ସଭର < ଶଫର 'ମାଛ'

ବରରୁଚିଙ୍କ ମତରେ ସ୍ୱର ମଧ୍ୟସ୍ଥ 'ଫ୍' ସର୍ବଦା ପ୍ରାକୃତରେ 'ଭ୍' ହୁଏ । କିନ୍ତୁ ହେମଚନ୍ଦ୍ରଙ୍କ ମତରେ 'ଭ୍' ଏବଂ 'ହ୍' ଉଭୟ ଦେଖାଯାଏ ।

ଭ୍ < ଭ୍ର୍ ( ପ୍ରା: ଭା: ଆ: ର 'ଭ୍ର୍' ପ୍ରାକୃତରେ 'ଭ୍' ରେ ପରିଣତ ହୁଏ )।
ଭାଦା, ଭାଆ < ଭ୍ରାତା (ପ୍ରା: ଭାତା)
ଭୁମଆ < ଭ୍ରୂଲତା (ମାର୍କ—୪।୬୪)

ମାର୍କଣ୍ଡେୟ ମାଗଧୀ ପ୍ରସଙ୍ଗରେ ଭୁଷ୍କା (< ବୁଭୁକ୍ଷା) ଶବ୍ଦ ଦେଇଛନ୍ତି (୧୨।୮)।

## ମ୍

ପ୍ରା: ଭା: ଆ: ର 'ମ୍' ପ୍ରାକୃତରେ ଶବ୍ଦର ପ୍ରଥମ ସ୍ଥାନରେ ସୁରକ୍ଷିତ ଏବଂ ଅନ୍ତିମ ସ୍ଥାନରେ ଅନୁସ୍ୱାରରେ ପରିଣତ ହୁଏ ।

ମହୁ < ମଧୁ; ମାଦା < ମାତା
ମିଅଂକ, ମୁଅଂକ < ମୃଗାଙ୍କ; ମଡସ୍ମଂ < ମୃତକମ୍
ଭମର < ଭ୍ରମର; ଅମଚ < ଅମାତ୍ୟ
ଖମା < କ୍ଷମା; କମଲଂ < କମଲମ୍
ମିଲଅଇ < ମ୍ଲାୟତେ; ମିଲାଣଂ < ମ୍ଲାନ
ମ୍ < ପ୍, ବ୍ ( ପ୍ରା: ଭା: ଆ: ର 'ପ୍' ଓ 'ବ୍' ପ୍ରାକୃତରେ 'ମ୍' ରେ ପରିଣତ ହୁଏ )।
ଆମେଳେ < ଆପୀଡ଼ଃ (ମାର୍କ—୨।୧୫)
ମାଗ: ଦମିଲ < ଦ୍ରବିଡ; ଅମାଗ: ଟମିଡ < ଦ୍ରମିଡ

ମ୍ < ହ୍ମ୍, ଶ୍ମ୍ ( ପ୍ରା: ଭା: ଆ: ର 'ହ୍ମ୍' ଓ 'ଶ୍ମ୍' ପ୍ରାକୃତରେ 'ମ୍' ରେ ପରିଣତ ହୁଏ )।

ଅମାଗ: ମାହଣ < ବ୍ରାହ୍ମଣ

ମସାଣଂ < ଶ୍ମଶାନମ୍; ମସ୍‌ସୁ < ଶ୍ମଶ୍ରୁ

## ଯ୍

ଯ୍ < ଯ୍ ( ପ୍ରା: ଭା: ଆ: ର 'ଯ୍' ପ୍ରାକୃତରେ ଶବ୍ଦର ମଧ୍ୟରେ ସୁରକ୍ଷିତ। ମାଗଧୀରେ 'ଯ୍' ସର୍ବତ୍ର ମିଳେ )।

ନୟଣ < ନୟନ; ସୟଂ < ସ୍ୱୟମ୍

ମାଗ: ଯୁଧା < ଯୁଥା; ଯାଦ < ଯାତ; କାୟା < କାୟା

ଯ୍ < ଜ୍ ( ପ୍ରା: ଭା: ଆ: ର 'ଜ୍' ପ୍ରାକୃତରେ 'ଯ୍' ରେ ପରିଣତ ହୁଏ )।

ମାଗ: ଯାଦ < ଜାତ; ଯୀବ < ଜୀବ; ଯାଣାମି < ଜାନାମି

ଗୟ < ଗଜ; ରାୟା < ରାଜା

ଯ୍ < ଚ୍ ( ପ୍ରା: ଭା: ଆ: ର 'ଚ୍' ଅମାଗ: ପ୍ରାକୃତରେ 'ଯ୍' ରେ ପରିଣତ ହୁଏ )।

ୟ < ଚ; ଅମାଗ: ଆୟର < ଆଚର

ଆୟରୟ < ଆଚର୍ୟ

ପ୍ରା: ଭା: ଆ: ର ଦୁଇସ୍ୱର ମଧ୍ୟବର୍ତ୍ତୀ ମହାପ୍ରାଣହୀନ ସ୍ପର୍ଶ ବ୍ୟଞ୍ଜନ ପ୍ରାକୃତରେ 'ଯ୍' ହୋଇଥାଏ।

ମଉୟଂ < ମୃତକମ୍; ନୟରଂ < ନଗରମ୍

ଗୟ < ଗତ; ସୟା < ସଦା

## ର୍

ର < ର୍ ( ପ୍ରା: ଭା: ଆ: ର 'ର୍' ପ୍ରାକୃତରେ ସୁରକ୍ଷିତ )।

ରୟଦଂ < ରଜତମ୍; ରାଉଲଂ < ରାଜକୁଲମ୍

କସୋର < କଶୋର; ମରହଟ୍ଠୋ < ମହାରାଷ୍ଟ୍ର

ଗଣ୍ଡୁଟଲ < ଗଣ୍ଡୁଡଃ; ଗଣ୍ଡୁରଂ < ଗଣ୍ଡିରମ୍

ଢ଼ < ଦ୍, ଲ୍ ( ପ୍ରା: ଭା: ଆ: ର 'ଦ୍' ଓ 'ଲ୍' ପ୍ରାକୃତରେ 'ଢ଼' ରେ ପରିଣତ ହୁଏ ) ।

ଅମାଗ: ଏଆରହ } ଏକକାରସ } < ଏକାଦଶ ( ମାଗ: ଏଗାଲହ )

ଅମାଗ: ତେରହ } ତେରସ } < ତ୍ରୟୋଦଶ

ଅମାଗ: ପଣ୍ଣରସ < ପଞ୍ଚଦଶ (ଖାରବେଳ: ପନ୍ଦରସ)

ଥୋର < ସ୍ଥୂଳ

[ ତୁଳ: ପାଲି: କର < କଲ 'ଅବଶ୍ୟ' ]

ରି < ଋ ( ପ୍ରା: ଭା: ଆ: ର 'ଋ' ପ୍ରାକୃତରେ 'ରି' ରେ ପରିଣତ ହୁଏ ) ।

ରିଣ < ଋଣ; ରିସି < ଋଷି

ରିସହ < ଋଷଭ; ରିକ୍ଖୂ < ଋକ୍ଷଃ

ରୁ < ଋ ( ପ୍ରା: ଭା: ଆ: ର 'ଋ' ପ୍ରାକୃତରେ 'ରୁ' ରେ ପରିଣତ ହୁଏ ) ।

ରୁକ୍‌ଖ < ବୃକ୍ଷ ( ପା: ରୁକ୍‌ଖ; କଉ: ଲୁଖ )

## ଲ୍

ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାର 'ର' ପୂର୍ବାଞ୍ଚଳୀୟ ମଧ୍ୟ ଭାରତୀୟରେ ଅତି ପ୍ରାଚୀନ ଅବସ୍ଥାରେ 'ଲ୍' ରେ ପରିଣତ ହୋଇଥିବାର ପ୍ରମାଣ ମିଳେ ।

ଅଶୋକୀୟ କାଲ୍‌ସି, ଧଉଳି, ଜଉଗଡ଼ ଓ ଟୋପ୍ରାରେ—

ଦଡାଲି < ଦଡ଼ାରି

ମାଗ: ଲୁହିଲ < ରୁଧିର; ଲଜା < ରଜା

ମାଗ: ଣଲ < ନର; ଶଲୀଲ < ଶରୀର

ମାଗ: ତଲୁଣ < ତରୁଣ; ତଲ < ତର

ଫଲହା < ପରଘା; ଫଲହୋ < ପରଘଃ

ଲ୍ < ଲ୍ ( ପ୍ରା: ଭା: ଆ: ର 'ଲ୍' ପ୍ରାକୃତରେ ସୁରକ୍ଷିତ )।

ଲହୁ < ଲଘୁ; ଅମାଗ: ଖାଲ, ଖୀଲ < ଖାଲ

ମାଗ: ଲେଶ୍ଟ < ଲୋଷ୍ଟ; ପଲମଲ < ପରିମଲ

ଲ୍ < ଡ୍ ( ପ୍ରା: ଭା: ଆ: ର ମଧ୍ୟସ୍ଥ 'ଡ୍' ପ୍ରାକୃତରେ 'ଲ୍' ରେ ପରିଣତ ହୁଏ )।

କିଖଲ < କ୍ରୀଡ଼; ଗରୁଳ < ଗରୁଡ
( ମାଗ: ଦମିଳ) [ ତୁଳ: ପା: ଦମିଳ < ଦ୍ରବିଡ ] (ଗାଇଗର—୪୬।୪)

ଦୋହଲଂ < ଦୋହଦମ୍ } ( ମାର୍କ—୨।୧୨ )
କଲମ୍ବ < କଦମ୍ବ

'ଲ୍' < 'ଯ୍' ( କେବଳ ଆଦ୍ୟରେ )

ଲଟ୍ଠି < ଯଷ୍ଟି

'ଲ୍' < 'ତ୍' ( କେବଳ ମଧ୍ୟରେ )

ପୀଅଲଂ ( ପୀଅଂ ) < ପୀତମ୍ ( ମାର୍କ ୭।୫୦ )

ମାଗ: ଶୁଲ < ସୂତ

## ଳ୍

ଳ ( କେବଳ ମଧ୍ୟସ୍ଥିତିରେ ପରିଦୃଷ୍ଟ )।

ପ୍ରା: ଭା: ଆ: 'ଲ୍' ପୈଶାଚୀରେ 'ଳ୍' ରେ ପରିଣତ ହୁଏ।

ସୀଳଂ ≤ ଶୀଲମ୍, କୁଳଂ < କୁଲମ୍

ପ୍ରାକୃତ ଳ୍ < ଡ୍, ଣ୍ (ସଂ:)

ମାଗ: ଦମିଳ < ଦ୍ରବିଡ

ଅମାଗ: ବେଳୁ ( ବେଣୁ ) < ବେଣୁ (ପା: ବେଳୁ)

## ଵ୍

ଵ୍ ( ପ୍ରା: ଭା: ଆ: ଵ୍ ପ୍ରାକୃତରେ ସୁରକ୍ଷିତ )।

ଵା < ଵା ( ପାଲି: ଵା )

ୱକ୍କ < ୱାକ୍ୟ

ୱଚସି < ୱଚସି

ୱଟ୍ଟ < ୱର୍ତ୍ତ

ମାଗ: ଅୱଞ୍ଞା < ଅୱଜ୍ଞା

ମାଗ: ଯୁୱଦି < ଯୁୱତି

ମାଗ: ଶିୱଲ < ଶିୱିର

ୱ୍ < ପ୍ ( ପ୍ରା: ଭା: ଆ: ର 'ପ୍' ପ୍ରାକୃତରେ 'ୱ୍' ହୁଏ )।

ୱି < ଅପି, କଲ୍ଲୱୋ < କଲ୍ପଃ

ଅମାଗ: ଜୈନମହା: ସୁୱିଣ < ସ୍ୱପ୍ନ ( ମହା: ସିୱିଣ )

ଉୱସମ < ଉପଶମ; କୱାଲଂ < କପାଲମ୍

[ ତୁଳ: ପାଲି—ସୁପିନ ]

## ସ୍

ମାଗଧୀ ବ୍ୟତୀତ ଅନ୍ୟ ପ୍ରାକୃତରେ ଏହି 'ସ୍' ପ୍ରାପ୍ତ। ମାଗଧୀରେ ମଧ୍ୟ ଯୁକ୍ତ ବ୍ୟଞ୍ଜନରେ ଏହା ସୁଲଭ। (୧)

ସ୍ < ସ୍ ( ପ୍ରା: ଭା: ଆ: ର 'ସ୍' ପ୍ରାକୃତରେ ସୁରକ୍ଷିତ )।

ସବ୍ବ, ସବ୍ବ } < ସର୍ବ; ସମର < ସମର; ସୟଲ < ସକଲ

ସ୍ < ଶ୍ ( ପ୍ରା: ଭା: ଆ: ର 'ଶ୍' ପ୍ରାକୃତରେ 'ସ୍' ହୁଏ )।

ସୁଅ, ସୁକ < ଶୁକ; ଆସା < ଆଶା

ସ୍ < ଶ୍ର୍, ଶ୍ୱ୍ ( ପ୍ରା: ଭା: ଆ: ର 'ଶ୍ର୍' ଏବଂ 'ଶ୍ୱ୍' ପ୍ରାକୃତରେ 'ସ୍' ହୁଏ )।

---

(୧) ପ୍ରାକୃତରେ 'ସ୍' ହିଁ ମୁଖ୍ୟ। ଏଣୁ ଏହା ପ୍ରଥମେ ଦିଆଗଲା।

ସମଣ, ସଭଣ < ଶ୍ରମଣ ( ଜଙ୍ଗ: ଧଉଲି – ସମଣ )

ସୁଣ < ଶ୍ରୁଣ

ସସୁରକୁଲ < ଶ୍ୱଶୁରକୁଲ

ସ୍ < ସ୍ୟ, ଶ୍ୟ୍ ( ପ୍ରା: ଭା: ଆ: ର 'ସ୍ୟ' ଏବଂ 'ଶ୍ୟ' ପ୍ରାକୃତରେ 'ସ୍' ହୁଏ ) ।

ସନ୍ଦନ < ସ୍ୟନ୍ଦନ; ସେଣ < ଶ୍ୟେନ

ମାଗ: -ସଟ୍ < -ଷ୍ଟ୍:— କସ୍ଟ < କଷ୍ଟ (୧)

## (ଶ୍)

ପ୍ରା: ଭା: ଆ: ର 'ସ୍', 'ଶ୍', 'ଷ୍' ମାଗଧୀ ପ୍ରାକୃତରେ 'ଶ୍'ରେ ପରିଣତ ହୋଇଥିବା ଦେଖାଯାଏ ।

ଶିବ, ଅଂଶ, କେଶ; ଶଲିଲ < ଶରୀର

କେଶେଶୁ < କେଶେଷୁ; ମାଶ < ମାଷ 'ଶିମ'

ମେଶେ < ମେଷଃ; ପୁଲିଶ < ପୁରୁଷ

ମାଣୁଶ < ମାନୁଷ; ଅଶି < ଅସି

ଶମୁଦ୍ଦ < ସମୁଦ୍ର; ଶେ < ସଃ

ଖରୋଷ୍ଠୀ ଧମ୍ମପଦରେ ପ୍ରା: ଭା: ଆ: ର ମଧ୍ୟସ୍ଥିତ 'ଥ୍' ସ୍ଥାନରେ 'ଶ୍' ଧ୍ୱନି ମିଳେ ।

ଶିଶିଲ < ଶିଥିଲ

## (ଷ୍)

ଖରୋଷ୍ଠୀ ଧମ୍ମପଦରେ —

ଦୋଷ < ଦୋଷମ୍

ଷେହୋ < ଶ୍ରେୟଃ; ଷକରୁ < ସଙ୍କର୍ଷନ୍

(୧) ସ—ଷୋଃ ସଂଯୋଗେ ସୋଗ୍ରୀଷ୍ମେ । ହେମ—୪।୨୮୯ । ( ଉସ୍ମା < ଉଷ୍ମା, କସ୍ଟଂ, ବିସ୍ନୁଂ) । ଟ୍ଟ, ଷ୍ଟ > ସ୍ଟ:- ଶୁସ୍ଟୁ < ସୁଷ୍ଠୁ, ଭସ୍ଟାଲିକା < ଭଟ୍ଟାରିକା ( ହେମ—୪।୨୯୦ )

ମଧ୍ୟ ଭାରତୀୟ ଆର୍ଯ୍ୟଭାଷାର ପ୍ରାଥମିକ ଅବସ୍ଥାରେ 'ଶ୍' ଓ 'ସ୍' ପୂର୍ବାଞ୍ଚଳରେ ମିଳିଥାଏ । ସାହିତ୍ୟିକ ମାଗଧୀରେ ଓ ଏହାର ଅନ୍ୟାନ୍ୟ ଉପଭାଷାରେ 'ଶ୍' ଧ୍ୱନି 'ଷ୍' ପାଇଁ ମଧ୍ୟ ବ୍ୟବହୃତ ହୋଇଥିଲା । ପୁରୁଷୋତ୍ତମଙ୍କ ମତରେ କେତେକ ଶବ୍ଦରେ ବିକଳ୍ପରେ 'ଷ୍' ର ବ୍ୟବହାର ମିଳେ—ଷଃ ପ୍ରକୃତ୍ୟା କ୍ୱଚିତ୍ (XII—3) । ରାମତର୍କବାଗୀଶ ଏପରି, ବହୁସ୍ପିଦେ ଏହିପରି ଉଦାହରଣ ଦେଇଛନ୍ତି । ଡକ୍ଟର ମୁନୀଶ୍ୱର ଝା କହିଛନ୍ତି ଯେ ମାଗଧୀରେ 'ଷ୍' ର ସମ୍ଭାବନା ଅତି କମ୍ । ଏହାକୁ କେବଳ ପାରମ୍ପରିକ (Conventional) କିମ୍ବା ଖୁବ୍ ସଂସ୍କୃତ-ଧର୍ମୀ କୁହାଯାଇପାରେ । (୧) ପିଶେଲ୍ ମାଗଧୀରେ କୌଣସି 'ଷ୍' ଦେଖିନାହାନ୍ତି । ଭାସଙ୍କ ବାଲଚରିତମ୍ ନାଟକରେ କେତେକ ଅଂଶରେ କେବଳ 'ଷ୍' ର ପ୍ରୟୋଗ ମିଳେ । (୨) ତାଙ୍କର ଅନ୍ୟାନ୍ୟ ନାଟକରେ ମାଗଧୀରେ 'ଶ୍' ଓ ଅନ୍ୟାନ୍ୟ ପ୍ରାକୃତରେ 'ସ୍' ର ପ୍ରୟୋଗ ମିଳେ, କିନ୍ତୁ ବାଲଚରିତମ୍‌ରେ 'ଷ୍' ସମ୍ବନ୍ଧରେ କେବଳ ଡକ୍ଟର ଝାଙ୍କର ଉପରୋକ୍ତ ମତ ଧରାଯାଇପାରେ କିମ୍ବା ପୁରୁଷୋତ୍ତମ ଓ ରାମତର୍କବାଗୀଶଙ୍କ ଉପରୋକ୍ତ ମତ ଦର୍ଶନୀୟ ।

ଦ୍ରଷ୍ଟବ୍ୟ—ଗଚ୍ଛଷି, ଜଷୋଦା, ଷୂହ୍ନଂଶୋ, ଷୁଣିଅ ( ବାଲଚରିତମ୍ ପ୍ରଥମ ଅଙ୍କ ) ] (୩)

## ହ୍

ହ୍ < ହ୍ ( ପ୍ରା: ଭା: ଆ: ର 'ହ୍' ପ୍ରାକୃତରେ ସୁରକ୍ଷିତ ) ।

ହତ୍ଥ < ହସ୍ତ; ବତ୍ଥ < ବସ୍ତ୍ର

ହଂସ < ହଂସ; ଘତ୍ଥ < ଘସ୍ତ

ହକେ, ହକ୍କେ < * ଅହକଃ 'ମୁଁ'

---

(୧) ଝା, ମାଗଧୀ ଆଣ୍ଡ ଇଟସ୍ ଫର୍ମେସନ ପୃ: ୮୦
(୨) ଭାସ ନାଟକଚକ୍ରମ୍, ଚୌଖମ୍ବା ସଂସ୍କୃତ ସିରିଜ୍ ବାରାଣସୀ
(୩) ଭାସ ନାଟକଚକ୍ରମ୍, ଚୌଖମ୍ବା ସଂସ୍କୃତ ସିରିଜ୍ ବାରାଣସୀ

ହ୍ < କ୍ ( ପ୍ରା: ଭା: ଆ: ର 'କ୍' ପ୍ରାକୃତରେ ମଧ୍ୟସ୍ଥିତରେ 'ହ୍' ହୁଏ ) ।

ଫଲିହ < ସ୍ଫଟିକ

ହ୍ < ଖ୍ ( ପ୍ରା: ଭା: ଆ: ର 'ଖ୍' ପ୍ରାକୃତରେ 'ହ' ହୁଏ ) ।

ମୁହ < ମୁଖ; ସୁହ < ସୁଖ

ହ < -ଘ- ଲହୁ < ଲଘୁ; ମେହ < ମେଘ

ହ < ତ ମହା: ଭରହ < ଭରତ

ହ < ଥ ତହା < ତଥା; କହା < କଥା

ହ୍ < -ଧ୍- ରୁହିର < ରୁଧିର

ମହୁଅର < ମଧୁକର

ହ୍ < -ଫ୍- ସେହାଲିକା < ଶେଫାଳିକା

( କେବଳ √ ଭୂ ଆଦ୍ୟରେ √ ହୋ ହୁଏ )

ହ୍ < ଭ୍ ହୋ(ଉ)ଇ < ଭବତି; ପହୁ < ପ୍ରଭୁ

ହ୍ < -ଷ୍ମ- ଗ୍ରିହୀ, ଗ୍ରିମ୍ହା < ଗ୍ରୀଷ୍ମା

ହ୍ < -ଶ୍- ଦହ < ଦଶ

ହ୍ < -ଷ- ପାହଣୋ, ପାସାଣୋ < ପାଷାଣଃ

ହ୍ < -ସ୍- ଦିବହୋ < ଦିବସଃ

ଦିବସ ଶବ୍ଦର ବିକଳ୍ପରେ ଦିବହ ହୁଏ । ( ହେମ ୧।୨୬୩ )

ହ୍ < -ହ୍ୟ- ଗୁହା < ଗୁହ୍ୟ ।

# ସଂଯୁକ୍ତ ବ୍ୟଞ୍ଜନ

ଯୁକ୍ତ ବ୍ୟଞ୍ଜନ ସମୂହର ସମୀଭବନ ଅନ୍ତ ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା ସ୍ତରରୁ ହିଁ ଆରମ୍ଭ ହୋଇଥିବା ଦେଖାଯାଏ । ସଂସ୍କୃତ ଦୁଷ୍ଟ, ଅଷ୍ଟ (ଭୁଲମାସୁ ଅଶୀତ)ରେ ପ୍ରାଚୀନ 'ସ୍' ଓ 'ଶ୍'ର 'ଷ୍' ରେ ପରିଣତ ହେବାର ମୂଳକାରଣ ହେଉଛି ସମୀଭବନ । ସେହିପରି ସଂ: କଷ୍ଟିତ୍ରରେ ସ୍ > ଶ୍ (ତାଲବ୍ୟ ଭବନ) । ବାକ୍‌ଯନ୍ତ୍ରର ଶ୍ରମ ଲାଘବ ହେଉଛି ଏହିପରି ପରିବର୍ତ୍ତନର କାରଣ ।

ସାଧାରଣତଃ ସମସ୍ତ ଅସମ ବ୍ୟଞ୍ଜନର ସମୀଭବନ (ଅନ୍ୟ କେତେକ ପରିବର୍ତ୍ତନ ସହ) ଦ୍ୱାରା ମଧ୍ୟ ଭାରତୀୟ ଆର୍ଯ୍ୟଭାଷା ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାଠାରୁ ପୃଥକ୍ ହୋଇଥିବା ଜଣାଯାଏ । ନାନା ବ୍ୟଞ୍ଜନ ସମୂହର ସମୀଭବନ ଏକ ମନ୍ଥର ପ୍ରକ୍ରିୟା ଏବଂ ଏହି ପ୍ରକ୍ରିୟା ସାହିତ୍ୟିକ ପ୍ରାକୃତରେ ଚରମ ଅବସ୍ଥାରେ ପହଞ୍ଚିଯାଇଥିଲା । ସ୍ୱରଭକ୍ତି ହେତୁ ସଂଯୁକ୍ତ ବ୍ୟଞ୍ଜନ ଏକକ ବ୍ୟଞ୍ଜନରେ ହୋଇଥାଏ । ଅର୍ଦ୍ଧମାଗଧୀ ଓ ଅପଭ୍ରଂଶରେ ଏଗୁଡ଼ିକର ଉଦାହରଣ ଦ୍ରଷ୍ଟବ୍ୟ । ଅଶୋକଙ୍କ ପ୍ରାଚ୍ୟ ଲେଖରେ ଏହାର ଉଦାହରଣ ଦେଖିବାକୁ ମିଳେ ।

ଭତ୍ତି < ଭକ୍ତ; ଆସତ୍ତ < ଆସକ୍ତ; ସିଣିଦ୍ଧ < ସ୍ନିଗ୍ଧ

ଅମାଗ: ଅଗଣି<br>ମହା: ଅଗ୍ଗି } < ଅଗ୍ନି; ଗରହା, ଗରହା < ଗର୍ହା

ଅପ: ଗରାସ < ଗ୍ରାସ; ତରସଇ < ତ୍ରସ୍ୟତି

[ ଭୁଲମାସୁ—ଅଶୋ:—ଧଉଳ, ଜଉଗଡ—ଅତିସ୍ୱାସ୍ତିକ < ସଂ: ଆତ୍ୟସ୍ତିକ 'ଶୀଘ୍ର' । ]

ଶବ୍ଦର ଆରମ୍ଭରେ 'ଣ୍ହ', 'ମ୍ହ' ଏବଂ 'ଲ୍ହ' ଏବଂ ବେଳେବେଳେ 'ବ୍ୟଞ୍ଜନ+ର୍' ରହିଥାଏ । ଅନ୍ୟ ସଂଯୁକ୍ତ ବ୍ୟଞ୍ଜନଗୁଡ଼ିକ ସରଳ ହୋଇ ଶବ୍ଦର ଆରମ୍ଭରେ ରହିଥାଏ । ସମାସ କିମ୍ବା ସନ୍ଧିର ଦ୍ୱିତୀୟ ଶବ୍ଦର ଆଦ୍ୟ ବର୍ଣ୍ଣ ସାଧାରଣତଃ ଶବ୍ଦ ଅନ୍ତର୍ବର୍ତ୍ତୀ ଧ୍ୱନି ଭାବରେ ଧରାଯାଏ ।

କଢଇ < କ୍ୱଥତି; ଖେଲଇ < କ୍ରୀଡତି
ଖନ୍ଧ < ସ୍କନ୍ଧ
ଥଲ < ସ୍ଥଲ; ଭମଇ < ଭ୍ରମତି
ଦିଅ < ଦ୍ୱିଜ

ଅଦ୍ୟସ୍ଥିତ ସଂଯୁକ୍ତ ବ୍ୟଞ୍ଜନ—

ଣ୍ହାଣ < ସ୍ନାନ; ଣ୍ହାବିଅ < ସ୍ନାପିତ
ଲ୍ହସଇ < ହ୍ରସତି; ଲ୍ହସିଅ < ସ୍ରସ୍ତ
ମ୍ହ < ସ୍ମ; ମ୍ହି < ଅସ୍ମି

ପ୍ରାକୃତ ବୈୟାକରଣଙ୍କ ଅନୁସାରେ ଶବ୍ଦର ଆଦ୍ୟ ଓ ମଧ୍ୟରେ 'ବ୍ୟଞ୍ଜନ+ର୍' ରହିଥାଏ ।

ଦ୍ରୋହ < ଦ୍ରୋହ; ଦ୍ରହ < ଦହ < ହ୍ରଦ
ଚନ୍ଦ୍ର, ଚନ୍ଦ < ଚନ୍ଦ୍ର; ଇନ୍ଦ୍ର, ଇନ୍ଦ < ଇନ୍ଦ୍ର
ଭଦ୍ର, ଭଦ୍ଦ < ଭଦ୍ର

ଶବ୍ଦ ମଧ୍ୟସ୍ଥ ସଂଯୁକ୍ତ ବ୍ୟଞ୍ଜନରେ ପ୍ରାୟଃ ସମୀଭବନ ଦେଖାଯାଏ ।

'ବ୍ୟଞ୍ଜନ+ର୍', ନ୍ହ, ଣ୍ହ, ଲ୍ହ, ଅନୁନାସିକ+ସ୍ପର୍ଶ ବ୍ୟଞ୍ଜନ ସମ୍ବନ୍ଧ ସଂଯୁକ୍ତ ବ୍ୟଞ୍ଜନଗୁଡିକର ସମୀଭବନ ହୁଏ ନାହିଁ ।

ମଜ୍ଝିମଂ < ମଧ୍ୟମ; ଭୁଞ୍ଜଂ, ଭୁଞ୍ଜଂ < ଭୁଞ୍ଜମ୍
ଣ୍ହ କଣ୍ହ < କୃଷ୍ଣ; ଜଣ୍ହ < ଜିଷ୍ଣୁ; ପଣ୍ହ < ପ୍ରଶ୍ନ
ଅବରଣ୍ହ < ଅପରାହ୍ଣ; ଚିଣ୍ହ < ଚିହ୍ନ
ମ୍ହ ମ୍ହି < ସ୍ମିନ୍; ଅମ୍ହ < ଅସ୍ମ; ଗିମ୍ହ < ଗ୍ରୀଷ୍ମ
କମ୍ହାର < କାଶ୍ମୀର; ବମ୍ହା < ବ୍ରହ୍ମା
ଲ୍ହ ପଲହତ୍ଥ < ପର୍ଯ୍ୟସ୍ତ (ବାହାର କରିଦେବା)
ପଲ୍ହବ୍ବ (ବ) < ପହ୍ଲବ (ପହ୍ଲବ ଦେଶବାସୀ)

**ସମୀଭବନ:**—ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାର ଶବ୍ଦମାନଙ୍କରେ ଥିବା ସଂଯୁକ୍ତ ବ୍ୟଞ୍ଜନ ମଧ୍ୟ ଭାରତୀୟ ଆର୍ଯ୍ୟଭାଷାରେ ଉପରୋକ୍ତ ସ୍ଥାନ ବ୍ୟତୀତ ଅନ୍ୟତ୍ର ସମୀଭବନର କେତେକ ନିୟମ ନିମ୍ନରେ ଦିଆଯାଉଛି ।

ଭିନ୍ନ ବର୍ଗର ସଂଯୁକ୍ତ ବ୍ୟଞ୍ଜନର ପୂର୍ବଧ୍ୱନି ପରଧ୍ୱନିର ଅନୁଯାୟୀ ହୁଏ । ଯଥା—

| | | | |
|---|---|---|---|
| | ତ୍ତ୍ | < | କ୍+ତ୍, ଟ୍+ତ, ପ୍+ତ |
| | ଜୁତ୍ତ | < | ଯୁକ୍ତ; ମୋତ୍ତିସୁ < ମୌକ୍ତିକ |
| ଅମାଗ: | ଛତ୍ତଲ | < | ଷଟ୍ତଲ |
| | ଛତ୍ତୀସଂ, ଛତ୍ତୀସା | < | ଷଟ୍ତ୍ରିଂଶତ୍ |
| | ଉକ୍ଖିତ୍ତ | < | ଉତ୍କ୍ଷିପ୍ତ; ପଜ୍ଜତ୍ତ < ପର୍ଯ୍ୟାପ୍ତ |
| | ସୁତ୍ତ | < | ସୁପ୍ତ |
| | ତ୍ଥ୍ | < | କ୍+ଥ୍ |
| ଅମାଗ: | ସିତ୍ଥ | < | ସିକ୍ଥ |
| | ପ୍ପ୍ | < | କ୍+ପ୍, ତ୍+ପ୍, ଟ୍+ପ୍ |
| | ଉପ୍ପଲ | < | ଉତ୍ପଲ |
| ମହା: | ବପ୍ପଇରାଅ | < | ବାକ୍ପତିରାଜ |
| ମହା: ଜୈନମହା: | ଛପ୍ପଅ | < | ଷଟ୍ପଦ |
| ଅମାଗ: | ଛପ୍ପଣଂ | < | ଷଟ୍ପଞ୍ଚତ୍ |
| | ଦ୍ଧ୍ | < | ଗ୍+ଧ୍, ବ୍+ଧ୍ |
| | ମୁଦ୍ଧ | < | ମୁଗ୍ଧ; ଲୋଦ୍ଧଅ < ଲୁବ୍ଧକ |
| | ଦୁଦ୍ଧ | < | ଦୁଗ୍ଧ |
| | ବ୍ଭ୍ | < | ଗ୍+ଭ୍, ଡ୍+ଭ୍, ଦ୍+ଭ୍ |
| | ପବ୍ଭର | < | ପ୍ରାଗ୍ଭାର |
| ଅମାଗ: | ଛବ୍ଭାୟ, ଛବ୍ଭାଗ | < | ଷଟ୍ଭାଗ |
| ଶୌର: | ଛବ୍ଭୁଅ | < | ଷଡ୍ଭୁଜ |
| | ଉବ୍ଭିଣ୍ଣ | < | ଉଦ୍ଭିନ୍ନ; ସବ୍ଭାବଂ < ସଦ୍ଭାବାତ୍ |

| | | | |
|---|---|---|---|
| | ଉବ୍ଭେଅ | < | ଉଦ୍ଭେଦ |
| | କ୍କ | < | ଟ୍ + କ, ତ୍ + କ୍ |
| ଅମାଗ: | ଛକ୍କ | < | ଷଟ୍କ; ଉକ୍କଲିଆ < ଉତ୍କଳିକା |
| | ଉକ୍କଣ୍ଠା | < | ଉତ୍କଣ୍ଠା |
| | ଗ୍ଗ | < | ଡ୍ + ଗ୍, ଦ୍ + ଗ୍ |
| | ଖଗ୍ଗ | < | ଖଡ୍ଗ |
| | ଛଗ୍ଗୁଣଅ | < | ଷଟ୍ଗୁଣକ |
| ଶୌର: | ମୋଗ୍ଗର | < | ମୁଦ୍ଗର |
| ଅମାଗ: | ପୋଗ୍ଗଲ | < | ପୁଦ୍ଗଲ |
| | ଜ୍ଜ | < | ଡ୍ + ଜ୍, ଦ୍ + ଜ୍ |
| | ସଜ୍ଜ | < | ଷଡ୍ଜ |
| | ଖୁଜ୍ଜ | < | କୁବ୍ଜ |
| | ଦ୍ଦ | < | ଡ୍ + ଦ୍, ବ୍ + ଦ୍ |
| | ଛଦ୍ଦସିଂ | < | ଷଡ୍ଦଶମ୍; ଅଦ୍ଦ < ଅବ୍ଦ |
| | ସଦ୍ଦ | < | ଶବ୍ଦ |
| | ପ୍ଫ | < | ଟ୍ + ଫ୍, ତ୍ + ଫ୍ |
| | କପ୍ଫଲ | < | କଟ୍ଫଲ; ଉପ୍ଫୁଲ୍ଲ < ଉତ୍ଫୁଲ୍ଲ |
| | ଵ୍ଵ୍, ବ୍ବ୍ | < | ଡ୍ + ଵ୍, ଦ୍ + ବ୍ |
| ଅମାଗ: ଜୈମହା: | ଛବ୍ବୀସଂ | < | ଷଡ୍ବିଂଶତି |
| | ବୁବ୍ବୁଅ | < | ବୁଦ୍ବୁଦ୍ |
| ଶୌର: | ଉବ୍ବଂଧିଅ | < | ଉଦ୍ବଦ୍ଧ |
| | କ୍ଖ | < | ତ୍ + ଖ୍ |
| ମହା: | ଉକ୍ଖଅ | < | ଉତ୍ଖାତ |
| ଜୈମହା: | ଉକ୍ଖୟ | | |
| | ଗ୍ଘ | < | ଦ୍ + ଘ୍ |
| ମହା: | ଉଗ୍ଘାଅ | < | ଉଦ୍ଘାତ |

ମହା: ଉଗ୍‌ଘୁଟ୍‌ଠ < ଉଦ୍‌ଘୁଷ୍ଟ
ଠ୍ < ଟ୍+ଠ୍
ଅମାଗ: ଛଟ୍ଠରଣ < ଷଟ୍‌ଚରଣ

ମାଗଧୀରେ କେତେକ ସଂସ୍କୃତ ଶବ୍ଦର ମଧ୍ୟସ୍ଥ ଦ୍ୱିତ୍ୱ ବ୍ୟଞ୍ଜନ ସଂଯୁକ୍ତ ବ୍ୟଞ୍ଜନରେ ପରିଣତ ହୁଏ ।

ପସ୍‌ଟ < ପଟ୍ଟ; ଭସ୍‌ଟିଣୀ < ଭଟ୍ଟିନୀ
ଭସ୍‌ଟାଲିକା < ଭଟ୍ଟାରିକା

ସଂଯୁକ୍ତ ବର୍ଣ୍ଣର ପ୍ରଥମ ବର୍ଣ୍ଣ ଯଦି ଅନୁନାସିକ ତାହାହେଲେ କୌଣସି ପରିବର୍ତ୍ତନ ହୁଏ ନାହିଁ ।

ମହା: ଶୌର: ସଙ୍ଖଲ < ଶୃଙ୍ଖଲ; ସିଙ୍ଗ < ଶୃଙ୍ଗ
କଣ୍ଠ < କଣ୍ଠ; ମଅରନ୍ଦ < ମକରନ୍ଦ

ଯଦି ଅନୁନାସିକ ସ୍ୱୀୟ ବର୍ଗେତର, ତେବେ ଅନୁସ୍ୱାର ହୁଏ ।
ପରଂମୁଖ < ପରାଙ୍‌ମୁଖ
ପଞ୍ଚଦଶନ୍ ଓ ପଞ୍ଚାଶତ୍‌ର 'ଞ୍', 'ଣ୍' ହୁଏ । ଅମାଗ: ଏବଂ ଜୈମହା:ରେ ପଣ୍ଣରସ, (ବେଳେବେଳେ) ପନ୍ନରସ < ପଞ୍ଚଦଶନ୍; ପଣ୍ଣାସା < ପଞ୍ଚାଶତ୍

[ ପାଲିରେ ପନ୍ନରସ, ପନ୍ନରସୀ, ପଣ୍ଣରସ, ପଣ୍ଣାସ ଏବଂ ପଞ୍ଚାସ ମଧ୍ୟ ହୁଏ । ]

ସଂଯୁକ୍ତ ବର୍ଣ୍ଣର ଦ୍ୱିତୀୟ ବର୍ଣ୍ଣ ଅନୁନାସିକ ହୋଇଥିଲେ ଅନୁନାସିକ ପୂର୍ବବର୍ଣ୍ଣରେ ସମୀଭୂତ ହୁଏ ।

ଅଗ୍‌ଗି < ଅଗ୍ନି; ଲଗ୍‌ଗ < ଲଗ୍ନ
ଅମାଗ: ସୟଗ୍‌ଘୀ < ଶତଘ୍ନୀ
ପତ୍ତୀ < ପତ୍ନୀ
ସୁକ୍କ < ସୂକ୍ଷ୍ମ

ସବ୍‌ବଜ୍ଞ < ସର୍ବଜ୍ଞ

ଶୌର: ଭଗ୍‌ଗ }
ଅମାଗ: ଭିଗ୍ନ } < ଭଗ୍ନ

ଅମାଗ: ଜୁଗ୍‌ଗଂ < ଯୁଗ୍ମମ୍

ଞ୍‌ଞ୍ < ଜ୍ଞ୍

ମାଗ: ଅବଞ୍‌ଞା < ଅବଜ୍ଞା; ସବ୍‌ବଞ୍‌ଞ < ସର୍ବଜ୍ଞ

ସଂଯୁକ୍ତ ବର୍ଣ୍ଣର ଦ୍ୱିତୀୟ ବର୍ଣ୍ଣ ୟ୍, ର୍, ଲ୍, ଵ୍ ହୋଇଥିଲେ ଏଗୁଡ଼ିକ ଲୋପହୋଇ ପୂର୍ବ ବର୍ଣ୍ଣ ଦ୍ୱିତ୍ୱ ହୁଏ।

ଚାଣକ୍‌କ < ଚାଣକ୍ୟ; ବକ୍‌କ < ବାକ୍ୟ

କ୍‌ଖ < ଖ୍ୟ

ଅକ୍‌ଖାଇ < ଆଖ୍ୟାତି; କୁପ୍‌ପଇ < କୁପ୍ୟତି

ଚକ୍‌କ < ଚକ୍ର; ସୁକ୍‌କ < ଶୁକ୍ଲ

ପିକ୍‌କଂ < ପକ୍ୱମ୍

ସଂଯୁକ୍ତ ବର୍ଣ୍ଣର ଦ୍ୱିତୀୟ ବର୍ଣ୍ଣ ୟ୍ ଓ ପ୍ରଥମ ବର୍ଣ୍ଣ ଦନ୍ତ୍ୟ ବର୍ଣ୍ଣ ହୋଇଥିଲେ ପ୍ରଥମେ ଦନ୍ତ୍ୟ ବର୍ଣ୍ଣ ତାଲବ୍ୟ ହୁଏ।

ତ > ଚ, ଥ୍ୟ > ଛ, ଦ୍ୟ > ଜ୍ଜ, ଧ୍ୟ > ଜ୍ଝ

ଅଚ୍ଚନ୍ତ < ଅତ୍ୟନ୍ତ; ସଚ୍ଚ < ସତ୍ୟ

ମହା: ଶୌର: ଣେବଚ୍ଛ < ନେପଥ୍ୟ

ଅମାଗ: ଜୈମହା: ନେବଚ୍ଛ < ନେପଥ୍ୟ

ଅଜ୍ଜ }
ମାଗ: ଅୟ୍‌ୟ } < ଅଦ୍ୟ

ମାଗ: ଅବୟ୍‌ୟ < ଅବଦ୍ୟ

ଛିଜ୍ଜଇ < ଛିଦ୍ୟତେ; ଉଜ୍ଜାଣ < ଉଦ୍ୟାନ

ଅମାଗ: ଜୈଶୌର: ଉବଜ୍‌ଝାୟ }
ମହା: ଶୌର: ଉବଜ୍‌ଝାଅ } < ଉପାଧ୍ୟାୟ

ମଜ୍‌ଝ < ମଧ୍ୟ

ତୁଳନୀୟ ଅମାଗ: ଝିୟାଇ < ଧ୍ୟାତି; ମହା: ଝାଇ

ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାର 'କ୍ଷ୍' ମଧ୍ୟ ଭାରତୀୟ ଆର୍ଯ୍ୟଭାଷାରେ 'କ୍ଖ୍', ଓ 'ଚ୍ଛ୍' ଧ୍ୱନିରେ ପରିଣତ ହୋଇଛି । ଏହି ଦୁଇଟି ସଂଯୁକ୍ତ ବ୍ୟଞ୍ଜନ ପ୍ରାଚୀନ କାଳରୁ ସମଭାଷାଂଶ (ସୀମା ରେଖା) ରୂପରେ ପରିଚୟ ଦେଇ ଆସୁଛନ୍ତି । ଯଦିଓ ପ୍ରା: ଭା: ଆ:ରେ ବି ଆମେ 'କ୍ଖ୍' ଓ 'ଚ୍ଛ୍' କାଁଭାଁ ଦେଖିବାକୁ ପାଉଁ । କିନ୍ତୁ ମ: ଭା: ଆ: ର ପ୍ରାଥମିକ ଅବସ୍ଥାରେ ହିଁ ଏହି ଦୁଇଟି ଭିନ୍ନ ଧ୍ୱନ୍ୟାତ୍ମକ ଶ୍ରେଣୀ ନିଜ ନିଜ ଭୌଗୋଳିକ ପରିପ୍ରେକ୍ଷିତ (setting)ରେ ଦେଖିବାକୁ ମିଳେ । ( ଯ୍ଯା, ମାଗଧୀ: ୬୦ ) 'କ୍ଷ୍' ଅଶୋକଙ୍କ ଶିଳାଲେଖରେ — ପଶ୍ଚିମ ଓ ଉତ୍ତର-ପଶ୍ଚିମରେ — 'ଚ୍ଛ୍', ଓ ଅନ୍ୟାନ୍ୟ ଲେଖରେ 'ଖ୍' ରୂପରେ ମିଳେ ।

| | | | |
|---|---|---|---|
| ଗିର୍ନାର୍ | ଛୁଦ | ସଂ: | କ୍ଷୁଦ୍ର |
| ଧଉଲି, ଜଉଗଡ, କାଲସି } | ଖୁଦ | | |
| ଶାହବାଜ୍: ମାନସେର୍: | ଗୋଛ | | ମୋକ୍ଷ |
| ଧଉଲି: ଜଉ: କାଲସି: | ମୋଖ | | |

କେନ୍ଦ୍ର ଏସିଆର ଖରୋଷ୍ଠୀ ନିୟ ପ୍ରାକୃତରେ 'ଚ୍ଛ୍' ଉପଲବ୍ଧ ( ଯାହାର ଉତ୍ତର-ପଶ୍ଚିମ ଅଶୋକୀୟ ଲେଖ ସହ ସାମଞ୍ଜସ୍ୟ ଅଛି ) ।

ଅଶ୍ୱଘୋଷଙ୍କ ନାଟକରେ କେବଳ 'ଖ୍' ମିଳେ ଯାହା କେନ୍ଦ୍ର ଓ ପୂର୍ବ ମ: ଭା: ଆ: ର ପ୍ରତିନିଧିତ୍ୱ କରେ । ଦ୍ୱିତୀୟ ମ: ଭା: ଆ: ସ୍ତରରେ ସୁଦ୍ଧା ଏହି ଭୌଗୋଳିକ ଭିନ୍ନତା ଦେଖାଯାଏ । ସାହିତ୍ୟିକ ପ୍ରାକୃତ ମହାରାଷ୍ଟ୍ରୀରେ ( ଯାହାର ପଶ୍ଚିମ ଭାଷାର ପ୍ରତିନିଧି ) 'ଚ୍ଛ୍' ଓ ଶୌରସେନୀ ଓ ମାଗଧୀ ( ଯାହା କେନ୍ଦ୍ର ଓ ପୂର୍ବର ଭାଷା ) ରେ 'ଖ୍' ଦେଖାଯାଏ । ଯଥା—

| | | | |
|---|---|---|---|
| ମହା: ରଚ୍ଛ<br>ମାଗ: ଶୌର: ଲ (ର) କ୍ଖ<br>ମାଗ: ଲଶ୍କ | | ସଂ | ରକ୍ଷସ୍ 'ଅସୁର' |
| ମହା: ଅଚ୍ଛି<br>ଶୌର: ଅକ୍ଖି<br>ମାଗ: ଅଶ୍କ, ଅଃକ | | | ଅକ୍ଷି 'ଆଖି' |

ଏହି ଦୁଇ ବ୍ୟଞ୍ଜନର ସ୍ୱତନ୍ତ୍ର ଭୌଗୋଳିକ ସ୍ଥାନ ଥିଲେ ହେଁ ମ: ଭା: ଆ: ରେ ଏମାନେ ପରସ୍ପର ମଧ୍ୟରେ ସ୍ଥାନାନ୍ତରିତ ହେଉଥିଲେ। ଅଶୋକୀୟ ପ୍ରସ୍ତରଲେଖ କଳସି, ରୂପନାଥ ଓ ମୈସୁର ଓ କାଲସିରେ 'ଖ୍', 'କ୍ ଖ୍' ମିଳେ; କିନ୍ତୁ ଠିକ୍ ଏହାର ବିପରୀତ ଶାହବାଜଗଡ଼ୀରେ ଦୁଇଟି କଣ୍ଠ୍ୟ ବ୍ୟଞ୍ଜନ ଓ ଗୋଟିଏ ତାଲବ୍ୟ ମିଳେ। ଗିର୍ନାରରେ ଉଭୟ ବ୍ୟଞ୍ଜନ ମିଳେ। ଦ୍ୱିତୀୟ ମ: ଭା: ଆ: ରେ ପରସ୍ପର ପ୍ରଭାବ ଦେଖାଯାଏ ଓ ତୃତୀୟ ମ: ଭା: ଆ:ରେ ବି ଏହି ପ୍ରକ୍ରିୟା ଲକ୍ଷଣୀୟ। ବର୍ତ୍ତମାନ ସମୟରେ ମଧ୍ୟ ନବ୍ୟ ଭାରତୀୟ ଆର୍ଯ୍ୟଭାଷାମାନଙ୍କରେ ଏହି ପ୍ରକ୍ରିୟା ଦେଖିବାକୁ ମିଳେ ଓ ଏଥିରୁ ଅନୁମାନ କରାଯାଉଛି ଯେ ସମସ୍ତ ଭାରତୀୟ ଆର୍ଯ୍ୟଭାଷା ଟାଣି ହୋଇ ପରସ୍ପର ମିଳିଯାଉଛନ୍ତି। [ ଦ୍ରଷ୍ଟବ୍ୟ ଝା, ମାଗଧୀ: ୭୦

ମହା: ପରିକ୍ ଖଅ < ପରିକ୍ଷତ 'ଆହତ'
ଶୌର: ପରିକ୍ ଖଦ
ଅମାଗ: ଅକ୍ ଖଏ < ଅକ୍ଷତ
ଜୈଶୌର: ଅକ୍ ଖଦ

ମହା: ଅମାଗ: } ରିକ୍ ଖ < ରିକ୍ଷ
ଜୈମହା: ଶୌର: } ରିଚ୍ଛ
ମହା: କଚ୍ଛ < କକ୍ଷ
ଅମାଗ: ଜୈମହା: କକ୍ ଖ

ଇଚ୍ଛ୍ < ଇଷ୍
* ଇକ୍ ଖ୍ (୧)

ମହା: ରିଚ୍ଛ ( ରୁକ୍ ଖ—ମାର୍କ ) < ବୃକ୍ଷ
ଶୌର: ବୃକ୍ ଖ ( ରାମ ତର୍କ ମାର୍କ )

**କ୍ରମାନୁସାରେ ଯୁକ୍ତ ବ୍ୟଞ୍ଜନ—**

## କ୍କ୍

କ୍କ < କ୍ନ : ସକ୍କଇ(ଦ) < ଶକ୍ନୋତି ( ପା: ସକ୍କୋତି )
କ୍କ < କ୍ୟ : ବକ୍କ < ବାକ୍ୟ; ସକ୍କ < ଶାକ୍ୟ

(୧) ପୂର୍ବୀୟ ରୂପ। ଝା, ମାଗଧୀ: ୬୭।

କ୍କ < କ୍ର୍ : ଚକ୍କ < ଚକ୍ର; ଣକ୍କ < ନକ୍ର
କ୍ଲ୍ : ସୁକ୍କ < ଶୁକ୍ଲ; ବିକ୍କବ < ବିକ୍ଲବ
କ୍ୱ୍ : ପକ୍କ < ପକ୍ୱ; ମୁକ୍କ < * ମୁକ୍ୱ = ମୁକ୍ତ
ଟ୍କ୍ : ଛକ୍କ < ଷଟ୍କ
ତ୍କ୍ : ଉକ୍କଣ୍ଠା < ଉତ୍କଣ୍ଠା; ଉକ୍କେରେ < ଉତ୍କରଃ
ତ୍କା : ବଲକ୍କରେନ < ବଲତ୍କାରେଣ
ର୍କ୍ : ତକ୍କେମି < ତର୍କୟାମି (ପ୍ରା: କକ୍କ < କର୍କ)
ଲ୍କ୍ : ବକ୍କଲ < ବଲ୍କଲ; କକ୍ଣା < କଲ୍କନା
ଷ୍କ୍, ସ୍କ୍ : ଚଉକ୍କ < ଚତୁଷ୍କ; ସକ୍କାରେ < ସଂସ୍କାରଃ
( ପ୍ରା: ଚଉକ୍କ; ଚକ୍କର < ଚସ୍କର )
ଃକ୍ : ଅନ୍ତକ୍କରଣ < ଅନ୍ତଃକରଣ

## କ୍ଖ୍

କ୍ଖ୍ < ଖ୍ୟ : ସୋକ୍ଖ < ସୌଖ୍ୟ
କ୍ଷ : ପକ୍ଖ < ପକ୍ଷ; ରୁକ୍ଖ < ବୃକ୍ଷ
କ୍ଷ୍ଣ୍ : ତିକ୍ଖୋ, ତଣ୍ହୋ < ତୀକ୍ଷ୍ଣଃ
ଷ୍କ୍, ସ୍କ୍ : ପୋକ୍ଖରଂ < ପୁଷ୍କରମ୍; ସୁକ୍ଖ < ଶୁଷ୍କ
ଃଖ୍ : ଦୁକ୍ଖ < ଦୁଃଖ

## ଗ୍ଗ

ଗ୍ଗ୍ < ଗ୍ନ୍ : ଅଗ୍ଗୀ < ଅଗ୍ନିଃ; ଉବ୍ବିଗ୍ଗ < ଉଦ୍ବିଗ୍ନ
ଗ୍ଣ୍ : ଥୁଗ୍ଗ < ସ୍ଥୁଗ୍ଣ
ଗ୍ୟ : ଜୋଗ୍ଗ < ଯୋଗ୍ୟ
ଗ୍ର୍ : ଅଗ୍ଗ < ଅଗ୍ର; ବଗ୍ଗ < ବ୍ୟଗ୍ର
ର୍ଗ୍ : ମଗ୍ଗ < ମାର୍ଗ; ବଗ୍ଗ < ବର୍ଗ
ଲ୍ଗ୍ : ଫଗ୍ଗୁଣ < ଫାଲ୍ଗୁନ; ବଗ୍ଗା < ବଲ୍ଗା

## ଗ୍‌ଘ୍

ଗ୍‌ଘ୍ < ଘ୍ନ୍ : ବିଗ୍‌ଘ < ବିଘ୍ନ
ଘ୍ର୍ : ଅଗ୍‌ଘାଣ < ଆଘ୍ରାଣ; ସିଗ୍‌ଘ < ଶୀଘ୍ର
ଦ୍‌ଘ୍ : ଉଗ୍‌ଘଡେଇ < ଉଦ୍‌ଘାଟୟତି
ର୍ଘ୍ : ଅଗ୍‌ଘ < ଅର୍ଘ; ଦଗ୍‌ଘ < ଦୀର୍ଘ

## ଚ୍

ଚ < ଚ୍ : ଉଚାର 'ମଳ'
ଚ୍ୟ୍ : ଅମାଗ: ବୁଚଇ, ମାଗ: ବୁଚଦି < ଉଚ୍ୟତେ
(ପା: ବୁଚ୍ଚଇ)
ର୍ଚ୍ : ଅଚା < ଅର୍ଚା; ଚଚରୀ < ଚର୍ଚରୀ; ଜୈନମହା:
ଶୌର: କୁଚ < କୂର୍ଚ (ପା: ଅଚି < ଅର୍ଚିଷ୍ )
ଞ୍ଚ୍ : ଅଚଲ < ଅଞ୍ଚଲ
ତ୍ୟ୍ : ବିଚଇ < ବ୍ରତ୍ୟତେ
ତ୍ୟ୍ : କଚ < କୃତ୍ୟ; ସଚ < ସତ୍ୟ

## ଚ୍ଛ୍

ଚ୍ଛ୍ < ଚ୍ଛ୍ : ଅଚ୍ଛଇ (ଓ) < * ଅଚ୍ଛତି (ପା: ଅଚ୍ଛତି)
ଶ୍ଚ୍ : ଅଚ୍ଛେର < ଆଶ୍ଚର୍ଯ୍ୟ (ଜୈନମହା: ଅଚ୍ଛରିୟ)
କ୍ଷ : ଅଚ୍ଛି < ଅକ୍ଷି; ଉଚ୍ଛୁ < ଇକ୍ଷୁ
କୁଚ୍ଛି < କୁକ୍ଷି; ପେଚ୍ଛଇ < ପ୍ରେକ୍ଷତେ
ତ୍ସ୍(ୟ) : ମଚ୍ଛ < ମତ୍ସ୍ୟ; ବଚ୍ଛ < ବତ୍ସ
ବଚ୍ଛଲ < ବତ୍ସଲ (ମାଗ: ବଶ୍ଚଲ)
ଥ୍ୟ : ମିଚ୍ଛା < ମିଥ୍ୟା; ରଚ୍ଛା < ରଥ୍ୟା
ପ୍ସ୍ : ଅଚ୍ଛରା < ଅପ୍ସରା; ଲିଚ୍ଛଇ < ଲିପ୍ସତି
ଷ୍ : ପିଉଚ୍ଛା < ପିତୃଷ୍ୱସା; ମାଉଚ୍ଛା < ମାତୃଷ୍ୱସା

## ଜ୍ଜ୍

ଜ୍ଜ୍ < ଜ୍ଜ୍ : ଲଜ୍ଜା, ସଜ୍ଜା ‘dressing’, କଜ୍ଜଳ

ଜ୍ୟ, ଯ୍ୟ : ରଜ୍ଜଂ < ରାଜ୍ୟମ୍; ଦୁସଜ୍ଜା < ଶଯ୍ୟା

ଜ୍ୱ୍ : ପଜ୍ଜଳଇ (ଧା) < ପ୍ରଜ୍ୱଳତି (ପା: ପଜ୍ଜଳତି)
ଉଜ୍ଜଳ < ଉଜ୍ଜ୍ୱଳ

ବ୍ଜ୍ : ଖୁଜ୍ଜ < କୁବ୍ଜ (ତୁଳ: ଓ: କୁଜ, କୁଜା)

ଦ୍ୟ : ଅଜ୍ଜ < ଅଦ୍ୟ; ଉଜ୍ଜାଣ < ଉଦ୍ୟାନ

ଦ୍ୱ୍ : ଅମାଗ: ବିଜ୍ଜଂ < ବିଦ୍ୱାନ୍

ର୍ଯ୍ : କଜ୍ଜ < କାର୍ଯ୍ୟ; ଅଜ୍ଜଉତ୍ତ < ଆର୍ଯ୍ୟପୁତ୍ର
(ପା: ଅଯ୍ୟ୍ୟପୁତ୍ତ; କଯ୍ୟ୍ୟ) ମାଗ: ଅଯ୍ୟ୍ୟ;
ପଜ୍ଜତ୍ତି < ପର୍ଯ୍ୟାପ୍ତି

ଯ୍ୟ' : ଦିଜ୍ଜଇ (ବ) < ଦୀୟତେ, କରିଜ୍ଜଉ(ଇ)
< * କରୀୟତେ = କ୍ରିୟତେ

ଜ୍ର୍, ର୍ଜ୍ : ବଜ୍ଜ < ବଜ୍ର; ପଜ୍ଜନ୍ନ < ପର୍ଜନ୍ୟ

[ ତୁଳ: ପଜ୍ଜରଯ୍ୟ < ପ୍ରଜରକ ‘ରତ୍ନପ୍ରଭା ନାମକ ନରକ ପୃଥ୍ୱୀର ଏକ ନରକାବାସ’ ] (ପାଇଅସଦ୍ଦ)

## ଜ୍ଝ୍

ଜ୍ଝ୍ ଧ୍ୟ : ମଜ୍ଝ < ମଧ୍ୟ; ସଜ୍ଝାଯ୍ୟ < ସ୍ୱାଧ୍ୟାୟ

ଝ୍ : ଓଜ୍ଝର < ଅବଝର; ଣିଜ୍ଝର < ନିଃଝରଣ
(ହେମ—୮।୨୦)

ହ୍ୟ : ମଜ୍ଝଂ < ମହ୍ୟମ୍ (ପା: ମହ୍ୟଂ)
ସଜ୍ଝ < ସହ୍ୟ

ଧ୍ୱ୍ : ଅମାଗ: ଅଚ୍ଛିଣ୍ଣଜ୍ଝୟ < ଅଚ୍ଛିନ୍ନଧ୍ୱଜ

## ଞ୍ଞ୍

ଞ୍ଞ୍ < ଞ୍ଜ୍ : ପୈ: ଅଞ୍ଞଲି < ଅଞ୍ଜଳିଃ (ହେମ—୮।୨।୧୩)
ଜ୍ଞ୍ : ପୈ: ରଞ୍ଞା < ରାଜ୍ଞା
(ପା: ରଞ୍ଞୋ < ରାଜ୍ଞଃ)
ଣ୍ୟ : ପୈ: ପୁଞ୍ଞାହଂ < ପୁଣ୍ୟାହମ୍ (ପା: ପୁଞ୍ଞ)
ନ୍ୟ : ପୈ : କଞ୍ଞକା < କନ୍ୟକା
(ପା: ଅଞ୍ଞ <ଅନ୍ୟ)
[ ପାଲିରେ ପଞ୍ହ < ପ୍ରଶ୍ନରେ 'ଞ୍ହ' ଦ୍ରଷ୍ଟବ୍ୟ ]

## ଟ୍ଟ୍

ଟ୍ଟ୍ < ଟ୍ଟ୍ : ଭଟ୍ଟିଣୀ; ଭଟ୍ଟାରଗ(ସୁ) < ଭଟ୍ଟାରକ
ଟ୍, ଡ୍ : ଫୁଟ୍ଟଇ, ଫୁଡଇ < ସ୍ଫୁଟିତ (ମାର୍କ— ୨।୮୬)
ପିଟ୍ଟଇ < ପୀଡୟତି (ଔଡ୍ରୀ, ମାର୍କ—୧୬।୧୯)
ର୍ତ୍ତ : ବଟ୍ଟଇ(ଦ) < ବର୍ତ୍ତତେ; କେବଟ୍ଟ < କୈବର୍ତ୍ତ
ଅମାଗ: ନଟ୍ଟଗ < ନର୍ତ୍ତକ
ତ୍ତ : ମଟ୍ଟିଆ < ମୃତ୍ତିକା

## ଟ୍ଠ୍

ଟ୍ଠ୍ < ଷ୍ଠ୍ : ଅଂଗୁଟ୍ଠ < ଅଙ୍ଗୁଷ୍ଠ; ସେଟ୍ଠ < ଶ୍ରେଷ୍ଠ
ଷ୍ଟ୍ : ପିଟ୍ଠଂ < ପିଷ୍ଟ 'ପିଠା'; ଧିଟ୍ଠୋ < ଧୃଷ୍ଟ
ଦିଟ୍ଠୀ < ଦୃଷ୍ଟିଃ; ପିଟ୍ଠେ < ପୃଷ୍ଠମ୍
ସ୍ଥ୍ : ଅଟ୍ଠି < ଅସ୍ଥି; ପଟ୍ଠାବଇ < ପ୍ରସ୍ଥାପୟତି
ର୍ଥ୍ : ଅମାଗ: ଜୈମହା: ଅଟ୍ଠ < ଅର୍ଥ;
ସମଟ୍ଠ < ସମର୍ଥ

## ଡ୍‌ଡ୍

ଡ୍‌ଡ୍ < ଡ୍ୟ : କୁଡ୍‌ଡ < କୁଡ୍ୟ
* ଳ୍‌ଦ୍ : କଡ୍‌ଡ < * କୁଳ୍‌ଦ = କୁଷ୍ଟ
ଅମାଗ: ନେଡ୍‌ଡ < * ନଳ୍‌ଦ ( ତୁଳ: ନୀଡ )
[ ପା: କଡ୍‌ଡ; ନଡ୍‌ଡ ] ( ସେନ: ପୃ: ୫୧ )
ର୍ଦ୍ : କବଡ୍‌ଡ < କପର୍ଦ୍ଦ; ଛଡ୍‌ଡଇ < ଛର୍ଦ୍ଦତି
( ପା: ଛଡ୍‌ଡେତି )
ଦ୍ର୍ : ଅମାଗ: ଜୈନମହା: ଖୁଡ୍‌ଡ; ମାଗ: ଖୁଦ୍ଦ < କ୍ଷୁଦ୍ର
ବଡ୍‌ଡ < * ବଦ୍ର ( ସେନ: ପୂର୍ବୋକ୍ତ )

## ଡ୍‌ଢ୍

ଡ୍‌ଢ୍ < ଢ୍ୟ : ଅଡ୍‌ଢ < ଆଢ୍ୟ
ର୍ଧ୍ : ବଡ୍‌ଢଇ (ଡ) < ବର୍ଧ(ଦ୍ଧ)ତି
ବୁଡ୍‌ଢ < ବୃଦ୍ଧ ( ପା: ବଡ୍‌ଢତି, ବଡ୍‌ଢେତି )

## ଣ୍‌ଣ୍

ଣ୍‌ଣ୍ < ଣ୍ୟ : ପୁଣ୍‌ଣଂ < ପୁଣ୍ୟମ୍; ଅରଣ୍‌ଣ < ଅରଣ୍ୟ
ଣ୍ବ୍ : କଣ୍‌ଣ < କଣ୍ବ
ନ୍ୟ : ଅଣ୍‌ଣ < ଅନ୍ୟ; ଅଣ୍‌ଣେଯ୍ୟ < ଅନନ୍ୟକ
ଞ୍ଚ୍ : ପଣ୍‌ଣରସ < ପଞ୍ଚଦଶ; ପଣ୍‌ଣାସ < ପଞ୍ଚାଶତ୍
( ପା: ପଣ୍‌ଣରସ, ପଣ୍‌ଣାସ )
ଜ୍ଞ୍ : ଅଣଭିଣ୍‌ଣ < ଅନଭିଜ୍ଞ; ବିଣ୍‌ଣାଣଂ < ବିଜ୍ଞାନମ୍
ପଣ୍‌ଣୋ < ପ୍ରାଜ୍ଞଃ
ର୍ଣ୍ : ଜଣ୍‌ଣେ < ଜୀର୍ଣ୍ଣ; ବଣ୍‌ଣ < ବର୍ଣ୍ଣ
କଣ୍‌ଣେରେ, କଣ୍‌ଣିଆରେ < କର୍ଣ୍ଣିକାରଃ ( ହେମ—୧।୧୬୮ )

## ଣ୍ହ୍

ଣ୍ହ୍ < ହ୍ଣ୍ : ଅବରଣ୍ହ < ଅପରାହ୍ଣ;
ଶୌର: ଟ୍ରେଣ୍ହଦ < ଗୃହ୍ଣୀତ ( ପା: ଅପରଣ୍ହ )
ହ୍ନ୍ : ଚିଣ୍ହ < ଚିହ୍ନ; ବଣ୍ହି < ବହ୍ନି
ଷ୍ଣ୍ : କଣ୍ହ < କୃଷ୍ଣ; ଉଣ୍ହ < ଉଷ୍ଣ
ପଣ୍ହି < ପାର୍ଷ୍ଣି; ଅହିଣ୍ହଂ < ଅଶ୍ୱାଷ୍ଣମ୍
ଶ୍ନ୍ . ପଣ୍ହ < ପ୍ରଶ୍ନ ( ପା: ପଞ୍ହ )
ସ୍ନ୍, ଷ୍ଣ୍ : ଣ୍ହାଣ < ସ୍ନାନ; ଣ୍ହୁସା < ସ୍ନୁଷା
ଜୋଣ୍ହା < ଜ୍ୟୋଷ୍ଣା
( ପା: ଜୁଣ୍ହା; ସିନାନ, ନହାନ )

## ତ୍ତ୍

ତ୍ତ୍ < ତ୍ତ୍ : ଉତ୍ତିମ < ଉତ୍ତମ; ପଉତ୍ତ < ପ୍ରବୃତ୍ତ
ପ୍ତ୍ : ଖିତ୍ତ < କ୍ଷିପ୍ତ; ସତ୍ତ < ସପ୍ତ
ତ୍ୱ୍ : ଅମାଗ: ଚଇତ୍ତ < ଚଇତ୍ୱା; ଚତ୍ତର < ଚତ୍ୱାର
ସତ୍ତ < ସତ୍ୱ; ପୀଣତ୍ତ < ପୀନତ୍ୱ
ତ୍ର୍ : ଗତ୍ତ < ଗାତ୍ର; ପୁତ୍ତ < ପୁତ୍ର; ମୁତ୍ତ < ମୂତ୍ର
ରତ୍ତି < ରାତ୍ରି ( ତୁଳ: ଓ: ପୁତଖାଇ, ପୁତ୍ରଗଡ଼ )
ର୍ତ୍ : ମୁତ୍ତ < ମୂର୍ତ୍ତ
ବତ୍ତି < ବର୍ତ୍ତି 'ସଳିତା'; ବତ୍ତଇ < ବର୍ତ୍ତତି (୧)
[ ତୁଳ: ପା: ବତ୍ତତି < ବର୍ତ୍ତତେ ]
ସ୍ତ୍ : ଦୁତ୍ତର < ଦୁସ୍ତର
କ୍ତ୍ : ଭତ୍ତ < ଭକ୍ତ 'ଖାଦ୍ୟ, ଭାତ'; ରତ୍ତ < ରକ୍ତ
ସୁତ୍ତି < ଶୁକ୍ତି; ଅଲତ୍ତଅ < ଅଲକ୍ତକ 'ଅଳତା'
ତ୍ମ୍ : ଅତ୍ତା < ଆତ୍ମା

---

(୧) ଟର୍ନର୍, ପି: ଡ: ଆଇ: ଏ:

## ତ୍ଥ୍

ତ୍ଥ୍ < ସ୍ତ୍ : ପତ୍ଥର < ପ୍ରସ୍ତର; ପତ୍ଥାବ < ପ୍ରସ୍ତାବ;
ପୁତ୍ଥଅ, ପୁତ୍ଥଅସ୍ସ < ପୁସ୍ତକ
[ସଂ : * ପୋସ୍ତକ * ପୋସ୍ତିକା; ପା: ପୋତ୍ଥକ; ପ୍ରା: ପୁତ୍ଥଅସ୍ସ;
ଓ : ପୋଥା, ପୋଥି, ପୁଥି] (ଟର୍ନର, ସି: ଡ଼: ଆଇ: ଏ:)
ତ୍ର୍ : ଏତ୍ଥ < ଅତ୍ର; ତତ୍ଥ < ତତ୍ର
ର୍ଥ୍ : ଅତ୍ଥ < ଅର୍ଥ; ସତ୍ଥ < ସାର୍ଥ
ସ୍ତ୍ର୍ : ଇତ୍ଥୀ < ସ୍ତ୍ରୀ
ଭୁଲ: ପା: ମୋତ୍ଥିସ୍ସ < ଶ୍ରୋଷିସ୍ସ ।

## ଦ୍ଦ୍

ଦ୍ଦ୍ < ଦ୍ୟ, ଦ୍ମ୍ : ଅଣବଦ୍ଦଂ < ଅନବଦ୍ୟମ୍;
ଛଦ୍ଦଂ < ଛଦ୍ୟମ୍; ଛଦ୍ଦ < ଛଦ୍ମ
ଦ୍ର୍ : ଖୁଦ୍ଦ < କ୍ଷୁଦ୍ର; ଉଦ୍ଦ < ଉଦ୍ର; ଭଦ୍ଦ < ଭଦ୍ର;
ଦ୍ବ୍, ବ୍ଦ୍ : ଅଦ୍ଦସ୍ସ < ଅଦ୍ବସ୍ସ; ସଦ୍ଦ < ଶବ୍ଦ
ର୍ଦ୍ର୍ : ଅଦ୍ଦ < ଆର୍ଦ୍ର
ର୍ଦ୍ : ମଦ୍ଦବ < ମାର୍ଦ୍ଦବ; ଚୋଦ୍ଦହ < ଚତୁର୍ଦ୍ଦଶ;
ଗଦ୍ଦହ < ଗର୍ଦ୍ଦଭ ( ପା: ଗଦ୍ଦଭ, ଗଦ୍ରଭ )

## ଦ୍ଧ୍

ଦ୍ଧ୍ < ଦ୍ଧ୍ : ସୁଦ୍ଧ < ଶୁଦ୍ଧ; ରୁଦ୍ଧ; ବୁଦ୍ଧି
ର୍ଧ୍ : ଅଦ୍ଧ < ଅର୍ଧ; ଣିଦ୍ଧୂମ < ନିର୍ଧୂମ;
ବଦ୍ଧମାଣ < ବର୍ଧମାନ
ଧ୍ର୍ : ଗିଦ୍ଧ < ଗୃଧ୍ର; ଅମାଗ: ସଦ୍ଧିଂ < ସଧ୍ରୀମ୍
ଧ୍ବ୍, ର୍ଧ୍ବ୍ : ମଅରଦ୍ଧଅ < ମକରଧ୍ବଜ; ଉଦ୍ଧ < ଊର୍ଧ୍ବ

## ନ୍ନ୍

ନ୍ନ୍ < ନ୍ନ୍ : ପନ୍ନଗ; ଅନ୍ନ (ଅମାଗ:)
ନ୍ୱ୍ : ଅନ୍ନେସଣ < ଅନ୍ୱେଷଣ (ଅମାଗ:)
ନ୍ୟ : କନ୍ନା < କନ୍ୟା
ଦ୍ନ୍ : ଅମାଗ: ଦନ୍ନ < * ଦଦ୍ନ = ଦତ୍ତ
ଞ୍ଚ୍ : ପନ୍ନଟ୍ଠି, ପଣ୍ଣଟ୍ଠି < ପଞ୍ଚଷଷ୍ଟି;
ପନ୍ନତ୍ତର < ପଞ୍ଚସପ୍ତତି
ଜ୍ଞ୍ : ଅମାଗ: ଅପଡନ୍ନ < ଅପ୍ରତିଜ୍ଞ; ପନ୍ନ < ପ୍ରାଜ୍ଞ
ର୍ଣ୍ : ପନ୍ନ(ଣ୍ଣ) < ପର୍ଣ

## ପ୍ପ୍

ପ୍ପ < ପ୍ର୍ : ଝପପମତ୍ତ ( ପା: ସୁପ୍ପିୟୁ < ସୁପ୍ରିୟୁ )
ର୍ପ୍ : ଅପ୍ପିଅ < ଅର୍ପିତ; କୁପ୍ପର < କୂର୍ପର
ଲ୍ପ୍ : କପ୍ପତରୁ କଲପତରୁ; ଅପ୍ପ < ଅଲ୍ପ
ସ୍ପ୍ : ବୁହପ୍ପଈ < ବୃହସ୍ପତିଃ
ପ୍ୟ : ସିପ୍ପ < ସିପ୍ୟ; କୁପ୍ପ < କୁପ୍ୟ
ସ୍ମ୍ : ଭପ୍ପ < ଭସ୍ମ
ତ୍ପ୍ : ଉପ୍ପଲଂ < ଉତ୍ପଲମ୍
ତ୍ମ୍ : ଅପ୍ପ ( < ଅତ୍ତ ) < ଆତ୍ମନ୍
ଃପ୍ : ଅନ୍ତପ୍ପାଓ < ଅନ୍ତଃପାତ
କ୍ମ୍ : ରୁପ୍ପିଣୀ < ରୁକ୍ମିଣୀ ( ହେମ—୨।୫୨ )

## ପ୍ଫ୍

ପ୍ଫ < ଷ୍ପ୍ (ଫ୍) : ପୁପ୍ଫ < ପୁଷ୍ପ; ବାପ୍ଫ < ବାଷ୍ପ
ପଡପ୍ଫଦ୍ଧୀ < ପ୍ରତିସ୍ପର୍ଦ୍ଧୀଃ
ଅପ୍ଫାଲଣଂ < ଆସ୍ଫାଲନମ୍
ସ୍ପ୍ : ଅମାଗ: ବଣପ୍ଫଈ < ବନସ୍ପତି
[ ତୁଳ: ପା: ପିପ୍ଫଲ < ପିପ୍ପଲ ]

## ବ୍‌ବ୍‌

ବ୍‌ବ < ର୍ବ୍‌ : ସବ୍‌ବ < ସର୍ବ
ଦ୍ୱ୍‌ : ଉବ୍‌ବଟେଇ ଦ୍ୱ) < ଉଦ୍‌ବର୍ତ୍ତିତ
( ପ୍ରା: ଉବ୍‌ବଟ୍ଟିତ )
ଡ୍ୱ୍‌ : ଛବ୍‌ବିସ, ଛବ୍‌ବିସନ୍ତ < ଷଡ୍‌ବିଂଶ(ତି)
[ ତୁଳ: ପ୍ରା: ଛବ୍‌ବଣ୍ଣ < ଷଡ୍‌ବର୍ଣ୍ଣ ]

## ବ୍‌ଭ୍‌

ବ୍‌ଭ୍‌ < ଭ୍ୟ : ଲବ୍‌ଭ < ଲଭ୍ୟ; ରବ୍‌ଭ < ରଭ୍ୟ 'ଧାମ୍ମ'
ହ୍ୱ୍‌ : ଗବ୍‌ଭର < ଗହ୍ୱର; ବିବ୍‌ଭଳ < ବିହ୍ୱଳ
ଅମାଗ: ଜିବ୍‌ଭା < ଜିହ୍ୱା
ର୍ଭ୍‌ : ଗବ୍‌ଭ < ଗର୍ଭ; ଶିବ୍‌ଭର < ଶାର୍ଭର
ର୍ଧ୍ୱ୍‌ : ଉବ୍‌ଭ < ଊର୍ଧ୍ୱ
ଦ୍‌ଭ୍‌ : ଉବ୍‌ଭାର < ଉଦ୍‌ଭାର; ଉବ୍‌ଭୁଅଇ < ଉଦ୍‌ଭବତି

## ମ୍‌ମ୍‌

ମ୍‌ମ୍‌ < ମ୍ର୍‌, ମ୍ୟ : ରମ୍‌ମ < ରମ୍ୟ; ଧୁମ୍‌ମକ୍ଷ < ଧୂମ୍ରାକ୍ଷ
ଲ୍ମ୍‌ : ଗୁମ୍‌ମ < ଗୁଲ୍ମ ( ପ୍ରା: କମ୍‌ମାସ < କଲ୍ମାଷ )
ନ୍ମ୍‌ : ଉମ୍‌ମୁଲେଇ(ବା) < ଉନ୍ମୂଳୟତ
( ପ୍ରା: ଉମ୍ମୁଲେନ୍ତି )
ର୍ମ୍‌ : କମ୍‌ମ < କର୍ମ; ଧମ୍‌ମ < ଧର୍ମ
ଡ୍ମ୍‌ : ଛମ୍‌ମୁହ < ଷଡ୍‌ମୁଖ
ଣ୍ମ୍‌ : ଛମ୍ମୁହ < ଷଣ୍ମୁଖ
ସ୍ମ୍‌ : -ମ୍ମି < -ସ୍ମିନ୍ ( ଅଧିକରଣ ଏକବଚନ ଅନ୍ତପ୍ରତ୍ୟୟ )

## ମ୍ହ୍

ମ୍ହ୍ < ଷ୍ମ୍, ସ୍ମ୍ : ପମ୍ହଲଂ < ପକ୍ଷ୍ମଲମ୍; ଅମ୍ହ < ଅସ୍ମ
ଵିମ୍ହଅ < ଵିସ୍ମୟ; -ମ୍ହି < -ସ୍ମିନ୍
ଷ୍ମ୍ : ଗିମ୍ହ < ଗ୍ରୀଷ୍ମ; ଉମ୍ହା < ଉଷ୍ମା
ଶ୍ମ୍ : କମ୍ହୀର < କାଶ୍ମୀର
ହ୍ମ୍ : ବମ୍ହଣ < ବ୍ରାହ୍ମଣ; ବମ୍ହା < ବ୍ରହ୍ମା

## ୟ୍ୟ୍

ୟ୍ୟ୍ < ର୍ୟ୍, ର୍ଜ୍ : ମାଗ: ଅୟ୍ୟୁତ୍ତ < ଆର୍ୟପୁତ୍ର;
ଅୟ୍ୟୁଣ < ଅର୍ଜୁନ
( ଚା: ଅୟ୍ୟୁତ୍ତ; ନୟ୍ୟାଡ < ନର୍ୟାଡ )
ଦ୍ୟ : ମାଗ: ଅୟ୍ୟ < ଅଦ୍ୟ; ମୟ୍ୟ < ମଦ୍ୟ

## ଲ୍ଲ୍

ଲ୍ଲ < ଲ୍ଲ୍ : ମଲ୍ଲ; ମଲ୍ଲିଆ < ମଲ୍ଲିକା
ଲ୍ୟ : କଲ୍ଲ < କଲ୍ୟ; ସଲ୍ଲୁଦ୍ଧାର < ଶଲ୍ୟୋଦ୍ଧାର
ଲ୍ୱ୍ : ବିଲ୍ଲ, ବେଲ୍ଲ < ବିଲ୍ୱ; ଗଲ୍ଲକ୍କ < ଗଲ୍ୱର୍କ;
ଉଲ୍ଲ < ଉଲ୍ୱ ( ପା. ବିଲ୍ଲ, ବେଲ୍ଲ )
ର୍ୟ୍ : ପଲ୍ଲତ୍ଥ < ପର୍ୟସ୍ତ; ପଲ୍ଲଙ୍କ < ପର୍ୟଙ୍କ

## ୱ୍ୱ୍

ୱ୍ୱ୍ < ର୍ୱ୍ : ସୱ୍ୱ < ସର୍ୱ; ପୁୱ୍ୱ < ପୂର୍ୱ
ସୱ୍ୱତ୍ଥ < ସର୍ୱସ୍ୱ
ୱ୍ର୍ : ଶୌର: ପରିୱ୍ୱାଜଅ < ପରିୱ୍ରାଜକ
ୱ୍ୟ୍ : ଭୱ୍ୱ < ଭାୱ୍ୟ

## ସ୍‌ସ୍‌

ସ୍‌ସ୍‌ < ଶ୍ୟ : ଅଭସ୍‌ସଂ < ଅବଶ୍ୟମ୍‌
ଶ୍ବ, ଷ୍ବ : ଅସ୍‌ସ < ଅଶ୍ବ; ପିଉସ୍‌ସିଆ < ପିତୃଷ୍ବସା
ଶ୍ମ, ସ୍ମ : ରସ୍‌ସି < ରଶ୍ମି; ଶୌର: -ସ୍‌ସିଂ < -ସ୍ମିନ୍‌

ବ୍ୟଞ୍ଜନାତ୍ମକ ଦ୍ବିତ୍ବତା—

ସମୀଭବନ ହେତୁ ପ୍ରାକୃତରେ ଅସଂଖ୍ୟ ଦ୍ବିତ୍ବ ବ୍ୟଞ୍ଜନ ଦେଖାଯାଏ । ଏଗୁଡ଼ିକ ବ୍ୟତୀତ କେତେକ ସ୍ଥଳରେ ସରଳ ବ୍ୟଞ୍ଜନ ମଧ୍ୟ ଦ୍ବିତ୍ବତା ଲାଭ କରିଥିବା ଜଣାଯାଏ ।

ମାଗଧୀରେ ହକ୍‌କେ, ହଗ୍‌ଗେ < ସଂ * ଅହକଃ
ହଡକ୍‌କେ < * ହୃଡକଃ < ହୃଦୟ ( ମାର୍କ ୧୨।୧୪୨ )
ଋଗ୍‌ବେଦରେ ମଧ୍ୟ ଏହିପରି ଦ୍ବିତ୍ବ ସମ୍ପନ୍ନ ରୂପ ମିଳେ ।

ଇସ୍ତୁ ( ଏହି ଆକାର (ସ୍ବରୂପ)ର ) + ଅକ – ଇସ୍ତୁ+ଇକା > ଇସ୍ତିକା

ଇସ୍ତୁ + ଅକ > ଇସ୍ତକଃ ( ବ୍ଳକ ଇଣ୍ଡୋ ଆର୍ଯ୍ୟାନ ପୃ ୯୦ ), ( ଝା. ମାଗଧୀ: ୬୪ )

ପାଲିରେ ମଧ୍ୟ ପଟିକ୍‌କୂଲ < ସଂ: ପ୍ରତିକୂଲ 'ପ୍ରତିକୂଳ'

ପ୍ରାକୃତରେ ଏପରି ଅନେକ ଦ୍ବିତ୍ବ ବ୍ୟଞ୍ଜନ ମିଳେ ଯାହାର କୌଣସି ଧ୍ବନି ବୈଜ୍ଞାନିକ କାରଣ ନାହିଁ କମ୍ବା ସ୍ବର ମଧ୍ୟସ୍ଥ ବ୍ୟଞ୍ଜନର ସାଧାରଣ ନିୟମରେ ପ୍ରଭାବିତ ହେତୁ ଏହିପରି ଦ୍ବିତ୍ବ ସମ୍ଭବ ହୋଇଥାଏ ।

ଜଣ୍‌ଣୁ (ଜାଣୁ) < ଜାନୁଃ
ଏକ୍‌କ < ଏକ ( ମାର୍କ—୩।୭୬ )
ତେଅ, ତେକ୍ଷ < ତୈକ୍ଷ ( ମର୍କ —୮।୨୦, ୧୧।୧୨ )
କିଅ < ତ+ଇକ୍ଷ ( ମାର୍କ—୮।୨୦ ୧୧।୧୨ )

ସେବ୍ଵା (ସେଵା) < ସେବା (ମାର୍କ—୩।୭୫)

କୋଊହଲ୍ଲଂ (କୋଊହଲଂ) < କୌତୂହଲମ୍ (ମାର୍କ—୩।୭୫)

ସିଵ୍ଵୋ (ସିଵୋ) < ଶିବଃ (ମାର୍କ - ୩।୭୫)

-ତ୍ତି < ଇତି

ଵ୍ଵ < ଇବ

ତେତ୍ତିଅ, ଏତ୍ତଅଡ଼ < ତାବତ୍ (ବର—୪।୨୫)

ମୂଳ ଦୀର୍ଘ ସ୍ଵରରେ କ୍ଷତିପୂରଣ ପାଇଁ ସରଳ ବ୍ୟଞ୍ଜନ ମଧ୍ୟ ଭାରତୀୟ ଆର୍ଯ୍ୟଭାଷାରେ ଦ୍ଵିତ୍ଵ ହୁଏ ।

ତେଲ୍ଲ < ତୈଲ

ଦେବ୍ଵଂ (ଦେଵଂ) < ଦୈବମ୍ (ମାର୍କ—୩।୭୪)

ମାଗ: ଯ୍ୟୋବ୍ଵଣ, ଯ୍ୟୋବ୍ଵଣ < ଯୌବନ

ଶୌର: ଜୋବ୍ଵଣ, ଜୋବ୍ଵଣ

ତେଲ୍ଲୋକ୍କଂ < ତ୍ରୈଲୋକ୍ୟମ୍ (ବର—୧।୩୫)

ପେମ୍ମଂ < ପ୍ରେମମ୍ ; ସୋତ୍ତା < ସ୍ରୋତଃ

ଣେଡ୍ଡଂ < ନୀଡମ୍ (ମାର୍କ—୩।୬୧)

ବହୁତ୍ତଂ < ବ୍ୟାହୃତମ୍ (ମାର୍କ—୩।୭୧)

ମଣ୍ଡୁକ୍କୋ < ମଣ୍ଡୂକଃ (ମାର୍କ—୩।୭୧)

ଥୁଲ୍ଲଂ < ସ୍ଥୂଲମ୍ (ମାର୍କ—୩।୭୧)

ଥଣ୍ଣୁ < ସ୍ଥାଣୁ (ଗାଥା—୪୨୨)

ଉଜ୍ଜୁ < ଋଜୁଃ (ମାର୍କ—୩।୭୨)

# ତୃତୀୟ ଅଧ୍ୟାୟ

## ସନ୍ଧି

ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା (ସଂସ୍କୃତ) ପରି ପ୍ରାକୃତରେ ସନ୍ଧି ବାଧ୍ୟବାଧକତା ନୁହେ । ପ୍ରାକୃତରେ ପଦାନ୍ତ ବ୍ୟଞ୍ଜନର ପତନ ଫଳରେ ବ୍ୟଞ୍ଜନ ସନ୍ଧିର ମହତ୍ତ୍ୱ ନାହିଁ କହିଲେ ଚଳେ । କେବଳ ସ୍ୱରସନ୍ଧିର ଉଦାହରଣ ସୁଲଭ ।

## ସ୍ୱରସନ୍ଧି

ଅ—, ଇ— ଅଥବା ଉ— ପରେ ସମସ୍ୱରବର୍ଣ୍ଣ ଥିଲେ ସେହି ସ୍ୱରର ଦୀର୍ଘ ହୁଏ । (୧) ଯଥା—

| | ପ୍ରାକୃତ | | | | ସଂସ୍କୃତ |
|---|---|---|---|---|---|
| ମହା: | କଆବରାହ | < | କଅ + ଅବରାହ | = | କୃତାପରାଧ |
| ଶୌର: | କିଲେସାଣଲ | < | କିଲେସ + ଅଣଲ | = | କ୍ଲେଶାନଲ |
| ମାଗ: | ଦୁଦଆଲବମାଣ | < | ଦୁଦଅଲ + ଅବମାଣ | = | ଦ୍ୟୂତକରାବମାନ |
| ମହା: | ଈସୀସ | < | ଈସି + ଈସି | = | ଈଷଦୀଷତ୍ |
| ମହା: | ମଣୀସରେ | < | ମୁଣି + ଈସରେ | = | ମୁନୀଶ୍ୱର |
| ଅମାଗ: | ବହୂଦଅ | < | ବହୁ + ଉଦଅ | = | ବହୂଦକ |

(୧) ପିଶଲ୍, ପ୍ରା: ବ୍ୟା: ୧୫୬

ଉପରୋକ୍ତ ଉଦାହରଣମାନଙ୍କରେ ସମୀପବର୍ତ୍ତୀ ସ୍ୱରମାନଙ୍କର ସନ୍ଧି ନ ହୋଇ ବ୍ୟବହୃତ ହେଉଥିବା ଦେଖାଯାଏ ।

ସରଳ ବ୍ୟଞ୍ଜନର ପୂର୍ବବର୍ତ୍ତୀ ଅ, ଆ ଅସମ ସ୍ୱର ସହ ମିଶିଲେ ସନ୍ଧି ହୁଏ । (୨) ଅ, ଆ + ଇ > ଏ; ଅ, ଆ + ଉ > ଓ ।

| | ପ୍ରାକୃତ | | | | ସଂସ୍କୃତ |
|---|---|---|---|---|---|
| ମହା: | ଵସେଉ | < | ଵସା + ଇଉ | = | ଵଶ୍ + ଇଉ |
| ମହା: | ପଞ୍ଚେସୁ | < | ପଞ୍ଚ + ଇସୁ | = | ପଞ୍ଚେଷୁ |
| ଶୌର: ମହା: | ରାଏସି | < | ରାଅ + ଇସି | = | ରାଜର୍ଷି |
| ଅମାଗ: | ସବ୍‌ବୋଉସୁ | < | ସବ୍‌ବ + ଉଉସୁ | = | ସର୍ବର୍ତ୍ତୁକ |
| [ ପା: | ତସ୍ସେଦଂ | < | ତସ୍ସ + ଇଦଂ | = | ତସ୍ୟେଦମ୍ |

କିନ୍ତୁ ମହାଉଦଗ = ସଂ: ମହୋଦକ; ଖଟ୍ଟାଉସଭ = ସଂ: ଖଟ୍ଵର୍ଷଭ ।

ସମସ୍ତ ପଦର ପ୍ରଥମ ପଦ ଶେଷରେ ଥିବା ଦୀର୍ଘସ୍ୱରର କେଉଁଠି ନିୟମିତ ଭାବରେ ଓ କେଉଁଠି ବିକଳ୍ପରେ ହ୍ରସ୍ୱ ହୁଏ ଓ ହ୍ରସ୍ୱସ୍ୱରର ଦୀର୍ଘ ହୁଏ । ଯଥା —ହେମଚନ୍ଦ୍ର —୧।୪ ରେ ଦୀର୍ଘ-ହ୍ରସ୍ୱୌ ମିଥୋ ବୃତ୍ତୌ ।

ଅନ୍ତାବେଈ < (ଅନ୍ତ + ବେଈ) = ସଂ: ଅନ୍ତର୍ବେଦିଃ ।
ସତ୍ତାବୀସା < (ସତ୍ତ + ବୀସ) = ସଂ: ସପ୍ତବିଂଶତିଃ
ବିକଳ୍ପରେ — ବାରିମଈ, ବାରୀମଈ ( ବାରିମତିଃ )
ଭୁଆ-ଯନ୍ତଂ, ଭୁଅ-ଯନ୍ତଂ (ଭୁଜଯନ୍ତ୍ରମ୍)
ପଈହରଂ, ପଇହରଂ (ପତିଗୃହମ୍), ବେଲୁବଣଂ, ବେଲୂବଣଂ (ବେଣୁବନମ୍) । ଜଉଁଣ-ୟଡଂ, ଜଉଁଣା-ୟଡଂ (ଯମୁନାତଟମ୍)

ସ୍ୱରର ଉଦ୍‌ବୃତ୍ତ ସ୍ୱର ସହ ସନ୍ଧି ହୁଏନି । ନିସା-ଅରେ, ନିସି-ଅରେ । ମଣୁଅତ୍ତଂ < ସଂ: ମନୁଜତ୍ୱମ୍ । ବିକଳ୍ପରେ ସନ୍ଧି ହୁଏ । କୁମ୍ଭ-ଆରେ, କୁମ୍ଭାରେ । ସୁ-ଉରିସୋ, ସୂରିସୋ (ସଂ: ସୁପୁରୁଷଃ) । (୨)
–ତି ଅନ୍ତର ସ୍ୱର ପରେ ସନ୍ଧି ହୁଏନି ।

ହୋଇ ଇହ < ଭବତି ଇହ । ( ହେମ—୧।୯ )

(୧) ପିଶଲ, ପ୍ରା: ବ୍ୟା: ୧୬୭ । (୨) ହେମ —୧।୮

ପ୍ରାକୃତରେ ପ୍ରଥମ ପଦର ଅନ୍ତ୍ୟ ସ୍ୱର ପ୍ରାୟ ଲୋପ ହୋଇଥାଏ। ଯଥା—ଗଇଂଦ = ଗଜେନ୍ଦ୍ର; ନରିଂଦ, ମାଗ: ନରିନ୍ଦ = ନରେନ୍ଦ୍ର; ଅମାଗ: ଶୌର: ମାଗ: ଦେବିଂଦ = ଦେବେନ୍ଦ୍ର । ପ୍ରାକୃତ ସନ୍ଧିର ବିଶେଷତ୍ୱ ହେଉଛି ଯଦି ଦ୍ୱିତୀୟ ପଦର ଆଦ୍ୟ ସ୍ୱର ଦୀର୍ଘ ହୋଇଥାଏ କିମ୍ବା ସ୍ୱୀୟ ସ୍ଥାନ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ ତାହାହେଲେ ପ୍ରଥମ ପଦର ଅନ୍ତିମ ସ୍ୱର ଲୋପ ହୁଏ। ପାଲିରେ ପ୍ରଥମ ପଦର ଅନ୍ତିମ ସ୍ୱର ପରେ (ଦ୍ୱିତୀୟ ପଦର ଆଦ୍ୟ) ସ୍ୱରଥିଲେ ପୂର୍ବ ସ୍ୱର ଲୋପ ହୁଏ । ଯଥା—ସୁସ୍ସିଂଦ୍ରିୟାନି < ସୁସ୍ସ+ଇଂଦ୍ରିୟାଣି; ମାବୁସୋ < ମା+ଆବୁସୋ (୧) । ବେଳେବେଳେ ପରବର୍ତ୍ତୀ ସ୍ୱର ଲୋପ ହୋଇଥିବାର ଦେଖାଯାଏ। ଯଥା—ସୋପି < ସୋ+ଅପି; ତତୋବ < ତତୋ+ଏବ। ବେଳେବେଳେ ଉଭୟ ସ୍ୱରର ଅସ୍ତିତ୍ୱ ରହିଥାଏ, ଯଥା—ଲତାଇବ < ଲତା+ଇବ।

ଯଦି ପ୍ରଥମ ପଦର ଅନ୍ତିମ ସ୍ୱର 'ଇ' ବା 'ଉ' ଏବଂ ଦ୍ୱିତୀୟ ପଦର ଆଦ୍ୟ ସ୍ୱର ଭିନ୍ନ ହୁଏ, ତାହାହେଲେ ସଂସ୍କୃତ ପରି ପାଲି ଓ ପ୍ରାକୃତରେ ସନ୍ଧି ହୋଇଥିବାର ଦେଖାଯାଏ। ଯଥା—ଇତସ୍ସ < ଇତି+ଅସ୍ସ; ପଜ୍ଜତ୍ତ < ପର୍ଯ୍ୟାପ୍ତ ।

ଯଦି ଦ୍ୱିତୀୟ ପଦର ଆଦ୍ୟ ସ୍ୱର 'ଇ' ବା 'ଉ' ହୋଇଥାଏ ଓ ଏହି ସ୍ୱର ପରେ ସଂଯୁକ୍ତ (ଦ୍ୱିତ୍ୱ) ବ୍ୟଞ୍ଜନ ରହେ, ତେବେ ପ୍ରଥମ ପଦର ଅନ୍ତିମ 'ଅ' ବା 'ଆ' ଲୋପ ହୁଏ। ଯଥା—କଉଚ୍ଛାସ = କୁଚୋଚ୍ଛ୍ୱାସ; ବସନ୍ତୁସ୍ସବ = ବସନ୍ତୋତ୍ସବ; ଅମାଗ: ଣାଲୁପ୍ପଲ = ନୀଲୋତ୍ପଲ; ଅମାଗ: ଏଗିଂଦିୟ < ଏଗ+ଇଂଦିୟ; ଅମାଗ: ରୟଣୁଜ୍ଜଲ < ରୟଣ+ଉଜ୍ଜଲ = ରତ୍ନୋଜ୍ଜ୍ୱଲ; କଣ୍ଣୁପ୍ପଲ = କର୍ଣ୍ଣୋତ୍ପଲ ।

ଦୁଇ ସ୍ୱର ମଧ୍ୟବର୍ତ୍ତୀ ବ୍ୟଞ୍ଜନର ଲୋପ ଫଳରେ ସମୀପବର୍ତ୍ତୀ ଅବଶିଷ୍ଟ ସ୍ୱରମାନଙ୍କର ପ୍ରାୟ ସନ୍ଧି ହୁଏ ନାହିଁ; କିନ୍ତୁ ଉଭୟ ପୂର୍ବ ଓ ପରବର୍ତ୍ତୀ ସ୍ୱର ସମାନ ଥିଲେ ଦୀର୍ଘ ହୁଏ। ଯଥା— ପାଇକ୍କ < ପାଆଇକ୍କ < ପାଦାତିକ; ଅଂଧାର < ଅଂଧଆର < ଅନ୍ଧକାର; ଅମାଗ: ସୂମାଲ < ସୁକୁମାର ।

୧୧ କଚ୍ଚାୟନ, ପାଲି ବ୍ୟାକରଣ ୧୨ ।

କେତେକ ଶବ୍ଦରେ 'ଅ' ଏବଂ 'ଆ' ସହ 'ଇ' ଏବଂ 'ଉ'ର ସଂଯୋଗ ଦେଖାଯାଏ । ଯଥା— ଥେର < * ଥଇର < ସ୍ଥବିର; ଚୋଦ୍ଦସ < ଚତୁର୍ଦ୍ଦଶ; ମହା: ପୋମ୍ମ < ପଉମ < ପଦ୍ମ ।

ସମାସରେ ମଧ୍ୟ ସନ୍ଧି ଦେଖାଯାଏ । ଯଥା—କୁଂଭାର < କୁମ୍ଭକାର; କମ୍ମାର < କର୍ମକାର; ଚକ୍କାଅ < ଚକ୍ରବାକ; ସୂମାଲ < ସୁକୁମାର; ଅମାଗ: ଖଂଧାର < ସ୍କନ୍ଧାବାର ।

ଉଦ୍‌ବୃତ୍ତ ସ୍ୱରର ପୂର୍ବବର୍ତ୍ତୀ ସ୍ୱର ବେଳେବେଳେ ଲୋପ ହୁଏ । ଯଥା—ଦେଉଲ < ଦେବକୁଳ; ରାଉଲ, ମାଗ: ଲାଉଲ < ରାଜକୁଳ ।

ବାକ୍ୟରେ ବ୍ୟବହୃତ ପଦମାନଙ୍କରେ ପ୍ରାପ୍ତ ସନ୍ଧି ହୁଏନା । ଯଥା— ଏଗେ ଆହ < ଏକଃ ଆହ; ଏସ୍ସାଓ ଅକ୍ସାଓ । ନ+ସ୍ୱରର ସନ୍ଧି ହୁଏ । ଯଥା—ନତ୍ଥି < ନାସ୍ତି; ଣାଦଦୂରେ < ନାତିଦୂରେ; ଣାରଂଭେ < ଅନାରମ୍ଭେ ।

---

## ବ୍ୟଞ୍ଜନ ସନ୍ଧି

ମଧ୍ୟ ଭାରତୀୟ ଆର୍ଯ୍ୟଭାଷାରେ ସଂସ୍କୃତ ପରି ବ୍ୟଞ୍ଜନ ସନ୍ଧିର ବ୍ୟାପକ ରୂପ ଦେଖାଯାଏ ନାହିଁ । ତାହାର କାରଣ ହେଉଛି ମ: ଭା: ଆ: ରେ ଶବ୍ଦର ଅନ୍ତିମ ବ୍ୟଞ୍ଜନର ପତନ । କିନ୍ତୁ ଅଧିକାଂଶ କ୍ଷେତ୍ରର ପ୍ରଥମ ପଦର ଅନ୍ତିମ ବ୍ୟଞ୍ଜନ ପରବର୍ତ୍ତୀ ପଦର ଆଦ୍ୟ ବ୍ୟଞ୍ଜନ ସହ ସନ୍ଧି ହୋଇଥାଏ । ଅନ୍ୟ ଭାବରେ କୁହାଯାଇପାରେ ଯେ ସ୍ୱର ପୂର୍ବବର୍ତ୍ତୀ (ଅନ୍ତିମ) ବ୍ୟଞ୍ଜନର ଲୋପ ହୁଏନା । ଜଦତ୍ଥି < ଯଦସ୍ତି; ପୁଣରୁତ୍ତ < ପୁନରୁକ୍ତ; ଅମାଗ: ପୁଣରବି < ପୁନରପି । ଦୁର୍ ଏବଂ ନିର୍ ଉପସର୍ଗଦ୍ୱୟର ଅନ୍ତିମ ବ୍ୟଞ୍ଜନ ମଧ୍ୟ ଲୋପ ହୁଏନା । ଯଥା—ଦୁରଇକ୍କମ < ଦୁରତିକ୍ରମ; ଣିରନ୍ତର < ନିରନ୍ତର; ଣିରାବରଣ; ଣିରାଣନ୍ଦ < ନିରାନନ୍ଦ ।

ସମାସରେ ପ୍ରଥମ ପଦର ଅନ୍ତ୍ୟ ବ୍ୟଞ୍ଜନ, ପରବର୍ତ୍ତୀ ପଦର ଆଦ୍ୟ ବ୍ୟଞ୍ଜନରେ ସମୀଭୂତ ହୁଏ । ଯଥା—ଦୁଚ୍ଚରିଅ < ଦୁଶ୍ଚରିତ; ଦୁଲ୍ଲହ < ଦୁର୍ଲଭ; ସପ୍ପୁରିସ < ସତ୍ପୁରୁଷ; ଦୁସ୍ସହ < ଦୁଃସହ; ପାଉବ୍ଭାବ < ପ୍ରାଦୁର୍ଭାବ; ଚଉକ୍କ < ଚତୁଷ୍କ । ଖୁବ୍ କମ୍ ସ୍ଥାନରେ ପ୍ରଥମ ପଦ ଅନ୍ତ୍ୟ ବ୍ୟଞ୍ଜନରହିତ ପଦ ପରି ଧରାଯାଇଛି । ଯଥା—ସଭିକ୍ଖୁ < ସଦ୍ଭିକ୍ଷୁ; ଦୁଲହ < ଦୁର୍ଲଭ; ଏଅଣ୍ଣୁରୂବ < ଏତଦନୁରୂପ ।

ପ୍ରଥମ ପଦର ଅନ୍ତ୍ୟ ସ୍ୱର ପରେ ଯଦି କୌଣସି ବ୍ୟଞ୍ଜନ ଆସେ ତାହାହେଲେ ଉକ୍ତ ବ୍ୟଞ୍ଜନ ଦ୍ୱିତ୍ୱ ହୋଇଥାଏ । ଯଥା—ପଗ୍‌ଗହୋ < ପ+ଗହୋ = ପ୍ରଗ୍ରହଃ; ଦୁକ୍କଡଂ < ଦୁ+କଡଂ = ଦୁଷ୍କୃତମ୍ ତୁଳ: ପା: ଦୁକ୍କଟଂ, ପରକ୍କମୋ < ପର+କମୋ; ଅକ୍କମନ୍ତି < ଆ+କମନ୍ତି; ଦୁସ୍‌ସୀଲୋ < ଦୁ+ସୀଲୋ; ବିପ୍ପୟୁତ୍ତୋ < ବି+ପୟୁତ୍ତୋ ।

ବହୁଧା ଦୁଇ ଶବ୍ଦ (ଅନ୍ତ୍ୟ ଓ ଆଦ୍ୟ) ସ୍ୱରଦ୍ୱୟ ମଧ୍ୟରେ କୌଣସି ନୂତନ ବ୍ୟଞ୍ଜନ ଧ୍ୱନିର ପ୍ରୟୋଗ ଫଳରେ ସନ୍ଧିର ନିଷେଧ ଦେଖାଯାଇଥାଏ । ଏହି ଧ୍ୱନିମାନ—'ମ୍' 'ୟ୍', 'ର୍', ଏବଂ ଏମାନେ ସନ୍ଧି ବ୍ୟଞ୍ଜନ ନାମରେ ପରିଚିତ । ସଂସ୍କୃତର କେତେକ ମୂଳ ଶବ୍ଦରେ ଉକ୍ତ 'ମ୍', 'ର୍' ସନ୍ଧି ବ୍ୟଞ୍ଜନମାନ ନିଶ୍ଚିତ ବ୍ୟବହୃତ ହେଉଥିବାର ଅନୁମାନ କରାଯାଏ ।

'ମ୍' ଅଧିକାଂଶତଃ ଅନ୍ତର୍ବର୍ତ୍ତୀ ଧ୍ୱନି ଭାବରେ ବ୍ୟବହୃତ—
ଅମାଗ: ଅନ୍ନମନ୍ନ < ଅନ୍ନ+ଅନ୍ନ = ଅନ୍ୟାନ୍ୟ; ଏଗମେଗ < ଏଗ+ଏଗ; ମହା: ଏକ୍କମେକ୍କଂ < ଏକଂ+ଏକଂ (ସଂ: ଏକୈକମ୍); ଅମାଗ: ଅଂଗମଂଗ < ଅଂଗ+ଅଂଗ; ଆରିୟମଣାରିୟ < ଆରିୟ+ଅଣାରିୟ (ସଂ: ଆର୍ଯ୍ୟାନାର୍ଯ୍ୟ) ।

'ୟ୍': ଦୁୟାହ < ଦୁ+ଅହ 'ଦୁଇଦିନ'; ଦୁୟଂଗୁଲ < ଦୁ+ଅଂଗୁଲ 'ଦୁଇ ଅଙ୍ଗୁଳି ଲମ୍ବବିଶିଷ୍ଟ'; ଅମାଗ: ସିୟକ୍ଖାଏ < ସୁ+ଅକ୍ଖାଏ ।

'ର୍' : ଧିରତ୍ଥୁ < ଧି+ଅତ୍ଥୁ = ଧିଗ୍+ଅସ୍ତୁ; ସିଦ୍ଧରିଵ < ସିଦ୍ଧ+ ଇଵ; ଅମାଗ: ଦୁରଂଗୁଲ < ଦୁ+ଅଂଗୁଲ ।

୩ ଲୁଳ: ପାଲିରେ ଯ୍, ଵ୍, ମ୍, ଦ୍, ନ୍, ତ୍, ଲ୍ ଏବଂ ର୍ ବ୍ୟଞ୍ଜନ ସନ୍ଧି ବ୍ୟଞ୍ଜନ ରୂପେ ବ୍ୟବହୃତ —

ନଯିମସ୍ସ < ନ+ଇମସ୍ସ; ତଵଙ୍ଗିକଂ < ତ+ଅଙ୍ଗିକଂ; ଲହୁମେସ୍ସତି < ଲହୁ+ଏସ୍ସତି; ଅତ୍ଥଦତ୍ଥଂ < ଅତ୍ଥ+ଅତ୍ଥଂ; ଇତୋନାୟତି < ଇତୋ+ଆୟତି; ସୁସ୍ନାତଦ < ସୁସ୍ନା+ଇଦ; ସବ୍ଭିରେଵ < ସବ୍ଭି+ଏଵ; ଛଲଭିଞ୍ଞା < ଛ+ଅଭିଞ୍ଞା । (କଚ୍ଚାୟନ ପାଲି: ବ୍ୟା: ୧।୪।୬)

# ଦ୍ୱିତୀୟ ଭାଗ
## ରୂପ ବିଚାର

# ଚତୁର୍ଥ ଅଧ୍ୟାୟ

## ଶବ୍ଦରୂପ ରଚନା

ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାର ରୂପରଚନା ଅନ୍ୟାନ୍ୟ ଭାରତ-ୟୁରୋପୀୟ ଭାଷାର ରୂପରଚନା ପରି ଅତି ଜଟିଳ । ଏଥିରେ ତିନି ଲିଙ୍ଗ—ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ ଓ ନପୁଂସକ ଲିଙ୍ଗ ତିନି ବଚନ — ଏକବଚନ, ଦ୍ୱିବଚନ ଓ ବହୁବଚନ ଓ ଆଠ ବିଭକ୍ତି -- କର୍ତ୍ତା, କର୍ମ, କରଣ, ସମ୍ପ୍ରଦାନ, ଅପାଦାନ, ସମ୍ବନ୍ଧ, ଅଧିକରଣ ଓ ସମ୍ବୋଧନ । ଅତି ପ୍ରାଚୀନ ଅବସ୍ଥାରୁ ହିଁ ଏହି ଜଟିଳ ରୂପାବଳୀ ସରଳ ହୋଇ ଆସୁଥିଲା । ତାହା ଉଦାହରଣ ପ୍ରା: ଭା: ଆ: କର୍ତ୍ତା ସମ୍ବୋଧନରେ ସମାନରୂପ, ସମ୍ପ୍ରଦାନ ଓ ଅପାଦାନ ବହୁବଚନରେ ଏକା ରୂପ ଏବଂ ଦ୍ୱିବଚନରେ ଆଠଟି କାରକ ପାଇଁ କେବଳ ତିନିଗୋଟି ରୂପ ହିଁ ବ୍ୟବହୃତ—କର୍ତ୍ତା, କର୍ମ ଓ ସମ୍ବୋଧନ ପାଇଁ ଗୋଟିଏ ରୂପ, କରଣ, ସମ୍ପ୍ରଦାନ ଓ ଅପାଦାନର ଗୋଟିଏ ରୂପ ଏବଂ ସମ୍ବନ୍ଧ ଓ ଅଧିକରଣ ପାଇଁ ଅନ୍ୟ ଏକ ରୂପ ବ୍ୟବହୃତ ହୋଇଆସୁଛି । ନପୁଂସକ ଶବ୍ଦର କର୍ତ୍ତା, କର୍ମ ଓ ସମ୍ବୋଧନରେ ଗୋଟିଏ ପ୍ରକାରର ରୂପ ପ୍ରଚଳିତ । ମଧ୍ୟ ଭାରତୀୟ ଆର୍ଯ୍ୟଭାଷାରେ ବ୍ୟବହୃତ ବିଭକ୍ତିଗୁଡ଼ିକର ଆଧାର ପ୍ରା: ଭା: ଆ: ର ବିଭକ୍ତି । ମ: ଭା: ଆ: ରେ ରୂପରଚନା ଜଟିଳରୁ ସରଳ ଦିଗରେ ସବୁ ସମୟରେ ଚାଲିଥିଲା । ଫଳରେ ଏହି ( ମ: ଭା: ଆ: ) ରୂପରଚନା ପ୍ରା: ଭା: ଆ: ଠାରୁ ଅନେକାଂଶରେ ଭିନ୍ନ ହୋଇଯାଇଥିଲା । ଏହିଗତିର ଦୁଇଟି ପ୍ରବୃତ୍ତି ଲକ୍ଷଣୀୟ—(୧) ଧ୍ୱନ୍ୟାତ୍ମକ ବିକାଶ (୨) ସାଦୃଶ୍ୟ (analogy) । ଧ୍ୱନ୍ୟାତ୍ମକ ବିକାଶ ଫଳରେ ସ୍ୱର ମଧ୍ୟସ୍ଥିତ ବ୍ୟଞ୍ଜନର ଘୋଷୀଭବନ ଓ ଲୋପ, ସମୀଭବନ ( ସଂଯୁକ୍ତ ବ୍ୟଞ୍ଜନର ), ଅନ୍ତ୍ୟ ବ୍ୟଞ୍ଜନର ବିଚ୍ୟୁତି, ସଂଯୁକ୍ତ ସ୍ୱର ଐ ଓ ଔ ର 'ଏ' ଏବଂ 'ଓ' ରେ ପରିବର୍ତ୍ତନ, ଅନ୍ତିମ ଦୀର୍ଘ ସ୍ୱରର ହ୍ରସ୍ୱୀଭବନ

( ଅଧିକାଂଶ ସ୍ଥଳରେ ) ପ୍ରକୃତି ଫଳରେ ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାର ରୂପରଚନାରେ ଆମୂଳ ପରିବର୍ତ୍ତନ ଆଣିଦେଲା । ଫଳରେ ପୂର୍ବ ରୂପାବଳୀ ପରିବର୍ତ୍ତେ ସରଳ ଓ ସଂକ୍ଷିପ୍ତ ରୂପାବଳୀ ମ: ଭା: ଆ: ରେ ଦେଖାଦେଲା । ଅନ୍ତ୍ୟ ବ୍ୟଞ୍ଜନର ବିଚ୍ୟୁତି ବ୍ୟଞ୍ଜନାନ୍ତ ଶବ୍ଦରୂପ ରଚନାରେ ପୂର୍ଣ୍ଣଚ୍ଛେଦ ଦେଲା । ଅବଶ୍ୟ ପ୍ରା: ଭା: ଆ: ରେ ମଧ୍ୟ ଏହି ପ୍ରବୃତ୍ତି କେତେକ ଶବ୍ଦରେ ଦେଖା ଦେଇଥିଲା । ଯଥା—ସଂ: ବାଗ୍ଭି < ବାଚ୍ ( ଋଗ୍‌ବେଦ ), ଜଗ < ଜଗତ୍ ( କୌଷିତକୀ ଉପନିଷଦ୍ ), ଦଶା < ଦଶ୍ ଇତ୍ୟାଦି । କିନ୍ତୁ ମ: ଭା: ଆ: ରେ କାହିଁ ଅବଶିଷ୍ଟ ବ୍ୟଞ୍ଜନାନ୍ତ ଶବ୍ଦ ମିଳେ—ଅନ୍ ତଥା ଇନ୍ ଭାଗାନ୍ତ । ଏହି ଅବଶିଷ୍ଟ ରୂପ ସଂସ୍କୃତଧର୍ମୀ (Sanskritism) ହେବାରୁ ସ୍ୱଭାବତଃ ସମ୍ଭବ । ଋ > ଇ, ଉ ଓ ଅ ରେ ପରିବର୍ତ୍ତନ, ଐ > ଏ, ଔ > ଓ ରେ ପରିବର୍ତ୍ତନ ଫଳରେ ସ୍ୱରାନ୍ତ ପ୍ରାତିପଦିକ (Stem) ର ସଂଖ୍ୟା ଆହୁରି କମିଗଲା ।

ମ: ଭା: ଆ: ରେ ପୁଂଲିଙ୍ଗରେ ଅକାରାନ୍ତ ଶବ୍ଦରୂପ ଓ ସ୍ତ୍ରୀଲିଙ୍ଗରେ ଈକାରାନ୍ତ ଶବ୍ଦରୂପର ପ୍ରାଧାନ୍ୟ ସର୍ବତ୍ର ପରିଲକ୍ଷିତ, ଯଦିଓ ଅ, ଆ, ଇ, ଈ, ଉ, ଊ-କାରାନ୍ତ ଶବ୍ଦରୂପ ହୋଇଥାଏ । ମ: ଭା: ଆ: ର ଅନ୍ତିମ କାଳରେ କେବଳ ଅକାରାନ୍ତ ରୂପରଚନାର ହିଁ ପ୍ରଭାବ ରହିଥିଲା । (୧)

ମ: ଭା: ଆ: ରେ ଦ୍ୱିବଚନର ଲୋପ ଓ ତା ସ୍ଥାନରେ ବହୁବଚନର ପ୍ରଚଳନ ହେଲା । କେବଳ ସଂ: ଦ୍ୱୌ—'ଦୁଇ' > ପ୍ରା: ଦୋ; ସଂ: ଦ୍ୱେ > ଅଶୋ: ଦୁବେ, ପ୍ରା: ବେ, ଦୁବେ ଏବଂ ଅଧିକନ୍ତୁ ପ୍ରାକୃତରେ ଦୋଣ୍ଣି (ବହୁବଚନରେ) ମାତ୍ର ମିଳେ ।

ପ୍ରା: ଭା: ଆ: ର 'ଔ' ର ମ: ଭା: ଆ: ରେ 'ଓ' ପ୍ରବର୍ତ୍ତନ ଫଳରେ ଅକାରାନ୍ତ ସମ୍ବନ୍ଧ ଦ୍ୱିବଚନରେ—ଓ(ଃ) ଏବଂ କର୍ତ୍ତା ଏକବଚନ—ଓ ରେ ଭ୍ରମ ଉତ୍ପନ୍ନ ହେଲା ଏବଂ ଭାଷାର ବିବର୍ତ୍ତନରେ ଦ୍ୱିବଚନର ଅବସାନ ଘଟିଲା ।

---

(୧) [ ପିଶେଲ୍ ପ୍ରା: ବ୍ୟା: ୩୫୬, ୩୯୬, ୩୯୭, ୪୦୪, ୪୦୬, ୪୦୯; ଝ୍ଲା: ମାଗଧୀ: ୬୫ ]

ମ: ଭା: ଆ: ରେ ତ୍ରିନୋଟିଯାକ ଲିଙ୍ଗର ପ୍ରଚଳନ ଥିଲେହେଁ ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା ପରି ସ୍ଥିରତା ନଥିବାରୁ ଭ୍ରମ ସୃଷ୍ଟି ହୋଇଥିଲା । ବହୁ ଶବ୍ଦର ଲିଙ୍ଗ ପରିବର୍ତ୍ତନ ହେବା ଫଳରେ ରୂପରଚନା ସରଳ ହେଲା । ଏଥି କ୍ଷେତ୍ରରେ ସାଦୃଶ୍ୟ ଯଥେଷ୍ଟ ସାହାଯ୍ୟ କଲା । ବିସର୍ଗର ବିଚ୍ୟୁତି ହେତୁ ଲିଙ୍ଗନିର୍ଣ୍ଣୟ ସମ୍ଭବ ହେଲାନି ଓ ଅଗ୍ନି (ପୁଂ) ଓ ଦଧି (କ୍ଲୀବ) ଭିତରେ କୌଣସି ପ୍ରଭେଦ ରହିଲା ନାହିଁ । ରୂପରଚନାରେ ପରିବର୍ତ୍ତନ (ଅଶୋକୀୟ ଲେଖରେ) ଫଳରେ ଲିଙ୍ଗନିର୍ଣ୍ଣୟରେ ବିଭ୍ରାଟ ସୃଷ୍ଟି ହେଲା । ପୂର୍ବୀୟ— ଅଶୋ: ରେ ପୁଂ ଓ ନପୁଂ କର୍ତ୍ତା ଏକବଚନରେ ବିଭକ୍ତି—ଏ । ମାଗଧୀରେ ମଧ୍ୟ ଏହି ବିଭକ୍ତି ଲକ୍ଷଣୀୟ । ଅନ୍ତ୍ୟ ପ୍ରତ୍ୟୟ-ଆନି, ଓ-ଇନି ପୁଂଲିଙ୍ଗ କର୍ମକାରକରେ ବି ବ୍ୟବହୃତ ହେଉଥିଲା । (୧)

ମଧ୍ୟ ଭାରତୀୟ ଆର୍ଯ୍ୟଭାଷାର ଅନ୍ତିମ ଅବସ୍ଥାରେ ଲିଙ୍ଗ ନିୟମ ପ୍ରାୟତଃ ଶେଷ ହୋଇଯାଇଥିଲା । ଅବଶ୍ୟ ଭାରତର ପୂର୍ବାଞ୍ଚଳ ବ୍ୟତୀତ ଅନ୍ୟାନ୍ୟ ନବ୍ୟ ଭାରତୀୟ ଆର୍ଯ୍ୟଭାଷାରେ ଲିଙ୍ଗର ପ୍ରଭାବ ରହିଛି; କିନ୍ତୁ ପୂର୍ବାଞ୍ଚଳର ଓଡ଼ିଆ, ବଙ୍ଗଳା ଓ ଅସମିୟାରେ ଲିଙ୍ଗର ପ୍ରଭାବ ନାହିଁ ।

କାରକ ପ୍ରତି ଧ୍ୟାନ ଦେଲେ ଜଣାଯାଏ ଯେ ପ୍ରାଚୀନ ମ: ଭା: ଆ: ରେ ସମ୍ପ୍ରଦାନ ଅବଶେଷ ମାତ୍ର । ଅଶୋକୀୟ ଲେଖରେ ସମ୍ପ୍ରଦାନ ବହୁବଚନ ପ୍ରତ୍ୟୟ-ଏଥି 'ଦେବା' ଅର୍ଥରେ ବ୍ୟବହୃତ ଏବଂ ଏହା କରଣ ଓ ଅପାଦାନ ଅର୍ଥରେ ମଧ୍ୟ ବ୍ୟବହୃତ । ଯଥେହି, ଦେବେହି (କରଣ ବହୁବଚନ), ମହମନେହି, ସମନେହି, ଆଜୀବିକେହି (ସମ୍ପ୍ରଦାନ ବହୁବଚନ) ।

ପ୍ରାରମ୍ଭିକ ମ: ଭା: ଆ: ର ଶେଷଆଡ଼କୁ ପ୍ରାକୃତରେ ସମ୍ପ୍ରଦାନ ସ୍ଥାନରେ ସମ୍ବନ୍ଧ ବ୍ୟବହୃତ ହେଲା । ମ: ଭା: ଆ: ର ଅନ୍ତିମ ଅବସ୍ଥା (ଅପଭ୍ରଂଶ)ରେ ଅପାଦାନ ମଧ୍ୟ ସମ୍ପ୍ରଦାନ-ସମ୍ବନ୍ଧରେ ମିଶିଗଲା । ପ୍ରା: ଭା: ଆ: ରେ ମଧ୍ୟ ଗୋଟିଏ କାରକର ଅନ୍ୟ କାରକରେ ବ୍ୟବହାର ଦେଖାଯାଏ । ସ୍ୱରାଘାତହୀନ ମେ, ତେ ଉଭୟ ସମ୍ପ୍ରଦାନ ଓ ସମ୍ବନ୍ଧର ଅର୍ଥଦ୍ୟୋତକ । 'ଋଗ୍‌ବେଦ' ପାଲି ଓ ବୌଦ୍ଧ-ସଂସ୍କୃତରେ ମଧ୍ୟ ଏହିପରି କାରକ ସ୍ଥାନାନ୍ତରଣ ଦେଖିବାକୁ ମିଳେ । ବରରୁଚିଙ୍କ ଅନୁସାରେ ସମସ୍ତ

୧୨ (୧) ଝା, ମାଗଧୀ: ୬୮ ।

ପ୍ରକାର ସମ୍ପ୍ରଦାନ ସ୍ଥାନରେ ସମ୍ବନ୍ଧର ବ୍ୟବହାର କରାଯାଏ କିନ୍ତୁ ହେମଚନ୍ଦ୍ର ସମ୍ପ୍ରଦାନ ଏକବଚନର ପ୍ରଚଳନ ସ୍ୱୀକାର କରିଛନ୍ତି । (ହେମ—୩।୧୩୨), ଡ଼ା: ଝା ଏହାକୁ ସଂସ୍କୃତଧର୍ମୀ (Sanskritism) ମାନିଛନ୍ତି । ନିଶ୍ଚିତଭାବରେ କୁହାଯାଇପାରେ ଯେ ମ: ଭା: ଆ: ର ଦ୍ୱିତୀୟ ଅବସ୍ଥାରୁ ସମ୍ପ୍ରଦାନ ଓ ସମ୍ବନ୍ଧର ପୂର୍ଣ୍ଣ ମିଶ୍ରଣ ହୋଇଯାଇଥିଲା । (ଝା, ମାଗଧୀ: ୨୯)

ବିଶେଷ୍ୟ ଶବ୍ଦମାନଙ୍କର ରୂପରଚନା—

ସଂସ୍କୃତର ବିଭକ୍ତି ପ୍ରତ୍ୟୟ—

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା ଓ ସମ୍ବୋଧନ | ସି (ସୁ) | ଶସ୍ (ଅସ୍) |
| କର୍ମ | ଅମ୍ | ଶସ୍ (ଅସ୍) |
| କରଣ | ଟା (ଆ) | ଭିସ୍ |
| ସମ୍ପ୍ରଦାନ | ଙେ (ଏ) | ଭ୍ୟସ୍ |
| ଅପାଦାନ | ଙସି (ଅସ୍) | ଭ୍ୟସ୍ |
| ସମ୍ବନ୍ଧ | ଙସ୍ (ଅସ୍) | ଆମ୍ |
| ଅଧିକରଣ | ଙି (ଇ) | ସୁ |

ପ୍ରାକୃତ ବିଭକ୍ତି ପ୍ରତ୍ୟୟ—

ଅକାରାନ୍ତ ପୁଂଲିଙ୍ଗ

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା | ଡୋ (ଓ) | ଲୋପ |
| କର୍ମ | ଂ (ଅନୁସ୍ୱାର) | ଲୋପ |
| କରଣ | ଣ, ଣଂ | ହି, ହିଂ |
| ଅପାଦାନ | ତ୍ତୋ, ଦୋ (ଓ), ଦୁ (ଉ) ହି, ହିନ୍ତୋ, ଲୋପ | ତ୍ତୋ, ଦୋ (ଓ', ଦୁ (ଉ), ହି, ହିନ୍ତୋ, ସୁନ୍ତୋ |

| | | |
|---|---|---|
| ସମ୍ବନ୍ଧ | ମ୍ସ, ଶ୍ଶ (ମାଗଃ) | ଣ, ଣଂ |
| ଅଧିକରଣ | ଡେ (ଏ), ମ୍ମି | ସୁ, ସୁଂ, ଶୁ, ଶୁଂ (ମାଗଃ) |
| ସମ୍ବୋଧନ | ଓ, ଲୋପ | ଲୋପ |

## ଇକାରାନ୍ତ ଏବଂ ଉକାରାନ୍ତ ପୁଂଲିଙ୍ଗ

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା | ଲୋପ | ଅଉ, ଅଓ, ଣୋ, ଲୋପ ଅବୋ (କେବଳ ଉକାରାନ୍ତ ଶବ୍ଦ ନିମିତ୍ତ) |
| କର୍ମ | ଂ (ଅନୁସ୍ୱାର) | ଣୋ, ଲୋପ |
| କରଣ | ଣା | ହି, ହିଂ |
| ଅପାଦାନ | ଣୋ, ତ୍ତୋ, ଦୋ (ଓ), ଦୁ (ଉ), ହିନ୍ତୋ | ତ୍ତୋ, ଦୋ (ଓ), ଦୁ (ଉ), ହିନ୍ତୋ, ସୁନ୍ତୋ |
| ସମ୍ବନ୍ଧ | ଣୋ, ସ୍ସ | ଆମ୍, ଣ, ଣଂ |
| ଅଧିକରଣ | ମ୍ମି | ସୁ, ସୁଂ |
| ସମ୍ବୋଧନ | ଲୋପ | ଅଉ, ଅଓ, ଣୋ, ଲୋପ |

## ଆକାରାନ୍ତ ସ୍ତ୍ରୀଲିଙ୍ଗ

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା | ଲୋପ | ଉ, ଓ, ଲୋପ |
| କର୍ମ | ଂ (ଅନୁସ୍ୱାର) | ଉ, ଓ, ଲୋପ |
| କରଣ | ଅ, ଇ, ଏ | ହି, ହିଂ, ହିଁ |
| ଅପାଦାନ | ଅ, ଇ, ଏ, ଓ, ଉ, ହିନ୍ତୋ | ତ୍ତୋ, ଓ, ଉ, ହିନ୍ତୋ, ସୁନ୍ତୋ |
| ସମ୍ବନ୍ଧ | ଅ, ଇ, ଏ | ଣ, ଣଂ |
| ଅଧିକରଣ | ଅ, ଇ, ଏ | ସୁ, ସୁଂ |
| ସମ୍ବୋଧନ | ଲୋପ | ଉ, ଓ, ଲୋପ |

ଇ, ଈ, ଉ, ଊକାରାନ୍ତ ସ୍ତ୍ରୀଲିଙ୍ଗ ଶବ୍ଦମାନଙ୍କର ରୂପ ମଧ୍ୟ ଆକାରାନ୍ତ ସ୍ତ୍ରୀଲିଙ୍ଗ ପରି ହୁଏ ।

## କ୍ଳୀବଲିଙ୍ଗ

| | | |
|---|---|---|
| କର୍ତ୍ତା | ° (ଅନୁସ୍ୱାର) | ଣି, ଇଁ, ଇଂ |
| କର୍ମ | ° (ଅନୁସ୍ୱାର) | ଇଁ, ଇଂ |
| ସମ୍ବୋଧନ | ଲୋପ | ଇଁ, ଇଂ |

ଅନ୍ୟ କାରକରେ ପୁଂଲିଙ୍ଗ ପରି ।

[ ଦ୍ରଷ୍ଟବ୍ୟ—ପ୍ରାକୃତ ପ୍ରକାଶଃ ପଞ୍ଚମ ପରିଚ୍ଛେଦଃ; ହେମ—ପ୍ରା: ବ୍ୟା: ଅତଃ ସେର୍ଡୋଃ (୩।୨); ଜସ୍—ଶସୋର୍ଲୁକ୍ (୩।୪); ଅମୋସ୍ୟ (୩।୫), ଟା—ଆମୋର୍ଣଃ (୩।୬), ଭିସୋ ହି ହିଁ (୩।୭), ଙସେସ୍ ତ୍ତୋ-ଦୋ-ଦୁ-ହି-ହିନ୍ତୋ-ଲୁକଃ (୩।୮), ଭ୍ୟସସ୍ ତ୍ତୋ-ଦୋ-ଦୁ-ହି-ହିନ୍ତୋ-ସୁନ୍ତୋ (୩।୯), ଙସଃ ସ୍ସଃ (୩।୧୦), ଡେ ମ୍ମି ଡେଃ (୩।୧୧), ପୁଂସି ଜସୋ ଡଉ, ଡଓ ବା (୩।୨୦), ଜସ୍—ଶସୋର୍ଣୋ ବା (୩।୨୨), ଡୋତୋ ଡବୋ (୩।୨୧) ଟୋ ଣା (୩।୨୪), ଙସି—ଙସୋଃ ପୁଂ—କ୍ଳୀବେ ବା (୩।୨୩), ଟା—ଙସ୍-ଙେରଦାଦିଦେଦ୍ୱା ତୁ ଙସେଃ (୩।୨୯), ନାତ ଆତ୍ (୩।୩୦), ଅତଃ ସେର୍ଡୋ ବା (୩।୩), କ୍ଳୀବେ ସ୍ୱରାନ୍ମ୍ ସେଃ (୩।୨୫), ଜସ୍-ଶସ ଇଁ-ଇଂ-ଣୟଃ ସପ୍ରାଗ୍ଦୀର୍ଘାଃ (୩।୨୬), ନାମନ୍ତ୍ର୍ୟାତ୍ସୌ ମଃ (୩।୨୩), ମାର୍କ—୫।୧-୧୪ । ]

### ଅକାରାନ୍ତ ପୁଂଲିଙ୍ଗ

ବଚ୍ଛ < ବୃକ୍ଷ

| | | |
|---|---|---|
| କର୍ତ୍ତା | ବଚ୍ଛୋ (୧) | ବଚ୍ଛା |
| କର୍ମ | ବଚ୍ଛଂ | ବଚ୍ଛେ, ବଚ୍ଛା |
| କରଣ | ବଚ୍ଛେଣ, ବଚ୍ଛେଣଂ | ବଚ୍ଛେହି, ବଚ୍ଛେହିଂ |

(୧) -ଏ: ଅମାଗ: ଦେବ (ଦେ), ଧଉଲ, ଜଇ: ପା: ସ୍ତ୍ରୀ: ଜନୋ, ଜନେ; ମାଗ: ନଲ < ନରଃ ଅମାଗ: ବୁଦ୍ଧପୁତ୍ର, ଅପ: ହଂସ, ପରହୁଅ < ପରଭୃତଃ । ସେନ, କ: ଗ୍ରା: ମି: ଇ: ଆ: ପୃ: ୮୦ ।

| | | |
|---|---|---|
| ଅପାଦାନ | ବଚ୍ଛା, ବଚ୍ଛତ୍ତୋ, ବଚ୍ଛାଓ, ବଚ୍ଛାଉ ବଚ୍ଛାହିଂ, ବଚ୍ଛାହିଂତୋ, ବଚ୍ଛାସୁଂତୋ | ବଚ୍ଛତ୍ତୋ, ବଚ୍ଛାଓ, ବଚ୍ଛାଉ, ବଚ୍ଛେହି, ବଚ୍ଛାହିଂତୋ, ବଚ୍ଛେହିଂତୋ ବଚ୍ଛାସୁଂତୋ, ବଚ୍ଛେସୁଂତୋ |
| ସମ୍ବନ୍ଧ | ବଚ୍ଛସ୍ସ | ବଚ୍ଛାଣ, ବାଚ୍ଛଣଂ |
| ଅଧିକରଣ | ବଚ୍ଛେ, ବଚ୍ଛମ୍ମି | ବଚ୍ଛେସୁ, ବଚ୍ଛେସୁଂ |
| ସମ୍ବୋଧନ | ବଚ୍ଛ, ବଚ୍ଛା, ବଚ୍ଛୋ | ବଚ୍ଛା |

(ମାଗ: ପୁତ୍ତଦୋ, ପୁଲଶାଦୋ, ମହା: ପୁତ୍ତାଓ; ମାଗ: କାମଶ୍ଶ, ପୁତ୍ତଶ୍ଶ; ବୃଣ୍ତାକ୍ଷ ପୁତ୍ତାଢ ମାଗ: ପୁତ୍ତାହଂ (ଅଧି: ଏକ:), ପୁତ୍ତେଶୁ (ଶୁଂ) †

## ଇକାରାନ୍ତ ପୁଂଲିଙ୍ଗ

### ଅଗ୍ଗି ସଂ: ଅଗ୍ନି

| | | |
|---|---|---|
| କର୍ତ୍ତା | ଅଗ୍ଗୀ (ଅଗ୍ଗିଂ) (୧) ପା: ଅଗ୍ଗି, ଅଗ୍ଗିନ (୨) | ଅଗ୍ଗିଣୋ, ଅଗ୍ଗୀ ଅଗ୍ଗଅଓ, ଅଗ୍ଗଓ, ଅଗ୍ଗଅଉ, ଅଗ୍ଗଅଓ, ଅଗ୍ଗିଣୋ (ଶୌର:) |
| କର୍ମ | ଅଗ୍ଗିଂ | ଅଗ୍ଗିଣୋ, ଅଗ୍ଗୀ, ଅଗ୍ଗଉ [ପା: ଅଗ୍ଗୟୋ (୨) |
| କରଣ | ଅଗ୍ଗିଣା | ଅଗ୍ଗୀହି ଅଗ୍ଗୀହିଁ ଅଗ୍ଗୀହିଂ } (ମହା: ଅମାଗ: ଜୈମହା) |
| ଅପାଦାନ | ଅଗ୍ଗୀଓ, ଅଗ୍ଗୀଉ, (୩) ଅଗ୍ଗୀହିଂତୋ ଅଗ୍ଗିଣୋ, ଅଗ୍ଗୀହିଂତୋ [ଅପ: ଅଗ୍ଗିହୁଁ । | |

† ଭୃଙ୍ଗସ୍ୟାଦ୍ୟନ୍ତସ୍ୟ ବହୁଲମ୍ ଅନ୍ତେଽନୁସ୍ୱାରଃ । ପୁରୁଷୋତ୍ତମ—୫।୭ । (ମାର୍କ—୫।୧୧) । କରଣ, ସମ୍ବନ୍ଧ ଓ ଅଧିକରଣ ଅନୁସ୍ୱାରନ୍ତ ହୁଅନ୍ତି । ଝା, ମାଗଧୀ: ୮୭ ।

(୧) ପିଶଲ୍, ପ୍ରା: ବ୍ୟା. ୬୭ (୨) କତ୍ରାଦ୍ଧକ, ପା: ବ୍ୟା: ୨।୧।୦୦-୫ ।

(୩) ଅଗ୍ଗୀଦୋ (ମାଗ; ଶୌର:) ।

| | | |
|---|---|---|
| ସମ୍ବନ୍ଧ | ଅଗ୍‌ଗିଣୋ, ଅଗ୍‌ଗିସ୍‌ସ ଅଗ୍‌ଗିଣୋ (ଶୌର: ମାଗ:) | ଅଗ୍‌ଗୀଣ, ଅଗ୍‌ଗୀଣଂ ଅଗ୍‌ଗୀଣଁ, (ଶୌର: ମାଗ:) ଅଗ୍‌ଗୀଣଂ |
| ଅଧିକରଣ | ଅଗ୍‌ଗିମ୍ମି ଅଗ୍‌ଗିଂସି (ଅମାଗ:ରେ ପ୍ରଚୁର ମାତ୍ରାରେ) | ଅଗ୍‌ଗୀସୁ, ଅଗ୍‌ଗୀସୁଂ [ଅପ: ଅଗ୍‌ଗିହିଁ] |

[ତୁଳ: ପା: ଅଗ୍‌ଗିମ୍‌ହି, ଅଗ୍‌ଗିସ୍ମିନ୍; ଅଗ୍‌ଗି (ଗୀ)ସୁ]

| | | |
|---|---|---|
| ସମ୍ବୋଧନ | ଅଗ୍‌ଗି, ଅଗ୍‌ଗୀ | ଅଗ୍‌ଗିଣୋ, ଅଗ୍‌ଗୀ |

[ ପୁରୁଷୋତ୍ତମ—କର୍ତ୍ତା-ବହୁ: ଅଗ୍‌ଗିଓ, କର—ଅଗ୍‌ଗୀଓ—ସମ୍ମିଶ୍ରଣ ହେତୁ ] (୧)

### ଗିରି (ପୁଂଲିଙ୍ଗ) (୨)

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା | ଗିରୀ | ଗିରୀ, ଗିରଓ, ଗିରଉ, ଗିରିଣୋ |
| କର୍ମ | ଗିରିଂ | ଗିରୀ, ଗିରିଣୋ |
| କରଣ | ଗିରିଣା | ଗିରୀହି, ଗିରୀହିଂ, ଗିରୀହିଁ |
| ଅପାଦାନ | ଗିରିଣୋ, ଗିରିତ୍ତୋ, ଗିରୀଓ, ଗିରୀଉ, ଗିରୀହିଂତୋ, | ଗିରିତ୍ତୋ, ଗିରୀଓ, ଗିରୀଉ, ଗିରୀହିଂତୋ, ଗିରୀସୁଂତୋ |
| ସମ୍ବନ୍ଧ | ଗିରିଣୋ, ଗିରିସ୍‌ସ | ଗିରୀଣ, ଗିରୀଣଂ |
| ଅଧିକରଣ | ଗିରିମ୍ମି | ଗିରୀସୁ, ଗିରୀସୁଂ |
| ସମ୍ବୋଧନ | ଗିରି, ଗିରୀ | ଗିରିଣୋ, ଗିରଓ, ଗିରଉ, ଗିରୀ |

### ଉକାରାନ୍ତ ପୁଂଲିଙ୍ଗ (୨)

### ତରୁ

| | | |
|---|---|---|
| କର୍ତ୍ତା | ତରୂ | ତରୂ, ତରବୋ, ତରଓ, ତରଉ, ତରୁଣୋ |

(୧) ଅଗ୍‌ଗି+ଅଗ୍‌ଗୟୋ । ଝା, ମାଗଧୀ: ୯୫ ।

(୨) ହେମ ୩।୧୬—୨୪ ଦ୍ରଷ୍ଟବ୍ୟ ।

| | | |
|---|---|---|
| କର୍ମ | ଚକ୍ଖୁଂ | ଚକ୍ଖୂ, ଚକ୍ଖୁଣୋ |
| କରଣ | ଚକ୍ଖୁଣୋ | ଚକ୍ଖୂହି, ଚକ୍ଖୂହିଂ, ଚକ୍ଖୂହିଁ |
| ଅପାଦାନ | ଚକ୍ଖୁଣୋ, ଚକ୍ଖୁତ୍ତୋ, ଚକ୍ଖୁଉ | ଚକ୍ଖୁତ୍ତୋ, ଚକ୍ଖୂଓ, ଚକ୍ଖୂଉ |
| | ଚକ୍ଖୁଓ, ଚକ୍ଖୂହିଂତୋ | ଚକ୍ଖୂହିଂତୋ, ଚକ୍ଖୂସୁଂତୋ |
| ସମ୍ବନ୍ଧ | ଚକ୍ଖୁଣୋ, ଚକ୍ଖୁସ୍ସ | ଚକ୍ଖୂଣ, ଚକ୍ଖୂଣଂ |
| ଅଧିକରଣ | ଚକ୍ଖୁମ୍ମି | ଚକ୍ଖୂସୁ, ଚକ୍ଖୂସଂ |
| ସମ୍ବୋଧନ | ଚକ୍ଖୁ, ଚକ୍ଖୂ | ଚକ୍ଖୂ, ଚକ୍ଖୁଣୋ, ଚକ୍ଖବେ, ଚକ୍ଖଉ, ଚକ୍ଖଓ |

## ଉକାରାନ୍ତ ପୁଂଲିଙ୍ଗ

### ବାଉ < ବାୟୁ †

| | | |
|---|---|---|
| କର୍ତ୍ତା | ବାଉ (ବାଉଂ) | (୨) ବାଉଣୋ, ବାଊ, ବାଊଓ, ବଅବୋ, ବାଅଉ, ବାଉଣୋ, ବାଅଓ (ଶୌର:) |
| କର୍ମ | ବାଉଂ | ବାଉଣୋ (୨), ବାଊ (୨) ବାଅବୋ (ଅମାଗ:) |
| କରଣ | ବାଉଣୋ (୧) | ବାଊହି (୨), ବାଊହିଁ, ବାଉହିଁ (୨) ବାଊହିଂ (ଶୌର: ମାଗ:) |
| ଅପାଦାନ | ବାଊଓ (୨), ବାଉଉ (୧) | ବଊହିଂ (ଅମାଗ:) ବାଊହିଂତୋ, ବାଊସୁଂତୋ ବାଉତ୍ତୋ, ବାଊଓ |
| ସମ୍ବନ୍ଧ | ବାଉଣୋ (୨) ବାଉସ୍ସ (୨) | ବାଉଣ (୨) ବାଉଣଁ (୨) ବାଊଣଂ (୨), ବାଊଣ (୩) |

† ପିଶଲ୍, ପ୍ରା: ବ୍ୟା: ୩୭୮

(୧) ତୁଳ: ଅପଭ୍ରଂଶ ବାଉଣ, ବାଉଂ ।

(୨) ମହା: ଅମାଗ: ଏବଂ ଜୈମହା: ରେ । (୩) ଶୌର: ମାଗ: ।

| | | |
|---|---|---|
| | ବାଉଣୋ (୧), | |
| | ବାଉଣଶ (୩) | |
| ଅଧିକରଣ | ବାଉମ୍ମି | ବାଉସୁ (୨), ବାଉସୁ (୨), |
| | ବାଉଂସି (ଅମାଗ) | ବାଉସୁଂ, ବାଉସୁ (୧) |
| | ବାଉଂମି (ଅମାଗ: ଜୈମହା:) | ବାଉସୁଂ (୧) |
| ସମ୍ବୋଧନ | ବାଉ, ବଉ | ବାଅବୋ (ଅମାଗ:) |

ଉକାରାନ୍ତ କ୍ଲୀବଲିଙ୍ଗ ଶବ୍ଦମାନଙ୍କର ରୂପ 'ବାଉ' ଶବ୍ଦ ପରି ହୁଏ। କେବଳ କର୍ତ୍ତା, କର୍ମ ଏକବଚନରେ ମହୁଂ, ମହୁଁ ଏବଂ ମହୁ ଓ ଶୌର: ମାଗ: ରେ ମହୁଂ ଓ ମହୁ ହୁଏ। କର୍ତ୍ତା, କର୍ମ ଏବଂ ସମ୍ବୋଧନ ବହୁବଚନରେ ମହୂଇଂ, ମହୂଇଁ (ଶୌର: ମାଗ: ନାହିଁ), ମହୂଣି (ଶୌର: ଏବଂ ମାଗ: ରେ ନାହିଁ); ମହୂ (ଶୌର: ଏବଂ ମାଗ: ରେ ନାହିଁ)। (୪)

## ଅକାରାନ୍ତ କ୍ଲୀବଲିଙ୍ଗ

ବଣ < ବନ

| | | |
|---|---|---|
| କର୍ତ୍ତା | ବଣଂ | ବଣାଣି, ବଣାଇଂ, ବଣାଇଁ |
| କର୍ମ | ବଣଂ | ବଣାଣି, ବଣାଇଂ, ବଣାଇଁ |
| କରଣ | ବଣେଣ | ବଣେହିଂ, ବଣେହି |
| ଅପାଦାନ | ବଣାଦୋ, ବଣାଦୁ | ବଣାସୁନ୍ତୋ, ବଣେସୁନ୍ତୋ, |
| | ବଣାହି | ବଣାହିନ୍ତୋ, ବଣେହିନ୍ତୋ |
| ସମ୍ବନ୍ଧ | ବଣସ୍ସ | ବଣାଣଂ, ବଣାଣ |

(୧) ଶୌର: ମାଗ।

(୨) ମହା: ଅମାଗ: ଏବଂ ଜୈମହା: ରେ।

(୩) ମାଗଧୀ ପଦ୍ୟରେ। ଦ୍ର: ପିଶଲ୍: ପ୍ରା: ବ୍ୟା: ୩୬୮

(୪) ପିଶଲ୍, ପୂର୍ବୋକ୍ତ।

| | | |
|---|---|---|
| ଅଧିକରଣ | ବଣେ, ବଣମ୍ମି | ବଣେସୁ, ବଣେସୁଂ |
| ସମ୍ବୋଧନ | ବଣ | ବଣାଣି, ବଣାଇଂ, ବଣାଇଁ |

ଅନ୍ୟ ଅକାରାନ୍ତ କ୍ଲୀବଲିଙ୍ଗ ଶବ୍ଦମାନଙ୍କର ବଣ ଶବ୍ଦର ରୂପପରି ହୁଏ ।

## ଇକାରାନ୍ତ କ୍ଲୀବଲିଙ୍ଗ

ଦହି

| | | |
|---|---|---|
| କର୍ତ୍ତା | ଦହିଂ, ଦହିଁ, ଦହି | ଦହୀଇଂ, ଦହୀଇଁ |
| କର୍ମ | ଦହିଂ, ଦହିଁ, ଦହି | ଦହୀଣି (ଶୌର: ମାଗ:ରେ ନାହିଁ) |
| ସମ୍ବୋଧନ | ଦହିଂ | ଦହୀ (ଶୌର: ମାଗ: ରେ ନାହିଁ) |

ଅନ୍ୟ କାରକରେ ଅଗ୍‌ଗି ଶବ୍ଦର ରୂପ ପରି ହେବ ।

**ଲିଙ୍ଗ ପରିବର୍ତ୍ତନ—**

କେତେକ ସ୍ୱରାନ୍ତ ପୁଂଲିଙ୍ଗ ଶବ୍ଦର ମଧ୍ୟ କ୍ଲୀବଲିଙ୍ଗ ବହୁବଚନ ପରି ରୂପ ହୁଏ । ଯଥା—ଗୁଣାଇଂ (ସଂ: ଗୁଣାଃ); ପସିଣାଇଂ (ସଂ: ପ୍ରଶ୍ନାଃ); ମାସାଇଂ (ସଂ: ମାସାଃ); ରୁକ୍‌ଖାଇଂ (ବୃକ୍ଷାଃ) । କେତେକ ସ୍ତ୍ରୀଲିଙ୍ଗ ଶବ୍ଦ କ୍ଲୀବଲିଙ୍ଗରେ ଉରଣର ହୁଅନ୍ତି । ଯଥା—ରତ୍ତୀଣି (ସଂ: ଋକ); ପାଉସ୍ୱାଇଂ (ସଂ: ପାଦୁକାଃ); ଚଂଭସ୍ୱାଇଂ (ସଂ: ଚଂକ୍ରମ୍ୟଃ); ଉମ୍ମୁହାଇଂ (ପ୍ରା: ଉମୁହା) । (ଘାଟଗେ, ଅର୍ଦ୍ଧମାଗଧୀ: ୧୭୫) ।

[ ତୁଳନୀୟ—ପୁଂଲିଙ୍ଗ କର୍ତ୍ତା ଏକ—ଖରୋଷ୍ଠୀ ଧମ୍ମପଦ—ସିହ < ସିଂହଃ, ରଘୁରଧ < ରଘୁରଥଃ; ନିୟ: ମହରଯୁପୁତ୍ର, ମଂଶୁଷଣ; ଖରୋଷ୍ଠୀ ଧମ୍ମପଦ—ଧମଧରୁ < ଧର୍ମଧରଃ, ସୁଭଦ୍ର < ସୁସ୍ପୃଷ୍ଟଃ; ନିୟ: ସୁହୋ; ଅପ: ଜଣୁ; ଧଭଲ, ଜଗଗତ. ଚା: ଜନେ; ନିୟ: ଜିଟିଏ < ଜୃତକଃ । ବହୁ:—ଅଶୋ: ପୁତା; ପା: ଅପ: ପୁତ୍ତା < ପୁତ୍ରାଃ; ଖରଧମ୍ମ—ପଦ < ପାଦାଃ; (ଭଗ୍ନଦୀପ୍ତ) * ଅଇଂ :—ପ୍ରା: ବଣାଇଂ, ଅପ: ବନଇଁ । ଧଭଲ, ଜଉ: ଲୁଖାନ < * ବୃକ୍ଷାଣି = ବୃକ୍ଷାଃ । କର୍ମ ଏକ: - ଅଶୋ:, ପା: ଜନଂ, ହାନଂ; ଅପ: ଜନଂ > ଜନଁ; ଅପ: ସକ୍କଲ୍ଂ, ସକଲଁ < * ସକଳକିଂ

=ସନ୍ନାଲଂ; ଖରଧର୍ମ: ଦୋଷ, ବିଶେଧ, ଏକାଦଶ < ଏକାଦ୍ବଶମ୍; ନସ୍ଃ ମଂନୁଶ < ମାନୁଷ୍ୟମ୍, ଦତ=ଦତ୍ତ; ଅପ: ଜାଣିଅ=ଜ୍ଞାତମ୍, ସଚ୍ଛନ୍ଦ < ସ୍ୱଚ୍ଛନ୍ଦମ୍ । ବହୁ: —ଖରଧର୍ମ: ରଛ, ପ୍ରା: ଅପ: ରୁକ୍ଖା < ବୃକ୍ଷାନ୍; ଖରଧର୍ମ: ମନୁଷ < ମନୁଷ୍ୟାନ୍ ଅଶୋ: ଗିର: ଅଥେ, ପା: ଅଥେ; ଧଉଳି, ଜଉ: ଲୂପାନି; ଖରଧର୍ମ କମଣ < କର୍ମାଣି । କରଣ ଏକ:—ଅଶୋ: ପି(ପ୍ରି)ୟେନ; ଖରଧର୍ମ: ସଞ୍ଚମେନ < ସଂଯମେନ, ମନେନ=ମନସା; ଖରଧର୍ମ: ସଦ୍ରମିନ < * ସଦ୍ରମିଣ କମ୍ବା ସଦ୍ରମେଣ; ନସ୍: ପଣ୍ଡବଷିଣ=ପଣ୍ଡବାସେନ; ଅପ: ପୁତ୍ତିଣ । ପ୍ରା: କାଲେଣଂ; (ଋଗ୍‌ବେଦ ସନେନଂ) ଅପ: କାଲେଂ, କାଲେଁ < କାଲେନ(ଂ); ତୃତୀୟ:—ପା: ବଲସା=ବଲେନ । ବହୁ—ଅଶୋ: ଶତେହି, ସତେହି < ଶତେଭିଃ; ଖରଧର୍ମ: ଧର୍ମଚେତେହି < ଧର୍ମଚେତୋଭିଃ; ନସ୍: ପୁଷଧଦରେହି < ପୁଷଦୁହିତୃଭିଃ; ପା: ଧମ୍ମେହି; ଅପ: ପୁତ୍ତହି । ଅପାଦାନ ଏକ—ଅଶୋ: ଗିର: କଲ୍‌ପାତୁ, ଅଥା < ଅର୍ଥାତ୍; ଖରଧର୍ମ: ଦୁହ < ଦୁଃଖାତ୍; ପା: ଧମ୍ମା । ଧଉଳି, ଜଉ: ମୁଖତେ; ଖରଧର୍ମ: ସୁହତୁ < ସୁଖତଃ; ନସ୍: ନଗରଦେ < ନଗରତଃ । ପା: ଧମ୍ମାସ୍ମା ଧମ୍ମସ୍ମା, ଧମ୍ମମ୍ହା । ବହୁ:—କମ୍ମେହି; ନସ୍: ତଗ୍‌ଅସ୍ରେହି । ଅପ: ରୁଚ୍ଛହୁ, ରୁକ୍‌ଖହୁ, ରୁଚ୍ଛହେ, ରୁଚ୍ଛହଁ) । ସମ୍ବନ୍ଧ ଏକ—ଅଶୋ: ଜନସ; ପା: ଜନସ୍‌ସ < ଜନସ୍ୟ; ଖରଧର୍ମ: ସଞ୍ଚତସ < ସଂଯତସ୍ୟ; ମଂନୁଶସ < ମନୁଷ୍ୟସ୍ୟ; ଅପ: ସାରହୋ < ସାଗରସ୍ୟ । ବହୁ.—ଅଶୋ: ପ୍ରାଣାନଂ, ପାନାନଂ < ପ୍ରାଣାନାମ୍; ଖରଧର୍ମ: ଅଣ୍ଣଅନ < ଆର୍ଯ୍ୟାଣାମ୍; ପା: ଧଂମାନଂ; ଅପ: ପୁତ୍ତାଣ । ଅପ: ରୁଚ୍ଛହଁ < ବୃକ୍ଷାଣାମ୍ । ଅଧିକରଣ ଏକ:—ଅଶୋ: ଶାହ୍ରେ, ମାନ୍ ଧ୍ରମେ < ଧର୍ମେ; ଖରଧର୍ମ: ମସି < ମାସେ; ନସ୍: ମସେ < ମାସେ, ହସ୍ତେ; ପା: ଧମ୍ମେ; ଅପ: କାଣଣଏ < * କାନନକେ । ଧଉଳି, ଜଉ: ବିଜିତସି < * ବିଜିତସ୍ମିନ୍; ପା: ଧମ୍ମମ୍ହି, ଧମ୍ମସ୍ମିଂ; ନସ୍: ଥନଂମି=ସ୍ଥାନେ, କଲଂମି । ବହୁ:—ଧଉଳି, ଜଉ: ମଗେସୁ, ପା: ମଗ୍‌ଗେସୁ < ମାର୍ଗେଷୁ; ଖରଧର୍ମ: ଇନ୍ଦ୍ରଏଷୁ < ଇନ୍ଦ୍ରିୟେଷୁ; ନସ୍: ନଗରେଷୁ; ଅପ: ମଗ୍‌ଗହି । ସମ୍ବୋଧନ ଏକ:—ପା: ଅୟ୍ୟ । ଅୟ୍ୟା < ଆର୍ଯ୍ୟ, ନର; ଅପ: ମହୁହରୁ=ମଧୁଧର । ବହୁ:—ନର, ଭିକ୍‌ଖବେ (ବୋ); ଅପ: ଜଣହୋ । [ ଦ୍ରଷ୍ଟବ୍ୟ—ସେନ, ପୃ: ୮୦-୮୫; ଗାଇଗର୍, ପାଲି: ୭୮ ]

[ ପାଲି କ୍ଲୀବଲିଙ୍ଗ ଶବ୍ଦରୂପ—ଅକାରାନ୍ତ କର୍ତ୍ତା ଏକ: ଚିତ୍ତଂ ବହୁ: ଚିତ୍ତା, ଚିତ୍ତାନି, କର୍ମ ଏକ: ଚିତ୍ତଂ ବହୁ: ଚିତ୍ତେ, ଚିତ୍ତାନି । ଅନ୍ୟ କାରକରେ ପୁଂଲିଙ୍ଗ ଅକାରାନ୍ତ ଶବ୍ଦପରି ରୂପ ହେବ । ଇକାରାନ୍ତ—କର୍ତ୍ତା ଏକ: ବାରି ବହୁ: ବାରୀ, ବାରୀନି; କର୍ମ ଏକ: ବାରିଂ ବହୁ: ବାରୀ, ବାରୀନି । ଅନ୍ୟ କାରକରେ ଅଗ୍ଗି ଶବ୍ଦର ରୂପନ୍ତର ହେବ । ଉକାରାନ୍ତ ମଧୁ:—କର୍ତ୍ତା ଏକ: ମଧୁ; ବହୁ: ମଧୂ, ମଧୂନି; କର୍ମ ଏକ: ମଧୁଂ ବହୁ: ମଧୂ, ମଧୂନି । ଅନ୍ୟ କାରକରେ ଉକାରାନ୍ତ ପୁଂଲିଙ୍ଗ ଶବ୍ଦରୂପ ଭିକ୍ଖୁ ଶବ୍ଦପରି ହେବ ।

( ଦ୍ର: ବରୁଆ, ପାଲି ପୃ ୨୮-୨୯ ) ।

## ଆକାରାନ୍ତ ସ୍ତ୍ରୀଲିଙ୍ଗ

### ମାଲା

| | | |
|---|---|---|
| କର୍ତ୍ତା | ମାଲା | ମାଲା, ମାଲାଓ, ମାଲାଉ (୧) |
| କର୍ମ | ମାଲଂ | ମାଲା, ମାଲାଓ, ମାଲାଉ |
| କରଣ | ମାଲାଅ, ମାଲାଇ(ଏ) (ମହା:) ମାଲାଏ (ଅନ୍ୟ ପ୍ରାକୃତରେ) | ମାଲାହି, ମାଲାହିଂ, ମାଲାହିଁ (ମହା: ଅମାଗ: ଜୈମହା) କିନ୍ତୁ ଶୌ: ଓ ମାଗ: ରେ ମାଲାହିଂ |
| ଅପାଦାନ | ମାଲାଓ, ମାଲାଉ, ମାଲାଦୋ, ମାଲାଏ (୨) (ଶୌର: ଓ ମାଗ) | ମାଲାହିଂତୋ (ମହା: ଅମାଗ:) [ମାଲାସୁଂତୋ, ମାଲାଓ ମାଲାଉ], ମାଲାତ୍ତୋ |

(୧) ମହା: ଜୈମହା: ଅମାଗ: ରେ ଉକ୍ତୋକ୍ତିଯାକ ରୂପ ମିଳେ; କିନ୍ତୁ ଶୌ: ଓ ମାଗ: ରେ ମାଲା ଏବଂ ମାଲାଓ ହିଁ ପ୍ରାପ୍ତ । ପିଶଲ୍, ପ୍ରା: ବ୍ୟା: ୩୬୮ ।

(୨) ତୁଳ: ସଂ: ମାଲାସ୍ୟୈ (ଯଜୁର୍ବେଦ ଓ ବ୍ରାହ୍ମଣରେ ପ୍ରାପ୍ତ ସମ୍ବନ୍ଧ ଓ ଅପାଦାନକାରକ ରୂପେ) ।

| | | |
|---|---|---|
| ସମ୍ବନ୍ଧ | ମାଲାଅ, ମାଲାଇ(ଏ)<br>(ମହା: ; ମାଲାଏ<br>(ଅନ୍ୟାନ୍ୟ ପ୍ରା:) | ମାଲାଣ, ମାଲାଣଂ<br>(ମହା: ଅମାଗ: ଜୈ ମହା:)<br>ମାଲଣଂ (ଶୌର: ମାଗ:) |
| ଅଧିକରଣ | ମାଲାଅ, ମାଲାଇ,<br>ମାଲାଏ (ମହା:);<br>ମାଲାଏ (ଅନ୍ୟାନ୍ୟ ପ୍ରା:) | ମାଲାସୁ, ମାଲାସୁଁ, ମାଲସୁଂ<br>(ମହା: ଅମାଗ: ଜୈ ମହା:)<br>ମାଲାଶୁ (ଶୁଂ) (ମାଗ:) |
| ସମ୍ବୋଧନ | ମାଲେ, ମାଲା | ମାଲା, ମାଲାଓ, ମାଲାଉ |

## ଇକାରାନ୍ତ ସ୍ତ୍ରୀଲିଙ୍ଗ

### ବୁଦ୍ଧି

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା | ବୁଦ୍ଧୀ | ବୁଦ୍ଧୀ, ବୁଦ୍ଧୀଓ, ବୁଦ୍ଧୀଉ |
| କର୍ମ | ବୁଦ୍ଧିଂ | ବୁଦ୍ଧୀ, ବୁଦ୍ଧୀଓ, ବୁଦ୍ଧୀଉ |
| କରଣ | ବୁଦ୍ଧୀଅ (୧), ବୁଦ୍ଧୀଆ (୧)<br>ବୁଦ୍ଧୀଇ, ବୁଦ୍ଧୀଏ | ବୁଦ୍ଧୀହି (୨), ବୁଦ୍ଧୀହିଂ (୨)<br>ବୁଦ୍ଧୀହିଁ |
| ଅପାଦାନ | ବୁଦ୍ଧୀଅ, ବୁଦ୍ଧୀଆ,<br>ବୁଦ୍ଧୀଓ, ବୁଦ୍ଧୀଇ (୩)<br>ବୁଦ୍ଧୀଏ, ବୁଦ୍ଧୀଉ,<br>ବୁଦ୍ଧୀଜ, ବୁଦ୍ଧୀହିଂତୋ | ବୁଦ୍ଧୀଓ, ବୁଦ୍ଧିଉ,<br>ବୁଦ୍ଧୀଉ, ବୁଦ୍ଧୀହିଂତୋ,<br>ବୁଦ୍ଧୀସିଂତୋ |
| ସମ୍ବନ୍ଧ | ବୁଦ୍ଧୀଅ, ବୁଦ୍ଧୀଆ<br>ବୁଦ୍ଧୀଇ, ବୁଦ୍ଧୀଏ | ବୁଦ୍ଧୀଣ, ବୁଦ୍ଧୀଣଂ |
| ଅଧିକରଣ | ବୁଦ୍ଧୀଇ, ବୁଦ୍ଧୀଏ | ବୁଦ୍ଧୀସୁ, ବୁଦ୍ଧୀସୁଂ |

(୧) ତୁଳ: ଅପଭ୍ରଂଶ ବୁଦ୍ଧିଅ, ବୁଦ୍ଧୀ < ସଂ: ବୁଦ୍ଧ୍ୟା ।

(୨) ତୁଳ: ବଟ୍ଠୀହି, ବଟ୍ଠୀହିଂ; ଅପଭ୍ରଂଶ ବଟ୍ଠିହିଁ ।

(୩) ତୁଳ: ସଂ: ବୁଦ୍ଧ୍ୟୈ ।

| | | |
|---|---|---|
| ସମ୍ବୋଧନ | ବୁଦ୍ଧି, ବୁଦ୍ଧୀ | ବୁଦ୍ଧୀ, ବୁଦ୍ଧୀଓ, ବୁଦ୍ଧୀଉ |

ଧେଣୁ, ସହୀ ଏବଂ ବହୂ ଶବ୍ଦର ରୂପ ବୁଦ୍ଧି ଶବ୍ଦର ରୂପ ପରି ହେବ। (୧) କିନ୍ତୁ ଈକାରାନ୍ତ ଶବ୍ଦମାନଙ୍କରେ କର୍ତ୍ତା ଓ କର୍ମକାରକରେ ବିକଳ୍ପରେ -ଆ ମଧ୍ୟ ହୋଇଥାଏ—

ଗୋଷ୍ଠିଆ, ହସନ୍ତୀ(ଓ), ଗୋଷ୍ଠିଓ । (୨)

### ଈକାରାନ୍ତ ସ୍ତ୍ରୀଲିଙ୍ଗ

ନଈ < ନଦୀ

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା | ଣଈ | ଣଈଓ, ଣଈଜ, ଣଈ |
| କର୍ମ | ଣଈଂ | ଣଈଓ, ଣଈଜ, ଣଈ |
| କରଣ | ଣଈଇ, ଣଈଅ, ଣେଈଆ, ଣେଈଏ, ଣେଈଞ | ଣଈହ୍ବଂ, ଣଈହ୍ବ |
| ଅପାଦାନ | ଣଈତେହା, ଣଈହୁ, ଣଈହ୍ବ, ଣଈଇ, ଣଈଅ, ଣଈଆ, ଣଈଈ | ଣଈହ୍ବନ୍ତୋ, ଣେଈସୁନ୍ତୋ |
| ସମ୍ବନ୍ଧ | ଣଈଇ, ଣଈଅ, ଣଈଆ, ଣଈଜ, ଣଈଏ | ଣଈଣଂ, ଣଈଣ |

(୧) ଧେଣୁ < ଧେନୁ; ସହୀ < ସଖୀ; ବହୂ < ବଧୂ ଇଦୁତୋ ଘର୍ଦଃ । ହେମ—୩।୧୬ ।

ଇକାରସ୍ୟ ଉକାରସ୍ୟ ଚ ଭିସ୍‌ଭ୍ୟସ୍‌ସୁପ୍‌ସୁ ପରେଷୁ ଦୀର୍ଘୋ ଭବତି ।
(ଧେଣୂହିଂ, ଧେଣୂଓ, ଧେଣୂସୁ) ।

(୨) ହେମ—୩।୨୮ ।

| | | |
|---|---|---|
| ଅଧିକରଣ | ଣଈଇ, ଣଈଅ, ଣଈଆ, ଣଈଏ, ଣଈଉ | ଣଈସୁ, ଣଈସୁଂ |
| ସମ୍ବୋଧନ | ଣଇ | ଣଈଓ, ଣଈଉ, ଣଈ |

## ଉକାରାନ୍ତ ସ୍ତ୍ରୀଲିଙ୍ଗ

### ବହୂ < ବଧୂ

| | | |
|---|---|---|
| କର୍ତ୍ତା | ବହୂ | ବହୂଓ, ବହୂଉ, ବହୂ |
| କର୍ମ | ବହୁଂ | ବହୂଓ, ବହୂଉ, ବହୂ |
| କରଣ | ବହୂଇ, ବହୂଅ, ବହୂଆ, ବହୂଏ, ବହୂଉ | ବହୂହି, ବହୂହିଂ |
| ଅପାଦାନ | ବହୂଦୋ, ବହୂଦୁ, ବହୂଅ, ବହୂହି, ବହୂଓ, ବହୂଏ, ବହୂଉ | ବହୂହିନ୍ତୋ, ବହୂସିନ୍ତୋ |
| ସମ୍ବନ୍ଧ | ବହୂଇ, ବହୂଅ, ବହୂଆ, ବହୂଏ, ବହୂଉ | ବହୂଣଂ, ବହୂଣ |
| ଅଧିକରଣ | ବହୂଇ, ବହୂଅ, ବହୂଆ, ବହୂଏ, ବହୂଉ | ବହୂସୁ, ବହୂସୁଂ |

[ ତୁଳନୀୟ— ସ୍ତ୍ରୀଲିଙ୍ଗ କର୍ତ୍ତା ଏକ:— ଅଶୋ: ପା: ପଜା < ପ୍ରଜା; ଖରଧଷ୍ଠ: ଢଣ < ଧଣି; ନୟ: ଭରୟ < ଭାର୍ଯ୍ୟା; ଅପ: ପିଅଅମ < ପ୍ରିୟତମା । ବହୁ:— ଜଉ: ଓକସା, କାଲ୍‌ସୀ ଓକସକା < ଓକସ୍ତାଃ, କଞ୍ଞା < କନ୍ୟାଃ; ଅପ: ଧଣ୍ଣାଉ = ଧନ୍ୟାଃ । କର୍ମ ଏକ:— କାଲ୍‌ସୀ, ଧଉଲ ସ୍ବାତଂ < ସ୍ବାସାମ୍; ଖରଧଷ୍ଠ: ସେନା < ସେନାମ୍, ଜଲ < ଜଲମ୍, ଜର < ଜରାମ୍; ନୟ: ଭର୍ଯି < ଭାର୍ଯ୍ୟାମ୍; ପା: କଞ୍ଞଂ, ପୂଜଂ; ଅପ: ପୂଜଂ, ପୂଜିଁ, ପୂଜ । ବହୁ:— ପା: କଞ୍ଞା(ୟୋ) । କରଣ ଏକ:— ଅଶୋ:

ଚୋତ୍ରା ପ୍ରକାସ୍ସା; ଅଗାସ୍ସା < ଅଗ୍ର୍ୟା; ଖରଧମ୍ମ: ପ୍ରଞ୍ଞସ୍ସ, ପ୍ରଞ୍ଞଏ < ପ୍ରଜ୍ଞ-, ବଧୂଇ < ବାଚ୍-; ଧଉଲି, ଜଉ: ମାଧୁଲସ୍ସାସ୍ସେ; ନସ୍ସ: ଅଚେଷଂନଏ < ଅଧ୍ୟେଷଣାଯୈ ପ: କଞ୍ଞାସ୍ସ, ରଥ୍ୟାୟା < ରଥ୍ୟା । ବହୁ:—ପା: କଞ୍ଞାଭି, କଞ୍ଞାହି; ଅପ: ବାଅହ < ବାଗ୍ଭିଃ । ଅପାଦାନ ଏକ:—ଧଉଲି ତଖସିଲତେ < ତକ୍ଷଶିଲାତଃ; ନସ୍ସ: ନଆଦେ 'ନସ୍ସାନ୍ତ'; ପା: କଞ୍ଞାସ୍ସ । ବହୁ:—ପା: କଞ୍ଞାହି; ଅପ: ମାଲହୁ । ସମ୍ବନ୍ଧ ଏକ:— ନସ୍ସ: ଭରୀଏ < ଭାର୍ଯ୍ୟା, ପା: କଞ୍ଞାସ୍ସ, ମାଲସ୍ସ; ନସ୍ସ: ଦେବଚସ < * ଦେବତାସ୍ୟ । ବହୁ:—ଖରଧମ୍ମ: ଗଧନ, ଗଣନ < ଗାଥାନାମ୍; ପା: କଞ୍ଞାନଂ; ଅପ: ମାଲହୁ < ମାଲାଭ୍ୟଃ, ମାଲହୁଁ < *ମାଲାଭ୍ୟାମ୍ । ଅଧିକରଣ ଏକ:—ଜଉଗଡ଼ ସମାପାସ୍ସଂ 'ସମାପାଠାରେ'; ଖରଧମ୍ମ: ଅହ୍ୱଚସ'ଇ < *ଅହ୍ୱଂସାସ୍ସ; ପା: କଞ୍ଞାସ୍ସଂ(ସ୍ସ) । ଜଉଗଡ଼, ଧଉଲି ପଜାୟେ < ପ୍ରଜାୟୈ; ନସ୍ସ: ଭରୀଏ; ଅପ: ମାଲଇ < ମାଲାୟୈ । ଧଉଲି ଗନନସି < *ଗଣନସ୍ମିନ୍; ନସ୍ସ: ବେଲଂସି = ବେଲାୟାମ୍; ଅପ: ଦବସ - ଣିଧ, —ଦବସ—ଣାୟାମ୍ । ବହୁ:—ଅଶୋ: ଚୋତ୍ରା ଦସାସୁ < ଦଶାସୁ; ପା: ମାଲାସୁ । ସମ୍ବୋଧନ ଏକ:—ପା: କଞ୍ଞେ < କନ୍ୟେ । ଅପ: ପିଅ ତମ = ପ୍ରିୟତମେ । ବହୁ:—ପା: କଞ୍ଞା(ୟୋ) ଅପ: ମାଲହୋ । ]

( ଦ୍ରଷ୍ଟବ୍ୟ:—ସେନ, କ: ଗ୍ରା: ମି: ଇ: ଆ: ପୃ: ୮୫-୮୭; ଗାଇଗର୍, ପାଲି: ୮୧; ବରୁଆ ପୂର୍ବୋକ୍ତ ପୃ: ୨୫ ) ।

[ ଭୂଲଗାସ୍ସ—କର୍ତ୍ତା ଏକ: ଧଉଲି, ଜଉଗଡ଼ ଅସଂପଟିପତି < ଅସମ୍ପ୍ରତିପତ୍ତିଃ; ଖରୋଷ୍ଟୀ ଧମ୍ମପଦ—ସତୁଠି < ସନ୍ତୁଷ୍ଟିଃ; ହ୍ରିର < ହ୍ରୀଃ; ପା: ଜାତି, ପ୍ରା: ଜାଇ(ଦ) < ଜାତିଃ । ବହୁ: ଅଶୋ:—(ଭଗ୍ନ)— ଭଖୁଣିୟେ < *ଭିକ୍ଷୁଣ୍ୟଃ; ପା: ଜାତିୟୋ; ପ୍ରା: ଜାଇ(ଦ)ଓ, ଅପ: ନଈଉ < ନଦ୍ୟଃ; ଅମାଗ: ଇତ୍ଥିଓ < ସ୍ତ୍ରୀ-। ଧଉଲି ଇତ୍ଥୀ < ସ୍ତ୍ରୀ—; ନସ୍ସ: ଉଟି < ଉଷ୍ଟ୍ରୀ; ପା: ରତ୍ତୀ < ରାତ୍ରୀଃ; —ଆନ ଅନ୍ୟ ପ୍ରତ୍ୟୟ (ଅକାରାନ୍ତ କ୍ଳୀବ) ସାହାଯ୍ୟରେ ନସ୍ସ: ବଡ଼ ଡି ସୂନ = ବଡ଼ବାଃ । କର୍ମ ଏକ: ଧଉଲି ଓ ଜଉଗଡ଼ରେ ପ୍ରତ୍ୟୟ ଲୋପ—କଟୀ < କ୍ଷାନ୍ତିମ୍; ଧଉଲି—ବଧୀ < ବୃଦ୍ଧିମ୍; ନସ୍ସ: ଉଟି < *ଉଷ୍ଟ୍ରୀମ୍; ଖରୋଷ୍ଟୀ

ଧମ୍ମପଦ ରତ୍ତ < ରକ୍ତିମ୍; ପା: ଜାତିଂ; ପ୍ରା: ଜାଇଂ(ଏଂ) । କର୍ମ ବହୁ: କର୍ତ୍ତା ବହୁବଚନ ପରି । କରଣ ଏକ: ଧଉଲି, ଜଉଗଡ଼—ଅନୁସଥିୟା < ଅନୁଶାସ୍ତ୍ୟା; ଧଉଲି—ଅନାବୃତ୍ତିୟ < ଅନାବୃତ୍ତ୍ୟା; ପା: ଇତ୍ଥିଆ < ସ୍ତ୍ରିୟା । କରଣ ବହୁ: ପା: ଜାତିହ; ଅପ: ଦନ୍ତହିଁ । ଅପାଦାନ ଏକ: ଧଉଲି—ଉଜେନତେ 'ଉଜ୍ଜୟିନୀତ' । ଶାହ୍‌ବାଜ୍‌ଗଡ଼ୀ—ଉଜମାଦୋ; ଧଉଲି—ନପଂତିୟା < ନପ୍ତ୍ୟାଃ; ଅପ: ଗୋରିହେ < ଗୌର୍ଯ୍ୟାଃ । ଅପାଦାନ ବହୁ: ପା: ରତ୍ତିଭି(ହି) । ସମ୍ବନ୍ଧ ଏକ: ଖରୋଷ୍ଠୀ ଧମ୍ମପଦ—ବିଶୋଧି'ଅ < ବିଶୁଦ୍ଧ୍ୟାଃ; ପା: ରତ୍ତିୟା, ରତ୍ୟା < ରାତ୍ର୍ୟାଃ; ନଦିୟା, ନଜ୍ଜା । ସମ୍ବନ୍ଧ ବହୁ: ଅଶୋକୀୟ—ଦେବୀନଂ; ଖରୋଷ୍ଠୀ ଧମ୍ମପଦ—ନରେଥିନ < ନରସ୍ତ୍ରୀଣାଂ; ଅପ: ସ୍ତ୍ରିୟନ < ସ୍ତ୍ରୀଣାମ୍; ପା: ରତ୍ତୀନଂ, ନଦୀନଂ । ଅଧିକରଣ ଏକ: ଧଉଲି—ତୋସଲିୟଂ 'ତୋସଳୀରେ'; ଜଉଗଡ଼, ଧଉଲି—ନତିୟମ୍ < ନାତି-; ପା: ଜାତିୟଂ, ରତ୍ତିୟଂ, ରତ୍ତିୟା, ନଦିୟା, ନଜ୍ଜ, ନଜ୍ଜଂ; ପା: ଜାତିୟ; ପ୍ରା: ବୁଦ୍ଧୀୟ; ଅପ: ରତ୍ତିଂମି 'ରାତ୍ରିରେ' (ଂମି < ସ୍ମିନ୍) । ଅଧିକରଣ ବହୁ: ପା: ଜାତିସୁ, ରତ୍ତୀସୁ, ନଦୀସୁ; ପ୍ରା: ଣଈ(ଦୀ)ସୁ(ସୁଂ); ଅପ: ଉଟ୍ଟେଷୁ < ଉଷ୍ଟ୍ରୀ- ]

( ଦ୍ରଷ୍ଟବ୍ୟ: —ସେନ୍, କ: ଗ୍ରା: ମି: ଇ: ଅ: ପୃ: ୯୦-୯୨; ଗାଇଗର୍, ପାଲି: ୮୪; ବରୁଆ, ପ୍ରବନ୍ଧ ପୃ: ୬୬-୭ ) ।

ମଧ୍ୟଭାରତୀୟ ଆର୍ଯ୍ୟଭାଷାରେ ପ୍ରା: ଭା: ଆ: ର ଋକାରାନ୍ତ ପ୍ରାତିପଦିକମାନ କେବଳ ସମ୍ବନ୍ଧବାଚୀ ଶବ୍ଦମାନଙ୍କରେ ଦୃଷ୍ଟ । ଯଥା—ପିଆ(ତା) (ସଂ: ପିତୃ), ମାଅ(ତା) ସଂ: ମାତୃ), ଭାଆ(ତା)(ସଂ: ଭ୍ରାତୃ), ସସା (ସଂ:ସ୍ୱସୃ), ଦୁହିଆ (ତା) (ସଂ: ଦୁହିତୃ) ଇତ୍ୟାଦି । କର୍ତ୍ତା ଓ କର୍ମ ଏକବଚନରେ ଏବଂ କର୍ତ୍ତା ବହୁବଚନରେ (ବିକଳ୍ପରେ କର୍ମ ବହୁବଚନରେ) ପ୍ରା: ଭା: ଆ: ରୁ ଆଗତ ରୂପମାନ ଧ୍ୱନି ପରିବର୍ତ୍ତନ ସହ ସୁରକ୍ଷିତ । ଏଗୁଡ଼ିକ ପୁରାତନ ପ୍ରୟୋଗ (Archaism) ଲକ୍ଷ୍ୟ କରାଯାଉଛି । ଇତର (Oblique) କାରକମାନଙ୍କରେ ରୂପରଚନା -ଅ, -ଇ ଏବଂ -ଉ ପ୍ରାତିପଦିକ ପରି ହୁଏ—(ପିତୁ, ମାତୁ, ପିତର) । (୨) ପ୍ରା: ଭା: ଆ: ର ଶବ୍ଦାନ୍ତ -ଋ ପ୍ରାକୃତରେ '-ଇ' ଏବଂ '-ଉ' ରେ ପରିଣତ ହେଲା । ଫଳରେ ପିଇ, ପିଉ < ପିତୃ; ଭଈ, ଭଉ < ଭର୍ତୃ ।

(୧) ଝା, ମାଗଧୀ, ୧୦୧ ।

### ଭତ୍ତର (୧) ଭର୍ତ୍ତି < ଭର୍ତ୍ତୃ

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା | ଭତ୍ତରୋ | ଭତ୍ତରା, ଭତ୍ତୁଣୋ, ଭତ୍ତୂ, ଭର୍ତ୍ତିଣୋ |
| କର୍ମ | ଭତ୍ତରଂ | ଭତ୍ତରେ, ଭତ୍ତୁଣୋ, ଭତ୍ତୂ, ଭର୍ତ୍ତିଣୋ |
| କରଣ | ଭତ୍ତରେଣ, ଭତ୍ତୁଣା, ଭର୍ତ୍ତିଣା | ଭତ୍ତରେହି, ଭତ୍ତରେହିଂ |
| ଅପାଦାନ | ଭତ୍ତରତୋ, ଭତ୍ତରଦୁ, ଭତ୍ତରାହି | ଭତ୍ତରାହିଂତୋ, ଭତ୍ତରସୁଂତୋ |
| ସମ୍ବନ୍ଧ | ଭତ୍ତରସ୍ସ, ଭତ୍ତୁସ୍ସ, ଭତ୍ତୁଣୋ, ଭର୍ତ୍ତିଣୋ | ଭତ୍ତରାଣଂ, ଭତ୍ତରାଣ |
| ଅଧିକରଣ | ଭତ୍ତରେ, ଭତ୍ତରମ୍ମି | ଭତ୍ତରେସୁ, ଭତ୍ତରେସୁଂ, ଭତ୍ତୁସୁ, ଭତ୍ତୁସୁଂ |
| ସମ୍ବୋଧନ | ଭତ୍ତର | ଭତ୍ତରା, ଭତ୍ତୁଣୋ, ଭର୍ତ୍ତିଣୋ |

### ଭଆ < ଭ୍ରାତୃ

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା | ଭଆ, ଭଅରୋ | ଭଅରା |

(୧) ବର:—୪।୩୧—୩୨ । ହେମ—ଆରଃ ସ୍ୟାଦୌ (୩।୪୫), ଆ ଅରା ମାତୁଃ (୩।୪୬), ଋତାମୁଦସ୍ୟମୌସୁ ବା (୩।୪୪), ନାମ୍ନ୍ୟରଃ (୩।୪୭), ଆ ସୌ ନ ବା (୩।୪୮) । ମାର୍କ—ସୁପି ପରେ ଋକାର ଆରଃ ସ୍ୟାତ୍ । ଋତୋଽଦନ୍ତବଦ୍ଭୂତମ୍ । ଭତ୍ତରୋ, ଭତ୍ତରା, ଭତ୍ତରଂ, ଭତ୍ତରେ, ଭତ୍ତରେଣ, ଭତ୍ତରେହିଂ ଇତ୍ୟାଦି । ··· (୫।୩୮)

| | | |
|---|---|---|
| କର୍ମ | ଭାଅରଂ | ଭାଅରେ |
| କରଣ | ଭାଅରେଣ | ଭାଅରେହିଂ, ଭାଅରେହି |
| ଅପାଦାନ | ଭାଅରାଦୋ, ଭାଅରାଦୁ,<br>ଭାଅରାହି | ଭାଅରାହିଂତୋ, ଭାଅରାସୁଂତୋ |
| ସମ୍ବନ୍ଧ | ଭାଅରସ୍ସ | ଭାଅରାଣଂ, ଭାଅରାଣ |
| ଅଧିକରଣ | ଭାଅରେ, ଭାଅରମ୍ମି | ଭାଅରେସୁଂ, ଭାଅରେସୁ |
| ସମ୍ବୋଧନ | ଭାଅ, ଭାଅର | ଭାଅରା |

ପିଅ, ପିଅର (ସଂ: ପିତୃ)

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା | ପିଆ, ପିଅରୋ<br>(ଶୌର: ମାଗ:) ପିଦା | ପିଅରା, ପିଉଣୋ,<br>ପିଅବୋ, ପିଅଓ, ପିଅଉ,<br>ପିଉ; (ମାଗ:) ପିଦଲେ |
| କର୍ମ | ପିଅରଂ<br>(ଅମାଗ: ଜୈନମହା:) ପିୟରଂ<br>(ଶୌର:) ପିଦରଂ<br>(ମାଗ:) ପିଦଲଂ | ପିଅରେ, ପିଅରା,<br>ପିଉଣୋ, ପିଉ; (ଅମାଗ:)<br>ପିୟରୋ; (ଶୌର:) ପିଦରେ,<br>ପିଦରେ; (ମାଗ:) ପିଦଲେ,<br>ପିଦୁଣ |
| କରଣ | ପିଅରେଣ, ପିଅରେଣଂ,<br>ପିଉଣା; (ମାଗ:) ପିଦୁଣା | ପିଅରେହି, ପିଅରେହିଂ,<br>ପିଅରେହିଁ, ଚଉହି,<br>ପିଉହିଁ, ପିଉହିଂ<br>ପିଦୁହି(ହିଂ) (ମାଗ:) |
| ଅପାଦାନ | (ମାଗ:) ପିଦୁଦୋ | (ମାଗ:) ପିଦୁହିଂତୋ |
| ସମ୍ବନ୍ଧ | ପିଉଣୋ,<br>(ଅମାଗ:) ପିଉସ୍ସ<br>(ଜୈନମହା:) ପିଉରସ୍ସ<br>(ଶୌର: ମାଗ:) ପିଦୁଣୋ | ପିଉଣଂ ଏବଂ ପିଈଣଂ<br>(ଅମାଗ:); ପିଅରାଣ(ଣଂ),<br>ପିଉସୁଂ, ପିଦୁଣଂ (ମାଗ:) |

| | | |
|---|---|---|
| ଅଧିକରଣ | (ମାଗଧୀ) ପିଦଲେ, ପିଦୁଣେ ପିଦୁଷୁ(୮) | |
| ସମ୍ବୋଧନ | ପିଅ, ପିଆ, ପିଅରଂ | କର୍ତ୍ତାକାରକର ରୂପପରି |
| | (ମାଗ:) ପିଦା | |

ଦାଉ, ଦାଯ୍ଯାର ( < ଦାତୃ)ର ଏହିପରି ରୂପ ହୁଏ । କର୍ତ୍ତା ଏକବଚନ ଦାଯ୍ଯା, ଦାଯ୍ଯରେ ଏବଂ ସମ୍ବୋଧନ ଦାଯ୍ଯ, ଦାଯ୍ଯାର ହୁଏ । ମାଗଧୀରେ ଭଟ୍ଟଲଣ୍ଣ (ସମ୍ବନ୍ଧକାରକ), ଭଟ୍ଟଲେ (ଅଧିକରଣ) ମଧ୍ୟ ସୁଲଭ ଯାହା ଭଟ୍ଟଲ (ଅକାରନ୍ତ) ସ୍ଥାନ୍ତପଦକରୁ ସଂଗଠିତ ।

ମା < ମାତୃ

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା | ମାଆ (ମହା:) | ମାଦଲେ (ମାଗ:) |
| | ମାଯ୍ଯା (ଅମାଗ: ଜୈନମହା:) | |
| | ମାଦା (ଶୌର: ମାଗ:) | |

ହେମଚନ୍ଦ୍ରଙ୍କ ବ୍ୟାକରଣରେ (୩।୧୬ ସୂତ୍ରରେ) ମାଆ ଏବଂ ମାଅରା (ମାତୃକା) ଦୁଇଟି ରୂପ ପ୍ରାପ୍ତ । ଏହି ଦୁଇଟିର ଅର୍ଥ ଅଲଗା । ପ୍ରଥମ ମାଆ 'ମା' ଓ ମାଅରା 'ଦେବୀ' । ଅନ୍ୟ ସୂତ୍ର ୩।୪୬ ରେ ମାଉ ଏବଂ ୧।୧୩୫ ରେ ମାଇ, ମାଆ ଏବଂ ମାଅରା ଶବ୍ଦଦ୍ୱୟର ରୂପ ମାନ୍ଦ ଶବ୍ଦପରି ହୁଏ । ମାଉ ହେଉ ଧେଣୁ ଶବ୍ଦପରି ଏବଂ ମାଇ ର ରୂପ ବୁଦ୍ଧି ଶବ୍ଦପରି ହୁଏ ।

ଦୁହିଆ (୧) < ଦୁହିତୃ

| | |
|---|---|
| କର୍ତ୍ତା | ଧୂଆ (ମହା:) |
| | ଦୁହିଦା (ଶୌର:) |
| | ଧୀଯ୍ଯା (ଜୈନମହା: ଅମାଗ:) |
| | ଧୀଦା, ଧୂଦା (୨) (ଶୌର: ମାଗ:) |
| କର୍ମ | ଦୁହିଦର (ଶୌର:) |

(୧) ଦୁହିହଆ (ଶୌର:) 'ପୁତ୍ରୀ'—ଡାକଅସଳମ ।
(୨) ଧୀଯ୍ଯା, ଧୀଦା—ସମାପାନ୍ତର୍ଗତ ଦ୍ରଷ୍ଟ ।

ଋକାରାନ୍ତ କର୍ତ୍ତା ଏକ: ଅଶୋ:, ପା: ପିତା, ମାତା; ନ୍ୟୁ: ପିତ, ଭ୍ରାତ; ଧୀତା = ଦୁହିତା । ପା:, ପ୍ରା: ସତ୍ଥା < ଶାସ୍ତା; ନ୍ୟୁ: ପିତ୍ରୁ, ଭ୍ରାତ୍ରୁ, ମଦ୍ରୁ । ଅପ: ମାଈ < ମାତୃ- । ନ୍ୟୁ: ଭଟ୍ଟରେ ପା: ଜାମାତୋ < ଜାମାତା । ବହୁ: ଅଶୋ:— ଶାହ: ନତରୋ, ମାନ୍: ନତରେ, କାଲ୍ସୀ ନତାଲେ < ନପ୍ତାରଃ; ନ୍ୟୁ: ପିତର, ଭତର, ଭନ୍ତରେ; ପା: ପିତରୋ, ମାତରୋ । ପା: ଭତ୍ତୁନୋ । ଧଉଳି, ଜଉଗଡ଼ ନତି, ଧଉଳି ନତି-ପନତି (କର୍ତ୍ତା ସ୍ଥାନରେ କର୍ମ) < ନପ୍ତୃ-ପ୍ରଣପ୍ତୃ- । ନ୍ୟୁ: ଭଟ୍ଟରେ । ପା: ଧୀତା । କର୍ମ ଏକ: ପା: ପିତରଂ, ମାତରଂ, ଧୀତରଂ, ସତ୍ଥାରଂ । ନ୍ୟୁ: ପିତ୍ରୁ, ମଦ୍ରୁ । ଭ୍ରାତ୍ରୁ; ପା: ପିତୁଂ । ନ୍ୟୁ: ଭଟ୍ଟରେ, ପିତ, ଭ୍ରାତ । ବହୁ: ପା: ପିତରେ; ନ୍ୟୁ: ଭଟ୍ଟରେ । ପା: ଭାତରେ । ପା: ପିତରୋ, ନତ୍ତାରୋ, ମାତରୋ; ମାତାପିତୁ । କରଣ ଏକ: ଗିରନାର୍ ପିତା < ପିତ୍ରା । ଧଉଳି, ଜଉ:, ଶାହ: ମାନ୍: ପିତ୍ନା, ଭତିନା । ପା: ପିତରା:, ମାତରା, ଭାତରା, ସତ୍ଥାରା । ପା: ଧୀତଯା, ସତ୍ଥୁନା, ଖାରବେଳ (ମଞ୍ଚପୁରୀ) ଧୁ(ତୁ)ନା । ବହୁ: ପା: ପିତୃହି, ମାତୃହି, ସତ୍ଥୁହି; ପିତରେହି, ନତ୍ତରେହି, ସତ୍ଥାରେହି । ଅପାଦାନ ଏକ: ପିତରା, ମାତରା, ସତ୍ଥରା, ସତ୍ଥାରା; ପା: ମାତୁସ୍ମା । ବହୁ: କରଣ ବହୁବଚନ ପରି । ସମ୍ବନ୍ଧ ଏକ: ନ୍ୟୁ: ଧିତ୍ରୁ, ଶ୍ୱସ୍ରୁ; ପା: ପିତୁ, ମାତୁ, ଦୁହିତୁ, ସତ୍ଥୁ । ନ୍ୟୁ: ପିତୁସ୍ୟ, ମଦୁଏ, ମଦୁଅଏ; ପା: ପିତୁସ୍ସ, ସତ୍ଥୁସସ । ପା: ପିତୁନୋ, ସତ୍ଥୁନୋ । ବହୁ: ଅଶୋ: ଶାହ: ଭ୍ରାତୁନଂ; ଶାହ: ମାନ୍: ସ୍ୱସୁନଂ = ସ୍ୱସୃ; ନ୍ୟୁ: ଭ୍ରାତୁନ, ଭ୍ରାନରଣଂ; ପା: ପିତୂନଂ, ପିତୁନ୍ନଂ, ମାତୃନଂ, ସତ୍ଥୂନଂ; ପା: ପିତରାନଂ, ସତ୍ଥାରାନଂ, ଧୀତାନଂ । ଅଧିକରଣ ଏକ: ଅଶୋ: ଗିର୍: ପିତରି, ମାତରି; ପା: ପିତରି, ମାତରି, ଭାତରି, ସତ୍ଥରି; ପା: ମାତୁସ୍ମା, ମାତୁସ୍ମିଂ । ବହୁ: ଅଶୋ: ଶାହ୍: ମାନ୍: ମତପିତୁସୁ; ପା: ପିତୃସୁ, ମାତୃସୁ, ସତ୍ଥୁସୁ; ପା: ପିତରେସୁ, ଧୀତରାସୁ, ସତ୍ଥାରେସୁ । j

(ଦ୍ରଷ୍ଟବ୍ୟ—ସେନ, ପୂର୍ବୋକ୍ତ ପୃ: ୮୯-୯୬; ଗାଇଗର୍, ପାଲି: ୯୦, ୨୧) ।

ପ୍ରାତିପଦିକ ଗୋ- (କ) ପ୍ରା: ଭା: ଆ: ର କେତେକ ରୂପ ରକ୍ଷା କରିଛି, କିନ୍ତୁ ଏଗୁଡିକ ମୁଖ୍ୟତଃ ପରିବର୍ତ୍ତିତ ପ୍ରାତିପଦିକ; (ଖ) ଗବ- (ପୁଂଲିଙ୍ଗ) । ଗାବୀ- (ସ୍ତ୍ରୀଲିଙ୍ଗ) ଏବଂ (ଗ) ଗୋଣ- (ପୁଂଲିଙ୍ଗ), ଗୋଣୀ- (ସ୍ତ୍ରୀଲିଙ୍ଗ) । ନିମ୍ନରେ ରୂପାବଳୀ ଦିଆଯାଉଛି —

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା | ଗୌ (ଅମାଗ:) < ଗୌଃ<br>ଗବେ (ଅମାଗ:) ≤ *ଗବଃ<br>ଗୋ (ନପୁ:, ପା:)<br>ଗାଈ (ମହା:) (୧)<br>ଗାବୀ (ସ୍ତ୍ରୀଲିଙ୍ଗ) (୨)<br>ଗୋଣୋ < *ଗୋଣଃ (୨)<br>ଗୋଣୀ (ସ୍ତ୍ରୀଲିଙ୍ଗ)<br>(ଅଶୋ: ଗୋନେ; ପା: ଗୋଣୋ) | ଗାବୋ (ଅମାଗ:) < ଗାବଃ<br>-ଗବା (ଅମାଗ:)<br>(ପା: ଗାବୋ) |
| କର୍ମ | (ପା: ଗୋଣଂ) | (ଅମାଗ:) ଗାଓ < *ଗାବଃ<br>= ଗାଃ<br>(ପା: ଗାବୋ)<br>ଗୋଣାଇଂ (ପା: ଗୋଣେ) |
| କରଣ | | ଗୋହିଂ (ଅମାଗ:) < ଗୋଭିଃ<br>(ପା: ଗୋହି) |
| ଅପାଦାନ | (ପା: ଗବା) | |
| ସମ୍ବନ୍ଧ | (ପା: ଗବସ୍ସ;<br>ଅଶୋ: ଗୋନସ,<br>ଗୋନସା) | ଗବଂ (ଅମାଗ:) < ଗବାମ୍<br>(ପା: ଗବଂ)<br>(ପା: ଗୋଣାନଂ <<br>* ଗୋନାନାମ୍ ( > ଗୁନ୍ନଂ)<br>< ଗୋନାମ୍ (୩) |
| ଅଧିକରଣ | ଗବେ | |

(୧) ଦ୍ରଷ୍ଟବ୍ୟ—ପିଶଲ୍, ପ୍ରା: ବ୍ୟା: ୩୯୩; ହେମ—ଗବ୍ୟଉ—ଆଅଃ (୧।୫୮) ଗଉଓ, ଗାଓ, ଗାଓ... ।

(୨) ହେମ—ଗୋଣାଦୟଃ (୨।୧୭୪)।

(୩) ସେନ, ପୂର୍ବୋକ୍ତ ପୃ: ୯୭; ଗାଇଗର୍, ପାଲି: ୮୮ ।

ଣାବା (ସ୍ତ୍ରୀଲିଙ୍ଗ) ପ୍ରବର୍ତ୍ତିତ ପ୍ରାତିପଦିକର ରୂପାବଳୀ—କର୍ତ୍ତା ଏକ: ଣାବା; ନାବା (ଅମାଗ:) । ବହୁ: (ପା: ନାବାୟୋ) । କର୍ମ ଏକ: ଣାବଂ କରଣ, ଅପାଦାନ, ସମ୍ବନ୍ଧ, ଅଧିକରଣ ଏକ: (ପା: ନବାୟ), ନାବାଏ < * ନାବୟା ଏବଂ/ଅଥବା * ନାବାୟଃ ଏବଂ/ଅଥବା ନାବାୟମ୍, ନାବାୟୈ; ତୁଳ: ଋଗ୍‌ବେଦ ନାବ'ୟା (୧।୯୭।୮) । କରଣ ବହୁ: ନାବାହି (ଅମାଗ:) । ଅଧିକରଣ ବହୁ: (ପା: ନାବାସୁ) (୧)

ରାୟ (ଅମାଗ: ଜୈମହା:) < ରାଜନ୍

ଲଅ (ମାଗ:)

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା | ରାଅ; (ମାଗ:) ଲଆ<br>ରାୟା (ଅମାଗ: ଜୈମହା:) | ରାୟା; (ମାଗ:) ଲଆଣୋ<br>ରାୟାଣୋ, ରାଇଣୋ<br>(ଅମାଗ: ଜୈମହା:) |
| କର୍ମ | ରାୟଂ, ରାୟଣଂ<br>(ଅମାଗ: ଜୈମହା:)<br>ରାଅଣଂ (ମହା:)<br>ଲାଆଣଂ (ମାଗ) | ରାୟେ, ରାୟା; ରାୟଣୋ<br>(ଅମାଗ: ଜୈମହା:)<br>ରଇଣୋ (ଅମାଗ:<br>ଜୈମହା:) |
| କରଣ | ରାଇଣା, ରଣ୍ଣା<br>ରାଏଣ, ରାଏଣଂ<br>ଲଞ୍ଞା (ମାଗ:) | ରାଏହି, ରାଏହିଂ,<br>ରାଏହିଁ, ରାଈହି(ହିଂ),<br>(ମାଗ:) ଲାଈହି(ଂ) |
| ଅପାଦାନ | ରଣ୍ଣୋ, ରାଇଣୋ,<br>ରାୟତ୍ତୋ, ରାଆଓ,<br>ରାଆଦୋ, ରାଆଦୁ | ରାୟତୋ, ରାଈହିଂ,<br>ରାଈହିଂତୋ, ରାଇତ୍ତୋ,<br>ରାଈସୁଂତୋ |
| ସମ୍ବନ୍ଧ | ରଣ୍ଣୋ, ରାଇଣୋ;<br>ରାୟସ୍ସ (ଅମାଗ: ଜୈମହା:)<br>ଲଞ୍ଞୋ, ଲାଇଣୋ (ମାଗ:) | ରାଈଣ, ରାଈଣଂ,<br>ରାୟାଣ, ରାୟାଣଂ<br>ଲାଈଣଂ (ମାଗ:) |

(୧) ଦ୍ରଷ୍ଟବ୍ୟ— ଚେଜନ, ଦୃଂହୋଲ୍ଡ ପୃ: ୯୬; ଗାଇଗର୍, ଯାଲି: ୮୮ ।

| | | |
|---|---|---|
| ଅଧିକରଣ | ରାଏ୍ଲ, ରାପ୍ସମ୍ମି, ରାଇମ୍ମି | ରାଈସୁ, ରାଈସୁଂ, ରାଏସୁ, ରାଏସୁଂ ଲଈଶୁ (୦) (ମାଗ:) |
| ସମ୍ବୋଧନ | ରାଅ, ରାଅଂ, ରାଆ; ରାପ୍ପା, ରାପ୍ପ (ଅମାଗ: ଜୈନମହା:), ରାପ୍ପଂ (ଅମାଗ:) ରଲଅଂ (ମାଗ:) | କର୍ତ୍ତାକାରକ ପର (୧) |

ଅପ୍ପ, ଅପ୍‌ପା < ଆତ୍ମନ୍

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା | ଅପ୍ପ, ଅପ୍‌ପା, ଅପ୍‌ପାଣୋ | ଅପ୍ପ, ଅପ୍ପଣୋ, ଅପ୍‌ପା, ଅପ୍‌ପାଣୋ, ଅପ୍‌ପାଣା |
| କର୍ମ | ଅପ୍ପଂ, ଅପ୍‌ପଂ, ଅପ୍‌ପାଣଂ | ଅପ୍‌ପାଣୋ, ଅପ୍‌ପାଣେ, ଅପ୍‌ପାଣା |
| କରଣ | ଅପ୍ପଣା, ଅପ୍‌ପଣା, ଅପ୍‌ପାଣେଣ | ଅପ୍ପେହିଂ, ଅପ୍ପେହି, ଅପ୍‌ପେହିଂ, ଅପ୍‌ପେହି, ଅପ୍‌ପାଣେହିଂ, ଅପ୍‌ପାଣେହି |
| ଅପାଦାନ | ଅପ୍ପ, ଅପ୍ପଦୋ, ଅପ୍ପଦୁ, ଅପ୍‌ପା, ଅପ୍‌ପାଣହି, ଅପ୍‌ପାଦୁ, ଅପ୍‌ପାହି, | ଅପ୍ପହିଂତୋ, ଅପ୍ପସୁଂତୋ, ଅପ୍‌ପାହି, ଅପ୍ପହି, ଅପ୍‌ପାହିଂତୋ,. |

---

(୧) ରାଜସ୍ତ (ବର—୪।୩୬); ରାଜ୍ଞଃ (ହେମ—୩।୪୯); ଜସ୍‌ଶସ୍ ଙସା ଣୋ (ବର—୫।୩୮); ଜସ୍-ଶସ୍ ଙସି, ଙସା ଣୋ (ହେମ—୩।୫୦); ଶସ ଏତ୍ (ବର – ୫।୩୯); ଆମୋ ଣଂ (ବର—୫।୪୦); ଟା ଣା (ବର—୫।୪୧), ଟୋ ଣା (ହେମ—୩।୫୧); ଙସସ୍ତୁ ଦି ଭ୍ଂ ବାନ୍ତ୍ୟଲୋପସ୍ତ (ବର—୫।୪୨); ଇଦର୍ଦ୍ଧି ଭ୍ରେ (ବର—୫।୪୩), ଇଣମମାମା (ହେମ—୩।୫୩); ଆ ଣୋଣମୋଈଙସି (ବର—୫।୪୪), ଇର୍ଜସ୍ୟ ଣୋ-ଣା-ଙୌ (ହେମ—୩।୫୨)।

| | | |
|---|---|---|
| | ଅପ୍ପାଣା, ଅପ୍ପାଣାଦୋ, ଅପ୍ପାଣାହୁ | ଅପ୍ପାସୁଂତୋ, ଅପ୍ପାଣା-ଅପ୍ପାଦୋ, ଅପ୍ପାଣାସୁଂତୋ, ଅପ୍ପାଣଂ, ଅପ୍ପାଣେସୁଂତୋ |
| ସମ୍ବନ୍ଧ | ଅତ୍ତସ୍ସ, ଅତ୍ତଣୋ, ଅପ୍ପସ୍ସ, ଅପ୍ପଣୋ, ଅପ୍ପାଣସ୍ସ | ଅତ୍ତଣଂ, ଅତ୍ତଣ, ଅପ୍ପାଣଂ, ଅପ୍ପାଣ, ଅପ୍ପାଣାଣଂ, ଅପ୍ପାଣାଣ |
| ଅଧିକରଣ | ଅତ୍ତେ, ଅତ୍ତମ୍ମି, ଅପ୍ପେ, ଅପ୍ପମ୍ମି, ଅପ୍ପାଣେ, ଅପ୍ପାଣମ୍ମି | ଅତ୍ତେସୁଂ, ଅତ୍ତେସୁ, ଅପ୍ପେସୁଂ, ଅପ୍ପେସୁ, ଅପ୍ପାଣେସୁଂ, ଅପ୍ପାଣେସୁ |
| ସମ୍ବୋଧନ | ଅତ୍ତଂ, ଅତ୍ତ, ଅପ୍ପଂ, ଅପ୍ପ, ଅପ୍ପାଣ | ଅତ୍ତା, ଅତ୍ତଣୋ, ଅପ୍ପା, ଅପ୍ପାଣୋ, ଅପ୍ପାଣା (୧) |

ବମ୍ହା, ବମ୍ହାଣୋ ପ୍ରଭୃତି ଶବ୍ଦର ରୂପ ଅତ୍ତା, ଅପ୍ପା ପରି ହୁଏ । ସେହିପରି ଜୁବ, ଜୁବାଣୋ; ଅଦ୍ଧା, ଅଦ୍ଧାଣୋ ( < ଅଧ୍ୱନ୍ )ର ରୂପାବଳୀ ହୋଇଥାଏ । (୨)

[ ତୁଳନୀୟ — ପାଲି ପୁଂଲିଙ୍ଗ ରାଜନ୍ ଏବଂ ଅତ୍ତନ୍ —

| | ଏକବଚନ | | ବହୁବଚନ | |
|---|---|---|---|---|
| କର୍ତ୍ତା | ରାଜା | ଅତ୍ତା | ରାଜାନୋ | ଅତ୍ତାନୋ |
| କର୍ମ | ରାଜାନଂ | ଅତ୍ତାନଂ | | |
| କରଣ | ରଞ୍ଞା, ରାଜିନା | ଅତ୍ତନା | ରାଜୂହି | (ଅତ୍ତନେହି) |
| ଅପାଦାନ | ରଞ୍ଞା | ଅତ୍ତନା | | (ଅତ୍ତେହି) |

(୧) ଆତ୍ମନୋଽପ୍ପାଣୋ ବା (ବର—୫।୪୫), ଇତ୍ତ—ଦ୍ୱିତ୍ତ—ବର୍ଜଂ ରାଜବଦନାଦେଶେ (ବର—୫।୪୬); ପୁଂସ୍ୟନ ଆଣୋ ରାଜବଚ୍ଚ (ହେମ—୩।୫୬) ।

(୨) ବ୍ରହ୍ମାଦ୍ୟ ଆତ୍ମବତ୍ । ବର—୫।୪୭ ।

| | | | | |
|---|---|---|---|---|
| ସମ୍ବନ୍ଧ | ରଣ୍ଣ୍ୱୋ ରଜଣୋ | ଅତ୍ତଣୋ | ରଣ୍ଣ୍ଣଂ, ରଜ୍ଞୂନଂ | (ଅତ୍ତାନଂ) |
| ଅଧିକରଣ | ରାଜିନ | ଅତ୍ତନି | ରାଜୂସୁ | (ଅତ୍ତନେସୁ) |
| ସମ୍ବୋଧନ | ରଜ, ରଜା | ଅତ୍ତ, ଅତ୍ତା | ରାଜାଣୋ | ଅତ୍ତାନୋ |

କର୍ତ୍ତା ଏକ: ଅଶୋ: ଗିର୍: ରାଜା, ମାନ୍: ଶାହ୍: ରଜ, ଶାହ୍: ରୟୁ, ଧଉଳି, ଜଉ: ଲଜା; ପୈ: ରାଚା । ବହୁ: ଶାହ୍: ରଜଣୋ, ରଜନ, ମାନ୍: ରଜନେ, ଧଉଳି, ଜଉ: ଲାଜାନେ । କର୍ମ ଏକ: ଧଉଳି, ଜଉ: ଝଚାନଂ; ଖରଧମ୍ମ: ଅତ୍ତମନ; ଅପ: ଅପ୍ପଉଁ, ଅପ୍ପଣୁ; ଅପ୍ପଣହିଁ । କରଣ ଏକ. ଗିର୍: ରଞ୍ଜା, ଶାହ୍: ରଞ୍ଜା । ବହୁ: ଲାଜିହି । ସମ୍ବନ୍ଧ ଏକ: ଗିର୍: ରଞ୍ଜୋ, ଶାହ୍: ରଞ୍ଜୋ; ଧଉଳି, ଜଉ: ଲାଜିନେ, ସ୍ତୁତନକା ରାଜନ । ଅଧିକରଣ ଏକ: ନାସିକ ଗୁହା ରାଜିନ ।[1] (ଦ୍ରଷ୍ଟବ୍ୟ— ଗାଇଗର୍, ପାଲି: ୯୨, ସେନ, ପୂର୍ବୋକ୍ତ ପୃ: ୧୦୧—୩) ।

ରାଜନ୍ ଓ ଅତ୍ମନ୍ ନିଷ୍ପନ୍ନ ପ୍ରାକୃତ ପ୍ରାତିପଦିକ ବ୍ୟତୀତ ଅନ୍ୟ ପ୍ରାତିପଦିକମାନଙ୍କର ଅକାରାନ୍ତ ପରି ରୂପରଚନା ହୋଇଥାଏ ।

## କ୍ଲୀବଲିଙ୍ଗ

କମ୍ମ (ସଂ: କର୍ମନ୍) (୧)

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା-କର୍ମ | କମ୍ମ, କମ୍ମଂ (ଶା: କମ୍ମ, କମ୍ମଂ) କମ୍ମନଂ < * କର୍ମଣ | କମ୍ମା, କମ୍ମାଇଂ (ଅମାଗ:) କମ୍ମାଣି (ଶୌର:) (ପା: କମ୍ମାନି) |
| କରଣ | କମ୍ମଣା (ଅମାଗ:) [ ଧଉଳି, ଜଉ: କଂମନା, ପା: କମ୍ମନା, କମ୍ମୁନା ] କମ୍ମେଣଂ (ଅମାଗ:) (ପା: କମ୍ମେନ) | କମ୍ମେହିଂ (ଅମାଗ:) (ପା: କମ୍ମେହି) |

୧୫ (୧) ଦ୍ରଷ୍ଟବ୍ୟ—ସେନ, ପୂର୍ବୋକ୍ତ ପୃ: ୧୦୦-୧; ଗାଇଗର୍, ପାଲି: ୯୮ ।

| | | |
|---|---|---|
| ଅପାଦାନ | କମ୍ମୁଣାଓ | |
| ସମ୍ବନ୍ଧ | କମ୍ମଣୋ, କମ୍ମୁଣୋ (ଅମାଗ:) | କମ୍ମୁଣଂ (ଅମାଗ:) |
| | [ ପା: କମ୍ମୁନୋ; ଧଜ୍ଞଳ, | କମ୍ମାଣ(ଣଂ) (ଅମାଗ:) |
| | ଜଜ: କମ୍ମସ ] | (ଅପ: କମ୍ମାହଁ) |
| | କମ୍ମାହ (ମାଗ:); କମ୍ମସ୍ସ | |
| ଅଧିକରଣ | କମ୍ମଣି (ଶୌର:); | କମ୍ମସୁ (ଅମାଗ:) |
| | କମ୍ମଂସି (ଅମାଗ:) | କମ୍ମେସୁ |
| | କମ୍ମମ୍ମି, କମ୍ମେ | (ପା: କମ୍ମେସୁ) |
| | (ପା: କମ୍ମଣି) | |

ପହ-, ପନ୍ଥ- (ସଂ: ପନ୍ଥନ୍)

| | | |
|---|---|---|
| କର୍ତ୍ତା | ପନ୍ଥୋ, ପହୋ | ପନ୍ଥା (ଅମାଗ:) < ପନ୍ଥାଃ |
| | (ପା: ପଥୋ) | (ଋଗ୍‌ବେଦ) |
| | | ପନ୍ଥାନୋ (ମହା:) |
| କର୍ମ | ପନ୍ଥଂ < ପନ୍ଥାମ୍ (ଋଗ୍‌ବେଦ) | |
| | (ପା: ପନ୍ଥଂ) | |
| | ପହଂ | |
| କରଣ | ପହେଣ(ଣଂ) | |
| ଅପାଦାନ | ପନ୍ଥା ଓ | |
| | (ପା: ପଥା) | |
| ସମ୍ବନ୍ଧ | (ପା: ପଥସ୍ସ) | ପନ୍ଥାଣଂ (ଅମାଗ:) |
| ଅଧିକରଣ | ପନ୍ଥେ | ପଂଥେସୁ (ଅମାଗ:) |
| | (ପା: ପଥେ; ଅପ: ପନ୍ଥି) | |
| | ପହମ୍ମି (ମହା:) | |

-ଇନ୍ ଭାଗାନ୍ତ ରୂପାବଳୀ (୧)

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା | ହତ୍ଥୀ | ହତ୍ଥିନୋ, ହତ୍ଥୀ |
| | (ପା: ହତ୍ଥୀ, ହତ୍ଥି) | (ପା: ହତ୍ଥିନୋ) |

(୧) ସେନ, ପୂର୍ବୋକ୍ତ ପୃ: ୧୦୩; ଗାଇଗର୍, ପାଲି: ୯୫ ।

| | | |
|---|---|---|
| କର୍ମ | ହତ୍ଥିଂ (ପା: ହତ୍ଥିନଂ, ହତ୍ଥିଂ) | (ପା: ହତ୍ଥିଯୋ) (ଧଉଳି, ଜଉ: ହତ୍ଥୀନି) [ ଭୁଲ: ଖରଧମ୍ମ: ଯୋ'ଇନୋ < ଯୋକନଃ ] |
| କରଣ | (ପା: ହତ୍ଥିନା) | |
| ଅପାଦାନ | [ପା: ହତ୍ଥିନା, ହତ୍ଥିସ୍ମା ହତ୍ଥିହନ୍ଦା] | ପକ୍ଖୀହିଂ (ଅମାଗ:) (ପା: ହତ୍ଥୀହି) |
| ସମ୍ବନ୍ଧ | ହତ୍ଥିସ୍ସ, ହତ୍ଥିନୋ (ପା: ହତ୍ଥିସ୍ସ, ହତ୍ଥିନୋ) | ପକ୍ଖୀଣ(ଂ) (ଅମାଗ:) (ପା: ହତ୍ଥୀନଂ, |
| ଅଧିକରଣ | ମହା: ସିହରମ୍ମି (= ଶିଖରିଣି) (ପା: ହତ୍ଥିନି, ହତ୍ଥିସ୍ମିଂ ହତ୍ଥିମ୍ହି) | ହତ୍ଥୀସୁ (ପା: ହତ୍ଥୀସୁ) |

ପ୍ରାକୃତର ସମସ୍ତ ଉପଭାଷାରେ -ଅନ୍ତ, -ମନ୍ତ ଓ -ବନ୍ତ ପ୍ରତ୍ୟୟାନ୍ତ ରୂପଗୁଡ଼ିକର ପ୍ରାଧାନ୍ୟ ଦେଖାଯାଏ । କର୍ତ୍ତା ଏକ: ମହା: ପିଅନ୍ତୋ = ପିବନ୍; -ଗୁଣବନ୍ତୋ = -ଗୁଣବାନ୍; ଚଲନ୍ତୋ = ଚଲନ୍; କୁଣନ୍ତୋ = କୁର୍ବନ୍ (ହାଲ ୧୩; ୨୫; ୨୦୩, ୨୬୫); ଅମାଗ: ସାସନ୍ତୋ, ସାସଂ = ଶାସନ୍; ମାଗ: ମହନ୍ତେ = ମହାନ୍ (ମୃଚ୍ଛ: ୦୩୨·୧୨); ଗେହ୍ଲନ୍ତେ = ଗ୍ରହୀଷ୍ୟନ୍ (ମୃଚ୍ଛ: ୧୨୫·୯); ଜୈନମହା: ଗାୟନ୍ତୋ = ଗାୟନ୍; ଦେନ୍ତୋ = * ଦୟନ୍; ପଲୋଏନ୍ତୋ = ପ୍ରଲୋକୟନ୍; ପୈ: ଚିନ୍ତୟନ୍ତୋ = ଚିନ୍ତୟନ୍ (ହେମ— ୪।୩୨୩); (କ୍ଳୀବ:) ଶୌର: ପ୍ରାସନ୍ତଂ = ଦୃଶ୍ୟମାନମ୍; ମହା: ଭଣନ୍ତଂ = ଭଣତ୍ (ହାଲ ୨୧୮); ମାଗ: ଦହନ୍ତେ । କର୍ତ୍ତା ବହୁ: ମହା: ପଙ୍ଗନ୍ତା = ପଙ୍ଗନ୍ତଃ (ଗଉଡ଼: ୧୨୨); ଜାଣନ୍ତା = ଜାନନ୍ତଃ (ହାଲ ୮୨୧), ଭଦନ୍ତା = ଭଦନ୍ତଃ (ହାଲ ୩୨୬); ଅମାଗ: ସୀଲମନ୍ତା = ଶୀଲମନ୍ତଃ; ଜମ୍ପନ୍ତା = ଜଲ୍ପନ୍ତଃ; ଜୈନମହା: କଣ୍ଡନ୍ତା = କ୍ରୀଡ଼ନ୍ତଃ; ଶୌର: ସିକ୍ଖନ୍ତା = ଶିକ୍ଷନ୍ତଃ; ଖେଲନ୍ତା = ଖେଲନ୍ତଃ; ମାଗ: ଶୁଣନ୍ତା = ଶୃଣ୍ୱନ୍ତଃ; ପଡିବଶନ୍ତା = ପ୍ରତିବସନ୍ତଃ । କର୍ମ ଏକ: ଅମାଗ:, ଶୌର: ମହନ୍ତଂ; ମହା: ପିଙ୍ଗନ୍ତଂ; ପଆସନ୍ତଂ = ପ୍ରକାଶ୍ୟନ୍ତମ୍; ଅମାଗ: ଗିଣ୍ହନ୍ତଂ = ଗୃଣ୍ହନ୍ତମ୍; ଜୈନମହା: ଜମ୍ପନ୍ତଂ = ଜଲ୍ପନ୍ତମ୍; ଶୌର: ଜାଣନ୍ତଂ; ସନ୍ତଂ; ଉବ୍ବହନ୍ତ = ଉଦ୍ବହନ୍ତମ୍; ମାଗ: ମାଲନ୍ତଂ = ମାରୟନ୍ତଂ;

ଯ୍ନୀଅନ୍ତଂ = ଗାଦନ୍ତମ୍ । (କ୍ଳୀବ:) ମହା: ସନ୍ତଂ, ଅସନ୍ତଂ; ଶୌର: ମହନ୍ତଂ । କର୍ମ ବହୁ: ମହା: ଉଣ୍ଣମନ୍ତେ = ଉନ୍ନମତଃ; ଅମାଗ: ଅରହନ୍ତେ ଭଗବନ୍ତେ = ଅର୍ହତୋ ଭଗବତଃ; ସମାରମ୍ଭନ୍ତେ = ସମାରଭମାଣାନ୍; ଜୈନଶୌର: ଅରହନ୍ତେ । (କ୍ଳୀବ:) ଅମାଗ: ମହନ୍ତାଇଂ । କରଣ ଏକ: ମହା: ପିଅନ୍ତେଣ = ପିବତା; ପଢନ୍ତେଣ = ପଠତା (ହାଲ ୨୯୬, ୨୬୨); ଅମାଗ: ଅଣୁକମ୍ପନ୍ତେଣଂ = ଅନୁକମ୍ପତା; ଜୈମହା: ଜମ୍ପନ୍ତେଣ = ଜଲ୍ପତା; ଅରହନ୍ତେଣ = ଅର୍ହତା; ଶୌର: ଚଲନ୍ତେଣ = ଚଲତା; ଗାଅନ୍ତେଣ = ଗାୟତା; ମାଗ: ଗଚ୍ଛନ୍ତେଣ = ଗଚ୍ଛତା । କରଣ ବହୁ: ମହା: ବିସଂଘଡନ୍ତେହିଂ = ବିସଂଘଟଦ୍ଭିଃ (ହାଲ ୧୧୫); ବିଣିନ୍ତେହିଂ = ବିନିର୍ଗଚ୍ଛଦ୍ଭିଃ (ଗଉଡ: ୧୩୮); ଅମାଗ: ଗାଦନ୍ତେହିଂ = ଗାଦଦ୍ଭିଃ; ପନ୍ନାଣମନ୍ତେହିଂ = ପ୍ରଜ୍ଞାନମଦ୍ଭିଃ; ସନ୍ତେହିଂ = ସଦ୍ଭିଃ; ଜୈମହା: ଆପୁଚ୍ଛନ୍ତେହିଂ = ଆପୃଚ୍ଛଦ୍ଭିଃ; ମଗ୍ଗନ୍ତେହିଂ = ମାର୍ଗମାଣୈଃ; ଶୌର: ଗଚ୍ଛନ୍ତେହିଂ = ଗଚ୍ଛଦ୍ଭିଃ, ଗାଅନ୍ତେହିଂ = ଗାୟଦ୍ଭିଃ; ମାଗ: ପବିଶନ୍ତେହିଂ = ପ୍ରବିଶଦ୍ଭିଃ । ଅପାଦାନ ଏକ: ଅମାଗ: ଚୁଲ୍ଲହିମବନ୍ତାଓ = ଚୁଲ୍ଲହିମବତଃ । ସମ୍ବନ୍ଧ ଏକ: ମହା: ଆରମ୍ଭନ୍ତସ୍ସ = ଆରଭମାଣସ୍ୟ; ରମନ୍ତସ୍ସ = ରମତଃ; ଜାଣଂତସ୍ସ = ଜାନତଃ (ହାଲ ୭୨; ୨୦୩); ଅମାଗ ଆଉସନ୍ତସ୍ସ = ଆୟୁଷ୍ମତଃ; କହନ୍ତସ୍ସ = କଥୟତଃ; ଜୈମହା: ଅଚ୍ଛନ୍ତସ୍ସ = ଋଚ୍ଛତଃ; କୁଣନ୍ତସ୍ସ = କୁର୍ବତଃ; ଶୌର: ମହନ୍ତସ୍ସ = ମହତଃ; ମଗ୍ଗନ୍ତସ୍ସ = ମାର୍ଗମାଣସ୍ୟ; ହଣୁମନ୍ତସ୍ସ = ହନୁମତଃ; ମାଗ: ବସ୍ତୁଞ୍ଚଦଶ୍ଶ = ବ୍ରଜତଃ; ଅଲହନ୍ତଶ୍ଶ = ଅର୍ହତଃ; ଚୂପୈ: ଣଚ୍ଚନ୍ତସ୍ସ = ନୃତ୍ୟତଃ । ସମ୍ବନ୍ଧ ବହୁ: ମହା: ଏନ୍ତାଣଂ = ଆୟତାମ୍; ଚନ୍ଦନ୍ତାଣ = ଚନ୍ଦୟତାମ୍ (ହାଲ ୩୮, ୮୩); ଅମାଗ: ଅରହନ୍ତାଣଂ; ସନ୍ତାଣଂ = ସତାମ୍; ଜୈମହା: ଆୟରନ୍ତାଣଂ = ଆଚରତାମ୍; ଶୌର: ପେକ୍ଖନ୍ତାଣଂ = ପ୍ରେକ୍ଷମାଣାନାମ୍; ମାଗ: ଅଲହନ୍ତାଣଂ = ଅର୍ହତାମ୍; ଣମନ୍ତାଣଂ = ନମତାମ୍ । ଅଧିକରଣ ଏକ: ମହା: ହୋନ୍ତମ୍ମି = ଭବତି; ରୁଅନ୍ତମ୍ମି = ରୁଦତି; ଅମାଗ: ଜଲନ୍ତେ = ଜ୍ୱଲତି; ସନ୍ତେ = ସତି; ଅରହନ୍ତସି = ଅର୍ହତି; ଶୌର: ମହନ୍ତେ = ମହତି; ଦାକ୍ଷିଣାତ୍ୟା ଗାଅନ୍ତେ = ଗାୟତି । ଅଧିକରଣ ବହୁ: ମହା: ଧବଲଅନ୍ତେସୁ = * ଧବଲୟତ୍ସୁ (ହାଲ ୯; ଜୈମହା: ନଚ୍ଚନ୍ତେସୁ = ନୃତ୍ୟତ୍ସୁ; ଗଚ୍ଛନ୍ତେସୁ = ଗଚ୍ଛତ୍ସୁ; ଶୌର: ପରିହସଅନ୍ତେସୁ = ପରିହ୍ରସମାଣେଷୁ; ବଟ୍ଟନ୍ତେସୁ = ବର୍ତ୍ତମାନେଷୁ । ସମ୍ବୋଧନ ଏକ: ମହା: ଆଲୋଅନ୍ତ = ଆଲୋକୟନ୍; ଖଲନ୍ତ = ସ୍ଖଲନ୍;

ମୁଅନ୍ତ=ମୁଞ୍ଚନ୍ (ହାଲ ୭୦୩); ମାଗ: ଅଲହନ୍ତ=ଅର୍ହନ୍ । ସମ୍ବୋଧନ ବହୁ: ଅମାଗ: ଆଉସନ୍ତା=ଆୟୁଷ୍ମନ୍ତଃ । (୧)

[ ଭୂଳନୟ—କର୍ତ୍ତା ଏକ: ପା: ଅରହଂ, ଜାନଂ; ଭବଂ < ଭବାନ୍; ପସ୍ସୋ < ପ୍ରଶ୍ନନ୍; ସତ=ସନ୍, କରତୋ=କୁର୍ବନ୍; ନପୁ: ଜାନଂତୋ; ପା: ଜନ୍ଦନ୍ତୋ; ଅପ: ହସନ୍ତୁ, ଉଲ୍ଲସନ୍ତ, ଜଗ୍ଗନ୍ତୋ <* ଜାଗ୍ରନ୍ତ୍-, କର୍ତ୍ତା-କର୍ମ (କ୍ଲୀବ:) ପା: ଅସଂ=ଅସତ୍; ଅଶୋ: ଶାହ୍:, କାଲ୍ସୀ, ଧଉଳି, ଜଉ: ସତଂ, ମାନ୍: ସତ=ସତ୍; ପା: ବସନ୍ତଂ, କରେନ୍ତଂ; ଅପ: ଦାରେନ୍ତୁ । କର୍ତ୍ତା ବହୁ: ପା: ସନ୍ତୋ, ଭବନ୍ତୋ, ଇଚ୍ଛନ୍ତା (=ଇଚ୍ଛନ୍ତଃ); ପସ୍ସନ୍ତା, ସନ୍ତା; ଅପ: ହୋନ୍ତା । କର୍ମ ବହୁ (ପୁଂ:) ପା: ଭବନ୍ତେ । କରଣ ଏକ: ପା: ଅସତା, ଦେତା, ଇଚ୍ଛତା; ଅପ: ଭମନ୍ତେଁ, ବେଅନ୍ତେଂ । କରଣ ବହୁ: ପା: ସବ୍ଭି < ସଦ୍ଭିଃ; ଭବନ୍ତେହି । ସମ୍ବନ୍ଧ ଏକ: ପା: ନମନ୍ତସ୍ସ, ପସ୍ସନ୍ତସ୍ସ, ଦେତୋ; ଖରଧଷ୍ଠ: ପଶତୁ, ପଶତୋ < ପଶ୍ୟତଃ; ପା: ପସ୍ସତୋ, କରୋତୋ, ସତୋ । ସମ୍ବନ୍ଧ ବହୁ: ପା: କରୋତଂ, କୁରୁତଂ=କୁର୍ବତାମ୍; ବିଜାନତଂ, ଅରହତଂ; ଖାରବେଳ, ପା: ଅରହନ୍ତାନଂ; ପା: ନନ୍ଦନ୍ତାନଂ; ଅପ: ଣବନ୍ତାହଁ, ଦେଇନ୍ତାଣ । ଅଧିକରଣ ଏକ: ପା: ଅରହନ୍ତମ୍ହି, କନ୍ଦନ୍ତେ, ସତି; ପା: ପସବନ୍ତେ=ପ୍ରସବତି । ଅଧିକରଣ ବହୁ: ପା: ସନ୍ତେସୁ । ] (୨)

(୧) ଦ୍ରଷ୍ଟବ୍ୟ—ପିଶଲ୍, ପ୍ରା: ବ୍ୟା: ୩୯୭ ।

(୨) ଦ୍ରଷ୍ଟବ୍ୟ— ସେନ, ପୂର୍ବୋକ୍ତ ପୃ: ୧୦୪-୫; ଗାଇଗର୍, ପାଲି: ୯୨-୯୮ ।

# ସର୍ବନାମ

ବିଶେଷ୍ୟ ପରି ସର୍ବନାମର ରୂପରଚନା ହୋଇଥାଏ । କିନ୍ତୁ ସର୍ବନାମର ରୂପରଚନାରେ କେତେକ ବିଶେଷତ୍ୱ ଉଲ୍ଲେଖଯୋଗ୍ୟ । ପ୍ରାକୃତରେ ବ୍ୟଞ୍ଜନାନ୍ତ ଶବ୍ଦର ଲୋପ ହେତୁ ନିମ୍ନଲିଖିତ ସର୍ବନାମର ପ୍ରାକୃତ ରୂପରେ ଯେଉଁ ପରିବର୍ତ୍ତନ ହୋଇଛି ତାହା ଉଲ୍ଲେଖଯୋଗ୍ୟ ।

ଜ < ଯଦ୍
ତ < ତଦ୍
କ < କିମ୍
(ବେଳେବେଳେ ଏ), ଏଦ < ଏତଦ୍
ଇମ < ଇଦମ୍
(ବେଳେବେଳେ ଅହ), ମୁଅ < ଅଦସ୍

କା, ଜା, ତା < କିମ୍, ଯଦ୍, ତଦ୍ ବିଶିଷ୍ଟ ରୂପ ଭାବରେ ମିଳିଥାଏ, ଯାହା ସାଧାରଣତଃ ସ୍ତ୍ରୀଲିଙ୍ଗ ରୂପ ଭାବରେ ବ୍ୟବହୃତ; କିନ୍ତୁ କରଣ ଏବଂ ସମ୍ବନ୍ଧ ଏକବଚନରେ ପୁଂଲିଙ୍ଗରେ ମଧ୍ୟ ଏହି ରୂପମାନଙ୍କର ପ୍ରୟୋଗ ମିଳିଥାଏ । ଆଉ କେତେକ ସ୍ଥଳରେ ପୁଂଲିଙ୍ଗ ରୂପ (ଇଂଅସ୍ସି) ସ୍ତ୍ରୀଲିଙ୍ଗରେ ବ୍ୟବହୃତ । ପ୍ରାକୃତ ସର୍ବନାମର ରୂପରଚନାରେ ଯଥେଷ୍ଟ ସରଳୀକରଣ ଓ ସ୍ୱାତନ୍ତ୍ର୍ୟ ଦେଖାଯାଏ । ଉଦାହରଣ 'ତ' ସର୍ବନାମ ରୂପରେ ଦ୍ରଷ୍ଟବ୍ୟ । (୧)

## ସର୍ବନାମ ଶବ୍ଦମାନଙ୍କର ରୂପରଚନା—

ପ୍ରାକୃତରେ ଉତ୍ତମ ଓ ମଧ୍ୟମପୁରୁଷ ସର୍ବନାମ ରୂପାବଳୀର ବିବିଧତା ସଂଖ୍ୟା ଦୃଷ୍ଟିରୁ ଖୁବ୍ ବେଶୀ । ଏଥିରେ ଧ୍ୱନ୍ୟାତ୍ମକ ବିସଂହତିର ଦୃଷ୍ଟାନ୍ତ ମିଳିଥାଏ, ଯଦ୍ୱାରା ଏହା ପ୍ରାକୃତର ପ୍ରବୃତ୍ତି-ବହୁଳ । ଏହି ରୂପମାନଙ୍କର

(୧) ଦ୍ରଷ୍ଟବ୍ୟ— କାଉଏଲ, ପ୍ରାକୃତପ୍ରକାଶ XXVI ।

ସତ୍ୟତା ସମ୍ବନ୍ଧରେ ସନ୍ଦେହର ଅବକାଶ ନାହିଁ । ପ୍ରାକୃତ ବୈୟାକରଣମାନଙ୍କ ପ୍ରଦତ୍ତ କେତେକ ରୂପ ସାହିତ୍ୟିକ ପ୍ରାକୃତରେ ବି ଅନୁପଲବ୍ଧ । ଏ ପ୍ରକାରର ରୂପମାନ ହୁଏତ ବୈୟାକରଣମାନଙ୍କର ସୃଷ୍ଟି, ନତୁବା (ସାଦୃଶ୍ୟ ହେତୁ) କଥିତ ପ୍ରାକୃତରେ ବ୍ୟବହୃତ, ଯାହା ସହିତ ପ୍ରାକୃତ ବୈୟାକରଣମାନେ ନିଜେ ପରିଚିତ ଥିଲେ । ଏହି ଧରଣର ଅଧିକାଂଶ ରୂପଗଠନ ସାଦୃଶ୍ୟ ଓ ସମ୍ମିଶ୍ରଣ ହେତୁ ସମ୍ଭବ । (୧)

## ଉତ୍ତମ ପୁରୁଷ

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା | ଅହଂ, ଅହସ୍ମି; ଅହଅଂ (୨)<br>ହଂ (ମହା); ହଗେ<br>ହଗ୍‌ଗେ (ମାଗ:) | ଅମ୍ହେ (ଜୈ:ମହା: ମହା:<br>ଶୌର: ମାଗ:)<br>ବଅଂ (ମହା:) (୨)<br>ବୟଂ (ଅମାଗ:) (୩)<br>ଅସ୍ମେ (ମାଗ:) |
| କର୍ମ | ମଂ, ମମଂ, ମେ, ମହଂ | ଅମ୍ହେ, ଅମ୍ହ, ଣୋ |
| କରଣ | ମଏ, ମଇ, ମେ | ଅମ୍ହେହିଂ, ଣେ<br>(ତୁଳ: ଅପ: ଅମ୍ହେହିଁ) |
| ଅପାଦାନ | ମତ୍ତୋ, ମମତ୍ତୋ, ମମାଓ<br>ମଜ୍ଝତ୍ତୋ, ମମାହିଂତୋ (୪) | ଅମ୍ହତ୍ତୋ, ଅମ୍ହାହିଂତୋ<br>ଅମ୍ହାସୁଂତୋ<br>ଅମ୍ହେହିଂତୋ (ଜୈମହା:) |

(୧) ଝା, ମାଗଧୀ: ୧୧୫; ବ୍ଲକ୍, ମରାଠୀ: ୨୦୭ ।

(୨) ବର—୧୨।୧୫ । ମାର୍କ—୫।୯୭-୧୧୨ ।

(୩) ଅମ୍ହ ଅମ୍ହେ ଅମ୍ହୋ ମୋ ବୟଂ ଭେସକା । ହେମ—୩।୧୦୬ ।

(୪) ପିଶଲ୍, ପ୍ରା: ବ୍ୟା: ୪୧୫ରେ ଏହି କାରକରେ ରୂପ [ ମତ୍ତୋ, ମହତ୍ତୋ, ମଇତ୍ତୋ, ମମାଉ, ମମାହି ]; ପୈଶାଚୀରେ [ମମାତୋ, ମମାତୁ]; ଅପଭ୍ରଂଶରେ ମହୁ, ମଜ୍ଝୁ ଆଦି ରୂପ ମିଳେ ।

| | | |
|---|---|---|
| ସମ୍ବନ୍ଧ | ମମ, ମଜ୍ଝ, ମମଂ<br>ମଜ୍ଝଂ, ମହ୍ମଂ (ମହା:)<br>ମମ, ମହ୍ମ, ମେ (ଶୌର:) | ଅମ୍ହାଣଂ, ଅମ୍ହାଣ<br>ମମାଣଂ, ମହାଣଂ, ମଜ୍ଝ,<br>ମଜ୍ଝାଣ (୧), ଅସ୍ମାଣଂ<br>(ମାଗ:) |
| ଅଧିକରଣ | ମଇ (ଶୌର), ଅମ୍ହମି<br>ମମମ୍ମି (ଜୈ:ମହା:) (୨)<br>ମମସ୍ସିଂ (୩) | ଅମ୍ହେସୁ, ଅମ୍ହାସୁ<br>ମମସୁ, ଅମ୍ହାସୁଂ (୩) |

ଏକବଚନ – ମହା: ଅହଅଂ, ଜୈମହା: ଅହସ୍ମଂ <* ଅହକମ୍ (ଉତ୍ତମ ପୁରୁଷ ଏକବଚନ) ହେମଚନ୍ଦ୍ର – ହଗେ; ବରରୁଚି—ହକେ, ଅହକେ, ହକ୍କେ <* ଅହକମ; ପିଶଲ୍ – ଅସହ୍ମ < ଅସ୍ମି 'ମୁଁ ଅଛି (ଅସ୍ମି)' । କର୍ମ: ମାଗଧୀରେ ମମଂ, ମମ (ସମ୍ବନ୍ଧ) ଏବଂ ଅମାଗ: (ସ୍ତ୍ରୀଲିଙ୍ଗରେ) ମମିଂ । କରଣ, କର୍ମ ଓ ଅଧିକରଣରେ ମାଗଧୀରେ ମଇ ରୂପ ମିଳେ । ମାଗଧୀରେ ସମ୍ବନ୍ଧରେ ମମ, ମହ୍ମ ଏବଂ ମେ ରୂପ ମିଳେ । ମହ୍ମ, ମଜ୍ଝ < ମହ୍ୟମ୍ ।

ବହୁବଚନ—ଅସ୍ମେ (ମାଗ:) < ବୈଦିକ ଅସ୍ମେ; ଅମ୍ହେ (ହାଲ); ବରରୁଚି ଓ ମାର୍କଣ୍ଡେୟଙ୍କ ମତରେ ବଅଂ ରୂପ ଶୌରରେ ମିଳେ । କର୍ମକାରକରେ ମହା: ଅମ୍ହେ, ମାଗ: ଅସ୍ମେ, ଶୌର: ଣୋ ରୂପ ମିଳେ । କରଣ, ମହା:, ଅମାଗ:, ଜୈମହା: ଏବଂ ଶୌର:ରେ ଅମ୍ହେହିଂ ଏବଂ କେବଳ ମହା:ରେ ଅମ୍ହେହି ମିଳେ । ସମ୍ବନ୍ଧ: ମହା:, ଅମାଗ: ଏବଂ ଜୈମହା:ରେ ଅମ୍ହଂ ମହା: ଏବଂ ଜୈମହା:ରେ ଅମ୍ହ ମଧ୍ୟ ଦେଖାଯାଏ । ମହା:ରେ 'ମ୍ହ ରୂପ ମଧ୍ୟ ମିଳେ (ହାଲ) । ଅମାଗ: ଓ ଜୈମହା: ଅମ୍ହଂ । ଅମ୍ହାଣଂ < ଅସ୍ମାକମ୍‌ରୁ ଉତ୍ପନ୍ନ ହୋଇଥିବାର ସମ୍ଭାବନା । ଅମ୍ହହଁ ଠିକ୍ ପୂର୍ବ ରୂପଠାରୁ * ଅସ୍ମାସାମ୍‌ରୁ ଉତ୍ପନ୍ନ ହୋଇଥିବା ସମ୍ଭବ । ଅମାଗ: ଏବଂ ଜୈମହା:ରେ ଅମ୍ହେ ରୂପ ମଧ୍ୟ ମିଳେ । ଶୌର:ରେ ଣୋ ( < ନଃ )ର ପ୍ରାଚୁର୍ଯ୍ୟ

(୧) ହେମ—୩।୧୧୪ ।

(୨) ଦ୍ରଷ୍ଟବ୍ୟ—ପିଶଲ୍, ପ୍ରା: ବ୍ୟା: ୪୧୫; ବର—୬।୫୨ ।

(୩) ଦ୍ରଷ୍ଟବ୍ୟ—ମାର୍କ—୫।୧୧୧-୩ ।

ଦେଖାଯାଏ । ଅମାଗଃରେ ଏଣେ ରୂପ ମଧ୍ୟ ପ୍ରାପ୍ତ । ମାଗଧୀରେ ଅସ୍ମାଣଂ (=ଅସ୍ମାଭ୍ୟମ୍) ମିଳେ । (୧) ଅଧିକରଣ—ଶୌରସେନୀରେ ଅମ୍ହେସୁ ରୂପ ମିଳେ । ପାଲିରେ ମଧ୍ୟ ଏହା ରୂପ ମିଳେ । ଅତଏବ ଅମ୍ହେସୁ ଅସ୍ମେସୁରୁ ଉତ୍ପନ୍ନ ହୋଇଥିବା ସମ୍ଭବ । ଭୁଲମାସୁ ଅପଃ ଅମ୍ହାସୁ < ଅସ୍ମାସୁ । (୨)

[ ଭୁଲମାସୁ—ପାଲିଃ ଉତ୍ତମପୁରୁଷ ରୂପାବଳୀ—(୩)

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା | ଅହଂ | ମୟଂ, (ଅମ୍ହେ) |
| କର୍ମ | ମଂ, (ମମଂ) | ଅମ୍ହେ, (ଅସ୍ମେ, ଅମ୍ହାକଂ, ଅସ୍ମାକଂ) |
| କରଣ | ମୟା | ଅମ୍ହେହି |
| ସମ୍ବନ୍ଧ | ମମ, ମୟ୍ହଂ (ମମଂ, ଅମ୍ହଂ) | ଅମ୍ହାକଂ, (ଅସ୍ମାକଂ, ଅମ୍ହଂ) |
| ଅଧିକରଣ | ମୟି | ଅମ୍ହେସୁ । |

କର୍ତ୍ତା ଏକଃ ଧଉଳି, ଜଉଃ—ହଂ, ଅପଃ ମୋ < ମମ । ବହୁଃ ଧଉଳି, ଜଉଃ ମଏ୍ । କର୍ମ ଏକଃ ଅପଃ ମଇଂ(ଇଁ) । ବହୁଃ ଜଉଃ ଅଫେନ । କରଣ ଏକଃ ଜଉଃ ମମିୟାୟେ; ଧଉଳି ମମାଏ । ବହୁଃ ଅପଃ ଅମ୍ହେହି । ଅପାଦାନ ଏକଃ ଅପଃ ମହୁଂ < ମଭ(ୟ)ଂ । ବହୁଃ ଅମ୍ହ < ଅସ୍ମଭ । ସମ୍ବନ୍ଧ ଏକଃ ଅଶୋଃ (ଭବ୍ରୁ) ହମା; ଖରଧଷ୍ଟଃ ମି < ମେ; ଜଉଃ ମମଂ < *ମମମ୍; ଅପଃ ମଜ୍ଝୁ < ମହ୍ୟମ୍ । ବହୁଃ ଧଉଳି ଅଫାକ(ଂ) ଜପୁଃ ଅସ୍ମାଗ'; ଅପଃ ଅମ୍ହହ୍ନ < ଅସ୍ମ+*-ହସ୍ । ଅଧିକରଣ ଏକଃ ଅପଃ ମଇଁ < *ମମିଂ । ବହୁଃ ଧଉଳି, ଜଉଃ ଅଫେସୁ, ଅଫେସୁ; ଅପଃ ଅମ୍ହାସୁ < ଅସ୍ମାସୁ । ] (୪)

---

(୧) ଦ୍ରଷ୍ଟବ୍ୟ—ସେନ, ପୂର୍ବୋକ୍ତ ପୃଃ ୧୦୯ ।

(୨) ପିଶଲ୍, ଗ୍ରାଃ ବ୍ୟାଃ ୪୧୬-୧୯ ।

(୩) ଦ୍ରଷ୍ଟବ୍ୟ— ଗାଇଗର୍, ପାଲିଃ ୧୦୪ ।

 (୪) ଦ୍ରଷ୍ଟବ୍ୟ—ସେନ; ପୂର୍ବୋକ୍ତ ପୃଃ ୧୦୯-୧୧୦ ।

## ମଧ୍ୟମପୁରୁଷ

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା | ତୁଂ, ତୁମଂ (୧), ତଂ (୧) (ମହା:); ତୁହ, ତୁହଂ; ତୁହଂ (ଢକ୍କୀ) ସି (< ଅସି କ୍ରିୟା) | ତୁମ୍ହେ, ତୁବ୍ଭେ (ଜୈନମହା:ରେ ମଧ୍ୟ) ତୁବ୍ଭେ (ଅମାଗ:) ତୁମ୍ହେ (ଶୌର:, ଅମାଗ:) |
| କର୍ମ | କର୍ତ୍ତା ପର ଏବଂ ତେ (ଅମାଗ:); ଦେ (ଶୌର:) | କର୍ତ୍ତାପର, ଏବଂ ବୋ |
| କରଣ | ତଏ, ତଇ, ତୁଏ, ତୁଇ, ତୁମଏ, ତୁମଇ, ତୁମେ (ମହା:); ତେ, ଦେ | ତୁମ୍ହେହିଂ, ତୁବ୍ଭେହିଂ (ଜୈନମହା: ମଧ୍ୟ); ତୁମେହିଂ, ତୁବ୍ଭେହିଂ (ଅମାଗ:) ତୁବ୍ଭେ, ଭେ (ଅମାଗ:) ତୁମ୍ହେହି (ମହା:) ତୁମ୍ହେହିଂ (ଶୌର:) |
| ଅପାଦାନ | ତତ୍ତୋ, ତୁମାହି, ତୁମାହିଂତୋ ତୁମାଓ, ତୁବାତ୍ତୋ, ତୁଜ୍ଝତ୍ତୋ, ତୁମାହୁ, ତଇତ୍ତୋ, ତୁଇତ୍ତୋ (୨) | ତୁମ୍ହତ୍ତୋ, ତୁବ୍ଭତ୍ତୋ, ତୁଜ୍ଝତ୍ତୋ |
| ସମ୍ବନ୍ଧ | ତୁ, ତୁହ(०), ତୁଜ୍ଝ(०), ତୁମ୍ମ (ମହା:) ତୁବ୍ଭ(०), ତୁମ୍ହ(०) ତେ, ଦେ (,,) ତୁ, ତୁମଂ, ତୁମ (୧) ତୁମ୍ମ ତବ, ତେ, ତୁବ୍ଭଂ, ତହଂ, ତୁମଂ (ଅମାଗ:); ତବ, ତୁହ, ଦେ (ମାଗ:); ତୁହ, ଦେ (ଶୌର:) | ତୁମ୍ହାବ(०), ତୁମହ(०) ତୁବ୍ଭ(०), ଭେ, ବୋ; ତୁବ୍ଭଂ, ତୁମ୍ହାଣଂ ତୁବ୍ଭେ, ଭେ (ଅମାଗ:) ତୁମ୍ହାଣଂ (ଶୌର: ମାଗ:) ତୁଜ୍ଝାଣଂ (୩) |

(୧) ତାଂ ତଂ ଆଗତ । ବର— ୬।୨୬ । ତୁମଂ କର୍ମକାରକରୁ ଆଗତ — ସେନ, ପୂର୍ବୋକ୍ତ ପୃ: ୧୧୦ । ଯୁଷ୍ମଦସ୍ତୁଂ ତୁମଂ ତଥା । ମାର୍କ—୬।୮୧ ।
(୨) ନାଟକୀରେ ବହୁଳ । (୩) କାଲ୍ଡୱେଲ୍, ପ୍ରା: ଧ୍ୱ: XXVIII ।

ଅଧିକରଣ ତଇ, ତୁଇ (†) ତୁମମ୍ମି, ତୁମସୁ, ତୁମ୍‌ହହେସୁ,
ତୁବମ୍ମି, ତୁମ୍ମି, ତୁମେ । ତୁମ୍‌ହାସୁ, ତୁଜ୍‌ଝେସୁ ।
ତୁଵି, ତୁଏଇ, ତୁବେଇ (††)
ତୁମଂସି (ଅମାଗ:)
ତୁଇ(୦), ତୁଇ (ଶୌର:)

ଏକବଚନ— କର୍ତ୍ତାକାରକ ତଂ < ତ୍ୱମ୍, ତୁହଂ < * ତୁଷାମ୍ (୧) । ତୁମଂ ର ବ୍ୟବହାର ସମସ୍ତ ପ୍ରାକୃତରେ ସୁଲଭ । ଅର୍ଦ୍ଧମାଗଧୀରେ ତୁମେ < ପ୍ରା: ତୁମଂ (୨) । ତୁଳନୀୟ ମାଗଧୀ ହଗେ < *ହକଃ । ମହାରାଷ୍ଟ୍ରୀ ଓ ଜୈନ ମହାରାଷ୍ଟ୍ରୀ ପଦ୍ୟରେ ତଂ ର ପ୍ରୟୋଗ ବହୁଳ ଓ ତୁଂ ର ପ୍ରୟୋଗ କମ୍ । ତୁଳନୀୟ: ଓଡ଼ିଆ ତୁମେ ଓ ତୁ । କର୍ମକାରକ — ତୁମଂ ର ପ୍ରୟୋଗ ସବୁ ପ୍ରାକୃତରେ ମିଳେ । ସି < ଅସି (୩) (√ଅସ୍-ର ମଧ୍ୟମ ପୁରୁଷ ଏକବଚନ ରୂପ) । କରଣକାରକ—ଜୈନ ମହାରାଷ୍ଟ୍ରୀରେ ତଏ, ତୁମଏ, ତୁମେ ରୂପ ମିଳେ : ତୁମଏ, ତୁମାଏ < *ତୁମ-+(ଆ) ଯୈ (ପୁଂ ସ୍ତ୍ରୀ) (୩) । ମାଗଧୀ ଓ ଶୌରସେନୀରେ ତଏ ଓ ତୁଏ ରୂପ ମିଳେ । ତଏ < ତ୍ୱୟା; ତୁଏ, ତୁଇ < * ତୁୟା, ଓ *ତୁୟି (ଯଥାକ୍ରମେ) । ତେ, ଦେ < ତ୍ୱେ' (ଋଗ୍‌ବେଦ: ଅଧିକରଣ) ସବୁ ସମ୍ବନ୍ଧ-କାରକରେ ବ୍ୟବହୃତ, କିନ୍ତୁ ବେଳେବେଳେ କରଣରେ ମଧ୍ୟ (୪) । ଅପାଦାନ କାରକ — ମହାରାଷ୍ଟ୍ରୀରେ ତୁମାହ, ତୁମାହିଂତୋ, ତୁମାଓ ରୂପ ମିଳିଥାଏ । ତୁମାହ ସହ ଉତ୍ତରବଙ୍ଗ 'ଜଉର ଘର)ରୁ' ତୁଳନୀୟ । ତୁମାଓ < *ତୁମାତ୍ + ତଃ; ତୁମାହୁ < * ତୁମାସୁ । (୫) ତଇତ୍ତୋ < * ତ୍ୱୟି + ତଃ । ସମ୍ବନ୍ଧକାରକ— ଅର୍ଦ୍ଧମାଗଧୀରେ ତୁବ୍‌ଭଂ < ତୁଭ୍ୟମ୍ ରୂପ ମିଳେ । ତୁହ, ତୁଜ୍‌ଝ, ତୁମ୍‌ହ ଇତ୍ୟାଦି ରୂପ କୌଣସି ସମୟରେ * ତୁହ୍ୟମ୍‌ରୁ ଉତ୍ପନ୍ନ ହୋଇଥିବ (୬) । ତୁଳନୀୟ ସଂସ୍କୃତ ମହ୍ୟମ୍ । ଅଧିକରଣ— ମହାରାଷ୍ଟ୍ରୀରେ ତଇ, ତଵି, ତୁମମ୍ମି ଓ ତୁମେ ର ପ୍ରୟୋଗ ମିଳେ ।

---

(†) ନାଟକରେ ବହୁଳ — ସେନ, ପୂର୍ବୋକ୍ତ ।

(††) < * ତ୍ୱେ (ଋଗ୍‌ବେଦ) ।

୧— * ସେନ, ପୂର୍ବୋକ୍ତ ପୃ: ୧୧୦ । (୬) ପିଶେଲ୍ ଗ୍ରା: ବ୍ୟା: ୪୨୧ ।

ଅର୍ଦ୍ଧମାଗଧୀରେ ତୁମଂସି ରୂପ ଦେଖାଯାଏ । ଜୈନ ମହାରାଷ୍ଟ୍ରୀରେ ତଇ, ତୁମମ୍ମି, ଶୌରସେନୀରେ ତଇ ଓ ତୁଇ ରୂପ ପ୍ରାପ୍ତ । (୧)

ବହୁବଚନ – କର୍ତ୍ତା, ତୁମ୍ହେ < * ତୁଷ୍ମେ, ଆମାନ: ବ୍ୟଞ୍ଜନ ସଙ୍ଗ ପ୍ରାପ୍ତ । ଅମାଟ୍ଠରେ ତୁବ୍ଭେ, ତୁକମାସ୍ସ ଅଶୋକସ୍ସ: ତୁପେ । ସମ୍ବନ୍ଧକାରକ – ସବଂଜ ତମ୍ହାଣଂ ରୂପ ପ୍ରାପ୍ତ । ମହାରାଷ୍ଟ୍ରୀରେ ତୁମ୍ହ(ଂ) (ଅଧିକାଂଶ ସ୍ଥଳରେ) ମିଳେ । ମହା: ଓ ଶୌର: ରେ ବୋ < ବଃ ରୂପ ମଧ୍ୟ ମିଳେ ।

। ତୁଳମାସ୍ସ—ପାଲି: ମଧ୍ୟମପୁରୁଷ ରୂପାବଳୀ—

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା | ତ୍ତୁଂ, (ତୁବଂ) | ତୁମ୍ହେ |
| କର୍ମ | ତଂ, (ତ୍ତୁଂ, ତୁବଂ) | ତୁମ୍ହେ, (ତୁମ୍ହାକଂ), ବୋ |
| କରଣ | ତୟା, (ତ୍ୱୟା), ତେ | ତୁମ୍ହେହି, ବୋ |
| ସମ୍ବନ୍ଧ | ତବ, ତୁୟ୍ହଂ, ତେ (ତବଂ, ତୁମ୍ହଂ) | ତୁମ୍ହାକଂ, (ତୁମ୍ହଂ), ବୋ |
| ଅଧିକରଣ | ତୟି, (ତ୍ୱୟି) | ତୁମ୍ହେସୁ |

କର୍ତ୍ତା ଏକ: ନବ୍ୟ: ତୁଓ < * ତୁବ'ଃ = ତ୍ୱ'ମ୍, ତ୍ୱ । ବହୁ: ଧଉଳ, ଜଉ: ତୁଫେ, ଅଟ: ତୁମ୍ହେ, ତୁମ୍ଳେ ତୁମ୍ମଂ < *ତୁଷ୍ମେ । କର୍ମ ଏକ: ଅଟ: ତଇଁ, ପଇଁ < * ତ୍ୱୟିଂ । ବହୁ: ଜଉ ବେ, ତୁଫେନ; ଅଟ: ତୁମ୍ହାହଂ < * ତୁଷ୍ମାସାମ୍ । କରଣ ଏକ: ଅଟ: ତଇଁ, ଷଇଁ < *ତ୍ୱୟେନ; ତୁମ୍ହଇଁ < *ତୁଷ୍ମାଭିଃ । ବହୁ: ଧଉଳ, ଜଉ: ତୁଫେହି; ଅଟ: ତୁମ୍ହେହିଁ < ତୁଷ୍ମ- । ଅପାଦାନ ଏକ: ତୁହ <* ତୁଷ୍ମ(ଃ); ତୁଜ୍ଝ; ତୁବ୍ଭ < ତୁଭ ମ୍ । ବହୁ: ଅଟ: ତୁମାଏ । ସମ୍ବନ୍ଧ ଏକ: ଅଟ: ତୁଅ, ତୋ < ତବ; ନବ୍ୟ: ତବ ଏ *ଉଧ । ବହୁ: ଜଉ: ତୁପାକ;

(୧) ପିଶେଲ୍ – ପୂର୍ବୋକ୍ତ ୪୨୧ ।

ଅପ: ତୁମ୍ହହଁ < * ତୁଷ୍ମାକାମ୍ । ଅଧିକରଣ ଏକ: ଅପ: ତଇଁ, ପଇଁ । ବହୁ: ଧମ୍ମପଦ, ଜଇ: ତୁମ୍ହେସୁ; ଅପ: ତୁମ୍ହାସୁ < * ତୁଷ୍ମାସୁ ।] (ଦ୍ରଷ୍ଟବ୍ୟ—ଗାଇଗର୍, ପାଲି: ୧୦୪; ସେନ, ପୂର୍ବୋକ୍ତ ପୃ: ୧୧୦—୧୧୨) ।

## ତ-, ସ-(ସଂ: ତଦ୍)

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା | ସୋ (ମାଗ: ଓ ଅମାଗ: ବ୍ୟଞ୍ଜିତ) | ସେ (ଅମାଗ:)<br>ତେ (ମାଗ:) |
| | ସ (ପାଲି); ସେ (ଅମାଗ:) | ତାଓ |
| | ଶେ (ମାଗ:) | ତେ, ତେ (ଶୌର:) |
| | କ୍ଲୀବ—ତଂ | କ୍ଲୀବ— |
| | ସ୍ତ୍ରୀଲିଙ୍ଗ—ଶା (ମାଗ:) | ତାଣି (ଅମାଗ:) |
| କର୍ମ | ତଂ (ତିନ ଲିଙ୍ଗରେ) | ପୁଂ—ସେ (ଜୈନ: ଶୌର:) |
| | ତେ | ତାଓ, ତେ, ତେ |
| | | କ୍ଲୀବ— |
| | | ତାଣି (ଅମାଗ:) |
| | | ତାଇଂ (< * ତା+ଇମ୍) |
| କରଣ | ସେ (ଅମାଗ:) | ପୁଂ ଓ କ୍ଲୀବ— |
| | ତେଣ(ଂ) | ତେହି(ଂ) |
| | ତାଏ (< * ତାସ୍ୟ = ତସ୍ୟା) (୧) | ସ୍ତ୍ରୀଲିଙ୍ଗ— |
| | | ତହି(ଂ) |
| ଅପାଦାନ | ତା(ଦୋ)ଓ (୨) | ପୁଂ— |
| | ତାଓ (ଅମାଗ:) (୩) | ତେବ୍ଭୋ (ଅମାଗ:) (୬) |
| | ତମ୍ହା (ଅମାଗ:) (୪) | ତେହିଂ (ମହା) (୬) |
| | ତଓ (୨) ତା (ମହା:) (୫) | ତେହିଂତୋ (ଅମାଗ) (୭) |

(୧) ସେନ, ପୂର୍ବୋକ୍ତ ପୃ: ୧୧୪ । (୨) < ତତଃ । (୩) < ତତ୍+ତତଃ (୪) < ତସ୍ମାତ୍ (ସେନ) (୫) < ତାତ୍ (ଗୁଗ୍) (ସେନ) (୬) < ତେଭ୍ୟଃ । (୭) < * ତେଭିମ୍+ତଃ ।

| | | |
|---|---|---|
| ସମ୍ବନ୍ଧ | ତସ୍ସ = ( < ତସ୍ୟ); | ପୁଂ ଓ କ୍ଲୀବ— |
| | ତଶ୍ଶ (ମାଗ:) | ତାଣ(ଂ) ( < * ତାନାମ୍) |
| | ସେ (୧) (ମହା: ଜୈନମହା: | ତାସି |
| | ଅମାଗ: ଶୌର:) | ତେସିଂ |
| | ଶେ (ମାଗ:) | ସ୍ତ୍ରୀଲିଙ୍ଗ— |
| | ସ୍ତ୍ରୀଲିଙ୍ଗ— | ତାଣ(ଂ) |
| | ତାଏ | ତାସିଂ |
| | ତସ୍ସା | |
| | ତିଏ; ଖଇ (ଅମାଗ:) | |
| ଅଧିକରଣ | ପୁଂ ଓ କ୍ଲୀବ— | ପୁଂ ଓ କ୍ଲୀବ— |
| | ତଂସି (ଅମାଗ:) | ତେସୁ |
| | ତସ୍ସିଂ (ଶୌର:) < ତସ୍ମିନ୍ | ତେସୁଂ <* ତେସୁମ୍ |
| | ତଶ୍ଶିଂ (ମାଗ:) | ସ୍ତ୍ରୀଲିଙ୍ଗ— |
| | ସ୍ତ୍ରୀଲିଙ୍ଗ— | ତାସୁ |
| | ତାଏ, ଖାଏ (୨) | ତାଶୁଂ (ମାଗ:) |
| | ତାହ୍ମିଂ (୩) | |
| | ତାହେ ତାସେ (ଅମାଗ:) (୪) | |
| | (ମାଗ:) ତଶ୍ଶଂ < ତସ୍ୟାମ୍ | |

[ ଭୂଳମାସ୍ତୁ—କର୍ତ୍ତା ଏକ: ପୁଂଲିଙ୍ଗ—କାଲ୍ସୀ, ମାନ୍:, ଧଉଳ, ଜଉ: ଓ ସ୍ତମ୍ଭ ଲେଖ—ସେ; ନପୁ ସେ। ଗା: ସୋ(ସ); ସ୍ତ୍ରୀଲିଙ୍ଗ—ସା। କର୍ତ୍ତା ବହୁ: ଅଶୋ:, ଗା: ତେ; କାଲ୍ସୀ ଓ ଧଉଳି ସେ; ସ୍ତ୍ରୀଲିଙ୍ଗ—କାଲ୍ସୀ, ଧଉଳି ଓ ଗା: ତ; ଗା: ତାସ୍ତୋ। କର୍ମ ଏକ: ପୁଂ ଓ ସ୍ତ୍ରୀ—ଅଶୋ:, ଗା, ଅପ: ତଂ, ନପୁ: ତ, ଅପ: ତୁ; ନପୁ: ସେ। କର୍ମ ବହୁ: ପୁଂ: ଗା: ତେ; ସ୍ତ୍ରୀଲିଙ୍ଗ ତା, ତାସ୍ତୋ; କ୍ଲୀବଲିଙ୍ଗ—ଧଉଳ, ଜୌଗ୍ରା ଓ ଗା: ତାନ। କରଣ ଏକ: ପୁଂ-କ୍ଲୀବ—ଅଶୋ:, ଗା:, ନପୁ: ତେନ, କାଲ୍ସୀ ତେନା, ଅପ: ତେଣ, ତେ। ସ୍ତ୍ରୀଲିଙ୍ଗ—ଗା: ତାୟ। କରଣ ବହୁ: ପୁଂ-କ୍ଲୀବ—

(୧) ସେ < ଇଣ୍ଡୋ-ଇରାନିଅନ * ସୈ, ତୁଳ: ପ୍ରାଚୀନ ପର୍ଶିଅନ୍: ସୈସ୍ତେ ଅବେସ୍ତା ସେ, ହେ (ସେନ, ପୂର୍ବୋକ୍ତ)।

(୨) <* ତାସ୍ୟୈ, * ଖାସ୍ୟୈ।

(୩) <* ତାହ୍ମିମ୍। (୪) < ତାବସୈ(୪) (ସେନ)।

ପା: ତେହ୍ମ < ତେଭ୍ୟଃ (ବୈଦିକ) । ସ୍ତ୍ରୀଲିଙ୍ଗ—ପା: ତାହ୍ମ । ଅପାଦାନ ଏକ: ପୁଂ-କ୍ଲୀବ—କାଲ୍ସୀ ତଫା; ନପୁ: ତସ୍ମ, ପା: ତତୋ; ନପୁ: ତଦେ ପା: ତମ୍ହା, ତସ୍ମା । ସ୍ତ୍ରୀଲିଙ୍ଗ—ତାୟ । ଅପାଦାନ ବହୁ: ପୁଂ—ତେହ୍ମ । ସ୍ତ୍ରୀଲିଙ୍ଗ—ତାହ୍ମି । ସମ୍ବନ୍ଧ ଏକ: ପୁଂ-କ୍ଲୀବ— ଧଉଳ, ଜଉ: ଖରଧମ:, ନପୁ: ତସ; ପା: ତସ୍ସ; ଅପ: ତାସ । ସ୍ତ୍ରୀଲିଙ୍ଗ—ନପୁ: ତଏ; ପା: ତସ୍ସା, ତିସ୍ସା, ତିସ୍ସାୟ, ତାୟ । ସମ୍ବନ୍ଧ ବହୁ: ପୁଂ-କ୍ଲୀବ—ଗିର୍:, ଜଉ:, ପା: ତେସଂ; ଧଉଳ ତେସ; ନପୁ ତେଷ(ଂ), ତନ । ସ୍ତ୍ରୀଲିଙ୍ଗ—ନପୁ: ତିନ, ପା: ତାସଂ, ତାସାନଂ । ଅଧିକରଣ ଏକ: ପୁଂ-କ୍ଲୀବ—ଗିର୍:, ପା: ତମ୍ହି; ଧଉଳ, ଜଉ: ତସି; ନପୁ: ତେ; ଅପ: ତଂ, ତହିଂ, ତତ୍ରୁ । ସ୍ତ୍ରୀଲିଙ୍ଗ— ପା: ତସ୍ସଂ, ତାସଂ, ତିସ୍ସଂ, ତାୟଂ । ଅଧିକରଣ ବହୁ: ପୁଂ-କ୍ଲୀବ—ପା: ତେସୁ; ନପୁ: ତେଷୁ; ଅପ: ତହିଁ । ସ୍ତ୍ରୀଲିଙ୍ଗ—ପା: ତାସୁ । ] †

## ନିର୍ଦ୍ଦେଶକ ସର୍ବନାମ (ନିକଟବର୍ତ୍ତୀ)

ଅ-, ଇମ-, ଇଦ- (ପ୍ରା: ଭା: ଆ: ପ୍ରାତିପଦିକ ଇ-, ଇମ-, ଅ(ସ୍)-)

| | | |
|---|---|---|
| କର୍ତ୍ତା | ଅଅଂ<br>ଅୟଂ (ଅମାଗ:, ମାଗ:) (୧)<br>ଇମଂ, ଇଦଂ (କ୍ଲୀବ) | ଇମେ (ପୁଂଲିଙ୍ଗ)<br>ଇମାଇଂ (କ୍ଲୀବ) |
| କର୍ମ | ଇମଂ, ଇମେ (ପୁଂ-କ୍ଲୀବ)<br>ଇଦଂ (କ୍ଲୀବ) | (କର୍ତ୍ତାପରି) |
| କରଣ | ଇମେଣ ପୁଂ-କ୍ଲୀବ-<br>ଏଣ (ମହା:) < ଏନ<br>(ଋଗ୍‌ବେଦ)<br>ଇମେସିଂ | ଏହିଂ <* ଏଭିମ୍<br>ଏହି <* ଏଭିଃ<br>ଇମେହି(ଂ) (ମାଗ:) |
| ଅପାଦାନ | | ଇମେହିଂତୋ (ମାଗ:)<br>ଇମାହିଂତୋ, ଇମାସୁଂତୋ |

† ଦ୍ରଷ୍ଟବ୍ୟ—ସେନ, ପୂର୍ବୋକ୍ତ ପୃ: ୧୧୨-୧୧୬; ଗାଇଗର୍, ପାଲି: ୧୦୬ ।

(୧) ଝା, ମାଗଧୀ: ୧୦୦ ।

| | | |
|---|---|---|
| ସମ୍ବନ୍ଧ | ଇମସ୍ସ < ଇମ'ସ୍ୟ (ଋଗ୍‌ବେଦ)<br>ଇମାହ, ଇମଶ୍ଶ (ମାଗ:)<br>ଅସ୍ସ < ଅସ୍ୟ;<br>ଅଶ୍ଶ, ଆହ (ମାଗ:) | ଏସିଂ (ମହା:) <* ଏଷିମ୍<br>ପୁଂ-କ୍ଳୀବ ଇମାଣ<br><* ଇମାନାମ୍, ଇମେସିଂ<br><* ଇମେଷିମ୍ (୧) |
| ଅଧିକରଣ | ଇମସ୍ସିଂ <* ଇମସ୍ମିନ୍<br>ଇମଶ୍ଶିଂ (ମାଗ:) | ଇମେସୁ(ଂ);<br>ଇମେଶୁ(ଂ) (ମାଗ:) |

**ଇମା–ସ୍ତ୍ରୀଲିଙ୍ଗ**

| | | |
|---|---|---|
| କର୍ତ୍ତା | ଇଅଂ < ଇୟମ୍ (ଶୌର:)<br>ଅୟଂ (ଅମାଗ)<br>ଇମା | ଇମାଏ (ମାଗ:)<br>ଇମାଓ, ଇମାଉ, ଇମା |
| କର୍ମ | ଇମଂ | (କର୍ତ୍ତାପରି) |
| କରଣ | ଇମାଇ; ଇମାଏ (ମାଗ:) | ଅଣାହିଂ, ଅଣାହି |
| ଅପାଦାନ | ଇମାଦୋ | ଆହି < ଆଭିଃ |
| ସମ୍ବନ୍ଧ | ଇମିସେ < * ଇମିସ୍ୟୈ (ଅମାଗ:) | ଇମାହିଂତୋ (ମାଗ:) |
| ଅଧିକରଣ | | ଇମିନା < * ଇମିନା(ମ୍) (୧)<br>ଇମାଶୁ(ଂ) (ମାଗ:) |

[ ତୁଳନୀୟ—କର୍ତ୍ତା ଏକ: ଗିର୍: ପା: ଅୟଂ (ପୁଂ); ପୁଂ-କ୍ଳୀବ—ପା:, ଗାଥ: ଗିର୍: ଇଦଂ, ନବ୍ୟ: ଇଦମ୍, ପା: ଇମଂ, ଧଉଳ ଇୟଂ, ଅପ: ଇମୁ । କର୍ତ୍ତା ବହୁ: ପୁଂ-କ୍ଳୀବ—ଗିର୍:, ଧଉଳ, ପା: ଇମେ, ନବ୍ୟ: ଇମେ, ଯ୍ଵିମ । ସ୍ତ୍ରୀଲିଙ୍ଗ— ନବ୍ୟ: ୟିମ, ପା: ଇମା । ନବ୍ୟ: ପା: ଇମେ, ପା: ଇମାଓ । କର୍ତ୍ତା-କର୍ମ ବହୁ: କ୍ଳୀବ ଇମାନି । କର୍ମ ଏକ: ପୁଂ—ପା: ଇମଂ, ନବ୍ୟ: ଇମ । ପୁଂଲିଙ୍ଗ— ସମ୍ବନ୍ଧ ଏକ: ଧଉଳ, ଜଉ: ଏତସ; ପା: ଇମସ୍ସ, ଅସ୍ସ । ସ୍ତ୍ରୀଲିଙ୍ଗ—

(୧) ଜନପାଶ୍ଵର – ସେନ, ପୂର୍ବୋକ୍ତ ପୃ: ୧୧୯ ।

ଅସ୍ସା, ଅସ୍ସାସ୍ସୁ, ଇମସ୍ସା, ଇମସ୍ସାସ୍ସୁ । ସମ୍ବନ୍ଧ ବହୁ: ପୁଂ-କ୍ଳୀବ—ପା: ଇମେସଂ, ଇମେସାନଂ, ଏସଂ, ଏସାନଂ । ସ୍ତ୍ରୀଲିଙ୍ଗ—ଇମାସଂ, ଆସଂ । ଅଧିକରଣ ଏକ: ପୁଂ-କ୍ଳୀବ- ଗିର୍: ଇମମ୍ହି; ପା: ଇମସ୍ମିଂ, ଇମମ୍ହି, ଅସ୍ମିଂ । ସ୍ତ୍ରୀଲିଙ୍ଗ—ପା: ଇମିସ୍ସଂ, ଇମିସ୍ସା, ଅସ୍ସଂ । ଅଧିକରଣ ବହୁ: ପୁଂ-କ୍ଳୀବ—ଏସୁ, ଇମେସୁ । ସ୍ତ୍ରୀଲିଙ୍ଗ—ଇମାସୁ । } (୧)

## ନିର୍ଦ୍ଦେଶକ ସର୍ବନାମ (ନିକଟବର୍ତ୍ତୀ)

ଏସ-, ଏଦ- (ସଂ: ଏତ-, ଏଷ-)

### ପୁଂଲିଙ୍ଗ

| | | |
|---|---|---|
| କର୍ତ୍ତା | ଏସ, ଏସୋ<br>ଏସେ (ମାଗ:) | ଏଦେ, ଏଏ;<br>କ୍ଳୀବ- ଏ(ତା, ଆଇଂ (୨) |
| କର୍ମ | ଏଦଂ | ଏଦେ; (କ୍ଳୀବ) ଏସ୍ସାନି<br>(ଅମାଗ:) < ଏତାନି |
| କରଣ | ଏଦେଣ, ଏଦଣା | ଏଦେହିଂ < *ଏତେଭିମ୍<br>ଏଦେହିଂ (କ୍ଳୀବ)<br>ଏସ୍ସାହିଂ (କ୍ଳୀବ) (ଅମାଗ:) |
| ଅପାଦାନ | ଏଦ୍ରୋ; ଏଦାହି,<br>ଏଆହି < *ଏତାହି<br>ଏଦାଦୁ, ଏଦାଦୋ, ଏଆଓ<br><*ଏତାତ୍ + -ତାଃ<br>ଏଆ < *ଏତାତ୍ | ଏଦାହିଂତୋ, ଏଦାସୁଂତୋ |
| ସମ୍ବନ୍ଧ | ପୁଂ,କ୍ଳୀବ—<br>ଏଦସ୍ସ;<br>ଏଦାହ, ଏଦଶ୍ଶ (ମାଗ:) | ପୁଂ-କ୍ଳୀବ—<br>ଏଦେସିଂ, ଏଦାଣ(ଂ),<br>ଏସ୍ସିଂ(ଂ) (ଅମାଗ:)<br><* ଏତେଷମ୍ |

(୧) ଦ୍ରଷ୍ଟବ୍ୟ – ଗାଇଗର୍, ପାଲି: ୧୦୮; ମେହେଣ୍ଡାଲେ, ହି: ଗ୍ରା: ଇ: ପ୍ରା: ୧୬୮; ସେନ, ପୂର୍ବୋକ୍ତ ପୃ: ୧୧୭-୯ । (୨) <*ଏତା+ଇମ୍ ।

| | | |
|---|---|---|
| ଅଧିକରଣ | ଏଦସ୍ସିଂ, ଏଦମ୍ମି,<br>ଏତ୍ଥ, ଇତ୍ଥ | ଏଦେସୁଂ, ଏଦେସୁ,<br>ଏଏସୁଂ, ଏଏସୁ |

## ସ୍ତ୍ରୀଲିଙ୍ଗ

| | | |
|---|---|---|
| କର୍ତ୍ତା | ଏସା | ଏଦାଓ, ଏଦାଉ, ଏଆଓ |
| କର୍ମ | ଏଦାଏ | ଏଦାଓ, ଏଦାଓଁ |
| କରଣ | ଏଆଏ, ଏଦାଏ <* ଏତାସ୍ୟୈ<br>ଏଈଏ (ହେମ) <* ଏତସ୍ୟୈ | |
| ସମ୍ବନ୍ଧ | | ଏସ୍ସାସିଂ (ଅମାଗ:)<br><* ଏତାସିଂ<br>ଏଅଣ(ଂ), ଏଦାଣ (ଂ)<br><* ଏତାସାମ୍ |

[ ତୁଳନୀୟ - କର୍ତ୍ତା ଏକ: ପୁଂ—ଖରଧମ୍ମ: ଏଷୋ; ପା: ଏସୋ; ନିୟ: ଏଷ; ଅପ: ଏହ < ଏଷ(ଃ) । ସ୍ତ୍ରୀ- ଅଶୋ: ପା: ଏସା; ଅପ: ଏହ । କର୍ତ୍ତା-କର୍ମ ଏକ: କ୍ଲୀବ -- ଧଉଳି, ଜଉ:, ପା: ଏତଂ; ଅପ: ଏହ, ଏହୁ, ଏହଉଂ । କର୍ତ୍ତା ବହୁ: ପୁଂ— ନିୟ: ଏଦେ, ଏଦ । କର୍ତ୍ତା-କର୍ମ ବହୁ: କ୍ଲୀବ— ଅଶୋ: ଏତାନି, ଜଉ: ଏତନି । କର୍ମ ଏକ: ପୁଂ-ସ୍ତ୍ରୀ—ନିୟ: ଏଦ; ପା: ଏତଂ । କର୍ମ ବହୁ: ପୁଂ-ସ୍ତ୍ରୀ-ନିୟ: ଏଦେ, ଏଦ; ଅପ: ଏଇ । କରଣ ଏକ: ପୁଂ-କ୍ଲୀବ- ଅଶୋ: ଏତେନ; ଖରଧମ୍ମ: ଏତନ । ଅପାଦାନ ଏକ: ଏତ୍ତହେ । ସମ୍ବନ୍ଧ ଏକ: ପୁଂ-କ୍ଲୀବ- ଧଉଳି, ଜଉ: ଏତସ; ନିୟ: ଏଦସ୍ୟ, ଏତସ, ଏଦସ । ସମ୍ବନ୍ଧ ବହୁ: ପୁଂ-କ୍ଲୀବ- ନିୟ: ଏଦନ, ଏଦେଷଣ । ଅଧିକରଣ ଏକ: ଧଉଳି, ଜଉ: ଏତସି; ଅଧିକରଣ ବହୁ: ପୁଂ-କ୍ଲୀବ- ଅଶୋ: ଟୋପ୍ରା ଏତେସୁ । (ଦ୍ରଷ୍ଟବ୍ୟ - ସେନ, ପୂର୍ବୋକ୍ତ ପୃ: ୧୧୬-୭; ଗାଇଗର୍, ପାଲି: ୧୦୭; ମେହେଣ୍ଡାଲେ, ହି: ଗ୍ରା: ପ୍ରା: ଇ: ୪୨୮ । ]

## ଅମୁ-(ଅଦୁ-) (୧) (ସଂ: ଅଦସ୍) ପୁଂଲିଙ୍ଗ

| | | |
|---|---|---|
| କର୍ତ୍ତା | ଅମୁ, ଅଦୁ; ଅମୁଗୋ,<br>ଅମୁଗେ (ଅମାଗ:)<br>କ୍ଳୀବ—ଅମୁଂ; ଅଦୁ, ଅସୋ<br>(ଅମାଗ:) (୨) | ଅମୂଓ (୩); ଅମୂଣୋ,<br>ଅଦୂ (୪); ଅମୀ (ମଗଧ:),<br>କ୍ଳୀବ—ଅମୂନି, ଅମୂଇ,<br>ଅମୂଣି |
| କର୍ମ | ଅମୁଂ<br>କ୍ଳୀବ—ଅମୁଂ | ଅମୂ, ଅମୁଣେ<br>କ୍ଳୀବ—ଅମୂଇ, ଅମୂଣି |
| କରଣ | ଅମୁଣା | ଅମୂହିଂ, ଅମୂହି |
| ଅପାଦାନ | ଅମୁଦୋ, ଅମୂଦୁ, ଅମୂଦ | ଅମୂହିଂତୋ, ଅମୂସୁଂତୋ |
| ସମ୍ବନ୍ଧ | ଅମୁଣୋ < *ଅମୁନଃ,<br>ଅମୁସ୍ସ | ଅମୂଣଂ, ଅମୂଣ<br><*ଅମୂନାମ୍ |
| ଅଧିକରଣ | ଅମୁସ୍ସିଂ, ଅମୁମ୍ମି,<br>ଅମୂଥ, ଅମୁଗଂସି,<br>ଅମୁଗମ୍ମି (ଅମାଗ:) | ଅମୂସୁଂ, ଅମୂସୁ |

## ଅମୁ-(ଅଦୁ-) ସ୍ତ୍ରୀଲିଙ୍ଗ

| | | |
|---|---|---|
| କର୍ତ୍ତା | ଅମୁ, ଅଦୁ, ଅସୋ | ଅମୂଓ, ଅମୂଅ, ଅମୂ |
| କର୍ମ | ଅମୁଂ | ଅମୂଓ, ଅମୂଅ, ଅମୂ |

(୧) ଵାଦସୋ ଦସ୍ୟ ହୋନୋଦାମ୍ । ହେମ—୩।୮୭ । ମୁଃ ସ୍ୟାଦୌ । ହେମ—୩।୮୮ । ଅଦସୋ ଦୋ ମୁଃ । ହସ୍ତ ସୌ । ବର—୬।୨୩-୪ । ଅଦସୋ ମୁଃ (ମାର୍କ—୫।୭୯) ଅମୁ ପୁଂସସୋ ଣାସ୍ସ ଵଣଂ ଵା । ସୁନା ଵା ଦ (ମାର୍କ—୫।୮୦) ଅଦ ପୁଂସସୋ ଣାସ୍ସ ଵଣଂ ଵା ।

(୨) ଅସୋ <*ଅସଃ; ଅମୁଗେ <* ଅମୁକଃ—ପିଶେଲ୍, ପ୍ରା: ବ୍ୟା: ୪୩୨ । ଜନଗ୍ରାଶ୍ଵର—ଅହୋ < ଅସୌ—ସେନ, ପୂର୍ବୋକ୍ତ ପୃ: ୧୨୦ ।

(୩) <* ଅମୂଃ ।

(୪) <* ଅସାଃ (ବ୍ୟାକରଣ)-ସେନ, ପୂର୍ବୋକ୍ତ ।

| | | |
|---|---|---|
| କରଣ | ଅମୂଏ, ଅମୂଇ, ଅମୂଆ | ଅମୂହିଂ, ଅମୂହି |
| ଅପାଦାନ | ଅମୂଏ, ଅମୂଦୋ, ଅମୂଦୁ, ଅମୂହି | ଅମୂହିଂତୋ, ଅମୂସୁନ୍ତୋ |
| ସମ୍ବନ୍ଧ | ଅମୂଏ, ଅମୂଇ, ଅମୂଅ ଅମୂଆ | ଅମୂଣଂ, ଅମୂଣ |
| ଅଧିକରଣ | ଅମୂଇ | ଅମୂସୁଂ, ଅମୂସୁ |

[ ଭୁକଣସୁ—ପାଲି ରୂପାବଳୀ କର୍ତ୍ତା ଏକ: ପୁଂ-ସ୍ତ୍ରୀ—ଅସୁ ; ପୁଂ-ପା: ଅମୁ; କର୍ତ୍ତା କର୍ମ ଏକ: କ୍ଲୀବ- ଅଦୁମ । ବହୁ: ସ୍ତ୍ରୀ—ଅମୁ, ଅମୁୟୋ । କର୍ମ ଏକ: ପୁଂ-ସ୍ତ୍ରୀ- ଅମୁଂ । କର୍ତ୍ତା-କର୍ମ ବହୁ କ୍ଲୀବ- ଅମୁନି । କରଣ ଏକ: ପୁଂ- ଅମୁନା । ସ୍ତ୍ରୀ- ଅମୁୟା । କରଣ ବହୁ: ସ୍ତ୍ରୀ- ଅମୂହି । ଅପାଦାନ ଏକ: ପୁଂ- ଅମୁମ୍ହା, ଅମୁସ୍ମା । ସ୍ତ୍ରୀ- ଅମୁୟା । ସମ୍ବନ୍ଧ ଏକ: ପୁଂ- ଅମୁସ୍ସ । ସ୍ତ୍ରୀ-ଅମୁସ୍ସା । ସମ୍ବନ୍ଧ ବହୁ: ସ୍ତ୍ରୀ- ଅମୁସଂ, ଅମୁସାନଂ । ଅଧିକରଣ ଏକ: ପୁଂ- ଅମୁମ୍ହି, ଅମୁସ୍ମିଂ [ଅଦ: ଅଅମ୍ମି] । ସ୍ତ୍ରୀ- ଅମୁସ୍ସାଂ, ଅମୁୟଂ । ଅଧିକରଣ ବହୁ: ସ୍ତ୍ରୀ- ଅମୁସୁ । ] (୧)

### ଜ-, ମାଗ: ଯ- (ସଂ: ଯତ୍) ପୁଂଲିଙ୍ଗ

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା | ଜୋ (ଘଣ୍ଟିବଦନାଟକ) (୨) | ଜେ |
| | ଜଂ (କ୍ଲୀବ) (୩) | ଜାଇଂ ଯାଇଂ (ଅମାଗ:) (କ୍ଲୀବ) |
| କର୍ମ | ଜଂ | ଜେ |
| | ଜଣ୍ଣଂ (୩) | |
| କରଣ | ଜେଣ < ଯେନ | ଜେହିଁ |
| | ଜଣା < *ଯିଣା | |

(୧) ଦ୍ରଷ୍ଟବ୍ୟ— ଗାଇଗର୍, ପାଲି: ୧୦୯ ।

(୨) ପିଶଲ୍, ପ୍ରା: ବ୍ୟା: ୪୨୭ ।

(୩) ହେମଚନ୍ଦ୍ର— ୪।୭୯ (ପିଶଲ, ପୂର୍ବୋକ୍ତ) ।

| | | |
|---|---|---|
| ଅପାଦାନ | କତ୍ତୋ, କଉ୍, କାଓ,<br>କଓ; କତୋ, କତୁ, କମ୍ହା;<br>କା < କ୍ସ୍ମାତ୍ (ବୈଦିକ) | କାହ୍ନିଂତୋ; କାସୁଂତୋ |
| ସମ୍ବନ୍ଧ | କସ୍ସ, କାସ, ପୁଣ୍ଣ,<br>ସ୍ସାହ (ମାଗ:) | କାଣ(ଂ) <*କ୍ସାଣାଂ (ମହା:<br>ଶୌର:) କେସିଂ(ଂ) (ଅମାଗ:) |
| ଅଧିକରଣ | କସ୍ସି(ଂ), କମ୍ମି(ଂ)<br>କହ୍ନିଂ, କତ୍ଥ<br>କସିଂ (ଅମାଗ:)<br>ଭୂକ: କହ୍ନିଂ | କେସୁ(ଂ) |

କା-, କୀ- ସ୍ତ୍ରୀଲିଙ୍ଗ

| | | |
|---|---|---|
| କର୍ତ୍ତା | କା | କା < ସ୍ୱା:, କାଓ, କାଉ, |
| କର୍ମ | କଂ | କୀଓ, କୀଉ, କାଇଂ |
| କରଣ | କଣା | କାହ୍ନିଂ, କୀହ୍ନିଂ |
| ଅପାଦାନ | | କାହ୍ନିଂତୋ, କାହ୍ନସୁଂତୋ,<br>କୀହ୍ନିଂତୋ, କୀହ୍ନସୁଂତୋ |
| ସମ୍ବନ୍ଧ | କାସେ, କୀସ୍ସା, କୀଇ | କାମାଂ, କେସିଂ, କାସିଂ,<br>କାଣ(ଂ), କୀଣ(ଂ), କୀସିଂ |
| ଅଧିକରଣ | କାହେ, କଇଆ,<br>କୀଅ, କୀଏ; କହ୍ନିଂ (୧) | କାସୁ(ଂ), କୀସୁ(ଂ) |

[ ଭୂକମ୍ପାପ୍ସ — କର୍ତ୍ତା ଏକ: ପୁଂ ନପୁ: ଖରଧନ୍ଦ:, ପା: ସ୍ସୋ; ଧଉଳି, କଉ: ସ୍ସେ, ଏ; ଅପ: କେ । କ୍ଳୀବ—ଅପ: କେହେ । ସ୍ତ୍ରୀ—ଧଉଳି, କଉ: ସ୍ସା, ଆ; ପା: ସ୍ସା, ଅପ: କା । କର୍ତ୍ତା ବହୁ: ପୁଂ- ଅଶୋ: ସ୍ସେ, ପା: ସ୍ସେ, ଅପ: କେ । ପା: ସ୍ତ୍ରୀ- ସ୍ସା, ସ୍ସାସ୍ସୋ । କର୍ତ୍ତା-କର୍ମ ଏକ: କ୍ଳୀବ—ପା: ସ୍ସଂ । କର୍ତ୍ତା-କର୍ମ ବହୁ: କ୍ଳୀବ— ଧଉଳି, କଉ: ଅନି, ପା: ସ୍ସାନି । କର୍ମ ଏକ: ପୁଂ-ସ୍ତ୍ରୀ- ପା: ସ୍ସଂ । କରଣ ଏକ: ପୁଂ-କ୍ଳୀବ- ଅଶୋ:, ନପୁ:, ପା: ସ୍ସେନ;

---

(୧) ଦେଶୀ—କାହ୍ନେ ।

ଅପ: ଜେଣ, ଜେ । ସ୍ତ୍ରୀ- ପା: ୟାସୁ । କରଣ ବହୁ: ପା: ପୁଂ- ୟେହ୍ଵି; ସ୍ତ୍ରୀ- ୟାହ୍ଵି; ଅପ: ଜେହ୍ଵି (ପୁଂ-ସ୍ତ୍ରୀ-) । ଅପାଦାନ ଏକ: ପା: ସ୍ତ୍ରୀ- ୟାୟୁ, ପୁଂ- ୟସ୍ମା, ୟମ୍ହା । ଅପାଦାନ ବହୁ: ପା: ପୁଂ- ୟେହ୍ଵି; ସ୍ତ୍ରୀ- ୟାହ୍ଵି । ସମ୍ବନ୍ଧ ଏକ: ପୁଂ-କ୍ଲୀବ- ଧଉଳ, ଜଉ: ଅସ; ନସ୍ତୁ: ୟସ୍ୟ; ପା: ୟସ୍ସ; ଅପ: ଜାହ; ଅପ: ଜାସୁ (ସ୍ତ୍ରୀଲିଙ୍ଗରେ ମଧ୍ୟ) ସ୍ତ୍ରୀ- ପା: ୟସ୍ସା, ୟାସ୍ସ । ସମ୍ବନ୍ଧ ବହୁ: ପୁଂ-କ୍ଲୀବ- ପା. ୟେସଂ, ୟେସାନଂ; ସ୍ତ୍ରୀ- ପା: ୟାସଂ, ୟାସାନଂ । ଅଧିକରଣ ଏକ: ପୁଂ-କ୍ଲୀବ- ପା: ୟସ୍ମିଂ, ୟମ୍ହି, ସ୍ତ୍ରୀ- ୟସ୍ସିଂ, ୟାୟଂ । ଅଧିକରଣ ବହୁ: ପୁଂ- ପା: ୟେସୁ; ସ୍ତ୍ରୀ- ପା: ୟାସୁ । [] ଦ୍ରଷ୍ଟବ୍ୟ—ଗାଇଗର୍, ପାଲି: ୧୦୦; ସେନ, ପୂର୍ବୋକ୍ତ ୧୨୩-୪ ।

## ପ୍ରଶ୍ନବାଚକ ସର୍ବନାମ

କ-, କ (ସଂ : କମ୍) (ପୁଂ-କ୍ଲୀବ)

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା | କୋ, କେ, କ୍ଲୀବ- କଂ; କଭି (ଶୌର:) (୧) | କ୍ଲୀବ କାଇ, କାଇଂ, କାଣି |
| କର୍ମ | କଂ, କ୍ଲୀବ- କଂ | ପୁଂ- କ୍ଲୀବ (କର୍ତ୍ତାପରି) |
| କରଣ | କେଣ, କଣା (୨) | କେହ୍ଵି, କେହ୍ଵିଂ |
| ଅପାଦାନ | କାଓ, କଓ, କଦୋ, କତ୍ତୋ (୩), କମ୍ହା < କସ୍ମାତ୍, କଣୋ < କଣଃ | କାହ୍ଵିଂତୋ, କାସୁଂତୋ |
| ସମ୍ବନ୍ଧ | କସ୍ସ, କାସ; କୀସ; କଣୋ; କାହ, କୀଶ (ମାଗ:) (୪) | କାଣ(ଂ) (ମଧ୍ୟା:); କଣ, କେସିଂ |

---

(୧) <*କଦ୍ଭି (କୋନୋ) ପିଶଲ୍, ପ୍ରା: ବ୍ୟା: ୪୨୯ ।

(୨) <*କନା କେନ-ସେନ, ପୂର୍ବୋକ୍ତ ପୃ: ୧୨୨ । (୩) < କାତ୍+ତଃ ।

(୪) ଯଦିଓ ଏହାର ପ୍ରଚଳନ ଅପାଦାନରେ—କୀଶ କାଲଣାଦୋ (=କସ୍ମାତ୍ କାରଣାତ୍) (କଂସ: ୧୯-୨), କିନ୍ତୁ ମୂଳତଃ ରୂପଦୃଷ୍ଟିରୁ ଏହା ସମ୍ବନ୍ଧ ଜାତକ । ତୁଳ: ପା: କିସ୍ସ [illegible] (ପିଶଲ୍, ପୂର୍ବୋକ୍ତ ।

| | | |
|---|---|---|
| ଅଧିକରଣ | କସ୍ମି (ମହା:); କସ୍ସିଂ (ଶୌର:) କମ୍ହି (ଅମାଗ:); କଂସି (ଅମାଗ:) କହ୍ମିଂ; କଶ୍ଶିଂ (ମାଗ:) | କେସୁ, କେସୁଂ |

କା-, କୀ-ସ୍ତ୍ରୀଲିଙ୍ଗ

| | | |
|---|---|---|
| କର୍ତ୍ତା | କା | କାଓ, କାଉ କୀଓ, କୀଉ |
| କର୍ମ | କଂ | ( କର୍ତ୍ତାପରି ) |
| କରଣ | କୀଣା, କାଏ, କାଇ, କୀଆ, କୀଏ, କୀଇ, କୀଅ | କାହିଂ, କାହି, କୀହି, କୀହୁଂ |
| ଅପାଦାନ | କାଦୋ, କାଦୁ, କୀଦୋ, କୀଦୁ, କୀଣ | କାହିଂତୋ, କାସୁଂତୋ, କୀହିଂତୋ, କୀସୁଂତୋ |
| ସମ୍ବନ୍ଧ | କସ୍ସା, କସ୍ସା, କାସେ, କୀସେ, କୀଏ, କୀଇ କୀଅ, କୀଆ, କାଇ. କାଏ | କାସୁଂ, କାସୁ, କୀସୁଂ, କୀସୁ |
| ଅଧିକରଣ | କାଏ, କୀଅ, କୀଏ, କାହିଂ | |

[ ଭୂଳମାପୁ—କର୍ତ୍ତା ଏକ: ପୁଂ-ଅଶୋ: ଗିର୍:, ଶାହ୍:, ପା:, ନପୂ: କୋଚ; ମାନ୍: କେଡ; ଖରଧମ୍ଫ:, ପା:, ନପୂ:, କୋ; ପା: କେ ( < କଃ), ଅପ: କେହେ( < *କସ୍ୟସଃ) । ସ୍ତ୍ରୀ - ଖରଧମ୍ଫ: କ; ପା: କାଚ; ଅପ: କେସ୍ତ । କର୍ତ୍ତା-କର୍ମ କ୍ଳୀବ – କଡ଼:, ନପୂ:, ପା: କଂ । କର୍ତ୍ତା-କର୍ମ ବହୁ: ପୁଂ – ନପୂ: କେଚ'( =କେଶ୍ଚି ଭୁଲବଶତଃ କେତ ସ୍ଥାନରେ ଲଖିତ) (୧) < କେ ଚତ୍;

(୧) ସେନ, ପୂର୍ବୋକ୍ତ ପୃ: ୧୨୩ ।

କ୍ଲୀବ —କର୍ତ୍ତ: କାନ, ଅପ: କାଇଂ । କର୍ମ ଏକ: ପୁଂ-ସ୍ତ୍ରୀ— ପା: କଂ । କରଣ ଏକ: ପା: କେନ; ମସ୍ଥୁ: କଂନା; ଅପ: କେଣ୍ଡ (< * କେନଃ) । ଅପା: ଧଉଳ, କର୍ତ୍ତ: ଅକସ୍ମା (< ଅକସ୍ମାତ୍); ପା: କସ୍ମା, କମ୍ହା; ଅପ: କଉ (< * କତଃ) । ସମ୍ବନ୍ଧ ଏକ: ପୁଂ-କ୍ଲୀବ - ପା: କସ୍ସ; ଅପ: କାସୁ, କାହେ; ପା: କସ୍‌ସସୁ; ଅପ: କସେ । ସମ୍ବନ୍ଧ ବହୁ: ଅଧିକରଣ ପୁଂ-କ୍ଲୀବ— ପା: କମ୍ହି, କସ୍‌ସିଂ । ]

**ସର୍ବନାମ-ବିଶେଷଣ—**

ଅନ୍ନ-, ଅଣ୍ଣ-, ସବ୍ବ-, ଇଦର-, ଇଦାଲ- ପ୍ରଭୃତି ସାଧାରଣ ପ୍ରାତିପଦିକ । ଅକାରାନ୍ତ ପ୍ରାତିପଦିକ (ବିଶେଷ୍ୟ)ର ରୂପରଚନାରୁ ଜଣାଯାଏ ଯେ ଇତର (ବିକୃତ) କାରକରେ ଏଗୁଡ଼ିକ ସାଧାରଣତଃ ସର୍ବନାମର ବିଭକ୍ତି ପ୍ରତ୍ୟୟ ବ୍ୟବହାର କରିଅଛନ୍ତି —ପୁତ୍ତେହିଂ(°) (ସଂ: ପୁତ୍ରେଭିଃ); ପୁତ୍ତସ୍ମି (ସଂ: * ପୁତ୍ରସ୍ମିନ୍) ଇତ୍ୟାଦି । (୧)

ସବ୍ବ ( ସଂ: ସର୍ବ ) ପୁଂଲିଙ୍ଗ

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା | ସବ୍ବୋ | ସବ୍ବେ |
| କର୍ମ | ସବ୍ବଂ | ସବ୍ବେ ସବ୍ବା |
| କରଣ | ସବ୍ବେଣ(°) | ସବ୍ବେହି(°), ସବ୍ବେହିଁ |
| ଅପାଦାନ | ସବ୍ବତୋ | ସବ୍ବତୋ |
| ସମ୍ବନ୍ଧ | ସବ୍ବସ୍ସ | ସବ୍ବେସିଂ, ସବ୍ବାଣ(°) |
| ଅଧିକରଣ | ସବ୍ବସ୍ସିଂ, ସବ୍ବମ୍ମି ସବ୍ବହ୍ମିଂ, ସବ୍ବତ୍ଥ | ସବ୍ବେସୁ (°) |
| କର୍ତ୍ତା-କର୍ମ | କ୍ଲୀବ- ସବ୍ବଂ | ସବ୍ବାଇଂ, ସବ୍ବା(ଣି) |

(୧) ଝା, ମାଗଧୀ: ୧୪୩ ।

## ସ୍ତ୍ରୀଲିଙ୍ଗ

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା | ସର୍ବା | ସର୍ବାଓ, ସର୍ବାଉ, ସର୍ବା |
| କର୍ମ | ସର୍ବାଂ | ( କର୍ତ୍ତାପର ) |
| କରଣ | ସର୍ବାଇ, ସର୍ବାଏ | ସର୍ବାହିଂ ସର୍ବାହି |
| ଅପାଦାନ | ସର୍ବାଅ, ସର୍ବାଦୋ, ସର୍ବାହିଂ, ସର୍ବାହି | ସର୍ବାହିଂତୋ, ସର୍ବାସୁଂତୋ |
| ସମ୍ବନ୍ଧ | ସର୍ବାଇ, ସର୍ବାଏ | ସର୍ବାଣଂ, ସର୍ବାଣ |
| ଅଧିକରଣ | ସର୍ବାଇ | ସର୍ବାସୁଂ, ସର୍ବାସୁ |

[ ତୁଳନୀୟ—ପାଲି ସବ୍ବ ଶବ୍ଦର ରୂପାବଳୀ—(୧)

| | | |
|---|---|---|
| କର୍ତ୍ତା | ସବ୍ବୋ<br>ସ୍ତ୍ରୀ- ସବ୍ବା<br>କ୍ଲୀବ-ସବ୍ବଂ | ସବ୍ବେ<br>ସ୍ତ୍ରୀ-ସବ୍ବା(ଯୋ)<br>କ୍ଲୀବ-ସବ୍ବାନି, ସବ୍ବେ |
| କର୍ମ | ସବ୍ବଂ | ସବ୍ବେ (ସ୍ତ୍ରୀ-କର୍ତ୍ତୃପର)<br>( କ୍ଲୀବ-କର୍ତ୍ତାପର ) |
| କରଣ | ସବ୍ବେନ<br>ସ୍ତ୍ରୀ-ସବ୍ବାଯ | ସବ୍ବେଭି, ସବ୍ବେହି<br>ସ୍ତ୍ରୀ-ସବ୍ବାଭି, ସବ୍ବାହି |
| ଅପାଦାନ | ସବ୍ବସ୍ମା (ମ୍ହା:)<br>ସ୍ତ୍ରୀ-ସବ୍ବାଯ, ସବ୍ବସ୍ସା | ( କରଣପର )<br>( ସ୍ତ୍ରୀ-କରଣପର ) |
| ସମ୍ବନ୍ଧ | ସବ୍ବସ୍ସ<br>( ସ୍ତ୍ରୀ-କରଣପର ) | ସବ୍ବେସଂ, ସବ୍ବେସାନଂ<br>ସ୍ତ୍ରୀ-ସବ୍ବାସଂ, ସବ୍ବାସାନଂ |
| ଅଧିକରଣ | ସବ୍ବସ୍ମିଂ (ମ୍ହି)<br>ସ୍ତ୍ରୀ-ସବ୍ବାଯଂ, ସବ୍ବସ୍ସଂ | ସବ୍ବେସୁ<br>ସ୍ତ୍ରୀ-ସବ୍ବାସୁ ] |

(୧) କଚ୍ଚାୟନ, ପାଲି: ୧୦୧—୪, ୧୧୦, ୧୧୧, ୧୬୮, ୧୬୯, ୨୧୮, ୨୧୯ ।

[ କର୍ତ୍ତା ଏକ: ପୁଂ-ଧଉଳ ସଚେ; ସ୍ତ୍ରୀ-କାଲ୍‌ସୀ ଷବା । କ୍ଳୀବ-ଧଉଳି, ଜଉ: ସବଂ । କର୍ତ୍ତା ବହୁ: ପୁଂ-ଧଉଳ, ଜଉ: ସଚେ । କର୍ମ ଏକ: ପୁଂ ଧଉଳ, ଜଉ: ସବଂ । କର୍ମ ବହୁ: ପୁଂ-ଖରଧଷ୍ଟ: ସବେ । କରଣ ଏକ: ଧଉଳ, ଜଉ: ସବେନ । ]

ପ୍ରାଚୀନ ମ: ଭା: ଆ: ରେ ପରିମାଣସୂଚକ ବିଶେଷଣ -ତକ ( -ତ୍ତକ ରୂପାନ୍ତର) ଯୋଗରେ ଗଠିତ ହୋଇଥିବାର ଦୃଷ୍ଟାନ୍ତ ମିଳେ । (୧) ଯଥା:—

( କେବଳ ପାଲି କତିତକ 'କେତୋଟି', ଅଶୋ: ଗିର୍: ବହୁତାବତକଂ, ବୌଦ୍ଧ ସଂସ୍କୃତ ତାବନ୍ତକ ଇତ୍ୟାଦି ) । କର୍ତ୍ତା-କର୍ମ କ୍ଳୀବ ଏକ' ସହ ଉପରୋକ୍ତ -ତକ (-ତ୍ତକ) ଯୁକ୍ତ ହୋଇଥାଏ—

* ଏତ୍- ଏତ୍ତିୟ, ଏତ୍ତଅ-; ଇତ୍ତିଅ, ଶୌର:, ମାଗ: ଏତ୍ତିକ-(ଓ: ଏତ୍ତକ) ।
(ତୁଳନୀୟ-ଧଉଳ, ଜଉ: ଏତକ-; ପା: ଏତ୍ତକ ; ନବ୍ୟ: ଏତ) ।

* କତ୍-, * କେତ୍- : କେତ୍ତିୟ, କେତ୍ତିଅ । (ତୁଳନୀୟ —ପା: କତ୍ତିକ; ନବ୍ୟ: କେତ) ।

* ତେତ୍- : ମାଗ: ତେତ୍ତିକ- । (ତୁଳନୀୟ * ତତ୍- ପା: ତତ୍ତକ-) ।

* ଯେତ୍- ଜେତ୍ତିଅ-, ଜତ୍ତିଅ-; ମାଗ: ଯେତ୍ତିକ- । ( ତୁଳ-ଓ: ଯେତେ(କ), ଯେତ୍ତକ) ।

-ଦୃଶ ସହ ସମାସ ସମସ୍ତ ମ: ଭା: ଆ: ରେ ଦୃଷ୍ଟ । କିନ୍ତୁ -ଦୃକ୍ଷ ଯୁକ୍ତ ଶବ୍ଦ କେବଳ ପାଲିରେ ଦେଖାଯାଏ । ଅମାଗ:ରେ ଅଳ୍ପ କେଇଟି ଦୃଷ୍ଟାନ୍ତ ମିଳେ ।

ଈ- : ଈଦ(ଇ)ସ-, ଈରସ(ଅ)- < ଈଦୃଶ୍(କ)- । ( ତୁଳନୀୟ — ପା: ଇଦିସ(କ)-, ଈରିସ) ।

* ଏ- : ଏରିସ , ଏଲିସ-, ଏରିସିଅ, ଏରିସୟ- < * ଏଦୃଶ(କ)- < * ଏଦୃକ୍ଷିକ- ।
( ତୁଳନୀୟ — ପା: ଏଦିସ(କ)-, ଏରିସ-; ନବ୍ୟ: ଏତ୍ତିସ ) ।

---

(୧) ଦ୍ରଷ୍ଟବ୍ୟ— ସେନ, ପୂର୍ବୋକ୍ତ ପୃ: ୧୨୭-୨୮ ।

କୀ- : ମାଗ: କୀଡିଶ- < କୀଦୃଶ-। ( ତୁଳନୀୟ — ପା: କୀଦିସ-, କୀରିସ )।

* କେ- : କେରିସ(ସ୍ତ୍ରୀ)-, ମାଗ: କେଲିଶ < * କେଦୃଶ କ)-।

* କେତ୍- : କେଦସ- < * କେଦୃଶ-।

* ତେତ୍- : ତେଦସ- < * ତେଦୃଶ-।

* ଯେତ୍- : ଯେଦସ- < * ଯେଦୃଶ-।

## ସର୍ବନାମ—କ୍ରିୟାବିଶେଷଣ

ସ୍ଥାନ, କାଳ ଓ ପ୍ରକାରବାଚକ ସର୍ବନାମ କ୍ରିୟାବିଶେଷଣ କେତେକ ପ୍ରତ୍ୟୟ ସାହାଯ୍ୟରେ ଗଠିତ ହୋଇଥିବାର ଦେଖଯାଏ। ଏହି ପ୍ରତ୍ୟୟ-ମାନଙ୍କର ଆଦ୍ୟସ୍ଥିତ ବ୍ୟଞ୍ଜନ ଦନ୍ତ୍ୟ।

-ତୋ < -ତଃ ( ପ୍ରା: ଭା: ଆ: ର ଅପାଦାନ ):

ଶୌର: ତଦୋ < ତତଃ; ତତ୍ତୋ < ତତ୍-ତଃ; ଏତ୍ତୋ < * ଏତ୍ତଃ; ଶୌର: ଏଦୋ < * ଏତଃ; ଏଦାହୁ < * ଏତାତଃ; କଦୋ < * କତଃ। ( ତୁଳ: ଅପ: ତଉ, ତୋ )।

-ତ୍ଥ < -ତ୍ର ( ପ୍ରା: ଭା: ଆ: ର ଅଧିକରଣ ):

ଅତ୍ଥ < ଅତ୍ର; ତତ୍ଥ < ତତ୍ର; ଜତ୍ଥ < ଯତ୍ର। (ତୁଳ: ଅପ: ଜତ୍ତୁ, ତତ୍ତୁ)।

-ଧ < -ଥ : ଅଧ < ଅଥ; ତଧ < * ତଥ; ଜଧ < * ଯଥ; କଧ < * କଥ।

-ଧଂ < -ଥମ୍ : କଧଂ < କଥମ୍।

-ଣିଂ < -ନାମ୍ (ଷ:) : ଦାଣିଂ, ଏଣ୍ହିଂ, ଇଣ୍ହିଂ, ଇସ୍ସାଣିଂ < ଇଦାନୀମ୍

-ହେ : ଏତ୍ତହେ, ଜାହେ, ତାହେ। ( ତୁଳନୀୟ—ଅପ: ଏତ୍ତହେ, ଜାହେ, ତଣ୍ଣହେ )।

# ସଂଖ୍ୟାବାଚକ ଶବ୍ଦ

ମଧ୍ୟଭାରତୀୟ ଆର୍ଯ୍ୟଭାଷାର ସଂଖ୍ୟାବାଚକ ଶବ୍ଦ ଧ୍ୱନ୍ୟାତ୍ମକ ଦୃଷ୍ଟିରୁ ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାରୁ ଭିନ୍ନ ଆଗତ । ପ୍ରା: ଭା: ଆ: ପଣ୍ଡ ଏକ ଠାରୁ ଦଶ ପର୍ଯ୍ୟନ୍ତ ସଂଖ୍ୟାବାଚକ ବିଶେଷଣ । ଲିଙ୍ଗ ଅନୁସାରେ ଏମାନଙ୍କର ରୂପରେ ବିବିଧତା ଦେଖାଯାଏ । ଅବଶ୍ୟ ଏଗୁଡ଼ିକର ରୂପରଚନା ପୂର୍ଣ୍ଣତଃ ଘଟିନଥାଏ । ୧୧ ଠାରୁ ୧୯ ପର୍ଯ୍ୟନ୍ତ ସଂଖ୍ୟାବାଚକ ଦଶ ସହ ସମାସିତ ହୋଇଥାଏ । ଏହି ଦଶ ସମସ୍ତପଦର ଶେଷରେ ରହନ୍ତି । ପ୍ରାକୃତରେ -ରହ, -ରସ, -ଲହ (< -ଦଶ) ରୂପ ସୁଲଭ । ସଂସ୍କୃତ- ପଞ୍ଚାଶତ୍ ପ୍ରାକୃତରେ -ଵଣ୍ଣ, -ଵଣ୍ଣ୍ଣ ହୋଇଥାଏ—ଏଗଵଣ୍ଣ୍ଣ । ଏଗାଵଣ୍ଣ (୫୧), ବାଵଣ୍ଣ (୫୨) । ଶତ ଓ ପରବର୍ତ୍ତୀ ବୃହତ୍ ସଂଖ୍ୟାମାନ ସମୂହବାଚକ ବିଶେଷ୍ୟ ଭାବରେ ସଙ୍ଘଟିତ, କିନ୍ତୁ ବେଳେବେଳେ ସେଗୁଡ଼ିକର ବିଶେଷଣ ଭଳି ରୂପରଚନା ହୋଇଥାଏ ।

**ଗଣନାସୂଚକ ସଂଖ୍ୟା—**

ଏକ୍କ < ଏକ ସମସ୍ତ ପ୍ରାକୃତରେ ଏହା ଉପଲବ୍ଧ । ସ୍ତ୍ରୀଲିଙ୍ଗରେ ଏକ୍କା । ଅମାଗ: ଏଗ; ଅମାଗ: ଜୈନମହା:ରେ ବହୁଧା ଏଗ ବ୍ୟବହୃତ । ଏହି ସଂଖ୍ୟାର ରୂପରଚନା ସର୍ବଦା ଏକବଚନରେ ହୋଇଥାଏ; କିନ୍ତୁ ଅନିର୍ଦ୍ଧାର୍ଯ୍ୟତା (indeterminacy) ଅର୍ଥରେ ଏହାର ବହୁବଚନ ରୂପମାନ ମିଳେ ।

ଦୁବେ, ଦୁଵି (ଦୁଵା ଋଗ୍‌ବେଦ); ଦୋ < ଦ୍ୱୌ; ବେ, ବେ < ଦ୍ୱେ (କ୍ଲୀବ) ପ୍ରାଚୀନ ରୂପ । ଏଗୁଡିକ ଛଡ଼ା ତିଣ୍ଣିର ସାଦୃଶ୍ୟରେ ବ୍ୟବହୃତ ଦୋଣ୍ଣି ରୂପ (କ୍ଲୀବ ଲିଙ୍ଗରେ) ସୁଲଭ । ଦୁଣ୍ଣି, ବେଣ୍ଣି ଓ ବିଣ୍ଣି ରୂପ ବୈୟାକରଣଙ୍କ ପ୍ରଦତ୍ତ । (ତୁଳ: ଓ: ବେନି) । (୧)

---

(୧) ଦ୍ୱେର୍ଦୁବେ ଦ ଣ ବା । ବର— ୬।୫୭; ଦ୍ୱେର୍ଦୋବେ । ଦୁବେ ଦୋଣ୍ଣି ବେଣ୍ଣି ଚ ଜସ୍-ଶସା । ହେମ— ୩।୧୧୯, ୧୨୦, ସ୍ତ୍ରିୟାଂ ଦ୍ୱେର୍ଦୋଃ । ମାର୍କ— ୪।୧୧୩ ।

ତିଣ୍ଣି < ତ୍ରୀଣି । ଅମାଗଃରେ ତଓ < ତ୍ରୟଃ ମଧ୍ୟ ବ୍ୟବହୃତ । ଏହି ସଂଖ୍ୟାରେ ଲିଙ୍ଗଭେଦ ନାହିଁ । କ୍ଲୀବଲିଙ୍ଗ ରୂପ ହିଁ ଅନ୍ୟ ଲିଙ୍ଗର କାମ ଚଳାଇଥାଏ । ବରରୁଚି ଓ ପୁରୁଷୋତ୍ତମ ପ୍ରାକୃତରେ ତି- (< ସଂ: ତ୍ରି) ପ୍ରାତିପଦିକର ବ୍ୟବହାର ଦର୍ଶାଇଛନ୍ତି । ହେମଚନ୍ଦ୍ର, କ୍ରମଦୀଶ୍ୱର ଓ ମାର୍କଣ୍ଡେୟ ତୀ- ପ୍ରାତିପଦିକ ଦେଇଛନ୍ତି । ହସ୍ତଲିଖିତପ୍ରତିଗୁଡ଼ିକ ଭ୍ରମପୂର୍ଣ୍ଣ:— ତିହି(ଂ), ତୀହି(ଂ), ତିସୁ, ତୀସୁ ଇତ୍ୟାଦି । କର୍ତ୍ତା ଓ କର୍ମକାରକ ସମ୍ବନ୍ଧ ସମସ୍ତ ପ୍ରାକୃତ ବୈୟାକରଣ ଏକମତ ହୋଇଛନ୍ତି ଓ ତିଣ୍ଣି ରୂପ ସ୍ୱୀକାର କରିଛନ୍ତି । (୧) (ତୁଳନା: ଓ: ତିନି, ହିନ୍ଦୀ ତୀନ୍, ମରାଠୀ ତୀନ, ସଂକାଷା ତିଣ୍ଣ ) ।

ଚତ୍ତାରି (ମହା:); ଚତ୍ତାଲି (ମାଗ:); ଚତ୍ତାରୋ, ଚତ୍ତାରୋ (ମାଗ:) < ଚତ୍ୱାରଃ । ଚଉରୋ; ଚଦୁରୋ (ମାଗ:) < ଚତୁରଃ — ( ଏହା ଉପଭାଷୀୟ ପ୍ରୟୋଗ ) । ଅନ୍ୟକାରକର ପ୍ରାତିପଦିକ ଚଉ- < ଚତୁର୍ । (୨) ସମାସରେ ପ୍ରଥମ ଭାଗ ଚଉ- (<*ଚଦୁ) ଚଉଦହ, ମାଗ: ଚଉଦଶ, ଚଉଦାହ < ଚତୁର୍ଦ୍ଦଶ; ଚଉମୁହ, ଜୈନମହା: ଚଉମ୍ମୁହା < ଚତୁର୍ମୁଖ । ବେଳେବେଳେ ସନ୍ଧି ଫଳରେ ଚୋଦ୍ଦହ, ଚୋଦ୍ଦହ, ଚୋଗ୍ଗୁଣ (ଚଉଗ୍ଗୁଣ) ଶବ୍ଦ ସୁଲଭ ।

ପଞ୍ଚ : ପ୍ରା: ଭା: ଆ: ର ଏହି ସଂଖ୍ୟା ପ୍ରାକୃତରେ ସୁରକ୍ଷିତ । ଅମାଗ:, ଜୈନମହା: ଏବଂ ଶୌର: ରେ ପଞ୍ଚ (କର୍ତ୍ତା-କର୍ମ) । କରଣ — ପଞ୍ଚହିଂ (ଅମାଗ:); ପଞ୍ଚଣ୍ହଂ (ଅମାଗ:); ଅଧିକରଣ—ପଞ୍ଚସୁ (ଜୈନମହା:) ଏବଂ ଅମାଗ: ପଦ୍ୟରେ ପଞ୍ଚେ ରୂପ ମଧ୍ୟ ଦେଖାଯାଏ । (୩) ସ୍ତ୍ରୀଲିଙ୍ଗରେ କର୍ତ୍ତା-

---

(୧) ତ୍ରେସ୍ତ୍ରିଃ । ବର—୬।୫୫; ତିଣ୍ଣି ଜଶ୍‌ଶସ୍‌ଭ୍ୟାମ । —୫୬; ତ୍ରେସ୍ତ୍ରିଣ୍ଣିଃ । ହେମ—୩।୧୨୧ । ତ୍ରେସ୍ତ୍ରୀ; ତିଣ୍ଣି ସ୍ୟାତ୍ । ମାର୍କ—୬।୧୧୪-୫ । ଘୋ, ମାଗଧୀ: ୧୦୬ ।

(୨) ଚତୁରଶ୍ଚତ୍ୱରେ ଚତ୍ତାରି । ବର—୬।୫୮, ଚତୁରଶ୍ଚତ୍ତାରୋ ଚଉରୋ ଚତ୍ତାରି । ହେମ—୩।୧୨୨ । ମାର୍କ—୫-୧୧୯-୨୦ ।

(୩) ପିଶଲ୍, ଗ୍ରା: ବ୍ୟା: ୪୪୦ ।

କାରକରେ ପଞ୍ଚା, କରଣକାରକରେ ପଞ୍ଚାହିଂ ରୂପାଦିର ସମତର୍କବାଗୀଶ ଉଲ୍ଲେଖ କରିଛନ୍ତି । କିନ୍ତୁ ଡକ୍ଟର ଝା ଏଗୁଡ଼ିକୁ ସନ୍ଦିଗ୍ଧ ରୂପ ବୋଲି କହିଛନ୍ତି । (୧) ସମାସରେ ପଞ୍ଚ- ଓ ପଞ୍ଚା- ର ବ୍ୟବହାର ପ୍ରାପ୍ତ । ଅନ୍ୟ ସଂଖ୍ୟା ଶବ୍ଦମାନଙ୍କ ସହ ପଞ୍ଚ ଓ ଅମାଗ: ଜୈନମହା: ରେ ପଣ୍ଣ (ପନ୍ନ), ପଣ ଭାବରେ ଯୁକ୍ତ ହୋଇଥାଏ । (୨)

[ ଲୁଳମାସ୍ତୁ—କରଣ ପା: ପଞ୍ଚହି; ଅପ: ପଞ୍ଚହିଂ । ସମ୍ବନ୍ଧ ପା: ପଞ୍ଚନ୍ନଂ; ଅପ: ପଞ୍ଚହଂ । ଅଧିକରଣ ପା: ପଞ୍ଚସୁ । ]

ଛ : ଏହା ସମସ୍ତ ପ୍ରାକୃତରେ ଉପଲବ୍ଧ । ଏହାର ଉତ୍ପତ୍ତି ସମ୍ବନ୍ଧରେ ଡକ୍ଟର ସୁନୀତିକୁମାର ଚଟାର୍ଜି କହିଛନ୍ତି—ଛ < ପ୍ରା: ଭା: ଆ: *ଷଷ୍ କିମ୍ବା *କ୍ଷଜ୍ । ସଂସ୍କୃତ 'ଷ୍' କେତେକ ଅଞ୍ଚଳରେ (ପଶ୍ଚିମାଞ୍ଚଳ) 'ଖ୍' ପରି ଉଚ୍ଚାରିତ ଏବଂ ପ୍ରା: ଭା: ଆ: ର 'କ୍ଷ'ର ସେହି ପଶ୍ଚିମୀ ପ୍ରୟୋଗ 'ଛ୍' (ମ: ଭା: ଆ:ରେ) ସମସ୍ତ ଅଞ୍ଚଳରେ ସଂଖ୍ୟାରୂପରେ ବ୍ୟବହୃତ ହୋଇପାରିଛି । (ତୁଳ – ଓ: ଛଅ, ଛ, ଅସମୀୟ ଛୟ୍, ବଙ୍ଗଳା ଛ, ଛୟ, ପଂଜାବୀ ଛେ, ମରାଠୀ ସହା ଏବଂ ଦଶକରେ ଛେ, ଛେସ୍, ଛୁସ୍; ହିନ୍ଦୀ ଛ) । (୩)

ଏହି ଛ ସଂଖ୍ୟାର ରୂପରଚନା -ଅକାରାନ୍ତ ପୁଂ-ବିଶେଷ୍ୟ ପରି ହୋଇଥାଏ । ସମତର୍କବାଗୀଶ ଛ- ପ୍ରାତିପଦିକ (ସ୍ତ୍ରୀଲିଙ୍ଗ) ଦେଇଛନ୍ତି ଯାହାର କର୍ତ୍ତା-କର୍ମ-ଛଓ, କରଣ ଛହିଂ ଇତ୍ୟାଦି । କିନ୍ତୁ ପୁରୁଷୋତ୍ତମ ଛଅ- ପ୍ରାତିପଦିକର ଉଲ୍ଲେଖ କରିଅଛନ୍ତି । ଅପାଦାନରେ ଏହା ଛ ଏବଂ କରଣ ଓ ଅଧିକରଣରେ ବିକଳ୍ପରେ ଛ (ରୂପ) ହୁଏ । (୪) ମାର୍କଣ୍ଡେୟ—ଛଅ, ଛଆ, ଛଏହିଂ, ଛଆଣଂ, ଛଏହିଂ, ଛହିଂତୋ, ଛସୁଂତୋ ରୂପ

(୧) ଝା, ମାଗଧୀ: ୧୦୮ ।

(୨) ପିଶଲ୍, ପୂର୍ବୋକ୍ତ ।

(୩) ଚଟାର୍ଜି, ଓ: ଡ: ଲ: ଏଲ୍: ୪୧୭ ।

(୪) ଝା, ମାଗଧୀ; ୧୪୯; ପିଶେଲ୍, ପ୍ରା; ବ୍ୟା; ୪୪୧ ।

ଦେଇଛନ୍ତି । (୧) [ ତୁଳନୀୟ—କର୍ତ୍ତା-କର୍ମ ନପୁ: ଷୋ; ପା: ଛ; ଅପ: ଛହ । କରଣ ପା: ଛହି । ସମ୍ବନ୍ଧ ପା: ଛନ୍ନଂ । ଅଧିକରଣ ପା: ଛସ୍ସୁ (ପଞ୍ଚସୁ ସାଦୃଶ୍ୟରେ) ] । (୨)

ସତ୍ତ < ସପ୍ତ : ଏହା ସମସ୍ତ ପ୍ରାକୃତ ତଥା ଅନ୍ୟ ମ: ଭା: ଆ: ରେ ପ୍ରାପ୍ତ । ମାଗଧୀରେ ଶତ୍ତ । କର୍ତ୍ତା-କର୍ମ ସତ୍ତ । କରଣ—ସତ୍ତହିଂ (ଅମାଗ:) । ସମ୍ବନ୍ଧ—ସତ୍ତଣ୍ହଂ (ଅମାଗ:, ଜୈମହା:, ଜୈଶୌର: , ସତ୍ତଣ୍ହ ରୂପ ମଧ୍ୟ ହେମଚନ୍ଦ୍ରଙ୍କ ପ୍ରାକୃତ ବ୍ୟାକରଣରେ ମିଳେ (୩।୧୨୩) । ଅଧିକରଣ—ସତ୍ତସୁ । ସନ୍ଧି ଓ ସମାସରେ ସତ୍ତ-, ସତ୍ତ- ରୂପ ମିଳେ । (ତୁଳନୀୟ—ନପୁ: ସତ; ସମ୍ବନ୍ଧ—ପା: ସତ୍ତନଂ, ସତ୍ତନ୍ନଂ) ।

ଅଟ୍ଠ (ଅଡ-) < ଅଷ୍ଟ : କର୍ତ୍ତା-କର୍ମ- ଅଟ୍ଠ (ଅମାଗ:) । କରଣ—ଅଟ୍ଠହିଂ (ଅମାଗ:) । ସମ୍ବନ୍ଧ—ଅଟ୍ଠଣ୍ହଂ (ଅମାଗ:, ଜୈମହା:), ଅଟ୍ଠଣ୍ହ । (୩) ଅଧିକରଣ—ଅଟ୍ଠସୁ (ଅମାଗ:) । ସନ୍ଧି ଓ ସମାସରେ ଅଟ୍ଠ ରୂପ ଦେଖାଯାଏ:—ଅଟ୍ଠବିହ (ଅମାଗ:) < ଅଷ୍ଟବିଧ; ଅଟ୍ଠପଉଟ୍ଠ (ଶୌର:) < ଅଷ୍ଟପ୍ରକୋଷ୍ଠ; ଅଟ୍ଠଡ଼ଉଇ, ଅଟ୍ଠତୀସଂ (ଜୈମହା:) । ଅଟ୍ଠା- ର ପ୍ରୟୋଗ ବି ମିଳେ- ଅଟ୍ଠାବୟ (ଅମାଗ:, ଜୈମହା:) < ଅଷ୍ଟାପଦ; ଅଟ୍ଠାରହ < ଅଷ୍ଟାଦଶ । ଅମାଗ: ରେ ଅଡ-ଯୋଗରେ—ଅଡୟାଲିସଂ, ଅଡୟାଲ । (ତୁଳନୀୟ—କର୍ତ୍ତା-କର୍ମ- ନପୁ: ଅଠ, ପା:, ଅପ: ଅଟ୍ଠା ଅପ: ଅଟ୍ଠଇଂ, ଅଟ୍ଠାଆ । କରଣ—ପା: ଅଟ୍ଠାହି, ଅଟ୍ଠହି) । (୪)

---

(୧) ମାର୍କ—ଛତ୍ ଛଅ । (୫।୧୨୫); ଉସ୍ୟତ ଏହ । (୫।୧୨୬); ଶ୍ଚ ଭ୍ୟସି । (୫।୧୨୭) । ଷ୍ଣି ସ୍ଥାଂ ଉସ୍ସୁପୋଷ୍ଟ ସ୍ୟାତ୍ । (୫।୧୨୮) ।

(୨) ସେନ, ପୂର୍ବୋକ୍ତ ପୃ: ୧୩୪ ।

(୩) ସଂଖ୍ୟାସ୍ଥା ଆମୋ ଣ୍ହ ଣ୍ହଂ । ହେମ—୩।୧୨୩ ।...

(୪) ପିଶଲ୍, ପ୍ରା: ବ୍ୟା: ୪୪୨ । ସେନ, ପୂର୍ବୋକ୍ତ ପୃ: ୧୩୪-୫ ।

ନବ, ନଅ, ନବ : ପ୍ରା: ଭା: ଆ: ର ନବ ପ୍ରାକୃତରେ ଅପରିବର୍ତ୍ତ ରୂପରେ ପ୍ରାପ୍ତ । କର୍ତ୍ତା-କର୍ମ- ନବ (ଅମାଗ:, ଜୈନମହା:) । କରଣ- ନବହିଂ । ସମ୍ବନ୍ଧ ନବଣ୍ହଂ, ଣବଣ୍ହ (ଅମାଗ:) । ପାଇଅସଦ୍ଦମହଣ୍ଣବରେ: ଣବ '୯', ଣବଇ '୯୦' । ସନ୍ଧି ଓ ସମାସରେ ଣବ- ରୂପ ଆସେ:—ଣବଣଉଇଂ '୯୯' (ଅମାଗ:), ଣବଣବାଣଣ (ଗଉଡ଼: ୪-୨୬) [ତୁଳନୀୟ— କର୍ତ୍ତା-କର୍ମ- ନପୁ: ନୋ, ପା: ନବ । ଅପ: ଣବଦହ; ଣବଣବଇ] । (୧)

ନିମ୍ନରେ ଏକଠାରୁ ଦଶ ପର୍ଯ୍ୟନ୍ତ ସଂଖ୍ୟାଶବ୍ଦମାନଙ୍କରେ ରୂପାବଳୀ ଦିଆଗଲା—

| | ପୁଂଲିଙ୍ଗ | ସ୍ତ୍ରୀଲିଙ୍ଗ | କ୍ଲୀବ |
|---|---|---|---|
| କର୍ତ୍ତା | ଏକକ<br>ଏକେ, ଏଗେ (ଅମାଗ:) | ଏଗା | ଏକ୍କଂ; ଏଗଂ<br>(ଅମାଗ:) |
| କର୍ମ | ଏଗଂ | ଏଗଂ | ଏକ୍କଂ; ଏଗଂ<br>(ଅମାଗ:) |
| କରଣ | ଏଗେଣ (ଅମାଗ:) | ଏଗାଏ (ଅମାଗ:) | |
| ଅପାଦାନ | ଏଗାଓ | ଏଗାଓ (ଅମାଗ:) | |
| ସମ୍ବନ୍ଧ | ଏଗସ୍ସ (ଅମାଗ: ;<br>ଏକ୍କାହ (ମହ :) | ଏଗାଏ, ଏକ୍କେକଣ<br>(ଅମାଗ:) | |
| ଅଧିକରଣ | ଏକକମ୍ମି (ମହା:);<br>ଏକ୍କସ୍ସିଂ (ଶୌର:);<br>ଏଗଂସି, ଏଗମ୍ମି (ଅମାଗ:) | ଏଗାଏ (ଅମାଗ:) | |

[ ତୁଳ: କର୍ତ୍ତା ପୁଂ ଜର୍ମ: ଏକେ; ନପୁ: ଏକ; ସ୍ତ୍ରୀ- ସୁତ୍ତନକା [ଇକା । କରଣ-ପୁଂ-ଧନ୍ନକ, ଜର୍ମ: ଏକେନ । ସମ୍ବନ୍ଧ-ପୁଂ-କ୍ଲୀ-ପା: ଏକସ୍ସ; ସ୍ତ୍ରୀ-ପା: ଏକସ୍ସା । ଅଧିକରଣ-ପୁଂ-କ୍ଲୀ-ପା: ଏକସ୍ମିନ୍; ଅପ: ଏକ୍କହିଂ (ସ୍ତ୍ରୀଲିଙ୍ଗରେ ମଧ୍ୟ) ]

(୧) ଶ୍ରୀବାସ୍ତବ : ଅପଭ୍ରଂଶ ଭାଷା ଏକ ଅଧ୍ୟୟନ ପୃ: ୧୮୯; ପିଶଲ୍, ପୂର୍ବୋକ୍ତ; ହେମ— ପୂର୍ବୋକ୍ତ ।

ବହୁବଚନରେ ଏକ କେତେକ ଅର୍ଥରେ ବ୍ୟବହୃତ –

ଏଗେ (ଅମାଗ:), ଏକ୍‌କେ (ମହା:); ଏଗେସି(°) (ଅମାଗ: ସମ୍ବନ୍ଧ କାରକରେ) । [ତୁଳ: ନସ୍ମ: ଏକେ] (୧)

ଦୋ < ଦ୍ୱୌ; ବେ < * ଦ୍‌ବେ (୨)

| | ପୁଂ-ସ୍ତ୍ରୀ- | କ୍ଲୀବ |
|---|---|---|
| କର୍ତ୍ତା } କର୍ମ } | ଦୋ, ଦୁ, ଦୁବେ, ବେ | ଦୋଣି, ଦୋଣ୍ଣି, ବେଣ୍ଣି, ଦଣ୍ଣି |
| | ଅମାଗ: ଦୋ, ଦୁବେ, ଦୋଣ୍ଣି (ଡନଲିଙ୍ଗରେ) | |
| କରଣ | ଦୁବେହ୍ନିଂ, ଦୋହ୍ନିଂ; ଦୋହ୍ନିଂ (ଅମାଗ:) | |
| ଅପାଦାନ | ଦୋହ୍ନିଂତୋ (ଅମାଗ:) | |
| ସମ୍ବନ୍ଧ | ଦୋଣ୍ଣଂ; ଦେଣ୍ହ (ଅମାଗ:) ଦୁଣ୍ହଂ, ବେଣ୍ହଂ; ଦୁବେଣ୍ଣଂ (ଶୌର:) | |
| ଅଧିକରଣ | ଦୋସୁ (ଅମାଗ:), ଦୁବେଣଂ (ଶୌର:); ବେସୁ, ବେସୁଂ (୩) | |

[ତୁଳ: କର୍ତ୍ତା-କର୍ମ ପୁଂ- ସ୍ତ୍ରୀ ଜଉ: ଦୁବେ; ଶାହ୍: ଦୁଵି; ଅପ୍ଯ: ଦୁଇ, ଦ, ଦୁଏ, ଦୁ, ତୁଇ । ପା: ଦ୍ୱେ, ଦୁବେ । ଅପ: ବ, ବେଇ, ବଣ୍ଣି, ବେଣ୍ଣି; ଦ୍ୱେ < ଦ୍ୱେ, ଦ୍ୱେଣ୍ଣି । କରଣ – ଟୋପ୍ରା ଦୁବେହ୍ନି; ପା: ଦ୍ୱିହି;

(୧) ପ୍ରା: ବ୍ୟା: (ହେମଚନ୍ଦ୍ର) ସମ୍ପାଦକ ପି: ଏଲ୍: ବୈଦ୍ୟ ପୃ: ୬୫୨-୩; ପିଶେଲ, ଅର୍ଦ୍ଧମାଗଧୀ: ପୃ: ୧୫୬; ସେନ, ପୂର୍ବୋକ୍ତ ପୃ: ୧୩୧ ।

(୨) ପୂର୍ବୋକ୍ତ; ସେନ, ପୂର୍ବୋକ୍ତ ପୃ: ୧୩୨ ।

(୩) କେବଳ ବ୍ୟାକରଣରେ ପ୍ରାପ୍ତ । ସେନ, ପୂର୍ବୋକ୍ତ ।

ଅପ: ବେହ୍ନଂ, ଭହ୍ନଂ । ସମ୍ବନ୍ଧ — ପା: ଦୁନ୍ନଂ, ଦୁବିନ୍ନଂ; ଅପ: ଦୁହ୍ନଂ, ବେଣ, ଦୁବେଣ୍ଣ । ଅଧିକରଣ — ପା: ଦ୍ୱୀସୁ; ଅପ: ବେହ୍ନଂ । (୧)

| | ତି- | ଚଉ- |
|---|---|---|
| କର୍ତ୍ତା | ତଓ < ତ୍ରୟଃ,<br>ତିଣ୍ଣି < ତ୍ରୀଣି | ଚତ୍ତାରୋ, ଚଉରୋ;<br>କ୍ଳୀବ- ଚତ୍ତାରି |
| କର୍ମ | ତଓ, ତିଣ୍ଣି<br>ତିଣ୍ଣି (ଅପ:) | ଚତ୍ତାରୋ, ଚଉରୋ |
| କରଣ | ତୀହିଂ, ତିହିଂ | ଚଉହି; ଚଉହି(ଂ) (ଅମାଗ:)<br>ଚଉହି, ଚଉହିଂତୋ |
| ଅପାଦାନ | ତୀହିଂତୋ | ଚଉହିଂତୋ (୨), ଚଉସୁଂତୋ,<br>ଚଉସୁଂତୋ (୩) |
| ସମ୍ବନ୍ଧ | ତିଣ୍ହଂ, ତିଣ୍ଣଂ | ଚଉଣ୍ହଂ;<br>ଚଦୁଣ୍ଣଂ (ଶୌର:, ମାଗ:) |
| ଅଧିକରଣ | ତୀସୁ, ତୀସୁଂ | ଚଉସୁ, ଚଉସୁଂ, ଚଉସୁ (୪)<br>ଚଉସୁଂ (୨) |

[ ପା: କର୍ତ୍ତା-କର୍ମ- ତଯୋ, ତୀନି; ସ୍ତ୍ରୀ- ତିସ୍ସୋ । କରଣ — ତୀହି; ସ୍ତ୍ରୀ- ତିସ୍ସନ୍ନଂ । ଅଧିକରଣ — ତୀସୁ ] ।

[ ତୁଳ. କର୍ତ୍ତା ପୁଂ- ଗିର୍: ଚତ୍ପାରେ; ଶାହ: ଚତ୍ତୁରେ । କର୍ତ୍ତା-କର୍ମ- ଖରଧନ୍ନ: ଚଉର; ନପୁ: ଚଉର, ଚହ୍ନର; ପା: ପୁଂ- ସ୍ତ୍ରୀ- ଚତ୍ତୁରୋ; ଚତ୍ତାରି;

(୧) ଦ୍ର: ଗାଇଗର୍, ପାଲି: ୧୧୪ । ଡଃ ଶ୍ରୀବାସ୍ତବ ଅପଭ୍ରଂଶ: ପୃ: ୧୮୭ ରେ ଆଉ କେତେକ ରୂପ ଦେଇଛନ୍ତି — ଦୁ, ଦୋ, ଦୁଂ < ଦ୍ୱାଭ୍ୟାମ୍; ଦୋନ୍ନି, ଦୁନ୍ନି; ଦୋହ୍ନଂ, ଦୋହ୍ନ (ଦ୍ୱୟୋଃ ଅଧିକରଣ); ଦୁଣ୍ହଂ, ଦୋଣ୍ହ (ଦ୍ୱୟୋଃ ସମ୍ବନ୍ଧ) ।

(୨) ମାର୍କ — ୫।୧୨୦ ।

(୩) ପିଶଲ୍, (ସିଂହରାଜ) ୪୩୯ ।

(୪) ହେମ — ୩।୧୭ ।

ଅପ: ଚ୍ଚାର । କରଣ—ପା: ଚତୁବ୍ଭି, ଚତ୍ଵୁହି, ଚତୂଭି (ପୁଂ) । ସମ୍ବନ୍ଧ—ପା: ପୁଂ- କ୍ଲୀବ- ଚତୁନ୍ନଂ ସ୍ତ୍ରୀ- ଚତସ୍ସନ୍ନଂ । ଅଧିକରଣ—ପା: ଚତୁସୁ, ଚତୂସୁ । (୧)

ଦଶ: କର୍ତ୍ତା-କର୍ମ- ଅମାଗ:, ଜୈମହା: ଓ ଶୌର:ରେ ଦସ ଏବଂ ମାଗ: ଓ ଢକ୍କୀରେ ଦଶ ଶବ୍ଦ ସୁଲଭ । ମହା:ରେ ଦସ କମ୍ଭା ଦହ ମିଳେ । କରଣ—ଦସହିଂ (ଅମାଗ:, ଜୈମହା:), ଦସହି (ମହା:), ଦଶେହିଂ (ମାଗ:) । ସମ୍ବନ୍ଧ—ଦସଣ୍ହ(ଂ) (ଅମାଗ:, ଜୈମହା:), ଦଶାଣଂ (ମାଗ:), ଜବାସଗଦସାଣଂ (ଅମାଗ:) । ଅଧିକରଣ – ଦସସୁ (ମହା:, ଅମାଗ:), ଚସସୁ (ଚୂପୈ:) । (ତୁଳନୀୟ:—ଧଉଳି, ଜଉ:, ନପୁ: ପା:, ଅପ: ଦସ; ଅପ: ଦହ । କରଣ – ପା: ଦସହି, ଦସଭି ।

ଏଆରହ (ମହା:); ଏକ୍କାରସ (ଅମାଗ:); ଏଗାଲହ (ମାଗ:) < ଏକାଦଶ । (ତୁଳ: ଅଶୋ:, ପା: ଏକଦସ; ଅପ: ଏଆରହ, ଏଗ୍ଗାରହ) ।

ବାରସ (ମହା:); ବାଲହ, ବାଲଶ (ମାଗ:); ଦୁବାଲସ (ଅମାଗ:, ଜୈମହା:) < ଦ୍ୱାଦଶ । (ତୁଳ: ଧଉଳି, ଜଉ: ଦୁଵାଦଶ; ପା: ବାରସ; ଅପ: ବାରହ) ।

ତେରହ (ମହା:); ତେରସ (ଅମାଗ:); ତେଲହ (ମାଗ:) < ତ୍ରୟୋଦଶ । (ତୁଳ: ଧଉଳି ତେଦସ; ପା: ତେରସ; ଅପ: ତେରହ) ।

ଚୋଦ୍ଦସ; ଚୋଦ୍ଦଶ, ଚୋଦ୍ଦହ (ମାଗ:) < ଚତୁର୍ଦ୍ଦଶ । (ତୁଳ: ପା: ଚତୁଦ୍ଦସ; ଅପ: ଚଉଦହ, ଚଉଦ୍ଦହ, ଚୁଦ୍ଦହ, ଦହ-ଚଉ, ଚଉ-ଦହ) ।

ପନ୍ନରହ, ପଣ୍ଣରହ; ପନ୍ନରସ, ପଣ୍ଣରସ (ଅମାଗ:), ପଞ୍ଚଲହ, ପଣ୍ଣଲହ (ମାଗ:) < ପଞ୍ଚଦଶ । (ତୁଳ: ଅଶୋ:, ପା: ପନ୍ନରସ, ପଣ୍ଣରସ; ଅପ: ପଣ୍ଣରହ, ଦହ-ପଞ୍ଚ) ।

ସୋଳସ; ଶୋଳଶ, ଶୋଳହ (ମାଗ:) < ଷୋଡଶ । (ତୁଳ: ପା: ସୋଳସ; ଅପ: ସୋଳହା, ସୋଳା) ।

ସତ୍ତରସ, ସତ୍ତରହ < ସପ୍ତଦଶ । (ପା: ସତ୍ତଦସ, ସତ୍ତରସ; ଅପ: ଦହ-ସତ୍ତ) ।

(୧) ସେନ, ପୂର୍ବୋକ୍ତ; କଚ୍ଚାୟନ, ପାଲି: ୭୭ ।

ଅଟ୍‌ଠାଦସ, ଅଟ୍‌ଠାରସ; ଅଟ୍‌ଠଲଶ (ମାଗ:) < ଅଷ୍ଟାଦଶ । (ତୁଳ: ପା: ଅଟ୍‌ଠାଦସ) ।

ଅମାଗ: ଏଗୁଣବୀସଂ, ଅଉଣବୀସଂ, ଅଉଣବୀସଇ; ମାଗ: ଏଗୁଣବୀଶ(ଂ) (ସଂ: ଏକୋନବିଂଶତି) । (ତୁଳ: ପା: ଏକୁନବୀସ(ତି); ଅପ: ଏଗୁଣବିଂସା, ଣବ-ଦହ) ।

୧୯ରୁ ୫୮ ପର୍ଯ୍ୟନ୍ତ ସଂଖ୍ୟାବାଚକ ଶବ୍ଦମାନ କ୍ଲୀବଲିଙ୍ଗ (-ଅଂ) କମ୍ବା ସ୍ତ୍ରୀଲିଙ୍ଗ (-ଆକାରାନ୍ତ) । କର୍ତ୍ତାକାରକ ରୂପମାନ କ୍ଲୀବଲିଙ୍ଗ । ଅନ୍ୟ କାରକରେ ରୂପମାନ ପ୍ରାୟଃ ସ୍ତ୍ରୀଲିଙ୍ଗ (ପିଶଲ୍, ୪୪୫) ।

ବୀସ(ଂ), ବୀସା, ବୀସଈ, ବୀସଇଂ; ମାଗ: ବୀଶ(ଂ), ବୀଶଦ < ବିଂଶତି । (ତୁଳ: ପା: ବୀସତି; ଅପ: ବୀସ) ।

ଏକ୍‌କବିଂସ(ଂ), ଏକ୍‌କବୀସ; ମାଗ: ଏକ୍‌କବୀଶ (=ସଂ: ଏକବିଂଶତି) ।

ବାବୀସଂ (< ଦ୍ୱାବିଂଶତି) । (ତୁଳ: ପା: ବାବୀସ(ତି); ଅପ: ବାଇସ) ।

ତେବୀସଂ(< ତ୍ରୟୋବିଂଶତି) । (ତୁଳ: ପା: ତେବୀସ; ଅପ: ତେଇସ) ।

ଚଉବୀସଂ, ଚଉବ୍‌ବୀସଂ < ଚତୁର୍ବିଂଶତି । (ତୁଳ: ପା: ଚତୁବୀସ; ଅପ: ଚଉବୀସ, ଚେଉବୀସ) ।

ପଣବୀସଂ, ପଣୁବୀସଂ, ପନ୍ନୁବୀସା(ଙ୍ଗ) (< ପଞ୍ଚବିଂଶତି) । (ତୁଳ: ପା: ପଞ୍ଚବୀସ, ପଣ୍‌ଣବୀସତି, ପଣ୍ଣୁବୀସଂ; ଅପ: ପଚୀସ) ।

ଛବ୍‌ବୀସଂ (< ଷଡ଼ବିଂଶତି); ଅମାଗ: ଛବ୍‌ବୀସ । (ତୁଳ: ଅଶୋ: ଟୋପ୍ରା···ସଡୁବୀସତି; ପା: ଛବୀସତି; ଅପ: ଛବ୍‌ବୀସ, ଛହବୀସ) ।

ସତ୍ତବୀସଂ, ସତ୍ତବୀସଂ, ସତ୍ତବୀସା (= ସପ୍ତବିଂଶତି) । (ତୁଳ: ଅଶୋ: ଟୋପ୍ରା···ସତବୀସତି; ଅପ: ସତ୍ତଇସ) ।

ଅଟ୍‌ଠାବୀସ, ଅଟ୍‌ଠାବୀସ (= ଅଷ୍ଟାବିଂଶତି) । (ତୁଳ: ପା: ଅଟ୍‌ଠବୀସତି; ଅପ: ଅଟ୍‌ଠାଇସ, ଅଠାଇସା) ।

ଅଉଣତ୍ତୀସ < ଏକୋନତ୍ରିଂଶତ୍

ତୀସ, ତୀସା; ମାଗ: ତିଶ(°), ତିଶା (= ତ୍ରିଂଶତ୍); ଅମାଗ: ତୀସ, ତୀସଇ <* ତ୍ରିଂଶତି (ବିଂଶତିର ସାଦୃଶ୍ୟରେ) । (୧)

(ତୁଳ: ପା: ତିଂସ(°), ତିଂସା; ଅପ: ତୀସ, ତୀସା)

ବତ୍ତୀସଂ, ବତ୍ତୀସା; (ମହା: ଦୋ-ସୋଳହ) । (ତୁଳ: ପା: ଦ୍ୱତ୍ତିଂସ, ବତ୍ତିଂସ; ଅପ: ବତ୍ତୀସ) ।

ତେତ୍ତୀସଂ; ଅମାଗ: ତାୟତ୍ତୀସା, ତାବତ୍ତୀସଗା, ଜୈନମହା: ତାବତ୍ତୀସୟ ।

ଚୋତ୍ତୀସଂ < ଚତୁସ୍ତ୍ରିଂଶତ୍ (ତୁଳ: ଅପ: ଚଉତ୍ତୀସ) । (୨)

ପଣତୀସଂ < ପଞ୍ଚତ୍ରିଂଶତ୍ । (ତୁଳ: ଖାରବେଳ: ପନତୀସାହି; ଅପ: ପଂଚତୀସ) । (୩)

ଛତ୍ତୀସଂ, ଛତ୍ତୀସା < ଷଟ୍‌ତ୍ରିଂଶତ୍ । (ତୁଳ: ପା: ଛତ୍ତିଂସ; ଅପ: ଛତ୍ତୀସ) ।

ଅଟ୍‌ଠତ୍ତୀସଂ, ଅଟ୍‌ଠତୀସଂ ।

ଚତ୍ତାଲୀସ, ଚତ୍ତାଲୀସଂ, ଚୟାଲୀସଂ < ଚତ୍ୱାରିଂଶତ୍ । (ପା: ଚତ୍ତାରୀସ(°), ଚତ୍ତାଲୀସ(°), ଚତ୍ତାଲୀସା; ଅପ: ଚାଲୀସ) ।

ଅମାଗ: ବାୟାଲୀସଂ < ଦ୍ୱା(କ)ଚତ୍ୱାରିଶ (ଅପ: ବାଆଲୀସ)

ତେଆଲୀସା; ଜୈନମହା: ତେୟାଲୀସଂ । (୪)

ଚଉଆଲୀସଂ, ଚୋୟାଲୀସ, ଚୋୟାଲୀସା । (ତୁଳ: ଅପ: ଚଉଆଲୀସ) ।

ଅମାଗ: ପଣୟାଲୀସା, ପଣୟାଲୀସଂ । (ଅପ: ପଚତାଲସ, ପଚତାଲୀସହ)

ଛୟାଲୀସଂ । (ଅପ: ଛୟାଲୀସ, ଛାଲୀସ) ।

ସୀୟାଲୀସଂ (ଅମାଗ:) । (ଅପ: ସତ୍ତଚାଲୀସ) ।

ଅମାଗ: ଅଟ୍‌ଠଚତ୍ତାଲୀସଂ । (ପା: ଅଟ୍‌ଠଚତ୍ତାରୀସଂ; ଅପ. ଅଡତାଲୀସ) ।

---

(୧) ମାଗ: ତିଶା କର୍ତ୍ତା ସ୍ତ୍ରୀଲିଙ୍ଗ) । କରଣ- ତିଶାଏ । ଝା, ମାଗଧୀ: ୧୫୩ ।

(୨) ଶ୍ରୀବାସ୍ତବ, ଅପଭ୍ରଂଶ: ପୃ: ୧୯୩ ।

(୩) ଶ୍ରୀବାସ୍ତବ, ପୂର୍ବୋକ୍ତ ।

(୪) ପିଶଲ, ପୂର୍ବୋକ୍ତ ।

ଏକ୍କୁଣପଣ୍ଣ (ମାଗ:) । (ଅପ: ଏକ୍କୁଣପଣ୍ଣସ, ଏକ୍କୁଣପଣ୍ଣାସ) ।

ପଣ୍ଣାସଂ, ପଣ୍ଣାସା, ପନ୍ନା; ମାଗ: ପଣ୍ଣାଶଂ, ପଣ୍ଣାଶ । (ତୁଳ: ପା: ପଞ୍ଞାସ(ଂ), ପଞ୍ଞାସା; ଅପ: ପଣ୍ଣାସ) । (ସଂ: ପଞ୍ଚାଶତ୍)

ଅମାଗ: ଏଗାବନ୍ନ (= ଏକପଞ୍ଚାଶତ୍) । (ଅପ: ଏକ୍କବଣ୍ଣାସ) ।

ଅମାଗ: ବାବନ୍ନ (= ଦ୍ୱାପଞ୍ଚାଶତ୍) । (ଅପ: ଦୁବଣ୍ଣାସ) ।

ଅମାଗ: ତେବନ୍ନ (= ତ୍ରିପଞ୍ଚାଶତ୍) । (ଅପ: ତିବଣ୍ଣାସ) ।

ଅମାଗ: ଚଉବନ୍ନ (= ଚତୁଃପଞ୍ଚାଶତ୍) । (ଅପ: ଚଉଣ୍ଣାସ) ।

ଅମାଗ: ପଣବନ୍ନ (ପଞ୍ଚପଞ୍ଚାଶତ୍) । (ଅପ: ପଞ୍ଚବଣ୍ଣାସ, ପଣପଣ୍ଣାସ) ।

ଅମାଗ: ଛପ୍ପନ୍ନ (= ଷଟ୍ପଞ୍ଚାଶତ୍) । (ଅଶୋ: ସଡ଼ସ୍ରମ୍, ସପଂଞ୍ଚା(ସ); ପା: ଛପଞ୍ଞାସ; ଅପ: ଛପ୍ପଣ୍ଣାସ, ଛପ୍ପଣ) ।

ଅମାଗ: ସତ୍ତାବନ୍ନ (= ସପ୍ତପଞ୍ଚାଶତ୍) । (ଅପ: ସତ୍ତାବଣିଅ, ସତ୍ତାବଣ୍ଣାଇ) ।

ଅମାଗ: ଅଟ୍ଠାବନ୍ନ (= ଅଷ୍ଟପଞ୍ଚାଶତ୍) । (ଅପ: ବର୍ତ୍ତ‌ଂ ଭାଷାରେ 'ଷାଠିରୁ ଦୁଇ ଊଣା') ।

ଅମାଗ: ଏଗୁଣସଟ୍ଠି (= ଏକୋନଷଷ୍ଟି) । (ଅପ: ଏକ୍କୁଣସଟ୍ଠି) ।
ସଟ୍ଠି, ସଟ୍ଠିଂ (= ଷଷ୍ଟି); ଶୌର: ଛଟ୍ଠିଂ (କର୍ମଧାରୟ) ସମାସରେ -ସଟ୍ଠିଂ, -ବଟ୍ଠି, -ଅଟ୍ଠିଂ ରୂପ ମିଳେ । (ପା:, ଅପ: ସଟ୍ଠି) ।

ଅମାଗ: ଇଗସଟ୍ଠିଂ, ଏଗଟ୍ଠିଂ (= ଏକଷଷ୍ଟି) । (ଅପ: ଏକ୍କସଟ୍ଠି) ।

ଅମାଗ: ବାସଟ୍ଠିଂ, ବାବଟ୍ଠିଂ (= ଦ୍ୱାଷଷ୍ଟି) । (ଅପ: ବାସଟ୍ଠି) ।

ଅମାଗ: ତେସଟ୍ଠିଂ, ତେବଟ୍ଠିଂ (= ତ୍ରିଷଷ୍ଟି) । (ଅପ: ତେବଟ୍ଠି) ।

ଅମାଗ: ଚଉସଟ୍ଠି, ଚୋଟ୍ଠଟ୍ଠୀ, ଚଉବଟ୍ଠି (= ଚତୁଃଷଷ୍ଟି) । (ଅପ: ଚଉସଟ୍ଠି) ।

ଅମାଗ: ପଣସଟ୍ଠିଂ, ପଣ୍ଣସଠିଂ (= ପଞ୍ଚଷଷ୍ଟି) । (ଅପ: ପଣସଟ୍ଠି, ପଞ୍ଚସଟ୍ଠି) ।

ଅମାଗ: ଛାବଟ୍ଠିଂ (= ଷଟ୍ଷଷ୍ଟି)। (ଅପ: ଛସଟ୍ଠି)।

ଅମାଗ: ସତ୍ତସଟ୍ଠିଂ (= ସପ୍ତଷଷ୍ଟି)। (ଅପ: ସତ୍ତସଟ୍ଠି)।

ଅମାଗ: ଅଡସଟ୍ଠିଂ, ଅଟ୍ଠସଟ୍ଠି (= ଅଷ୍ଟଷଷ୍ଟି)।
(ଅପ: ଅଟ୍ଠସଟ୍ଠି, ଅଟ୍ଠାସଟ୍ଠି)।

ଅମାଗ: ଏଗୂଣସତ୍ତରି (= ଏକୋନସପ୍ତତି)। (ଅପ: ଏକ୍କୂଣହତ୍ତରି)।

ଅମାଗ: ସତ୍ତରିଂ, ସପ୍ତରି; ମାଗ: ଶତ୍ତଲି (= ସପ୍ତତି)। (ପା: ସତତି, ସତ୍ତତି, ସତ୍ତର)।

ଏକ୍କସତ୍ତରିଂ (= ଏକସପ୍ତତି)। (ଅପ: ଏହତ୍ତର)।

ବାବତ୍ତରିଂ; ଜୈନମହା: ବସତ୍ତର (= ଯଥାକ୍ରମେ ଦ୍ୱାସପ୍ତତି, * ଦ୍ୱିସପ୍ତତି)। (ଅପ: ବାବତ୍ତରି, ଦୁସତ୍ତରି)।

ତେବତ୍ତରି (= ତ୍ରିସପ୍ତତି)। (ଅପ: ତିସତ୍ତରି, ତେହତ୍ତରି)।

ଚୋବତ୍ତରିଂ; ଜୈନମହା: ଚଉହତ୍ତରି (= ଚତୁଃସପ୍ତତି)।

ପନ୍ନତ୍ତରି, ପନ୍ନତ୍ତରିଂ; ଜୈନମହା: ପଣସତ୍ତରି (= ପଞ୍ଚସପ୍ତତି)।
[ ଖାରବେଳ: ପାନତରିୟ (କରଣକାରକ); ଅପ: ପଞ୍ଚହତ୍ତରି ]

ଛାବତ୍ତରିଂ (= ଷଟ୍ସପ୍ତତି)। (ଅପ: ଛହତ୍ତରି)।

ସତ୍ତହତ୍ତରିଂ (= ସପ୍ତସପ୍ତତି)। (ଅପ: ସତ୍ତହତ୍ତରି)।

ଅଟ୍ଠହତ୍ତରିଂ ଜୈନମହା: ଅଟ୍ଠତ୍ତରି (= ଅଷ୍ଟସପ୍ତତି)।
(ଅପ: ଅଟ୍ଠହତ୍ତରି)।

ଅମାଗ: ଏଗୂଣସୀଇଂ (= ଏକୋନଶୀତି)। (ଅପ: ଏକ୍କୂଣାସୀ)।

ଜୈନମହା: ଏକ୍କାସୀଇ = ଏକାଶୀତି)। [ ଅପ: ଏକ୍କାସୀ(ଇ) ]।

ଅମାଗ: ବାସୀଇଂ (* ଦ୍ୱାଶୀତି = ଦ୍ୱ୍ୟଶୀତି)। (ଅପ: ବେଆସୀ, ଦୁଆସୀ)।

ଅମାଗ: ତେସୀଇଂ (= ତ୍ର୍ୟଶୀତି)। ତେୟାସୀଏ (କରଣକାରକ)।
(ଅପ: ତିୟାସୀ, ତେୟାସୀଇ)।

ଅମାଗ: ଚଉରାସୀଇଂ, ଚୋରାସୀଇଂ (= ଚତୁରଶୀତି)। (ଅପ: ଚଉରାସୀ)

ଅମାଗ: ପଞ୍ଚାସୀଇଂ (=ପଞ୍ଚାଶୀତି) । (ଅପ: ପଞ୍ଚାସୀ) । (୧)
ଅମାଗ: ଛଳସୀଇଂ (=ଷଡଶୀତି) ।
ଅମାଗ: ସତ୍ତସୀଇଂ; ଅଟ୍‌ଠାସୀଇଂ; ଏଗୂଣ୍‌ଣଉଇଂ ।
ଅମାଗ: ନଉଇଂ; ଜୈମହା: ନଉଈ । [ ତୁଳ: କସୁ: ନୋବତ୍ତ; ପା: ନବତି ] ।
ଅମାଗ: ଏକ୍‌କାଣଉଇଂ (=ଏକନବତି); ବାଣଉଇଂ; ତେଣଉଇଂ; ଚଉଣଉଇଂ; ପଞ୍ଚଣଉଇଂ; ଛଣ୍‌ଣଉଇଂ । ଜୈମହା:-ଈ(ଯୁକ୍ତ) ରୂପ ମିଳେ—ବାଣଉଈ ଇତ୍ୟାଦି ।
ଅମାଗ: ସତ୍ତଣଉଇଂ, ଅଟ୍‌ଠାଣଉଇଂ; ଜୈମହା:-ଈ(ଯୁକ୍ତ) ରୂପ ମିଳେ ।

ଣବଣଉଇ; ଅମାଗ: ଣଉଣଉଇ ।

୫୯ରୁ ୯୯ ପର୍ଯ୍ୟନ୍ତ ସଂଖ୍ୟାଶବ୍ଦ -ଇଂ ଯୁକ୍ତ କ୍ଲୀବ କମ୍ବା -ଈ ଯୁକ୍ତ ସ୍ତ୍ରୀଲିଙ୍ଗ । (୨)

୧୦୦ ଓ ପରବର୍ତ୍ତୀ ସଂଖ୍ୟା –

ସଅ (ମହା:), ସୟ (ଅମାଗ:), ଶଦ (ମାଗ:), ସଦ (ଶୌର:) । [ ତୁଳ: ଖରଧନ୍ଦୀ: ଧତ, ଶତେନ, ଶତନ (କରଣ ଏକ:) ପା: ସତ ] ।

ସହସ୍ସ (ମହା:, ଶୌର:), ଶହସ୍ସ (ମାଗ:) । [ ଖରଧନ୍ଦୀ: ସହସ୍ର (କର୍ମ ବହୁ:) ସହସେନ (କରଣ ଏକ:) ଅପ: ସହସ ] ।

ଲକ୍ଖ (ମହା:), ଲକ୍‌ଖ (ଶୌର:, ଅମାଗ:, ମାଗ:) < ଲକ୍ଷ ।

କୋଡ଼ି, କୋଡି < କୋଟି । (ଅପ: କୋଡି) ।

କ୍ରମସୂଚକ ସଂଖ୍ୟାବାଚକ—

ପଢମ < ପ୍ରଥମ; ପୁଢମ (ସ୍ୱରଭକ୍ତି) । ଅପଭ୍ରଂଶରେ ପ୍ରାକୃତ ପ୍ରତ୍ୟୟ -ଇଲ୍ଲ ପୁରାତନ ପ୍ରତ୍ୟୟ -ମ ସ୍ଥାନରେ ବ୍ୟବହୃତ ହେଲା । ନ: ଭା: ଆ:ର

(୧) ଅପଭ୍ରଂଶ ରୂପପାଇଁ ଦ୍ରଷ୍ଟବ୍ୟ—ଶ୍ରୀବାସ୍ତବ, ଅପଭ୍ରଂଶ ପୃ: ୧୯୫-୭ ।
(୨) ପିଶଲ୍, ପୂର୍ବୋକ୍ତ ।

ଦ୍ୱିତୀୟ ଅବସ୍ଥାରେ କେବଳ ଅମାଗ:ରେ -ଇଲ୍ଲ ପ୍ରତ୍ୟୟର ପ୍ରଚଳନ -ମ ପ୍ରତ୍ୟୟ ସହ ହୋଇଥିଲା — ପଢମିଲ୍ଲ <ପଢମ- + *ପଥିଲ୍‌ଲ । ତୁଳନୀୟ ନ: ଭା: ଆ: ହିନ୍ଦୀ ପହ୍‌ଲା, ପହ୍ଲା; ଓ: ପହିଲା । । [ ଖାରବେଳ: ପଧମ; କଶ୍ମୁ: ପ୍ରଥମ, ପ୍ରଥମ' < ପ୍ରଥମ' (ଋଗ୍‌ବେଦ); ପଠମ ]। (୧)

ମହା: ବିଇଜ୍ଜ, ଦୁଇଅ, ବିଇଅ, ବୀଅ; ଅମାଗ: ଦୁଇଅ < *ଦ୍ୱତୀୟ; ଶୌର:, ମାଗ: ଦୁଦିଅ । [ ତୁଳ: ଖାରବେଳ ଦୁତିୟ; ପା: ଦୁତିୟ; ଅପ: ବୀଅ <* ଦ୍ୱିତ୍ୟ ]।

ତଇଅ (ମହା:); ତଇୟ (ଅମାଗ:); ତଦିଅ (ଶୌର:, ମାଗ:); ଅମାଗ: ତଚ <* ତୃତ୍ୟ । [ ତୁଳ: ଖାରବେଳ: ତତିୟ; ପା: ତତୀୟ; ଅପ: ତ୍ରୀଅ, ତିଇଜ୍ଜ, ତଇଜ୍ଜି (ସ୍ତ୍ରୀ) ]।

ଚଉତ୍‌ଠ, ଚଉତ୍‌ଥ (ଅମାଗ:); ଚଢତ୍‌ଠ, ଚଦୁତ୍‌ଠ, ଚଦୁତ୍‌ଥ; ଚୋତ୍‌ଥୀ (ମହା: ସ୍ତ୍ରୀ) । [ ତୁଳ: ଖାରବେଳ: ଚତୁ୍‌ଥ; କଶ୍ମୁ: ଚତୁର୍ଥ; ପା: ଚତୁତ୍‌ଥ ]।

ପଞ୍ଚମ ଓ ପରବର୍ତ୍ତୀ କ୍ରମସୂଚକସଂଖ୍ୟା -ମ ପ୍ରତ୍ୟୟ ଯୋଗରେ ସଂଘଟିତ—

ପଞ୍ଚମ, ପଞ୍ଚମୀ (ସ୍ତ୍ରୀ); ଅମାଗ: ପଞ୍ଚମା (ସ୍ତ୍ରୀ) । ଛଟ୍‌ଠ; ଅମାଗ: ଛଟ୍‌ଠା (ସ୍ତ୍ରୀ)।

ସତ୍ତମ < ସପ୍ତମ । (ଅଶୋକଙ୍କ ସମୟର ନାସିକଲେଖରେ ଅଧିକ ଧ୍ୱନ୍ୟାତ୍ମକ ଅଗ୍ରଗତି ଦେଖାଯାଏ—ସାତମ) ।

ଅଟ୍‌ଠମ < ଅଷ୍ଟମ; ଅଟ୍‌ଠମୀ (ସ୍ତ୍ରୀ) । [ ତୁଳ: ଖାରବେଳ: ଅଠମ, କଶ୍ମୁ: ଅଠମ; ପା: ଅଟ୍‌ଠମ, ଅଟ୍‌ଠମୀ (ସ୍ତ୍ରୀ) ]।

ନବମ, ନବମୀ ।

ଦସମ; ଦଶମ (ମାଗ:), ଦସମୀ; ଦଶମୀ (ମାଗ:) । (ଖାରବେଳ: ଦସମ) ।

ଏକ୍‌କାରସମ (ଅମାଗ:) । କଶ୍ମୁ: ଏକାଦଶ ।

---

୨୦ (୧) ସେନ, ପୂର୍ବୋକ୍ତ ପୃ. ୧୩୮ ।

ଅମାଗ: ବାରସମ, ଦୁବାଲସମ; ବାରସମା; ବାରସୀ (ସ୍ତ୍ରୀ) । [ ଜସ୍ଥ: ବଦଣ, ବଦଣି ] ।

ତେଵଢସମ (ଅମାଗ:), ଚଉଦ୍ଦସମ (ଅମାଗ:) । (ପା: ତେଵଢସମ) ।

ପନ୍ନରସମ । (ପା: ପଞ୍ଚଦସମ, ପଣ୍ଣରସମ) ।

ସୋଳସମ (ଅମାଗ:, ପାଲି) ।

ସତ୍ତାବିସଇମ (ଅମାଗ:) । (ପା: ଚତ୍ତାଲୀସତିମ, ଚତ୍ତାଲୀସତମ) ।

ସଟ୍ଠିତମ, ଅସୀଇତମ (ଅମାଗ:), ଅସୀତିତମ ।

ଅନ୍ୟ ପ୍ରାକୃତରେ (ସ୍ତ୍ରୀ) ପ୍ରତ୍ୟୟ -ଅ, -ଈ ଯୋଗକରି କ୍ରମସୂଚକ ସଂଖ୍ୟା ଗଠିତ ହୋଇଥାଏ—ମହା: ବାରସୀ; ମାଗ: ବୀଶା । [ ଭୁଲନୀୟ ପ୍ରତ୍ନଲେଖ ଦ୍ବାଦସା, ପଣ୍ଣଦସା ] ।

ଗୁଣକ-ସଂଖ୍ୟାବାଚକ—ପ୍ରା: ଭା: ଆ: ହକୃତ୍ ପ୍ରାକୃତ ଉପଭାଷାରେ ସୁରକ୍ଷିତ । ଅମାଗ: ସଇଂ । [ପା: ସକି(°) ।

ଅମାଗ:ରେ ଏକ୍କସି, ଏକ୍କସିଂ, ଏକ୍କସିଅଂ 'ଥରେ' । ମ: ଭା: ଆ:ର -ଖୁତ୍ତୁଂର ସମ୍ବନ୍ଧ ପ୍ରା: ଭା: ଆ: କୃତ୍ୱଃ ସହ ଯୋଡ଼ା ଯାଇପାରେ, ଯାହାର ସ୍ୱତନ୍ତ୍ର ପ୍ରୟୋଗ ଦ୍ରଷ୍ଟବ୍ୟ (ଅଷ୍ଟକୃତ୍ୱଃ ଅଥର୍ବବେଦ) ଅମାଚ: ଦୁକ୍ଖୁତ୍ତୋ 'ଦୁଇ ଥର' < * ଦ୍ୱଷ୍କୃତ୍ୱଃ = ଦ୍ୱିଃ କୃତ୍ୱଃ; ଅମାଗ: ତିକ୍ଖୁତ୍ତୋ 'ତିନ ଥର'; (ପା: ତିକ୍ଖତ୍ତୁଂ); ମହା: ସଅହୁତ୍ତଂ 'ଶହେ ଥର' ।

ସମୂହବାଚକ—ଅମାଗ: ଦୁଗ-, ଦୁୟ- < *ଦ୍ୱକ- = ଦ୍ୱିକ-, ବିଉଣ- < ଦ୍ୱିଗୁଣ, ଦୋଣ୍ହ (ସମ୍ବନ୍ଧ ବହୁବଚନରୁ) 'ଦୁହେଁ, ଯୋଡ଼' । ଅମାଗ: ଛକ୍କ < ଷଟ୍କ (ତୁଳ: ପା: ଚକ୍କୁକ୍କ) ।

ସଂଖ୍ୟାବାଚକ ବିଶେଷଣ ଓ କ୍ରିୟାବିଶେଷଣ ଯଥାକ୍ରମେ -ବିହ < -ବିଧ ଏବଂ -ହା < -ଧା ଯୋଗରେ ଗଠିତ ହୋଇଥାଏ—ଅମାଗ: ଦୁବିହ ଏବଂ ଦୁହା । (ପା: ସତ୍ତବିହ ସତଧା) । (୧)

---

(୧) ଦ୍ରଷ୍ଟବ୍ୟ—ସେନ, ପୂର୍ବୋକ୍ତ ପୃ: ୧୪୧-୨ ।

# ପଞ୍ଚମ ଅଧ୍ୟାୟ

## କ୍ରିୟା

ପ୍ରାକୃତରେ ଶବ୍ଦରୂପାବଳୀ ପରି କ୍ରିୟାର ରୂପରଚନାରେ ମଧ୍ୟ ଧ୍ୱନି-ପରିବର୍ତ୍ତନ ହେତୁ ପ୍ରା: ଭା: ଆ: ର କ୍ରିୟାରୂପର ଜଟିଳତା ନାହିଁ। ସଙ୍ଗେ ଦ୍ୱିବଚନର ତିରୋଭାବ ଫଳରେ କ୍ରିୟାରୂପରେ ମଧ୍ୟ ଦ୍ୱିବଚନର ପ୍ରଚଳନ ନାହିଁ। ପଦାନ୍ତ ବ୍ୟଞ୍ଜନର ବିଚ୍ୟୁତି ଫଳରେ ବ୍ୟଞ୍ଜନାନ୍ତ ରୂପ-ରଚନାର ବିଲୋପ ଘଟିଲା ଓ ସ୍ୱରାନ୍ତ ଅନ୍ତ୍ୟ ପ୍ରତ୍ୟୟଦ୍ୱାରା ହିଁ ରୂପରଚନା ସଂଘଟିତ ହେଉଥିଲା। ଆତ୍ମନେପଦୀ ସ୍ଥାନରେ ମଧ୍ୟ ପରସ୍ମୈପଦୀ ରୂପ ସୁଲଭ। ଅବଶ୍ୟ ପ୍ରାଥମିକ ମ: ଭା: ଆ: ରେ ବିଶେଷତଃ ଅଶୋକୀୟ ପଶ୍ଚିମୀ ଲେଖରେ ଆତ୍ମନେପଦୀ ରୂପ ପରିଦୃଷ୍ଟ।(୧) ଦ୍ୱିତୀୟ ମ: ଭା: ଆ: ରେ ଏଗୁଡ଼ିକ ପୁରାଗତ ପ୍ରୟୋଗ ମାତ୍ର। ପାଲିରେ ପ୍ରାଚୀନ ଧର୍ମଗ୍ରନ୍ଥର ଛନ୍ଦୋବଦ୍ଧ ଅଂଶରେ ଏହି ପ୍ରବୃତ୍ତି ଦେଖାଯାଏ। (୨) ମ: ଭା: ଆ: ରେ ଅନ୍ତିମ ବ୍ୟଞ୍ଜନ ଓ ଯୁକ୍ତ ବ୍ୟଞ୍ଜନମାନଙ୍କର ଧ୍ୱନ୍ୟାତ୍ମକ ପରିବର୍ତ୍ତନ ଫଳରେ ପ୍ରା: ଭା: ଆ: ର ସମ୍ପୂର୍ଣ୍ଣ ରୂପରଚନାରେ ବିଘଟନ ସୃଷ୍ଟି ହେଲା। ଫଳରେ ପ୍ରା: ଭା: ଆ: ର ଦଶୋଟି ଗଣ ସ୍ଥାନରେ ପ୍ରାକୃତରେ ବିଶେଷ ଭାବରେ -ଅ- ବର୍ଗ ଏବଂ -ଏ- ବର୍ଗର (ଏହି -ଏ < -ଅୟ ରୁ ନିଷ୍ପନ୍ନ) ପ୍ରଚଳନ ହେଲା। ଏହି -ଏ- ବର୍ଗରେ ପ୍ରା: ଭା: ଆ: ର ସମସ୍ତ ପ୍ରେରଣାର୍ଥକ, ନାମଧାତୁଜ ଏବଂ କେତେକ ସରଳ କ୍ରିୟାର ରୂପ ଅନ୍ତର୍ଭୁକ୍ତ। (ବିଶେଷ ବିବରଣୀ ପାଇଁ ଦ୍ରଷ୍ଟବ୍ୟ—ପୃ: ୧୫୭-୯)।

---

(୧) ମେହେଣ୍ଡାଲେ, ଗ୍ରା: ଇ: ପ୍ରା: ପୃ: ୪୦।

(୨) ଗାଇଗର୍, ପାଲି: ୧୨୦।

ଲୌକିକ ସଂସ୍କୃତରେ ଅପ୍ରାପ୍ତ ସମ୍ଭାବନାର୍ଥକ ଭାବ (Subjunctive mood) ପ୍ରାଥମିକ ମ: ଭା: ଆ: ରେ ସୁଲଭ—ଗିର୍: ସୁଖାପୟାମି; କାଲ୍ସୀ, ଶାହ୍:, ମାନ:, ଧଉଳ ସୁଖାୟାମି; ସ୍ତମ୍ଭଲେଖ ସାଧାୟାମି; ସୁତନକା ହୁଵାମି ଇତ୍ୟାଦି । ମ: ଭା: ଆ: ର ପରବର୍ତ୍ତୀ ସ୍ତରରେ ସମ୍ଭାବନାର୍ଥକ ବୃତ୍ତି ସ୍ଥାନରେ ଇଚ୍ଛାର୍ଥକ ଭାବ (Optative mood)ର ପ୍ରଚଳନ ମିଳେ, ଯଦିଓ ଅମାଗ: ରେ ସମ୍ଭାବନାର୍ଥକ ବୃତ୍ତିର ଅବଶିଷ୍ଟ ରୂପ ଉପଲବ୍ଧ । ଇଚ୍ଛାର୍ଥକ ବୃତ୍ତିର ଦ୍ୱିତୀୟ ମ: ଭା: ଆ: ପର୍ଯ୍ୟନ୍ତ ପ୍ରଚଳନ ଥିଲା, କିନ୍ତୁ ମହା: ଓ ଅମାଗ: ବ୍ୟତୀତ ଅନ୍ୟ ପ୍ରାକୃତରେ ଏହାର ଦୃଷ୍ଟାନ୍ତ ବିରଳ ।

ପ୍ରା: ଭା: ଆ: ର ତିନୋଟି ପୂର୍ଣ୍ଣକାଳ (Preterite) ମଧ୍ୟରୁ ସମ୍ପନ୍ନ (Perfect ବା ଲିଟ୍) କାଳ ମ: ଭା: ଆ: ର ପ୍ରାରମ୍ଭିକ ଅବସ୍ଥାରେ ହିଁ ଅଦୃଶ୍ୟ ହୋଇଯାଇଥିଲା । ପୁରୁଷବାଚକ ଅନ୍ତ୍ୟ ପ୍ରତ୍ୟୟର ଅନ୍ତିମ ବ୍ୟଞ୍ଜନର ବିଚ୍ୟୁତି ଫଳରେ ଅସମ୍ପନ୍ନ (Imperfect) ଓ ଅନୂସ୍ମ ସାମାନ୍ୟ (Non-sibilant aorist) ରୂପାବଳୀରେ ସମତା ଆସିଗଲା । ଊସ୍ମ ସାମାନ୍ୟ (Sibilant aorist) ପ୍ରାଥମିକ ମ: ଭା: ଆ: ରେ ପ୍ରାୟଃ ସୁରକ୍ଷିତ । ଅସମ୍ପନ୍ନ (Imperfect) ରୂପ ଲୋପ ପାଇଲା । ପାଲି: ଓ ଅମାଗ: ରେ ଯେଉଁ କେତୋଟି ଦୃଷ୍ଟାନ୍ତ ମିଳେ ସେଗୁଡ଼ିକ ପୁରାଗତ ପ୍ରୟୋଗ । ମ: ଭା: ଆ: ର ଅନ୍ତିମ ଅବସ୍ଥାରେ ଅତୀତ କାଳ କ୍ରିୟାର କୌଣସି ସତ୍ତା ନଥିଲା । ଏହା କେବଳ ଅତୀତକାଳୀକ କୃଦନ୍ତ (ଯାହା ସଞ୍ଜ୍ଞାରୂପ) ଓ ସହାୟକ କ୍ରିୟା (√ଅସ୍- କିମ୍ବା √ଭୂ-) ସାହାଯ୍ୟରେ ସଂଘଟିତ । -ଆସି ଏବଂ -ଅଶି < ଆସୀତ୍ ରୂପହିଁ ଦ୍ୱିତୀୟ ମ: ଭା: ଆ: ର କତିପୟ ଉପଭାଷାମାନଙ୍କରେ ପ୍ରଚଳିତ ହେଉଥିଲା । ଏହି ରୂପ ଅବ୍ୟୟ ପରି ସମସ୍ତ ବଚନ ଓ ପୁରୁଷରେ ସମାନ ଥିଲା । (୧) ଦ୍ୱିତୀୟ ମ: ଭା: ଆ: ସମୟରେ ପ୍ରା: ଭା: ଆ: ର ସମ୍ପନ୍ନ,

---

(୧) ଅତ୍ରେଭଗସିଃ···(ଆସି ରାଆ = ଆସିଦ୍ରାଜା) । ଆସି ବଦ୍ଧ (ଆସଦ୍ବଧ୍ଃ) । ବର—୭।୨୫ । ହେମ—୩।୧୬୨ । ଭୂତେ ଆସି ଆହେସି । ଅବିଶେଷାତ୍ ସର୍ବେଷୁ ପୁରୁଷେଷୁ ବଚନେଷୁ ଚ ଭୂତକାଲେ ଅସ୍ତେରମାବାଦେଶୌ ସ୍ୟାତାମ୍ । ଆସି, ଆହେସି ( = ଆସୀତ୍, ଆସନ୍, ଆସୀଃ, ଆସ୍ତ, ଆସ୍ମ ) । ମାର୍କ—୬।୧୫ ।

ଅପୂର୍ଣ୍ଣ ଓ ସାମାନ୍ୟ କାଳର ଲୋପ ଘଟିଥିଲା । କେବଳ କୃଦନ୍ତ ଓ ସହାୟକ କ୍ତ୍ୱା କିମ୍ବା କେବଳ କୃଦନ୍ତଦ୍ୱାରା ଅତୀତ କାଳର କାର୍ଯ୍ୟ ସମ୍ପାଦନ ହୋଇପାରୁଥିଲା । ଅତୀତ ପରି ହେତୁମଦ୍ ଭାବ ସ୍ଥାନରେ ମଧ୍ୟ କୃଦନ୍ତ ରୂପମାନ ଏହି ସମୟରେ ବ୍ୟବହୃତ ହେଉଥିଲା । (୧)

ମ: ଭା: ଆ: ର କ୍ତ୍ୱା-ରୂପରଚନାରେ ମାତ୍ର ତିନି ବର୍ଗର ମୂଳ (**Base-roots**) ଦ୍ରଷ୍ଟବ୍ୟ—(କ) -ଅ- ବର୍ଗ (ଖ) -ଏ- (ଏବଂ -ଇ-) ବର୍ଗ ଏବଂ (ଗ) ଅନ୍ୟ ମିଶ୍ରିତ ବର୍ଗ । ଏହି ତିନି ବର୍ଗର ବ୍ୟୁତ୍ପତ୍ତି ଭାରୋପୀୟ ଏବଂ ପ୍ରା: ଭା: ଆ: ଲଟନ୍ତ (ବର୍ତ୍ତମାନ) ରୂପରଚନା ବର୍ଗରେ ଦେଖାଯାଇପାରିବ, ଯାହା ନିମ୍ନରେ ପ୍ରଦତ୍ତ:—

-ଅ- ବର୍ଗ (ବର୍ତ୍ତମାନ ନିର୍ଦ୍ଦେଶକ) । (୨)

-ଅ- ବର୍ଗ : ହବଇ, ସମ୍ଭବଇ, ସମ୍ଭବନ୍ଦ (ସଂଭବନ୍ତି); ବଟ୍ଟଇ (ସଂ ବର୍ତ୍ତତେ, ବର୍ତ୍ତନ୍ତି) ରବଇ (< ରବନ୍ତି) । (ତୁଳ: ପା:, ଖରଧମ୍ମ: ଭବନ୍ତି; ବତ୍ତତି; ଅପ: ବଟ୍ଟଇ) ।

-ଅ'-'ବର୍ଗ : ଡସଇ (ସଂ ଡ'ଶନ୍ତି, ପା: ଡସନ୍ତି) ।

ଦ୍ୱିତୀକୃତ -ଅ- ବର୍ଗ : ଠିଟ୍ଠଇ (ସଂ ତିଷ୍ଠନ୍ତି); ପିବଇ ସଂ ପି'ବନ୍ତି (ପା: ପିବନ୍ତି) ।

-ଛ- ବର୍ଗ : ଇଚ୍ଛଇ < ସଂ ଇଚ୍ଛ'ନ୍ତି । (ଅଶୋ: ଇଚ୍ଛଇ, ପା: ଇଚ୍ଛନ୍ତି; ଗଚ୍ଛନ୍ତି < ଗଚ୍ଛ'ନ୍ତି) । ଅଚ୍ଛଇ <* ଅଚ୍ଛନ୍ତି । (ପା: ଅଚ୍ଛନ୍ତି, ଅପ: ଅଚ୍ଛଇ) । ପୁଚ୍ଛଇ < ପୃଚ୍ଛ'ନ୍ତି । (ପା: ପୁଚ୍ଛନ୍ତି, ଅପ: ପୁଚ୍ଛଇ) ।

---

(୧) ନ୍ତ – ମାଣୌ । କ୍ତ୍ୱାନ୍ତପତ୍ରେ ସ୍ଥାନେ ନ୍ତମାଣୌ ଆଦେଶୌ ଭବତଃ । ହୋନ୍ତୋ, ହୋମାଣ । ଅଭବିଷ୍ୟଦତ୍ୟର୍ଥଃ । ହେମ—୩।୧୮୦ । (···ନ୍ତମାଣୌ) ଲଙ୍ଙର୍ଥେ ବା । ···ଜଇ ପଢଂତୋ ତା ଚଂଡଦୋ ହୋଂତୋ । ଜଇ ଭୁଂଜମାଣୋ ତା ଥିପ୍‌ପମାଣୋ । ମାର୍କ- ୬।୧୮ ।

(୨) ଦ୍ରଷ୍ଟବ୍ୟ—ସେନ, ପୂର୍ବୋକ୍ତ ପୃ: ୧୪୪-୬ ।

ଅନୁନାସିକ (ଅନ୍ତଃସ୍ଥ) ଯୁକ୍ତ -ଅ- ବର୍ଗ : ଛୁନ୍ଦଇ, ଛୁଣ୍ଡଇ = ଛୁନ୍ଦେତ (ପୁଂବଶରେ ପ୍ରାପ୍ତ) । [ତୁଳ: ଖରଧମ୍ପ: ଭୁନନ୍ତ = ଭୁନ୍ଦତେ (ଋଗ୍‌ବେଦ), ପା: କନ୍ତନ୍ତି = କୃନ୍ତ'ନ୍ତି] ।

ପ୍ରା: ଭା: ଆ: ର -ଅ- (ସାମାନ୍ୟ କମ୍ବା ସମ୍ଭାବନାର୍ଥକ ମୂଳ) :

ହୁବଇ = ଭୁବାନ୍ତ । ମନଇ = ମନନ୍ତ (ଋଗ୍‌ବେଦ) । ସୁଭଇ = ସୁଭ୍ୟାତ୍ ।

ପ୍ରା: ଭା: ଆ: ର -ୟ- ବର୍ଗ (ବର୍ତ୍ତମାନ କର୍ତ୍ତୃ ଓ କର୍ମବାଚ୍ୟ ):

(ଅ) କର୍ତ୍ତୃବାଚ୍ୟ : ମଣ୍ଣଇ = ମ'ନ୍ୟତେ; ଜାଅଇ = ଜା'ୟତ୍ତି; ଣଚ୍ଚଇ = ନୃତ୍ୟନ୍ତି; ବାଆମି [ତୁଳ: ଭ'ୟତେ (ଋଗ୍‌ବେଦ)] ।

ତୁଳ: ପା: ମଞ୍ଞନ୍ତି; ନୟ୍ଯ: ମଂଞ୍ଜନ୍ତି; ପା: ନଚ୍ଚନ୍ତି ।

(ଆ) କର୍ମବାଚ୍ୟ : ଝ୍ଝାଅଇ, ଜାଅଇ = ଝ୍ଝାୟତେ; ବୁଚ୍ଚଇ = ଉଚ୍ୟତେ; ରୁଚ୍ଚଇ = ରୁଚ୍ୟତେ; ଥାସୁଇ = ସ୍ଥାପ୍ୟତେ; ମିଲ୍ଲଇ = ମିଲ୍ୟତେ; ଖାଆମି = ଖାଦ୍ୟତେ । (ତୁଳ: ପା: ଝାୟନ୍ତି, ବୁଚ୍ଚନ୍ତି) ।

ପ୍ରା: ଭା: ଆ: -ନା'- ବର୍ଗ (ପ୍ରଥମ ବନ୍ଧୁଃ ରୂପ) : ଜାଣଇ = ଜାନାନ୍ତି, ଜାନନ୍ତି (ଉପନିଷଦ); ଜିଣଇ = ଜିନାନ୍ତି; ସୁଣଇ = *ଶ୍ରୁଣାନ୍ତି, * ଶ୍ରୃଣନ୍ତି । [ ତୁଳ: ଧଉଳ, ଜଉ: ଜାନଂନ୍ତି; ପା: ଜାନନ୍ତି; ପା: ଜିନନ୍ତି; ପା: ସୁଣାନ୍ତି, ସୁଣ ।

ପ୍ରା: ଭା: ଆ: -ସ- ବର୍ଗ (ସାମାନ୍ୟ ନର୍ଦ୍ଦେଶକ, ସମ୍ଭାବନାର୍ଥକ ଏବଂ ଇଚ୍ଛାର୍ଥକବୋଧକ) : ଦେଖଇ, ଦକ୍ଷ = ଦୃକ୍ଷସେ (ଋଗ୍‌ବେଦ) । [ ତୁଳ: ଧଉଳ, ଜଉ: ଦଖାମି; ପା: ଦକ୍‌ଖନ୍ତି ] ।

ଅବେସ୍ତୀୟ * -ଧେ- ବର୍ଗ : ଭଜ୍‌ଝଇ <*ବୁଧ୍-ଧ-ନ୍ତି; ବେଜ୍ଝଇ <* ବୃଜ୍-ଧ-ତି । ତୁଳ: ପା: ଭଜ୍‌ଝନ୍ତି ।

ଅବେସ୍ତୀୟ * -ଦ- ବର୍ଗ : କଣ୍ଡ୍‌ଡଇ <* କୃଷ୍-ଦ-ତି; ଖୁଣ୍ଡ୍‌ଡଇ <* ସ୍କୁନ୍-ଦ-ତି; ବୃଣ୍ଡଇ < ବୃଣ୍ଟ୍-ଦ-ତି ।

ନାମଧାତୁ [ଅଗତ କୃଦନ୍ତ ଓ କ୍ରିୟାର୍ଥକ ବିଶେଷ୍ୟ (action noun)ରୁ ନିଷ୍ପନ୍ନ] : ଲଗ୍‌ଗଇ (ସଂ ଲଗ୍ନ, √ଲଗ୍-); ନୋନ୍ନଇ (ସଂ ନୁନ୍ନ, √ନୁଦ୍-); ଓବାଢଇ (ସଂ ଅବଗାଢ, √ଗାହ୍-); କେରହ (ସଂ ସ୍ପୃଷ୍ଟ', ସ୍ପୃଷ୍ଟ) । । ତୁଳ: ପା: ଲଗ୍‌ଗତୁ ] ।

ମ: ଭା: ଆ: -ଏ- ବର୍ଗ କ୍ରିୟାରୂପାଦି ବିକାଶ ନିମନ୍ତେ ପ୍ରଦତ୍ତ — (୧)

ପ୍ରା: ଭା: ଆ: ପ୍ରେରଣାର୍ଥକ ଏବଂ ନାମଧାତୁ ବର୍ଗ : କହେଇ = କଥୟତି; ଆଣବେଦ, ଆଣବେଇ = ଆଜ୍ଞାପୟତି; କାରେଇ = କାରୟତି; ବନ୍ଧାବେଇ = * ବନ୍ଧାପୟତି । (ତୁଳ: ପା: କଥେତି; ଆଣାପେତି; ଖାରବେଳ: କାରୟତି; ପା: କାରେତି; ଖାରବେଳ: ବନ୍ଧାପୟତି) ।

ପ୍ରା: ଭା: ଆ: -ଅ- ବର୍ଗ, ଇ (-ଅୟ୍)କାରନ୍ତ ଏକାକ୍ଷରୀ ଧାତୁ ସହ : ଜେଦୁ (ଅନୁଜ୍ଞା) (ସଂ ଜୟତି ; ଦେଇ = ଦୟତି; ନେଇ = ନୟତି । (ତୁଳ: ପା: ଜେତି, ଦେତି, ଅପ: ପ୍ରାକୃତ ପର) ।

ବିଭିନ୍ନ ପ୍ରା: ଭା: ଆ: ବର୍ଗରୁ ବିପରିଣାମ : ଉଟ୍‌ଠେଇ = * ଉତ୍-ସ୍ଥାତି । (ପା: ଉଟ୍‌ଠେତି), । କରେଇ = କରୋତି । ଟିଗଣ୍ହଇ = ଗୃହ୍ଣାତି) । (ତୁଳ: ଧଉଳ, ଜଉ: କରେତି; ଅପ: କରେଇ, କରଇ ।)

ପ୍ରା: ଭା: ଆ: -ନୋ- (-ନୁ-) ବର୍ଗ : ସକ୍କୁଣୋମି (ସଂ ଶକ୍ନୋତି); ଥୁଣ୍ଡୁ (ଅନୁଜ୍ଞା) (ସଂ ସ୍ଥୁନୁନ୍ତୁ) । (ତୁଳ: ପା: ସକ୍‌କୋତି) ।

ପ୍ରା: ଭା: ଆ: -ଓ- (-ଉ-) ବର୍ଗ : ଶୌର: କରେଦ < କରୋତି । (ପା: କରେତି) ।

ପ୍ରା: ଭା: ଆ: ଧାତୁବର୍ଗ (ବର୍ତ୍ତମାନ ଓ ସାମାନ୍ୟ) : ଭୋଦ (ଶୌର:), ହୋଇ <*ଭୋତି (ତୁଳ: ବୋଧି' ସାମାନ୍ୟ-ଅନୁଜ୍ଞା) । (ଅଶୋ:, ପା: ହୋତି; ଅପ: ହୋଇ, ହଇ) । ସ୍ନାଇ < ସ୍ନାତି; ଠାଇ = *ସ୍ଥାତି । (ପା: ଉଟ୍‌ଠାଇ; ଅପ: ଉଟ୍‌ଠଇ) ।

---

(୧) ସେନ, ପୂର୍ବୋକ୍ତ – ପୃ: ୧୪୭-୮ ।

ପ୍ରାକୃତର ଧାତୁ ବିଶେଷ ଭାବରେ ପ୍ରା: ଭା: ଆ:ର କ୍ରିୟା ରୂପାବଳୀ (ଧାତୁ+ପ୍ରତ୍ୟୟ)ରୁ ଗୃହୀତ । ଅନେକ କ୍ଷେତ୍ରରେ (ଉପସର୍ଗ ସହ) ସମାସବଦ୍ଧ ରୂପ ମଧ୍ୟ ଧାତୁ ଭାବରେ ପ୍ରଚଳିତ ହୋଇଥାଏ । √ବିକ୍କଣ- < ବି+√କ୍ରୀ- + -ନା-; √ସୁଣା- < √ଶ୍ରୁ- + -ନା-; ପଉଞ୍ଜ- < ପ୍ର-+√ଯୁ- + -ଞ୍ଜ-; √ଜୁଜ୍ଝ- < √ଯୁଧ୍- + -ୟ- । (୧)

ପ୍ରାକୃତ ଆହମ୍ମଇ (=ଆହନ୍ତି)ର ଧାତୁ * ହମ୍ମି (=ହନ୍ମି)ରୁ ନିଷ୍ପନ୍ନ ବୋଲି ଡକ୍ଟର ସେନ କହିଛନ୍ତି । (୨)

## ବର୍ତ୍ତମାନ ନିର୍ଦ୍ଦେଶକ

ଏହା ଏକ ପ୍ରଧାନ କାଳ । ସଂସ୍କୃତର ବର୍ତ୍ତମାନ ଅନ୍ତ୍ୟପ୍ରତ୍ୟୟମାନ ତତ୍କାଳୀନ ଧ୍ୱନି ପରିବର୍ତ୍ତନ ସହ ପ୍ରାକୃତରେ ପ୍ରଚଳିତ ହେଉଥିଲା । ଅନ୍ୟ କାଳମାନଙ୍କ ପାଇଁ ମଧ୍ୟ ଏହା ବ୍ୟବହୃତ ହେଉଥିଲା । ଅତି ପ୍ରାଚୀନ ଅବସ୍ଥାରୁ ଅତୀତ, ନିକଟ ଭବିଷ୍ୟତ୍ ଓ ଅନୁଜ୍ଞା ପାଇଁ ମଧ୍ୟ ଏହି (ବର୍ତ୍ତମାନ) କାଳର ପ୍ରଚଳନ ପରିଦୃଷ୍ଟ । (୩)

ପ୍ରାକୃତ ବର୍ତ୍ତମାନ ଅନ୍ତ୍ୟପ୍ରତ୍ୟୟମାନ (ପରସ୍ମୈପଦୀ ଓ ଆତ୍ମନେପଦୀ) ନିମ୍ନରେ ପ୍ରଦତ୍ତ:—

| | ଏକବଚନ | ବହୁବଚନ |
|---|---|---|
| ଉତ୍ତମ | -ମି; -ଏ | -ମ, -ମୋ, -ମୁ; -ମ୍ହେ, -ମ୍ହ |
| ମଧ୍ୟମ | -ସି, -ଶି; -ସେ, -ଶେ | -ହ, -ଧ |
| ପ୍ରଥମ | -ଇ, -ଦି; -ଏ, -ଦେ | -ନ୍ତି, -ନ୍ତେ |

(୧) ସେନ, ପୂର୍ବୋକ୍ତ ପୃ: ୧୮୯ ।

(୨) ପୂର୍ବୋକ୍ତ ।

(୩) ବ୍ଲକ୍, ମରାଠୀ: ୨୩୫ ।

## ବର୍ତ୍ତମାନ କାଳ

### ବଞ୍ଚ- (ସଂ ବଞ୍ଚ୍-) (୧)

### ପରସ୍ମୈପଦୀ

| | ଏକବଚନ | ବହୁବଚନ |
|---|---|---|
| ଉତ୍ତମ | ବଞ୍ଚାମି | ବଞ୍ଚାମୋ |
| ମଧ୍ୟମ | ବଞ୍ଚସି | ବଞ୍ଚହ, ବଞ୍ଚଧ (୨) ବଞ୍ଚଥ (୩) |
| ପ୍ରଥମ | ବଞ୍ଚଇ; ବଞ୍ଚଦ (୨) ବଞ୍ଚତି (୩) | ବଞ୍ଚନ୍ତି |

ପ୍ରଥମ ପୁରୁଷ ଏକ: ପ୍ରା: ଭା: ଆ: -ମି ଅତି ପ୍ରାଚୀନ କାଳରୁ ମ: ଭା: ଆ:ରେ ସୁରକ୍ଷିତ । ଏହି -ମି, (ବହୁ:) -ନ୍ତି ପ୍ରଭୃତି ପ୍ରତ୍ୟୟ ପୂର୍ବରେ -ଆ- କିମ୍ବା -ଏ- ରହିଥାଏ । (୪) ଉପରୋକ୍ତ -ଆ- ସ୍ଥାନରେ -ଅ- ର ମଧ୍ୟ ପ୍ରଚଳନ ଦେଖାଯାଏ—ଜାଣମି, ଲହମି, ସହମି । (୫) ଧାତୁର ଅନ୍ତ୍ୟସ୍ଥିତ -ଅ > -ଇ ରେ ପରିଣତ ହୋଇଥିବାର ଖୁବ୍ କମ୍ ଦୃଷ୍ଟାନ୍ତ ମିଳେ:– ଜାଣିମି । ମାଗ: କହେମି, ପୁଚ୍ଛାମି; କରେମି, ପୃଚ୍ଛାମି ।

ଉତ୍ତମ ପୁରୁଷ ବହୁବଚନରେ -ମୋ < -ମଃ, (ପଦ୍ୟରେ ମୁ ର ପ୍ରଚଳନ ସୁଲଭ) । ହସାମୋ, ହସାମୁ, ହସାମ । ମହା: ଲଜ୍ଜାମୋ; କାମେମୋ (= କାମୟାମଃ) । ଅମାଗ: ବନ୍ଦାମୋ; ଇଚ୍ଛାମୁ; ଉବଣେମୋ (= ଉପନୟାମଃ); ଅଚ୍ଚେମୁ, ଅଚ୍ଚିମେ (= ଅର୍ଚ୍ଚୟାମଃ, ଅର୍ଚ୍ଚାମଃ) ।

---

(୧) ସଂ ରେ ଏହା,ଆତ୍ମନେପଦ ।

(୨) ଜୈନଶୌର:, ଶୌର:, ମାଗ: ଏବଂ ଢକ୍କୀରେ ପ୍ରଚଳିତ ରୂପ ।

(୩) ପୈ: ଏବଂ ଚୂପୈ:ରେ ପ୍ରଚଳିତ ରୂପ ।

(୪) ଏମିଃ । ସ୍ୟାତ୍ । ବନ୍ଦାମି । ମାର୍କ—୭।୬ । ତୃଷ୍ଣସ୍ୟମ୍ୟ ମିଃ । ହସାମି, ଭଣାମି··· । ହେମ—୩।୧୪୧ ।

(୫) ମଧ୍ୟମ ପୁରୁଷର ଏକବଚନ ରୂପର ସାଦୃଶ୍ୟରେ ।

ପେଚ୍ଛାମୋ (=ପ୍ରେକ୍ଷାମହେ) । ଶୌର: ସୁମରାମୋ (=ସ୍ମରାମଃ) । ଭୂତକାଳରେ ଵୁଚ୍ଛାମୁ (=ଅବୋଚସ୍ମ) । ପଦ୍ୟରେ ଧ୍ୱନିବଳଯୁକ୍ତ ବର୍ଣ୍ଣ ପରେ ଆଗତ ବର୍ଣ୍ଣର -ଆ- ବହୁଧା -ଇ- ହୋଇଥାଏ:—ମହା:, ଅମାଗ: ଵନ୍ଦମୋ; ମହା: ଜଂପିମୋ; ମହା:, ଜୈମହା: ଣମିମୋ (=ନମାମଃ) । ମହା: ହୋମୋ, ହୋମୁ, ହୋମ; ପଢାମୋ, ପଢାମୁ, ପଢାମ । (୧) [ତୁଳ: ଧଉଳି କଲମି; ପା: ଲଭାମି, ଲଭାମ; ଅପ: ଚଲଉଂ, ଚଲହୁଂ] ।

ମଧ୍ୟମ ପୁରୁଷ ଏକବଚନରେ ମାଗଧୀ -ଶି < -ସି : ସ୍ଥାଶି, ଧାଵଶି, ଗଚ୍ଛଶି, କଲେଶି । ବହୁବଚନରେ—ମହା: କରେହ, ଣ ଆଣହ (=ନ ଜାନୀଥ), ପେଚ୍ଛିହ (=ଦ୍ରୁଷଥ) । ଅମାଗ: ଆଇକ୍ଖ ଭାସହ, ପନ୍ନଵେହ, ଵସୁହ (=ଵଦଥ) । ଶୌର: କରେଧ, ପେକ୍ଖଧ (=ପ୍ରେକ୍ଷଧ୍ୱେ), ଣେଧ (=ନୟଥ), କିନ୍ତୁ ମାଗ: କଲେଧ, ପେରକଧ [ତୁଳ: ପା: ଲଭସି, ଲଭଥ; ଅପ: ଵଢ଼ହି] ।

ପ୍ରଥମ ପୁରୁଷ ଏକବଚନରେ ପ୍ରା: ଭା: ଆ: -ତି ପ୍ରାଚ୍ୟ ପ୍ରାକୃତରେ -ଦି ହୁଏ । ପାଶ୍ଚାତ୍ୟ (ମହା:)ରେ -ଇ ହୁଏ । ମହା: ଵଡ୍ଢଇ (=ଵର୍ଦ୍ଧତେ), ଶୌର: ଵଡ୍ଢଦି । ମାଗ: ଚଲଅଦି < ଚଗୟତି; ତଥା ଵଜ୍ଜଦି < ଵ୍ରଜତି । ପୈ: ଲପତି, ଗଚ୍ଛତି । ପ୍ରଥମ ବହୁ: ସମସ୍ତ ପ୍ରାକୃତରେ -ନ୍ତି ର ପ୍ରଚଳନ ଅଛି । ମହା: ମୁଅନ୍ତି < *ମୁଚନ୍ତି, ରୁଅନ୍ତି < ରୁଦନ୍ତି; ହୋନ୍ତି < ଭଵନ୍ତି, କିନ୍ତୁ ଜୈମହା: ଭଵନ୍ତି; ଦେନ୍ତି (=ଦଦ୍ୟନ୍ତେ) । ଅମାଗ: ଚୟନ୍ତି < ତ୍ୟଜନ୍ତି; ଥଣନ୍ତି < ସ୍ତନନ୍ତି; ଲଭନ୍ତି (=ଲଭନ୍ତେ) । ଶୌର: ଗଚ୍ଛନ୍ତି, ପସୀଦନ୍ତି । (୨)

[ତୁଳ: ଧଉଳି, ଜଉ: ଇଚ୍ଛତି; ସ୍ତମ୍ଭଲେଖ ଦେଖନ୍ତି; ଗିର୍: ପସତି ଧଉଳି, ଜଉ: ଇଚ୍ଛଂତି; ପା: ଲଭତି, ଲଭନ୍ତି । ଅପ: ଚଲଇ, ଚଲହିଂ] ।

---

(୧) ଭୂମିନ୍ ନ୍ତି, ହଇତ୍ଥା, ମୋମୁମାଃ । ମାର୍କ—୭।୮ । ଦ୍ରଷ୍ଟବ୍ୟ—ପିଶଲ, ପ୍ରା: ବ୍ୟା: ୪୫୫ ।

(୨) ଦ୍ରଷ୍ଟବ୍ୟ—ପିଶଲ, ପ୍ରା: ବ୍ୟା: ୪୫୬-୭ ।

ବଚ୍ଛ-

## ଆତ୍ମନେପଦୀ

| | ଏକବଚନ | ବହୁବଚନ |
|---|---|---|
| ଉତ୍ତମ | ବଚ୍ଛେ | — |
| ମଧ୍ୟମ | ବଚ୍ଛସେ | — |
| ପ୍ରଥମ | ବଚ୍ଛଏ,<br>ବଚ୍ଛଦେ (ଜୈଶୌର:) | ବଚ୍ଛନ୍ତେ |

**ଉତ୍ତମ ଏକ:** ମହା: ଜାଣେ, ଣଆଣେ, ଶୌର: ଜାଣେ; ମହା:, ଶୌର: ମଣ୍ଣେ < ମନ୍ୟେ; ଅମାଗ: ମନ୍ନେ, ଲଦ୍ଧେ, ଇଚ୍ଛେ । ମାଗ: ଝାଏ (= ଧ୍ୟାମି), ଗାଏ (= ଗାୟାମି) । ମ: ଭା: ଆ: ଅନ୍ତ୍ୟ ପ୍ରତ୍ୟୟ -ମ୍ହେ (<-ମହେ) ମଧ୍ୟଲୋପୀଭବନ ଫଳରେ ସଂଘଟିତ, (୧) ଅଥବା ପ୍ରଥମ ପୁରୁଷ ବହୁବଚନର କ୍ରିୟା-ସଂଜ୍ଞା ସ୍ମଃ > -ମ୍ହେ । (୨) କାମମ୍ହେ ।

-ମ୍ହ < ସ୍ମ; ଗଚ୍ଛମ୍ହ 'ଆମେ ଯାଉ(ଛୁ)' ଖେଲେମ୍ହ, ଖେଲମ୍ହ (= କ୍ରୀଡାମଃ) ।

**ମଧ୍ୟମ ପୁରୁଷ ଏକ:** ମହା: ମଗ୍ଗସେ, ଜାଣସେ; ଅମାଗ: ଇଚ୍ଛସେ; ମାଗ: ଇଶ୍ଚଶେ; ପୈ: ପୟୁଚ୍ଛସେ ।

**ପ୍ରଥମ ପୁରୁଷ ଏକ:** ମହା: ବଚ୍ଛଏ, ଟ୍ରପଚ୍ଛଏ, ପଲମ୍ବଏ । (କର୍ମବାଚ୍ୟରେ) ଖୀରଏ (= କ୍ଷୀୟତେ), ଜୁଜ୍ଜଏ < ଯୁଜ୍ୟତେ; ଜୈମହା: ମୁଚ୍ଚଏ < ମୁଚ୍ୟତେ; ଭୁଜ୍ଜଏ (= ଭୁଂକ୍ତେ) । ଦାକ୍ଷିଣାତ୍ୟାରେ ଜାଅଏ < ଜାୟତେ; ଶୌର: ଅଚ୍ଛଦେ, ରମଦେ; ମାଗ: ଲହଦେ < ଲଭତେ; ପୈ: ଲପତେ, ଗଚ୍ଛତେ, ରମତେ । (୩) **ପ୍ରଥମ ପୁରୁଷ ବହୁ:** ମହା: ଗଚ୍ଛନ୍ତେ,

(୧) ଗାଇଗର୍, ପାଲି: ୧୨୨ ।

(୨) ସେନ, ପୂର୍ବୋକ୍ତ ପୃ: ୧୦୭, ୧୫୧ ।

(୩) ପିଶଲ୍, ପ୍ରା: ବ୍ୟା: ୪୫୭ ।

ଉପଜ୍ଜନ୍ତେ; ଅମାଗ: ଭବିଲଭନ୍ତେ, ଶାସୂନ୍ତେ । (୧) ବୈଦିକ ଓ ପାଲି ପରି ପ୍ରାକୃତରେ -ଇରେ ଅନ୍ତ୍ୟ ପ୍ରତ୍ୟୟର ପ୍ରଚଳନ ଦେଖାଯାଏ—ଉଦ୍ଧୁପ୍‌ପିରେ <*ଉଦ୍ଭୁଷ୍ଟ୍ୱରେ, ହସିରେ (= ହସନ୍ତେ), ହସିଜ୍ଜଇରେ, ହସେଜ୍ଜଇରେ (= ହସିଷ୍ୟନ୍ତେ) । (୨)

ହେମଚନ୍ଦ୍ର ପ୍ରଥମ ପୁରୁଷ ଏକବଚନରେ ମଧ୍ୟ -ଇରେ ପ୍ରତ୍ୟୟର ପ୍ରଚଳନର ଉଲ୍ଲେଖ କରିଅଛନ୍ତି । କ୍ୱଚିତ୍ ଇ ରେ ଏକତ୍ୱେପି—ସୂସଇରେ ଗାମ-ଚିକ୍‌ଖଲ୍ଲେ । ଶୁଷ୍ୟଗ୍ରାମ୍ୟର୍ଥଃ । (୨)

## ବର୍ତ୍ତମାନ କାଳ

### ଅସ-

| | ଏକବଚନ | ବହୁବଚନ |
|---|---|---|
| ଉତ୍ତମ | ଅଂସି, ମି (ଅମାଗ:) | ମ୍‌ହୋ, ଅତ୍ଥି; ମ୍‌ହ (ମହା:); |
| | ମ୍‌ହି (ମହା:, ଜୈମହା:, ଜୈଶୌର:); | ମ୍‌ହ (ଶୌର:); |
| | ମି (ଜୈମହା:); | ମ୍ମ (ମାଗ:); |
| | ସ୍ମି (ମାଗ:) | ମୋ, ମୁ (ଅମାଗ:); |
| | ଅତ୍ଥି (ମହା:) (୩) | ମୋ (ଜୈମହା:) |
| ମଧ୍ୟମ | ସି (ମହା:, ଜୈମହା:, ଶୌର:); | ତ୍ଥ (ମହା:) |
| | ଶି (ମାଗ:); ଅତ୍ଥି (ମହା:) | ଅତ୍ଥି (ମହା:) |

(୧) ପୂର୍ବୋକ୍ତ ୪୭୮ ।

(୨) ହେମ—୩।୧୪୨ ।

(୩) ଅତ୍ଥିସ୍ତ୍ୟାଦିନା । ହେମ—୩।୧୪୮ ।

ଅସ୍ତେଃ ସ୍ଥାନେ ତ୍ୟାଦିଭିଃ ସହ ଅତ୍ଥି ଇତ୍ୟାଦେଶୋ ଭବତି । ଅତ୍ଥି ସୋ । ଅତ୍ଥି ତେ । ଅତ୍ଥି ତୁମଂ । ଅତ୍ଥି ତୁମ୍ହେ । ଅତ୍ଥି ଅହଂ । ଅତ୍ଥି ଅମ୍ହେ ।

| | | |
|---|---|---|
| ପ୍ରଥମ | ଅତ୍ଥି (ମହା:, ଜୈମହା:, ଅମାଗ:, ଜୈଶୌ:, ଶୌ:); ଅସ୍ତି (ମାଗ:) । | ସନ୍ତି (ମହା:, ଅମାଗ:, ଜୈଶୌ:); ଶନ୍ତି (ମାଗ:); ଅତ୍ଥି (ମହା:) |

ଏହି ଧାତୁଟି ପ୍ରମାଦପୂର୍ଣ୍ଣ ଯେହେତୁ ଏଥିରେ ମଧ୍ୟମ ଓ ପ୍ରଥମ ପୁରୁଷ ବହୁବଚନର ରୂପ ନାହିଁ । 'ଅତ୍ଥି' ସବୁ ପୁରୁଷ ଓ ବଚନରେ ସମାନ ରହେ । ପିଶଲ୍ କହିଛନ୍ତି ଯେ ଅର୍ଦ୍ଧମାଗଧୀ ବ୍ୟତୀତ ଅନ୍ୟ ସମସ୍ତ ପ୍ରାକୃତରେ ଅସ୍ ଧାତୁର ଉତ୍ତମ ଏବଂ ମଧ୍ୟମ ପୁରୁଷ ଏକବଚନ ଓ ବହୁବଚନରେ ଧ୍ୱନି ବଳହୀନ ପୂର୍ବାଧାର ଶବ୍ଦମାନଙ୍କ ଉପରେ ପ୍ରଭାବ ପକାଏ । ଏଣୁ ଏକବଚନ (ରୂପର) ଆଦ୍ୟସ୍ଥିତ ଅ- ର ଲୋପ ହୋଇଥାଏ । ଅମାଗ:ରେ ଧ୍ୱନି ବଳହୀନ ପୂର୍ବାଧାର ରୂପ 'ମି' ସୁଲଭ । (୧)

### ଆଜ୍ଞାବାଚକ

ପ୍ରତ୍ୟୟ

| | ଏକବଚନ | ବହୁବଚନ |
|---|---|---|
| ଉତ୍ତମ | -ମୁ | -ମୋ |
| ମଧ୍ୟମ | —୦, -ସୁ, -ଶୁ; -ହି | -ଅହ, -ଏହ; -ଅଧ, -ଏଧ |
| ପ୍ରଥମ | -ଉ, -ଦୁ | -ନ୍ତୁ |

ବଚ୍ଛ-

| | | |
|---|---|---|
| ଉତ୍ତମ | ବଚ୍ଛାମୁ, ବଚ୍ଛମୁ | ବଚ୍ଛାମୋ (ଅମାଗ:, ଜୈମହା:) ବଚ୍ଛମ୍ହ, ବଚ୍ଛେମ୍ହ |
| ମଧ୍ୟମ | ବଚ୍ଛ, ବଚ୍ଛସୁ, ବଚ୍ଛେହି, ବଚ୍ଛାହି (ଅମାଗ:) | ବଚ୍ଛହ; ବଚ୍ଛଧ, ବଚ୍ଛେଧ (ଶୌର:, ମାଗ:) |

(୧) ପିଶଲ୍, ପ୍ରା: ବ୍ୟା: ୪୯୮ ।

| | | |
|---|---|---|
| ପ୍ରଥମ | ବଚ୍ଛଉ;<br>ବଚ୍ଛଦୁ (ଶୌର:, ମାଗ:, ଢକ୍କୀ) | ବଚ୍ଛନ୍ତୁ |

କର-

| | | |
|---|---|---|
| ଉତ୍ତମ | କରେମୁ (ମହା:, ଅମାଗ:) | କରେମୋ (ଅମାଗ:)<br>କଲେମୋ (ମାଗ:) |
| ମଧ୍ୟମ | କରେସୁ (ମହା:, ଜୈନମହା:, ଶୌର:) | କରେହ (ଅମାଗ: ମହା:) |
| | କର; କଲେହି, କଲେଶୁ (ମାଗ:)<br>କରେହି (୧) | କଲେଧ (ମାଗ:),<br>କରେଧ (ଶୌର:) |
| ପ୍ରଥମ | କରେଉ (ଅମାଗ:),<br>କଲେଦୁ (ମାଗ:) | କରେନ୍ତୁ (ଅମାଗ:),<br>କଲେନ୍ତୁ (ମାଗ:) |

ମ: ଭା: ଆ: ର ଅଜ୍ଞାବାଚକ କ୍ରିୟାରୂପମାନ ବର୍ତ୍ତମାନ ନିର୍ଦ୍ଦେଶକ କ୍ରିୟାରୂପଦ୍ୱାରା ପ୍ରଭାବିତ ହୋଇଥିବାର ଦେଖାଯାଏ ।

**ଉତ୍ତମ ପୁରୁଷ ଏକବଚନ**—ବୈୟାକରଣମାନେ ବିଭିନ୍ନ ପ୍ରକାର ରୂପ ନେଇଛନ୍ତି । ବରରୁଚି ଓ ମାର୍କଣ୍ଡେୟ -(ଅ)ମୁ ପ୍ରତ୍ୟୟ ଦେଇଛନ୍ତି; କିନ୍ତୁ ହେମଚନ୍ଦ୍ର ଉଭୟ -ଅମୁର ଉଲ୍ଲେଖ କରିଅଛନ୍ତି । (୩) ମାଗଧୀରେ ହଣମୁ, ହଣାମୁ ରୂପ ମିଳେ ।

---

(୧) ଅମାଗ:, ମହା:, ଜୈନମହା:, ଶୌର:ରେ ଏହି ରୂପ ପ୍ରାପ୍ତ ।

(୨) ପିଶେଲ୍ ଧା: ୪୭୦

(୩) ଉସ୍ମୁ ବିଧ୍ୟାଦିଷ୍ୱେକସ୍ମିନ୍ । ବର—୭।୧୮; ଲଙ୍ ଲୋଟୋରେକସ୍ମିନ୍ନ୍ ସୁ ମୁ ସ୍ୟଃ ।...କୁଣଉ, କୁର୍ଣ୍ଣେଇ କୁର୍ବୀଇ କରେଉ କୁରୁତାମ୍ । କୁଣସୁ । କୁଣମୁ । ମାର୍କ—୭।୩୧; ହେମ—୩।୧୭୩...ହସମୁ, ତୁପଜ୍ଜାମୁ ।

**ଉତ୍ତମ ପୁରୁଷ ବହୁ:** -ମ୍‌ହ ଅନ୍ତ୍ୟ ପ୍ରତ୍ୟୟ ଯୁକ୍ତରୂପମାନ ପ୍ରାପ୍ତ— କରେମ୍‌ହ, ପଲମ୍‌ହ, ପିବାମ୍‌ହ । ଏହି -ମ୍‌ହ < (ବୈଦିକ) -ସ୍ମ (ସାମାନ୍ୟ)ରୁ ଉତ୍ପନ୍ନ ବୋଲି ପିଶଲ୍ ମାନନ୍ତି । (୧) ମାର୍କଣ୍ଡେୟ [illegible] ଏହି ଅନ୍ତ୍ୟ ପ୍ରତ୍ୟୟର ଉଲ୍ଲେଖ କରିଅଛନ୍ତି— ଉତ୍ତମ ମ୍‌ହ [illegible]— କହେମ୍‌ହ, ଚିଟ୍ଠେମ୍‌ହ । ଜୈନମହା: ଚିଟ୍ଠମ୍‌ହ < ତିଷ୍ଠାମ, ଗଚ୍ଛମ୍‌ହ < ଗଚ୍ଛାମ (ଶୌରି:ରେ ମଧ୍ୟ) । (୨)

[ ତୁଳ: ପା: ଲଭାମି, ଲଭେ; ଲଭାମ, ଲଭାମହେ ] ।

**ମଧ୍ୟମ ପୁରୁଷ ଏକ:** ଭା: ଆ:ର ପ୍ରାଚୀନ ସମୟରୁ ବିକରଣଯୁକ୍ତ କ୍ରିୟାର ପ୍ରକୃତି ବା ଅଂଗ (stem) ହିଁ କ୍ରିୟାରୂପ ଭାବରେ ବ୍ୟବହୃତ ହୋଇ ଆସୁଅଛି । ମ: ଭା: ଆ: ରେ ହି ଏହା ଏକ ସାଧାରଣ ପ୍ରକ୍ରିୟା ଭାବରେ ଥିଲା । ଯଥା— ଭଣ, ମାଗ: ହଣ, ଚିଟ୍ଠ; ଟେଗଣ୍ହ, ଆଅଚ୍ଛ, ମର, ଚିଟ୍ଠ, ଥୁଣ (= ସ୍ତୁହି) । -ହି ପ୍ରତ୍ୟୟ < -ଧି ([illegible]) : ସୁଣାହି, ହୋହି, ଯୁଞ୍ଜହି, ପିବାହି, ଭଣାହି, ଜାଣହି । -ସୁ ପ୍ରତ୍ୟୟ < -ସ୍ୱ (= ସ୍ୱଅ, ଆତ୍ମନେପଦୀ) : କହସୁ, ଖମସୁ, କୁଣସୁ; ମାଗ: ଦେଶୁ, ଆଗଚ୍ଛସୁ (= ଆଗଚ୍ଛ), ଲଙ୍କଶୁ (ଏ ରକ୍ଷ), କଲେଶୁ (= କୁରୁ); ଆଣେସୁ (= ଆନୟ), କଧେସୁ, ଟେପକ୍ଖସ୍‌ସ ।

[ ତୁଳ: ଖରଧମ୍ମ: ସିଞ୍ଚ; ପା: ସିଞ୍ଚ; ଅପ: ମୁଞ୍ଚ । ପା: ଦେହି, ଅନେହି; ଅପ: କରେହି ଦେକ୍ଖାବହି । ପା: ପୁଚ୍ଛସ୍ସୁ, ପୁଚ୍ଛସ୍ସ; ଅପ: ବୁଜ୍ଝସୁ, ହସସ୍ସ (ହେମଚନ୍ଦ୍ର) ] । (୩)

**ମଧ୍ୟମ ପୁରୁଷ ବହୁ:** -ହ, -ଧ < -ଥ : ଖମହ ଣମହ, ରଂଜେହ; ଋଷେଇ: ନମଥ; ଅମାଗ: ହଣହ, ଖଣହ, ଭାଞ୍ଜେହ; ଜୈନମହା: ଅଚ୍ଛହ,

---

(୧) ପିଶଲ୍, ପ୍ରା: ବ୍ୟା: ୪୭୦ ।

(୨) ପୂର୍ବୋକ୍ତ ।

(୩) ଦ୍ରଷ୍ଟବ୍ୟ—ସେନ, ପୂର୍ବୋକ୍ତ ପୃ: ୧୫୩ ।

ଗିଣ୍ହଧ; ଶୌର: ପଲ୍ଲଅଧ, ମାଗ: ପଲଭ୍ରଅଧ < ପରିତ୍ରାସ୍ୟଧ୍ୱମ୍ (୧) ମାଗ: ଶୁଣାଧ ।

[ ଭୁଲ: ଧଭଲ, ଭଉ: ତପଥ, ଗିର୍: ପଟିବେଦେଥ; ଖରଧମ୍ନ: ଦେଧ, ଭବେଥ; ପା: ଗଣ୍ହଥ, ସୁଣାଥ (୨); ଅପ: ହୋହ, କରହ । ]

**ପ୍ରଥମ ପୁରୁଷ ଏକ:** -ଉ କମ୍ବା -ଦୁ < -ତୁ (ପ୍ରା: ଭା: ଆ:) : ଶୌର: ସୁଣାଦୁ; ପସୀଦଦୁ, କଧେଦୁ ଅମାଗ: ପାସଉ (= ପଶ୍ୟତୁ); ହୋଉ, ମହା: ଦେଉ (= ଦଦାତୁ), ମରଉ (= ମ୍ରିୟତାମ୍); ମାଗ: ମୁଞ୍ଚଦୁ, ଶୁଣାଦୁ; ଶୌର:, ମାଗ: ଓ ଢକ୍କୀ ଦେଦୁ ।

[ ଭୁଲ: ଅଶୋ: ହୋତୁ, ଶାହ୍: ଭୋତୁ; ଖରଧମ୍ନ: ଜତୁ < √ଜୀବ୍-; ନୟ: ହୋତୁ, ହୁତୁ; ପା: ନୟତୁ, ନେତୁ, ପସ୍ସତୁ; ଅଚ୍ଛତଂ, ଲଭତଂ (ଅମ୍ନେପଦୀ); ଅପ: ଦେଉ, ହୋଉ, ଅଚ୍ଛଉ ] ।

**ପ୍ରଥମ ପୁରୁଷ ବହୁ:** ପ୍ରା: ଭା: ଆ: ର -ନ୍ତୁ ପ୍ରତ୍ୟୟ ମ: ଭା: ଆ: ରେ ସୁରକ୍ଷିତ । (୩) ଦେନ୍ତୁ, ହୋନ୍ତୁ, ସୁଣନ୍ତୁ; ମାଗ: ପଶୀଦନ୍ତୁ, କଲେନ୍ତୁ ।

[ ଭୁଲ: ଧଉଳ ଯୁଜଂତୁ; ଧଉଳ, ଜଉ: ଆଲଧୟଂତୁ: ଖରଧମ୍ନ: ଭେଦୁ; ପା: ନୟନ୍ତୁ, ନେନ୍ତୁ, ହନନ୍ତୁ; ଅପ: କରନ୍ତୁ, ହୋନ୍ତୁ, ଅଚ୍ଛନ୍ତୁ ] ।

### ଭବିଷ୍ୟତ କାଳ

ଭବିଷ୍ୟତ ଓ ବର୍ତ୍ତମାନ କାଳର ଅନ୍ତ୍ୟ ପ୍ରତ୍ୟୟମାନ ସମାନ । ଭବିଷ୍ୟତ କାଳର ରୂପ ରଚନାରେ ଏହି ପ୍ରତ୍ୟୟମାନ -(ଇ)ସ୍ସ-, -(ଇ)ଶଶ- ଏବଂ -(ଇ)ହି-, (ଇ)ହ- ସହ ଯୁକ୍ତ ହୋଇଥାଏ । ଟର୍ନରଙ୍କ ମତରେ -ହ୍/ହ- ଭବିଷ୍ୟତ *-ଇସ୍ସ-, -ଇଶ୍ଶର ଏକ ସ୍ୱତନ୍ତ୍ର ପ୍ରଚଳନ

(୧) ପିଶଲ୍, ପ୍ରା: ବ୍ୟା: ୪୭୧ ।
(୨) ମୂଳତଃ ଇଚ୍ଛାର୍ଥକ ରୂପ । ସେନ, ପୂର୍ବୋକ୍ତ ପୃ: ୧୫୪ ।
(୩) ପିଶଲ୍, ପୂର୍ବୋକ୍ତ ।

ଯାହା ମାଗଧୀରେ ସମ୍ବନ୍ଧ ଏକବଚନରେ ଦ୍ରଷ୍ଟବ୍ୟ—ପୁଲିହ । ଏହି -ସ୍ସ < -ସ୍ୟ (ପ୍ରା: ଭା: ଆ:)ରୁ ଆଗତ ହୋଇଥିବା ନିଶ୍ଚିତ ।" କିନ୍ତୁ ଜକୋବୀଙ୍କ ମତରେ -ହ- ଭବିଷ୍ୟତ ପ୍ରାକୃତର ନିଜସ୍ୱ ଏବଂ -ସ୍‌ସ, -ଇସ୍‌ସ ପ୍ରଭୃତି ପ୍ରା: ଭା: ଆ: -ସ୍ୟ ରୁ ବ୍ୟୁତ୍ପନ୍ନ ରୂପ । ଉକ୍ତ ସେନଙ୍କ ମତରେ ଏହି -ହ ର ଆଗମନ ଭାରୋପୀୟ ବିକରଣ (Stem-affix) *-ସୋ, ପ୍ରା: ଭା: ଆ: -ସ ରୁ (ଯାହା ଇଚ୍ଛାର୍ଥକ, ସାମାନ୍ୟ ଏବଂ ଧାତୁନିର୍ଦ୍ଧାରକରେ ପ୍ରାପ୍ତ) । ଅଶୋକୀୟ ପୂର୍ବ-କେନ୍ଦ୍ରୀୟ ଉପଭାଷାରେ ଏହାର ଦୃଷ୍ଟାନ୍ତ ମିଳେ । ଯଥା—ହୋସ୍ତି ହୋହନ୍ତି, ହୋସ୍ତି ପ୍ରଭୃତି ଦାହନ୍ତି । (୧) ମହାବସ୍ତୁରେ -ସ- ଭବିଷ୍ୟତର ଉଦାହରଣ ମିଳେ । ଯଥା—ଗଂସାମି, ଅନୁଗଂସଂ ଇତ୍ୟାଦି ।

ଦ୍ୱିତୀୟ ମ: ଭା: ଆ: ରେ ପ୍ରାକୃତ ବୈୟାକରଣମାନଙ୍କ ପ୍ରଦତ୍ତ ରୂପମାନ -ହି- ପ୍ରତ୍ୟୟଯୁକ୍ତ । ପୁରୁଷୋତ୍ତମ ଶାକଲ୍ୟଙ୍କୁ ଉଦ୍ଧାର କରି ଏକାନ୍ତର -ସ୍‌ସ-, (-ଶ୍‌ଶ-) ପ୍ରତ୍ୟୟର ଉଲ୍ଲେଖ କରିଛନ୍ତି; କିନ୍ତୁ ବରରୁଚି, ହେମଚନ୍ଦ୍ର ଓ କ୍ରମଦୀଶ୍ୱର ଏହି ରୂପମାନ କେବଳ ଉତ୍ତମ ପୁରୁଷ ପାଇଁ ସ୍ୱୀକାର କରିଛନ୍ତି । କେନ୍ଦ୍ର ଓ ପୂର୍ବ ପ୍ରାକୃତ ଗ୍ରନ୍ଥମାନଙ୍କରେ କେବଳ -ସ୍‌ସ- (କିମ୍ବା -ଶ୍‌ଶ-) ଯୁକ୍ତ ରୂପମାନ ହିଁ ଉପଲବ୍ଧ ।

ପ୍ରାକୃତର ଭବିଷ୍ୟତ ଅନ୍ୟ ପ୍ରତ୍ୟୟମାନ ନିମ୍ନରେ ଦିଆଯାଉଛି—

| | ଏକବଚନ | ବହୁବଚନ |
|---|---|---|
| ଉତ୍ତମ | -ଇସ୍‌ସଂ, -ଇସ୍‌ସାମି<br>ମାଗ: ଇଶ୍‌ଶାମି, ଇଶ୍‌ଶଂ<br>-ହାମି, -ହ୍ମି | -ଇସ୍‌ସାମୋ, ଇସ୍‌ସାମୁ,<br>-ଇସ୍‌ସାମ, -ଇଶ୍‌ଶାମୋ,<br>-ଇଶ୍‌ଶମ୍‌ହୋ, -ହାମୋ,<br>-ହାମୁ, -ହାମ, -ହିସ୍‌ସା,<br>-ହିତ୍ଥା |

୨ (୧) ସେନ, ପୂର୍ବୋକ୍ତ ପୃ: ୧୫୫ ଏବଂ ଝା, ମାଗଧୀ: ୧୯୦ ।

| | | |
|---|---|---|
| ମଧ୍ୟମ | -ହିସି, -ହିସେ | -ହିତ୍ଥା, -ହିହ |
| | -ଇଶ୍ଶି | -ଇଶ୍ଶଧ |
| ପ୍ରଥମ | -ହିଇ, -ହିଏ | -ହିନ୍ତି, -ହିନ୍ତେ, -ହିଇରେ |
| | -ଇଶ୍ଶଦ | -ଇଶ୍ଶନ୍ତି |

### ଗଚ୍ଛ

| | | |
|---|---|---|
| ଉତ୍ତମ | ଗଚ୍ଛିସ୍ସଂ, ଗଚ୍ଛିସ୍ସାମି | ଗଚ୍ଛିସ୍ସାମୋ (ହେମଚନ୍ଦ୍ର:) |
| | ଗଚ୍ଛିହାମି, ଗଚ୍ଛିହିମି (୧) | ଗଚ୍ଛିହାମୋ |
| | ଗମିସ୍ସଂ (ଶୌର:) | ଗମିସ୍ସାମି (ହେମଚନ୍ଦ୍ର:) |
| ମଧ୍ୟମ | ଗଚ୍ଛିହିସି; ଗମିସ୍ସିସି (ଶୌର:) | ଗଚ୍ଛିହିତ୍ଥା, ଗଚ୍ଛିହିହ |
| ପ୍ରଥମ | ଗଚ୍ଛିହିଇ; ଗଚ୍ଛିସ୍ସଦ (ଶୌର:) | ଗଚ୍ଛିହିନ୍ତି |

### ହୋ- (ସଂ ଭବ-)

| | | |
|---|---|---|
| ଉତ୍ତମ | ହୋସ୍ସଂ, ହୋସ୍ସାମି (୨) | ହୋସ୍ସାମୋ, ହୋସ୍ସାମୁ, |
| | ହୋହାମି, ହୋହିମି | ହୋସ୍ସାମ, ହୋହାମୋ, |
| | | ହୋହାମୁ, ହୋହାମ, |
| | | ହୋହିମୋ, ହୋହିମୁ, |
| | | ହୋହିମ |
| ମଧ୍ୟମ | ହୋହିସି | ହୋହିତ୍ଥା, ହୋହିହ |
| ପ୍ରଥମ | ହୋହିଇ | ହୋହିନ୍ତି, ହୋହିନ୍ତେ, |
| | | ହୋହିରେ |

ମାଗଧୀରେ ଭବ- ର ରୂପାବଳୀ—

| | | |
|---|---|---|
| ଉତ୍ତମ | ଭବିଶ୍ଶାମି, ଭବିଶ୍ଶଂ | ଭବିଶ୍ଶାମୋ, ଭବିଶ୍ଶାମ୍ହୋ |
| ମଧ୍ୟମ | ଭବିଶ୍ଶଶି | ଭବିଶ୍ଶଧ |
| ପ୍ରଥମ | ଭବିଶ୍ଶଦ | ଭବିଶ୍ଶନ୍ତି |

(୧) ହେମ—୩।୧୭୨।

(୨) ବୈୟାକରଣମାନଙ୍କ ପ୍ରଦତ୍ତ ରୂପ।

ଉତ୍ତମ ଏକ : ଅମାଗ: ଗଚ୍ଛିସ୍ସାମି, ଏସ୍ସାମି, ଦାହ୍ମି (୧); ଗଚ୍ଛିହାମି (୧), ଗଚ୍ଛିମି (୧), ଅମାଗ: ପାହଂ, ମହା: କାହଂ (=* କାର୍ଷ୍ୟାମି), ଜୈମହା: କାହାମି ।

[ ଭୁଜ: ଧଉଳ, ଜଉ: ହୋସାମି, ନସ୍ତୁ: ଜଣିଷ୍ୟମି; ପା: ପିବସ୍ସାମି; ଅପ: ହୋସମି, ପେକ୍ଖିହ୍ମି, କରେସମି, ପାଲେସମି, ପାହଂ, ବୋଲିସ୍ସଂ ]।

ଉତ୍ତମ ବହୁ : କରିସ୍ସାମୋ, ଗମିସ୍ସାମୋ, ପୁଚ୍ଛିସ୍ସାମୋ, ଦହାମୋ, (ଅମାଗ:) ଦହାମୁ; ସୁଣେସ୍ସାମୋ; ହୋହିସ୍ସାମୋ, ହୋହିଥାମୋ (୨); ସ୍ଥାଣିଶ୍ଶମ୍ହ (ମାଗ:) ।

[ ଭୁଜ: ଖରଧନ୍ନ: କରିଷମୁ; କାହାମ, ହେମ୍ହାନ (୩); ଅପ: କରିସ୍ସହୁଁ, ହୋସହୁଂ ]।

ମଧ୍ୟମ ଏକ : ଅଚ୍ଛିହିସି, ପେଚ୍ଛିହିସି, ପୁଚ୍ଛିହିସି, ଦାହିସି; ପାହସି (ଅମାଗ:), ଗମିସ୍ସସି (ଶୌର:) ।

[ ଭୁଜ: ଖରଧନ୍ନ: ବିହରିଷି < ବି+√ହୃ; ପା: ମୋକ୍ଖସି, ମୋସ୍ସି, କାହସି, ଏହିସି; ନସ୍ତୁ: ପରିବୃଙ୍ଖିଶସି, ଗିଂନଷ୍ୟସି; ଅପ: କରେସହି, ହସିହିହି, ହସୀସହି ]।

ମଧ୍ୟମ ବହୁ : ଅମାଗ: କାହିହ, ଭବିସ୍ସହ; ଶୌର: ଜଇସ୍ସଧ, ଭଣିସ୍ସଧ । ଜୈମହା: ସକ୍କିସ୍ସହେ, ଭଣିସ୍ସହ; ମହା: ଦଚ୍ଛିହ; ଜୈମହା: କାହିହ ।

[ ଭୁଜ: ଧଉଳ ଆଲଧିସ୍ସିସଥ; ଜଉ: ଆଲଧିସ୍ସିସଥା, ଏସଥ; ପା: ପଦସ୍ସଥ (< ପ୍ର+ଦା), ଦକ୍ଖିସ୍ସଥ; ଅପ: ହସିହିହୁ, ହସୀସହୁ ]। (୪)

---

(୧) ବୈୟାକରଣମାନଙ୍କ ପ୍ରଦତ୍ତ ରୂପ ।

(୨) (ହେମଚନ୍ଦ୍ରର ୩।୧୮) ପିଶଲ୍, ପୂର୍ବୋକ୍ତ ୫୨୧ ।

(୩) -ମ ଅନ୍ତ୍ୟ ପ୍ରତ୍ୟୟ ସମ୍ଭବତଃ ପ୍ରା: ଭା: ଆ: -ଆସ୍ (ଆତ୍ମନେପଦୀ ଏକ:) । ସେନ, ପୂର୍ବୋକ୍ତ ପୃ: ୧୫୮ ।

(୪) ଦ୍ରଷ୍ଟବ୍ୟ—ସେନ, ପୂର୍ବୋକ୍ତ ପୃ: ୧୫୮ । ଶ୍ରୀବାସ୍ତବ, ପୂର୍ବୋକ୍ତ, ପୃ: ୨୧୦ । ପିଶଲ୍, ପ୍ରା: ଵ୍ୟା; ୫୨୦-୨୨ ।

**ପ୍ରଥମ ଏକ :** ଅମାଗ: କରିସ୍ସଇ; ମାଗ: କଲଶ୍ଶଦ୍, କଗ୍ଗିହ୍ହିଇ, ସୁଣିସ୍ସଇ, ଏହ୍ହିଇ; ଜୈମହା: ଜଣିସ୍ସଇ, ମାଣେହ୍ହିଇ ( < ନର୍ନର୍ଷ୍ୟତି); ଶୌର: କରିସ୍ସଦି, ଶଇସ୍ସଦି, ଆଣଇସ୍ସଦି, ଅମାଗ: ଗାହ୍ହିଇ (= ଗାସ୍ୟତି), କାହ୍ହିଇ, କାହ୍ଣି । (୧)

[ ଭୁଳ: ଧଉଳି, ଜଙ୍ଘ: ଖମିସତି; ଧଉଳି ହୋସତି; ପା: ହୋହ୍ହିତି, ଏହିତି, ଲଚ୍ଛତି ( < ଲପ୍ସ୍ୟତେ), ସ୍ସସ୍ସତି (= ଶପ୍ସ୍ୟତି), ହେସ୍ସତି (= ଭବିଷ୍ୟତି), କରିସ୍ସତି, କାହ୍ହିତି । (୨) ଅପ: ହୋସଇ, କରେସଇ, କରିହଇ, ହୋହ୍ହିଇ > ହୋହ୍ଣି ] । (୩)

**ପ୍ରଥମ ବହୁ :** ଅମାଗ:, ଜୈମହା: କରେହ୍ହିନ୍ତି; ଶୌର: କରିସ୍ସନ୍ତି; ଅମାଗ. ଉଟ୍ଠେହ୍ହିନ୍ତି, କାହ୍ହିନ୍ତି (ଜୈମହା: ରେ ମଧ୍ୟ); ମହା: ଭଣିହ୍ହିନ୍ତି । (୪)

[ ଭୁଳ: ଧଉଳି, ଜଙ୍ଘ: ଟୋପ୍ରା··· ଜାଣିସନ୍ତି; ଟୋପ୍ରା ହୋସନ୍ତି, ହୋହଂ, ଦାହଂଛ; ଧଉଳି, ଜଙ୍ଘ: କାଲ୍ସୀ, ଆଲଭିଶଂତି; ପା: କରିସ୍ସନ୍ତି; ଓସ୍ସଂତି, ଲଚ୍ଛଂତି, କାହ୍ନଂତି, ଗମିସ୍ସଂତି; ଅପ: କରିହ୍ହିଂତି, ହସିହ୍ହିହ୍ହିଂ, ହସୀସହ୍ହିଂ (୫), ହୋସହ୍ହିଂ, ଜାଣିସ୍ସହ୍ହିଂ ] ।

### ଇଚ୍ଛାର୍ଥକ କମ୍ବା ବିଧ୍ୟର୍ଥକ

ମ: ଭା: ଆ: ରେ ସମ୍ଭାବନାର୍ଥକ ଓ ଇଚ୍ଛାର୍ଥକ ଭାବର ଏକାକାର ହୋଇଥିଲା । ପୂର୍ବବର୍ତ୍ତୀ ଭାବ ମୃତପ୍ରାୟଃ ଅବସ୍ଥାରେ ଥିଲା, ଏବଂ ପରବର୍ତ୍ତୀ (ଇଚ୍ଛାର୍ଥକ) ଭାବର ପ୍ରାଧାନ୍ୟ ବୃଦ୍ଧି ପାଇଥିଲା । ସେହିଁ କେତୋଟି

(୧) ଦ୍ରଷ୍ଟବ୍ୟ—ପିଶଲ୍, ପୂର୍ବୋକ୍ତ ।
(୨) ଦ୍ରଷ୍ଟବ୍ୟ—ଗାଇଗର୍, ପାଲ: ୧୫୧-୫୪ ।
(୩) ସେନ, ପୂର୍ବୋକ୍ତ ପୃ: ୧୫୭ ।
(୪) ପିଶଲ୍, ପୂର୍ବୋକ୍ତ ।
(୫) ଶ୍ରୀବାସ୍ତବ, ପୂର୍ବୋକ୍ତ ।

ସମ୍ଭାବନାର୍ଥକ ରୂପର ଉଦାହରଣ ଦେଖାଯାଏ, ସେଗୁଡ଼ିକ ହେଉଛି ଯୌଗିକୃତ ଭାବ-ମୂଳ (modal stem) ଓ ଇଚ୍ଛାର୍ଥକର ଗୌଣ ଅନ୍ତ୍ୟ ପ୍ରତ୍ୟୟଗୁଡ଼ିକ ସ୍ଥାନରେ ମୁଖ୍ୟ ଅନ୍ତ୍ୟ ପ୍ରତ୍ୟୟଗୁଡ଼ିକର ପ୍ରଚଳନ । (୧)

ଇଚ୍ଛାର୍ଥକର -ଈ ଓ -ସି ଯୁକ୍ତ ରୂପମାନ ନବ ଗଠିତ, ଯାହା ଇଚ୍ଛାର୍ଥକ ମୂଳ ଓ ମୁଖ୍ୟ ଅନ୍ତ୍ୟ ପ୍ରତ୍ୟୟ ସଂଯୋଗରେ ଉଦ୍ଭୂତ । ଯଥା— ଅଶୋ: ଶାଦ୍ୟୁ:, ମାନ୍: ସିଯୁନ୍ତି, ଜଗ୍: ସିଯୁନ୍ତି; ପା: କରେୟ୍ୟାସି । ପ୍ରାଥମିକ ମ: ଭା: ଆ: ରେ ପ୍ରକୃତ ସମ୍ଭାବନାର୍ଥକ ରୂପର ଦୃଷ୍ଟାନ୍ତ ମିଳିଥାଏ । ଯଥା—ପା: ବିହରେୟ୍ୟ (ମଧ୍ୟମ ପୁରୁଷ ଏକ:), ଭବାଥ (ମଧ୍ୟମ ବହୁ:), ଅଶୋ: ହୋତ୍ରା ଚଲେୟ୍ୟା-ବଦାଥ, ବିହରେୟ୍ୟାଥ (ମଧ୍ୟମ ବହୁ:), ଧଉଲି, ଗିର୍: ଅସ < ଅ'ସତ୍ (ପ୍ରଥମ ଏକ:) । ଗିର୍: ମଞ୍ଜୁଞ୍ଜ୍ < ମନ୍ୟାନ୍ତ୍ (ପ୍ରଥମ ବହୁ:) ।

ମ: ଭା: ଆ: ର ପ୍ରାଥମିକ ଅବସ୍ଥାରେ ବ୍ୟାକରଣସୂକ୍ତ ଇଚ୍ଛାର୍ଥକ ଐତିହାସିକ ରୂପମାନ ଦେଖାଯାଏ । ପ୍ରାକୃତରେ ମଧ୍ୟ ଅଳ୍ପ କେତେକ ରୂପ ମିଳେ । ଭବେ < ଭବେତ୍ । କିନ୍ତୁ ନିୟମିତ ରୂପରଚନା ସବଳ ଇଚ୍ଛାର୍ଥକ ମୂଳକୁ (ସରଳଭାବରେ ଗ୍ରହଣ କରି ଓ ତାର ସଙ୍ଗେ ମୁଖ୍ୟ ଓ ଗୌଣ ଅନ୍ତ-ପ୍ରତ୍ୟୟ ଯୋଗକରି ସଂଗଠିତ ହୋଇଥାଏ) । ଯଥା—କରେୟୁ-, କରେୟ୍ୟୁ-, କରେଜ୍ଜ- < କରେ (*କରେତ୍ରୁ ନିଷ୍ପନ୍ନ ପଦ) + -ୟା- (-ୟୁ-) । (୨) ସେହିପରି ପ୍ରାକୃତ ବଟ୍ଟେଜ୍ଜ, ବଟ୍ଟେଜ୍ଜା ।

ଶୌର: ଓ ମାଗ:ରେ ସ୍ୱଗତ ରୂପମାନ ଉପଲବ୍ଧ ଏବଂ ଏହି ଦୁଇ ଉପଭାଷାର ଇଚ୍ଛାର୍ଥକ ରୂପମାନ ମୁଖ୍ୟ ରୂପରଚନାର ଅନ୍ତର୍ଭୁକ୍ତ । ଯଥା— ବଟ୍ଟେଅଂ <*ବର୍ତ୍ତେୟମ, ବଟ୍ଟେ <*ବର୍ତ୍ତେତ୍ । ଟେରଙ୍କ ମତରେ ବଟ୍ଟେଜ୍ଜା (ଉତ୍ତମ ପୁରୁଷ ଏକ: ବୈଦିକ ସମ୍ଭାବନାର୍ଥକ ବର୍ତ୍ତା ଓ ଇଚ୍ଛାର୍ଥକ ବର୍ତ୍ତେୟମ୍ ଏବଂ ସେହିପରି ବଟ୍ଟେଜ୍ଜାମି, ବର୍ତ୍ତେୟମ୍ ଓ ବର୍ତ୍ତମାନ *ବର୍ତ୍ତାମିର ସମ୍ମିଶ୍ରଣ ଫଳରେ ସଂଗଠିତ । (ତୁଳ: ପା: ବଟ୍ଟେୟ୍ୟାମି) । (୩)

---

(୧) ସେନ, ପୂର୍ବୋକ୍ତ ପୃ: ୧୫୯ ।

(୨) ସେନ, ପୂର୍ବୋକ୍ତ ପୃ: ୧୬୦ ।

(୩) ଝା, ମାଗଧୀ: ୨୦୦ । ଯାକୋବି, ଅର୍ଦ୍ଧମାଗଧୀ: ୨୧୭ ।

**ଉତ୍ତମ ପୁରୁଷ ଏକ:** ଶୌର: ଲଢେଅଂ, ଭଢେଅଂ (ପୁଣ୍ଡବକ
ରୂପାନୁସାର) । ଅମାଗ: ମୁଚ୍ଚିଜ୍ଜା (ପ୍ରା: ଭା: ଆ: -ଆ- ସମ୍ଭାବନାର୍ଥକ) ।
ଅମାଗ: କଟ୍ରସ୍ସ୍ସାମି (ପ୍ରା: ଭା: ଆ: -ମି ସମ୍ଭାବନାର୍ଥକ -ଆ ସହ ଯୁକ୍ତ
ହୋଇ) ।

[ ତୁଳ: ଧଉଳ, ଜଉ:, କାଲ୍ସୀ, ମାନ୍, ସେୃହଂ; ପା:
ପବ୍ବଟ୍ଟଜସ୍ସ୍ସଂ; ପା: କଟ୍ରସ୍ସ୍ସାମି । ]

**ଉତ୍ତମ ପୁରୁଷ ବହୁ:** ପ୍ରାକୃତରେ କୌଣସି ରୂପ ମିଳେନ । କିନ୍ତୁ
ମ: ଭା: ଆ: ର ଅଶୋ: ଧଉଳି, ଜଉ: ଗଚ୍ଛେମ; ପା: ସିକ୍ଖେମ, ଵଦେମୁ,
ଜାଣେମୁ ଓ ପା: ସାଧୟମସେ, ଭଦେମସେ (ଆତ୍ମନେପଦୀ) ।

**ମଧ୍ୟମ ପୁରୁଷ ଏକ:** ଅମାଗ: ଗଚ୍ଛେ, ଚରେ, ଚଉଗହେ (ପ୍ରା: ଭା:
ଆ: -ସ୍) । ଅମାଗ: ଵିଣ୍ଣେସୁଜ୍ଜ; ପା: ସ୍ୱାଏସ୍ସ୍ସୁ (ପ୍ରା: ଭା: ଆ: ଲୋଟ୍) ।
ଅମାଗ: ଵଟ୍ଟିଜ୍ଜାହି, ମହା: ହଟ୍ସଜ୍ଜହି (ପ୍ରା: ଭା: ଆ: -ହି ଲୋଟ) ।
ମହା: କୁଣିଜ୍ଜାସୁ; ଜୈମହା: କଟ୍ଟଇଜ୍ଜାସୁ (ପ୍ରା: ଭା: ଆ: -ସୁ ଲୋଟ୍
ଆତ୍ମନେପଦୀ) । ଅମାଗ: ବଦେଦ୍ଧଜ୍ଜାସି, ଵଟ୍ଟଜ୍ଜାସି, ହଟ୍ଣଜ୍ଜସି,
ଵଟ୍ଟିଜ୍ଜାସି (ପ୍ରା: ଭା: ଆ: -ସି ଇଚ୍ଛାର୍ଥକ ଦ୍ୱିଗୁଣ, ବର୍ତ୍ତମାନ) । ଅମାଗ:
ଉଦାହରିଜ୍ଜା (ପ୍ରା: ଭା: ଆ: -ସ୍) ।

[ ତୁଳ: ଅପ: କରିଜ୍ଜସୁ । ଜସ୍ୱ: କରେସୁସି; ପା: କଟ୍ରସ୍ସ୍ସାସି । ]

**ମଧ୍ୟମ ପୁରୁଷ ବହୁ:**ରେ ପ୍ରାକୃତ ରୂପ ଅନୁପଲବ୍ଧ । ପାଲିରେ
ଲଭେଥୋ; ଖରଧର୍ମ: ଭଵେଥ; ପା: ଆନେସ୍ସାଥ, ଗଚ୍ଛସ୍ସ୍ସାଥ, ଭୁଞ୍ଜେଥ ।

**ପ୍ରଥମ ପୁରୁଷ ଏକ:** ଅମାଗ: ଭଟ୍ରସ୍ସ୍ସା, କୁବ୍ବେସ୍ସ୍ସା, କୁଜ୍ଜା,
ହୁଜ୍ଜା, ହୁଜ୍ଜା (ପ୍ରା: ଭା: ଆ: -ତ୍) ।

[ ତୁଳ: ଧଉଳ, ଜଉ: ଦହେୟା; ପା: ଭଟ୍ଟସ୍ସ୍ସୁ; ଅପ: ହୁଜ୍ଜା,
ହୁଜ୍ଜ । ]

ପ୍ରଥମ ପୁରୁଷ ବହୁ:ରେ ପ୍ରାକୃତରୂପ ଅନୁପଲବ୍ଧ । ଅନ୍ୟ ମ: ଭା: ଆ: ରେ ରୂପମାନ ଦେଖାଯାଏ । ଯଥା—ଜଉ: ହେସୁ, <* ଭେସ୍ତୁଃ; ଧଲ୍ଲ: ହୁତେଭ, ଲଟହେସୁ; ପା: ସଟ୍ଟହସ୍ତୁ । ନସ୍ତ: ଦେସ୍ତାଂନ୍ତି, ଦେସ୍ତେସୁଂ, ଉଠଂକେସୁଂତ । ଧଉଲ ଚଲେବୁ; କାଲ୍ସୀ ବସେବୁ । (୧)

## ଅପୂର୍ଣ୍ଣଭୂତ

ପ୍ରାକୃତର ଏକାଧିକ ଅପଭ୍ରଂଶରେ ଏକମାତ୍ର ଅପୂର୍ଣ୍ଣଭୂତର ରୂପ ଦେଖାଯାଏ । ତାହା ହେଉଛି √ଅସ୍ ଧାତୁର ରୂପ ଯାହା ପ୍ରଥମ ପୁରୁଷ ଏକବଚନରେ ମିଳେ । ଯଥା—ଆସୀ କମ୍ମା ଆସି ( < ଆସୀତ୍) । ଏହା ସବୁ ପୁରୁଷ ଓ ବଚନରେ ବ୍ୟବହୃତ ହୋଇଥାଏ । ଅମାଗ: ଅହଂ ଆସୀ; ଶୌର: ଅହଂ ଖୁ···ଆସି; ତୁମଂ ··ଗଦା ଅସି । ଆସି ରୂପ (ଅମାଗ: ଓ ଶୌର:)ରେ ମିଳେ । ଡକ୍କାରେ ଆସି, ଅମାଗ:ରେ ଆସି (ମୋ), ଆସୀ (ମୋ) ଏବଂ ଆସୀ (ଅମ୍ବନ୍ଦ) ରୂପମାନ ମିଳେ । ମହା:ରେ (ଜେ) ଆସି (ଗଉଡ଼: ୮୦୯), ଆସି (ରହା°) (ସବଣ: ୧୮।୮୩) ଏବଂ ଜୈନମହା:ରେ ମଧ୍ୟ (· ଚତ୍ତ୍ୱର ମିତ୍ତ) ଆସି ରୂପମାନ ଉପଲବ୍ଧ । (୨) କେବଳ ଅମାଗ:ରେ ଅନ୍ୟ ଏକ ରୂପ ମିଳେ—ଅବ୍ବବୀ (< ଅବ୍ରବୀତ୍) । ଏହି ରୂପର ପ୍ରଥମ ପୁରୁଷ ବହୁବଚନରେ ପ୍ରଚଳନ ଦେଖାଯାଏ— (ଅବମ୍ବୁଲ୍ଲଖଣୋ···) ଅବ୍ବବୀ ଏବଂ ଦେବିନ୍ଦୋ ଇଣମବ୍ବବୀ । (୩)

[ ତୁଳ: ଅପ: ଆସି (ଣାୟକୁମାର ଚରିଉ, ୬।୮।୧୧) ] । (୪)

## ପୂର୍ଣ୍ଣଭୂତ

ମ: ଭା: ଆ: ର ପ୍ରାରମ୍ଭରେ ପ୍ରା: ଭା: ଆ: ସମ୍ପୂର୍ଣ୍ଣକାଳର ବିଲୋପ ଘଟିଲା । ଅହ୍- ଏବଂ ବିଦ୍- ର ରୂପମାନଙ୍କରେ ପ୍ରା: ଭା: ଆ: ର କେତେକ

---

(୧) ଦ୍ରଷ୍ଟବ୍ୟ—ସେନ, ପୂର୍ବୋକ୍ତ ପୃ: ୧୬୦-୩ । ମେହେଣ୍ଡାଲେ, ପୂର୍ବୋକ୍ତ ପୃ: ୪୧ ।

(୨) ପିଶଲ୍, ପ୍ରା: ବ୍ୟା: ୫୧୫ । ତେନାସ୍ତେତ୍ତସ୍ୟହେସୀ । ···ଆସି ସୋ ତୁମଂ ଅହଂ ବା । ଜେ ଆସି । ହେମ—୩।୧୬୪ ।

(୩) ହେମ—୩।୧୬୨ ।

(୪) ଦ୍ରଷ୍ଟବ୍ୟ – ଶ୍ରୀବାସ୍ତବ, ଅପଭ୍ରଂଶ ପୃ: ୨୧୧ ।

ଅବଶିଷ୍ଟ ଦୃଷ୍ଟାନ୍ତ ପରିଲକ୍ଷିତ । ଉପରୋକ୍ତ ରୂପମାନ ବର୍ତ୍ତମାନର ମୂଲ୍ୟ ଗ୍ରହଣ କରିଛନ୍ତି । ଅଶୋକଙ୍କ ଉତ୍ତର-ପଶ୍ଚିମୀ ଲେଖରେ ଅହ୍-ର ବର୍ତ୍ତମାନ ଅନ୍ତ୍ୟ ପ୍ରତ୍ୟୟ ସହ ପ୍ରଚଳନ ଦେଖାଯାଏ । ଯଥା—ଶାହ୍: ଅହଷ୍ଠ, ହହଷ୍ଠ, ମନ୍ସ: ଅହଷ୍ଠ । ଅନ୍ୟ ଉପଭାଷାମାନଙ୍କରେ (ଗି:, ଖରଧମ୍ମ:, ପ୍ରାକୃତ) ଆହ, ପାଲି ଓ ଅମାଗ:ରେ ଆହୁ ଏବଂ ନୂତନ ରୂପ—ଆହଂସୁ (ପାଲି: ଓ ଅମାଗ:ରେ) ଦେଖାଯାଏ । ଆହ ଏବଂ ଆହଂସୁ ଅମାଗ:ରେ ପୁରୁଷ ଓ ବଚନ ନିର୍ବିଶେଷରେ ବ୍ୟବହୃତ । (୧)

ସବଳ ପୂର୍ଣ୍ଣଭୂତର ରୂପ ଅମାଗ:ରେ ଉପଲବ୍ଧ । ଅଚ୍ଛେ <* ଅଚ୍ଛେଦ୍ (√ଛିଦ୍-), ଅବ୍ଭେ < ବୈଦିକ ଆଭେତ୍ (√ଭିଦ୍), ଅଭୂ < ଅଭୂତ୍ । ଅମାଗ:ରେ -ସ ଯୁକ୍ତ ପୂର୍ଣ୍ଣଭୂତର ଅନେକ ରୂପ ମିଳେ, ଯାହା ବହୁଧା ବର୍ତ୍ତମାନକାଳର ରୂପମାନଙ୍କରୁ ଗଠିତ । ଅମାଗ:ରେ ଅକାସି (=ଅକାର୍ଷୀତ୍), କାସୀ, ବଦ୍ଧୀ ଏବଂ ମା ପରେ କାସୀ ରୂପର ବି ପ୍ରଚଳନ ଦେଖାଯାଏ । (୨) ସିଂହରାଜ ଗଣିନ୍‌ଙ୍କ ଅନୁସାରେ କାହୀ ରୂପ ଓ ଦେଶୀନାମମାଳା (୧।୮) ରେ ଅକାସି ରୂପ ପ୍ରାପ୍ତ । (୩) ଅକାସି ରୂପ ଉତ୍ତମ ଏକବଚନରେ ମଧ୍ୟ ବ୍ୟବହୃତ—ଜଂ ଅହଂ ପୁବ୍ବଂ ଅକାସି (=ଯଦ୍ ଅହଂ ପୂର୍ବଂ ଅକାର୍ଷମ୍) । ଠାସୀ ଏବଂ ଠାହୀ ରୂପ ସ୍ଥା ରୁ ନିଷ୍ପନ୍ନ (୪) । କହେସି କଥୟ୍- ରୁ ନିଷ୍ପନ୍ନ, ଭୁଞ୍ଜି (=ଅଭୁଞ୍ଜୀତ୍); ଅଚ୍ଛେସି <* ଅଚ୍ଛିଷୀତ୍ (୫) ଅଟେ ଯୁଗୁସି (√ଜ୍ଞା-) ।

[ ଜୈନ: ମା: ଅଣ୍ଣାସି (√ଜ୍ଞା-), ଅକାସି (√କୃ-), ଅସ୍‌ସୋସ (√ଶ୍ରୁ-); ଅପ: ଅହେସି = ଅଭୂତ (୬) ] ।

ଉତ୍ତମ ଏକ: ଅକରିସ୍‌ସଂ (ଅମାଗ:) (√କୃ-), ପଚ୍ଛିସଂ (ଅମାଗ:) ।

ଉତ୍ତମ ବହୁ: ବଚ୍ଛାମୁ = ଅବାତ୍‌ସ୍ମ (√ବସ୍-) ।

[ ଜୈନ: ମା: ଅଦାସ୍‌ଥ (√ଦା-), ଅଗମିମ୍ହ, ଅହୁବମ୍‌ହ (√ଭୂ-) ] ।

(୧) ସେନ, ପୂର୍ବୋକ୍ତ ପୃ: ୧୬୩ ।

(୨) ପିଶଲ୍, ପ୍ରା: ବ୍ୟା: ୫୧୬ । ହେମ—୩।୧୬୨ ।

(୩) ପିଶଲ୍, ପୂର୍ବୋକ୍ତ । (୪) ହେମ—୩।୧୬୨ ।

(୫) ହେମ—୩।୧୬୪ । (୬) ଶ୍ରୀବାସ୍ତବ, ପୂର୍ବୋକ୍ତ ।

**ପ୍ରଥମ ବହୁ:** ଅମାଗ: ଭବିଂସୁ, ହେହଂସୁ ।

[ ତୁଳ: ଧଉଲ **ଲଖମି**; ମାନ୍:; କାଲ୍‌ସୀ ହୁସୁ; ଶାହ୍: ଅଭୁବ୍‌ସୁ; ଧଉଲି, ଜଉ: ଅଲୋଚୟିସୁ; ପା: ଅକଂସୁ, ଅକାସୁଂ, ଅଗମିଂସୁ, ଅଗମିଂସୁ, ଅଗମିସୁଂ, ଅହେସୁଂ (√ଭୂ-), ଅଟ୍‌ଠଂସୁ (√ସ୍ଥା-) । (୧)

ଅମାଗ:ରେ ଅହୁ < ଆହୁଃ; ଉଦାହୁ, ଆହୁ, ଉଦାହୁ କିନ୍ତୁ ଅଧିକ ପ୍ରଚଳିତ ରୂପ ଆହଂସୁ । ଉକ୍ତ ଉଭୟରୂପ ଅନ୍ୟ ପୁରୁଷରେ ମଧ୍ୟ ବ୍ୟବହୃତ । ଉତ୍ତମ ଏକବଚନ ପାଇଁ ଆହଂସୁ ଏବଂ ପ୍ରଥମ ଏକବଚନ ପାଇଁ ଆହୁ ଓ ଉଦାହୁର ପ୍ରଚଳନ ଦେଖାଯାଏ । (୨)

## କର୍ମବାଚ୍ୟ

ମ: ଭା: ଆ: ରେ କର୍ମବାଚ୍ୟର ସାଧାରଣ ପ୍ରତ୍ୟୟ ହେଉଛି -ଇ(ୟ)ଅ, ଈ(ୟ)ଅ ଏବଂ ଉପଭାଷୀୟ ପ୍ରତ୍ୟୟ ଇଜ୍ଜ, ଯାହା -ଇୟ୍ୟ ମାଧ୍ୟମରେ ଆଗତ । (୩) ଏହି ପ୍ରତ୍ୟୟ ପ୍ରା: ଭା: ଅ: ର ଅନେକ୍ ଧାତୁମାନଙ୍କ ସହ ଯୁକ୍ତ -ୟୁକ୍ତ ଆଗତ । ବେଳେବେଳେ ସେହି ଧାତୁମାନଙ୍କରେ ପ୍ରଯୁକ୍ତ ଏହି -ୟ ପ୍ରତ୍ୟୟ ଧାତୁର ଅନ୍ତିମ ବ୍ୟଞ୍ଜନ ସହ ସମୀଭୂତ ହୋଇଥାଏ । (୪) ଶୌରସେନୀ ଓ ମାଗଧୀ (କେନ୍ଦ୍ର ଓ ପୂର୍ବୀ ପ୍ରାକୃତ)ରେ -ୟର ଲୋପ ହୁଏ ଏବଂ ଅନ୍ୟ ଉପଭାଷାମାନଙ୍କରେ -ଜ୍ଜରେ ପରିଣତ ହୁଏ । ପୁରୁଷୋତ୍ତମ ଶୌର:ରେ ମଧ୍ୟ -ଜ୍ଜର ପ୍ରଚଳନ ଉଲ୍ଲେଖ କରିଅଛନ୍ତି । (୫) ମାଗଧୀରେ ପ୍ରକୃତ ଅନୁସାରେ -ୟର ସୁରକ୍ଷା ସ୍ୱାଭାବିକ, ଏପରିକି -ଜ ମଧ୍ୟ -ୟରେ ପରିଣତ ହୋଇଥାଏ, କିନ୍ତୁ -ୟର ଦୃଷ୍ଟାନ୍ତ କର୍ମବାଚ୍ୟରେ ଅପ୍ରାପ୍ତ ।

---

(୧) ଦ୍ରଷ୍ଟବ୍ୟ ସେନ, ପୂର୍ବୋକ୍ତ ପୃ: ୧୬୫-୬ ।

(୨) ପିଶଲ୍, ପ୍ରା: ବ୍ୟା: ୫୧୮ ।

(୩) ବ୍ଲକ୍, ଭାରତୀୟ ଆର୍ଯ୍ୟଭାଷା ପୃ: ୨୫୪ ।

(୪) ସେନ, ପୂର୍ବୋକ୍ତ ପୃ: ୧୬୮ ।

(୫) (ପୁରୁଷୋତ୍ତମ, ୧୨।୭୬) ଝା, ମାଗଧୀ: ୨୦୫ ।

ପୁରୁଷୋତ୍ତମଙ୍କ ବ୍ୟତୀତ ଅନ୍ୟ ପ୍ରାକୃତ ବୈୟାକରଣମାନେ ଇଅ ପ୍ରତ୍ୟୟର ଉଲ୍ଲେଖ କରିନାହାନ୍ତି । (୧)

ପରସ୍ମୈପଦୀ ଅନ୍ତ୍ୟ ପ୍ରତ୍ୟୟଗୁଡ଼ିକ ମ: ଭା: ଆ: ରେ ପ୍ରଚଳିତ । କିନ୍ତୁ କେତେକ ମ: ଭା: ଆ: ରେ (ଗିର୍ଣାର ଲେଖ, ପାଲିରେ) ଆତ୍ମନେପଦୀ ପ୍ରତ୍ୟୟମାନ ସୁରକ୍ଷିତ ପ୍ରୟୋଗ ମାତ୍ର । (୨) (ଗିର୍: ଆରଭରେ, ଅନୁବିଧୀୟନ୍ତାଂ)।

ମହା: ବିଜ୍ଜଇ, କୁଜ୍ଜଇ ଗମ୍ମିଜ୍ଜଇ (√ଗମ୍- ସହ)
ଧରିଜ୍ଜଇ, ପିଜ୍ଜଇ (=ପୀୟତେ)।

ଶୌର: ରମୀଅଦି (√ରମ-) ଗାଅଦି, ଗାଅନ୍ତୁ, ଗଚ୍ଛିଅଦି
(ବର୍ତ୍ତମାନ ରୂପ ଗଚ୍ଛ-)

ମାଗ: ଭଣ୍ଣୀଅଦି, ପଠୀଅଦି ।

ମହା: ଓ ଅମାଗ:ରେ କେତେକ ଆତ୍ମନେପଦ କର୍ମବାଚ୍ୟ ରୂପ ସୁରକ୍ଷିତ । ଏଗୁଡ଼ିକ ସଂସ୍କୃତଧର୍ମୀ ପ୍ରୟୋଗ । ଯଥା— ମହା: ଗମ୍ମଇ, ମୁଚ୍ଚଇ (=ଗମ୍ୟତେ, ମୁଚ୍ୟତେ); ମାଗ: ଗମ୍ମଦି, ମୁଚ୍ଚଦି । (୩)

[ ଭୂକ: କାଲ୍‌ସୀ, ଧଉଳି, ଜଉ: ଆଲଭିୟୁ; ସ୍ତମ୍ଭଲେଖ — ଖାଦୟୁତି; ଦ୍ରୁତ; କପୁ: ଶ୍ରୁୟୁତି, ଲଦ୍ୟତି; ଶା: ଘସୁତି, ଦସ୍‌ୟୁତି,

---

(୧) ଯୁକ୍ତ ଇଅଇ ଓଜ୍ଜୀ (ବର--୭।୮)--ପଢୀଅଇ, ପଢିଜ୍ଜଇ (=ପଠ୍ୟତେ), ସହୀଅଇ, ସହିଜ୍ଜଇ (=ସହ୍ୟତେ) । ଇଅ-ଇଜ୍ଜୌ କ୍ୟସ୍ୟ । ହେମ—୩।୧୬୦ । ଯକ ଇଅ ଇଜ୍ଜ ଇତ୍ୟେତୌ । ମାର୍କ—୭।୧୦ ।

(୨) ସେନ, ବୁଦ୍ଧୋଲ୍କ ।

(୩) କେତେକ ସବଳରୂପ ଦ୍ରଷ୍ଟବ୍ୟ—ଦିସ୍‌ସଇ, ଘିସଇ (=ଦୃଶ୍ୟତେ), ମୁଚ୍ଚଇ (=ମୁଚ୍ୟତେ), ଗମ୍ମଇ (=ଗମ୍ୟତେ) । କେଉଁ ରୂପମାନ ନିୟମିତ ବା ସାଧାରଣ ଓ କେଉଁ ରୂପମାନ ଗ୍ରନ୍ଥକାରମାନେ ସଂସ୍କୃତର ଅନୁକରଣରେ ଗଢ଼ିଛନ୍ତି କହିବା କଠିନ । ବ୍ଲକ, ଭାରତୀୟ ଆର୍ଯ୍ୟଭାଷା ପୃ: ୨୫୫ ।

ଭଣଯନ୍ତ (=ଭଣ୍ୟତେ), ହସାଯନ୍ତ (=ହସ୍ୟତେ), ଅପ: ପଣବିଜ୍ଜଇ, ହିଜ୍ଜଇ, କଜ୍ଜଇ, ଦ୍ଦହାଜ୍ଜଉ, ମଗ୍ଗିଜ୍ଜଇ, ଶାସିଜ୍ଜଇ, ବଣ୍ଣିଜ୍ଜଇ; ସକ୍କିଜ୍ଜିଅ, କହିଅ (କୀର୍ତ୍ତିଲତା ୩।୧୫୩, ୫।୨୫୬), କରିଅଙ୍ଗ (କୀର୍ତ୍ତିଲତା ୧।୮୧) । (୧)

## ପ୍ରେରଣାର୍ଥକ

ପ୍ରା: ଭା: ଆ:ରେ ପ୍ରେରଣାର୍ଥକର ଅଙ୍ଗ (stem) ରଚନା ଧାତୁ ସହ -ଅୟ- ପ୍ରତ୍ୟୟର ସଂଯୋଗରେ ହୋଇଥାଏ । ଏହି ଧାତୁ ସାଧାରଣତଃ ସବଳ ରୂପରେ ପ୍ରାପ୍ତ ଏବଂ ଏହା ଦଶମଗଣ (ଚୁରାଦି) ସହ ସମାନ । ପ୍ରା: ଭା: ଆ: ର ପ୍ରାଥମିକ ଅବସ୍ଥାରେ ବହୁ -ଅୟ- ଯୁକ୍ତ ରୂପର ପ୍ରଚଳନ ଥିଲା, ଯାହା ପ୍ରେରଣାର୍ଥକ ଭାବରେ ବ୍ୟବହୃତ ହେଉ ନଥିଲା । କେତେକ ପୌନଃପୁନିକ ଅର୍ଥରେ ବ୍ୟବହୃତ—ପତୟନ୍ତି 'ବାରମ୍ବାର ଉଡେ' । ପରବର୍ତ୍ତୀ ଭାଷାରେ ଅଧିକାଂଶ ଅପ୍ରେରଣାର୍ଥକ ରୂପର ପତନ ଘଟିଥିଲା ଏବଂ ଅବଶିଷ୍ଟ ରୂପ ଦଶମଗଣ (ବର୍ତ୍ତମାନ) ରୂପ ରଚନାରେ ବିଶେଷତଃ ନାମ ଧାତୁର ପ୍ରବୃତ୍ତି ଧାରଣ କଲା । (୨)

ମ: ଭା: ଆ:ର -ଏ- < ସଂ -ଅୟ- ରୁ ଆଗତ । ଏହି -ଏ- ପ୍ରତ୍ୟୟ ଯୁକ୍ତ ପ୍ରେରଣାର୍ଥକ ଐତିହାସିକ ରୂପମାନ ପୂର୍ବ ସମୟ ଧରି ପ୍ରଚଳିତ ହୋଇ ଆସୁଥିଲା - ଏ ପ୍ରତ୍ୟୟ ଧାତୁର ସବଳ ରୂପ ପରେ ଆସେ ।

ମହା: ହାସେଇ, କାରେଇ; ଶୌର: ହାସେଦି, କାରେଦି; ମାଗ: ହାଶେଦି, କାଲେଦି (=କାରୟନ୍ତି, ହସୟନ୍ତି)

[ ତୁଳ: ଗିର୍: ଦରସ୍ତେ; କାଲ୍ସୀ ଦସିୟନ୍ତି: ପା: ଭବେୟ୍ୟ < ଭବେୟ୍ୟ (ବିଧ୍ୟର୍ଥକ); ଖରୋଷ୍ଠୀ: ଦେଶେଦି, ଘସେତି; ପା: ଘାତେତି,

(୧) ଦ୍ରଷ୍ଟବ୍ୟ—ସେନ, ପୂର୍ବୋକ୍ତ ଏବଂ ଶ୍ରୀବାସ୍ତବ, ଅପ: ଭ୍ରଂଶ, ପୃ: ୨୧୯ ।
(୨) ବରୋ, ଟି, ଦ ସାଂସ୍କୃତ ଲାଙ୍ଗୁଏଜ୍ ପୃ: ୩୫୬ ।

କରେନ୍ତି; ଖାରବେଳ କାରୟତି; ଅପ: କରେଇ, ପାଡଇ < ପାଠୟତି, ଜଣଇ < ଜନୟତି, ଦସଇ < ଦର୍ଶୟତି ]।

ପ୍ରାକୃତରେ -(ଅ)ବେ- ଯୁକ୍ତ ପ୍ରେରଣାର୍ଥକ ରୂପ ସୁଲଭ। ଏହି (ଅ)ବେ < ପ୍ରା: ଭା: ଆ: -(ଅ)ଯ୍(ଏ), -(ଆ)ପୟ- ରୁ ବ୍ୟୁତ୍ପନ୍ନ। ପ୍ରା: ଭା: ଆ: ଆକାରାନ୍ତ ଓ ଋକାରାନ୍ତ ଧାତୁମାନ ସାଧାରଣତଃ ପ୍ରେରଣାର୍ଥକ ପ୍ରତ୍ୟୟ ପୂର୍ବରେ -ପ୍- ଯୁକ୍ତ କରିଥାନ୍ତି (ଯଥା- ଦାପୟତି, ମାପୟତି, ଜ୍ଞାପୟତି, ସ୍ଥାପୟତି, ଅର୍ପୟତି ଇତ୍ୟାଦି; କିନ୍ତୁ ପ୍ରାକୃତରେ -ପ୍- ସମସ୍ତ ଧାତୁ ପରେ ଆସେ। ପରବର୍ତ୍ତୀ ସଂସ୍କୃତରେ ପ୍ରାକୃତ ପରି ପ୍ରେରଣାର୍ଥକ ରୂପର ଦୃଷ୍ଟାନ୍ତ ମିଳେ (ଯଥା — କ୍ରୀଡାପୟତି, ଜୀବାପୟତି), (ମହାଭାଷ୍ୟ (୩।୧।୨)ରେ ତିନୋଟି ପ୍ରେରଣାର୍ଥକ ନାମଧାତୁ ରୂପ ପ୍ରାପ୍ତ—ଅର୍ଥାପୟତି, ବେଦାପୟତି, ସତ୍ୟାପୟତି)।(୧)

ମହା: ଣିବ୍ଵାବେନ୍ତି < ନର୍ବାପୟନ୍ତି, ଜାଣାବେଉଂ।

ଶୌର: ଆଣବେଦି, ବିରଣାବେଦି, ଣିବ୍ଵଇସସଂ।

ଅମାଗ: କାରାବେମି, ଣ୍ହାବେଇ < ସ୍ନାପୟତି,
ଠାବେଇ < ସ୍ଥାପୟତି, ଆଣବେଇ।

ଜୈମହା: ଜାଣାବେଇ, ଆଣବେଇ।

ମାଗ: ଣିବ୍ଵାବେଦ, ଲହାବେମି, ପୃଷ୍ଟାବେଦ।

ବରରୁଚି କେବଳ -ଏ- ଏବଂ -ଆବେ- ଯୁକ୍ତ ପ୍ରେରଣାର୍ଥକ ରୂପମାନ ଦେଇଛନ୍ତି, ଯଥା—କାରେଇ, କରାବେଇ, କାରାବେଇ, ହାସେଇ, ଉବେଇ, ହସାବେଇ। (୨) ହେମଚନ୍ଦ୍ରଙ୍କ ଅନୁସାରେ -ଅ- ଏବଂ -ଏ-, -ଆବ- ଏବଂ -ଆବେ-, ଯୁକ୍ତ ରୂପ ସୁଲଭ। ସମସ୍ତ ରୂପ ମହା:ରେ ଉପଲବ୍ଧ। ଯଥା — ଦରିସଇ, କାରଇ, କରାବଇ, କାରାବେଇ, ହସାବେଇ, ପାଏବେଇ,

(୧) ବରୋ, ଟି, ବି, ସଂସ୍କୃତ ଲାଂଗବେଜ୍ ପୃ: ୩୫୭ ଏବଂ ସେନ, ପୂର୍ବୋକ୍ତ ପୃ: ୧୬୦।

(୨) ଣିତ ଏଦାଦେରତ ଅ.ର ।ବର—୭।୨୬ ।ଆବେ ବ। ବର—୭।୨୭।

ଲଟେଇ । (୧) ମାର୍କଣ୍ଡେୟ କେବଳ -ଅଟେ ସୂତ୍ର ଦେଇଛନ୍ତି, କିନ୍ତୁ କାସଟେଇ, କାଟେରଇ ଏବଂ କଟେଇ; ଉଡାଟେଇ, ବଇଡାଟେଇ, ଉଟେଇ, ଚାଡଇ ଉଦାହରଣ ଦେଇଛନ୍ତି । (୨)

[ ଭୁଜ: କାଲ୍ସୀ, ଧଉଳ, ଜଉ: ଆନପୟାମି; ଗିର୍: ଆଜ୍ଞପୟାମି; ଶାହ୍: ଅଣପୟମି; ଖାରବେଳ: ବନ୍ଧାପୟତି; ପା: ଆଣାପେତ, ପଞ୍ଜ୍ଞାପେତି, ମୁଞ୍ଚାପେତ, କାରପେତ (ଦ୍ୱିଗୁଣ ପ୍ରେରଣାର୍ଥକ); ଅପ: ଜଡଡାବଇ, ତରସାବଇ, ଣ୍ହାବଇ, କସଟେଇ, ଦାବଇ, ଫଡାବଇ, ଦେକ୍ଖାବହି (ଆଜ୍ଞାବାଚକ ମଧ୍ୟମ ଏକ:) । (୩)

## ନାମଧାତୁ

ଏହା ସଂସ୍କୃତ ପରି ଗଠିତ ହୋଇଥାଏ । (କ) ନାମ ସହ କ୍ରିୟାର ଅନ୍ତ୍ୟ ପ୍ରତ୍ୟୟ ଯୋଗରେ; (ଖ) ଅନ୍ତ୍ୟ -ଅ କୁ ଦୀର୍ଘକରି ଅନ୍ତ୍ୟ ପ୍ରତ୍ୟୟ ଯୋଗରେ ଏବଂ (ଗ) ପ୍ରାକୃତର ପ୍ରେରଣାର୍ଥକ ଚିହ୍ନ -ଏ-, -ଆବେ ଓ -ଆ- ସାହାଯ୍ୟରେ—

(କ) ଅନ୍ତ୍ୟ ପ୍ରତ୍ୟୟ ଯୋଗକରି ନାମଧାତୁ ରୂପ ଗଠିତ ହୋଇଥାଏ । ଉଦାହରଣରେ— ମହା: ଅପ୍ପିଣାମି <* ଅର୍ପଣାମି; ଜୈମହା: ଅପ୍ପଣଇ; ଅମାଗ: ପଚପ୍ପିଣାମି <* ପ୍ରତ୍ୟର୍ପଣାମି; ମହା: ଦୁକ୍ଖାମି (ଦୁଃଖ+ମି); ସୁହାମି (< ସୁଖ+) ।

[ ପା: ଉସ୍ସୁକତି (< ଉତ୍ସୁକ-), ପରପଞ୍ଚ୍ହତି (< ପରପ୍ରଶ୍ନ-); ଅପ: ସୁକ୍କହିଁ (< ଶୁଷ୍କ+) ] । (୪)

---

(୧) ଣେରଦେଦାବାବେ । ହେମ— ୩।୧୪୯ । ଣେ: ସ୍ଥାନେ ଅତ୍ ଆବ ଏତ୍ ଆବ ଆବେ ଏତେ ଚତ୍ୱାର ଆଦେଶା ଭବନ୍ତି ।... କ୍ୱଚିତ୍ ଆବେ ନାସ୍ତି ।...

(୨) ଣିଚ୍ ଆବେ ବା । ମାର୍କ— ୬।୩୪ ।

(୩) ଦ୍ରଷ୍ଟବ୍ୟ - ସେନ, ପୂର୍ବୋକ୍ତ ଏବଂ ଶ୍ରୀବାସ୍ତବ, ପୂର୍ବୋକ୍ତ ।

(୪) ସେନ, ପୂର୍ବୋକ୍ତ ପୃ: ୧୨୦ ।

(ଖ) ଶବ୍ଦର ଅନ୍ତିମ -ଅ କୁ ଦୀର୍ଘକରଣ—

ମହା: ଅଲସାଅଇ, ଅଲସାଅନ୍ତ, ଉମ୍ହାଇ, ଉମ୍ହାଅନ୍ତ < ଉଷ୍ମାୟ୍ +, ତଣୁଆଇ <*ତନୂକାୟତି 'ଦୁର୍ବଳ ହେବା', ସୁହାଅଇ ।

ଶୌର: ସୁହାଅଦି < ସୁଖାୟତି ।

ଧ୍ୱନ୍ୟାନୁକରଣ—ଦମଦମାଇ, ଦମଦମାଅଇ 'ଦୁମଦାମ୍ ଶବ୍ଦ କରିବା' ।

ଶୌର: କଣ୍ଡକଣ୍ଡାଅନ୍ତ, ଲୁହୁଲୁହାଅନ୍ତ (କର୍ପୂର:), ଲୁହୁଲୁହାଅଦି (ମୃଚ୍ଛ:) 'ଦେଖିବାର ପ୍ରବଳ ଇଚ୍ଛା' ।

ଅମାଗ: ଗୁଲଗୁଲେନ୍ତ 'ହାଥୀରବ'; ଅମାଗ: ଜୈନମହା: ଗୁଲୁଗୁଲାଇୟ, ଆଦି । ମାଗ: ଘୁଲଘୁଲାଅଦି, ଘୁଲ୍ଲାଅଦି ।

(ଗ) ପ୍ରେରଣାର୍ଥକ ଦଣ୍ଡ —

ମାଗ: ଉଦ୍ଧାରେଇ, ଖେଲେଇ, ଶଣ୍‌କବେଦ ।

ଅମାଗ: ଣ୍ହାଣେଇ <*ସ୍ନାନୟତି; (ତେଅବଇ <*ତେଜପୟତି) ।

ଜୈନମହା: ଦୁକ୍ଖାବେଇ < ଦୁଃଖ; ଦୁହାବେଇ <*ଦ୍ୱିଧାପୟତି ।

ଶୌର: ସଦ୍ଦାବେଦି < ଶବ୍ଦାପୟତି

ଅମାଗ: ସଦ୍ଦାବେଇ < ଶବ୍ଦାପୟତି, ବେଡାବେଇ ·

ଜୈନମହା: ସଦ୍ଦେଇ < ଶବ୍ଦୟତି ।

ତୁଳ: ଗ୍ରି: ସୁଖାଠାସ୍ମି; ଧଞ୍ଜଳ ଦୁଷିୟତି; ପା: ମମାୟତି (<ମମ), ଅଟ୍ଟୀୟତି (<ଅର୍ତ-), ସୁଖାପେତି; ଜମ୍: କର୍ମବେତ ] ।

## ନିଷେଧସୂଚକ କ୍ରିୟା

ପ୍ରାଚୀନ ସମସ୍କୃତ ନିଷେଧାତ୍ମକ ନିପାତ (Particle) କ୍ରିୟା ସହ ମିଶି ଅନେକ ରୂପରେ ପରିଣତ ହୋଇଥିଲା । (୧) ନତ୍ଥି < ନାସ୍ତି; ନାହି < ନାସ୍ମି < ନାସ୍ମିଦ୍; ନାହ < ନାହନ୍ । (ସେନ) ଅର୍ଦ୍ଧ ମାଗଧୀରେ ନାସ୍ମି (ସବୁ ପୁରୁଷ ଓ ବଚନରେ) ବ୍ୟବହୃତ ।

(୧) ପିଶଲ୍, ପ୍ରା: ବ୍ୟା: ୪୯୭-୪୯୯ ଏବଂ ସେନ, ତୁଳନାତ୍ମକ ୧୬୪ ।

[ ଗୁଜ: ଧଲ୍ଲନ, ଭଙ୍ଗ: ନାସ୍ତି -ନଥ୍; ଜପୁ: ନସ୍ତି; ଅପ: ନାହ୍ନ, ମାତ; ଶିଆଣାଭ < ନ(ହି) ଜାନାତ; ଓଡ଼ିଆ—ନାହିଁ, ନାହିଁ, ନାହାନ୍ତି ] ।

# ଧାତୁସାଧିତ ସଂଜ୍ଞା

## ବର୍ତ୍ତମାନ କୃଦନ୍ତ

ପ୍ରା: ଭା: ଆ: ରେ ବର୍ତ୍ତମାନକାଳର କର୍ତ୍ତୃବାଚ୍ୟ କୃଦନ୍ତ -ଅନ୍ତ୍ ପ୍ରତ୍ୟୟ ଯୋଗରେ ଗଠିତ ହେଉଥିଲା । ମ: ଭା: ଆ: ରେ ଏହି ପ୍ରତ୍ୟୟ -ଅନ୍ତ ହୋଇ ଅମାଗ: ଓ ପ୍ରାଚୀନତମ ପ୍ରାକୃତ ବ୍ୟତୀତ ଅନ୍ୟ ସମସ୍ତ ପ୍ରାକୃତରେ ବ୍ୟବହୃତ ହେଉଥିଲା । ଅମାଗ:ରେ ଏହା କେବଳ -ମାଣ ପ୍ରତ୍ୟୟ ସାହାଯ୍ୟରେ ଗଠିତ ହେଉଥିଲା । ଅନ୍ୟାନ୍ୟ ପ୍ରାକୃତରେ ଏହି -ଅନ୍ତ ପ୍ରତ୍ୟୟ -ମାଣ ସ୍ଥାନରେ ମଧ୍ୟ ବ୍ୟବହୃତ ହୋଇ ଆସୁଥିଲା । ଏହି -ମାଣ ପ୍ରତ୍ୟୟ < ସଂ -ମାନରୁ ଆସିଛି, ଯାହା କେବଳ ଆତ୍ମନେପଦୀ କ୍ରିୟାର ପ୍ରତ୍ୟୟ ରୂପେ ବ୍ୟବହୃତ ହେଉଥିଲା । ସ୍ତ୍ରୀଲିଙ୍ଗ ରୂପ ସମସ୍ତ ଶ୍ରେଣୀରେ -ଈ ଯୋଗରେ ହୋଇଥାଏ ।

ଜୈମହା: ସନ୍ତ, ଅସନ୍ତ, ସ୍ତ୍ରୀ—ଅସନ୍ତୀ ଓ ଅସନ୍ତି < ଅସ୍ - ମଧ୍ୟ । ଦୁପଲ୍ଖନ୍ତୀ, ଗଚ୍ଛନ୍ତୀ, ହୁବନ୍ତୀ (ଶୌର); ସମାଣୀ (କପ୍ପୂରଭରେ), ଓସ୍ସରମାଣୀ; ଭଣନ୍ତୀ (ମୃଚ୍ଛ:) । ବରରୁଚି ଓ ହେମଚନ୍ଦ୍ରଙ୍କ ଅନୁସାରେ ସ୍ତ୍ରୀଲିଙ୍ଗ ରୂପ ପ୍ରଥମଗଣର ଦୁର୍ବଳ କ୍ରିୟାଗୁଡ଼ିକଦ୍ୱାରା ଗଠିତ : ହସଈ < *ହସନ୍ତି < ହସନ୍ତୀ ଏବଂ ବେବଈ < *ବେପନ୍ତି = ବେପମାଣା । (୧) ହସନ୍ତୋ, ହସମାଣୋ, ହସନ୍ତା, ହସନ୍ତୀ, ହସେନ୍ତା, ହସନ୍ତୀ, ହୋନ୍ତୋ, ହେମାଣଂ, ହୋମାଣା ଓ ହୋଈ ।

( ଭବିଷ୍ୟତ:—ପୁଚ୍ଛିସ୍ସନ୍ତୋ; ପୁଚ୍ଛିସନ୍ତା, ପୁଚ୍ଛିସନ୍ତଂ । )

[ ଗୁଜ: ଧଲ୍ଲଭ, ଭଙ୍ଗ: କଲନ୍ତ-; ଖାରବେଳ ଜନେନ୍ତୋ; ପ୍ରା: ଭଣନ୍ତ—ଅପ: ଅଚ୍ଛନ୍ତ-, ଜାଣନ୍ତ-, ଧୁବନ୍ତ-, ହୋନ୍ତ-, ଜଂତ- ] । (୨)

---

(୧) ପିଶଲ୍ ପ୍ରା: ବ୍ୟା: ୫୬୦ ।

(୨) ସେନ, ପୂର୍ବୋକ୍ତ ପୃ: ୧୭୨ ।

[ ପାଲି: ଧଞ୍ଜଳ, ଜୈନ: ଝଦମାନ-; ଅର୍ଦ୍ଧମା: ଡଜ୍ଝମାଣୋ (କର୍ମବାଚ୍ୟ) < ଦହ୍ୟମାନଃ; ପ୍ରା: ଭୁଞ୍ଜମାନ-, ଭୁକ୍ଖମାନ, ସନ୍ନାନ; ଅପ: ଆଗଚ୍ଛମାଣ ] ।

## ବର୍ତ୍ତମାନ କର୍ମବାଚ୍ୟ କୃଦନ୍ତ

କର୍ମବାଚ୍ୟରେ ଆଂଶିକଭାବରେ ପରସ୍ମୈପଦ ପ୍ରତ୍ୟୟ ବ୍ୟବହୃତ ହୁଏ । (କେବଳ ଶୌର: ଓ ମାଗ:ରେ) ।

ପୁଚ୍ଛୀଅନ୍ତୋ (ଶୌର:); ପୁଚ୍ଛିଅମାଣୋ (ଅମାଗ:)

ପୁଚ୍ଛିଜ୍ଜନ୍ତେ (ମହା:); ନଗ୍ଗମାଣ (ମାଗ:)

## ଭବିଷ୍ୟତ କୃଦନ୍ତ

ପ୍ରା: ଭା: ଆ: ର -ନ୍ତ ପ୍ରତ୍ୟୟ ନିଷ୍ପନ୍ନ ଭବିଷ୍ୟତ କୃଦନ୍ତ କେବଳ ପାଲି ଓ ଅମାଗ:ରେ ଖୁବ୍ କମ୍ ଦୃଷ୍ଟାନ୍ତ ମିଳେ ।

(ଅମାଗ:) ଆଗମିସ୍ସଂ, ଭବିସ୍ସଂ

ପୁଚ୍ଛିସ୍ସମାଣୋ, ପୁଚ୍ଛିସ୍ସମାଣଂ

ପୁଚ୍ଛିସ୍ସମାଣା, ପୁଚ୍ଛିସ୍ସମାଣୀ, ପୁଚ୍ଛିସ୍ସନ୍ତୋ, ପୁଚ୍ଛିସନ୍ତ, ପୁଚ୍ଛିସନ୍ତଂ

(ପା: ମଣ୍ଣିସ୍ସଂ, ଛଚ୍ଛେସ୍ସଂ) ।

## ଭୂତ କୃଦନ୍ତ

-(ଇ)ତ କିମ୍ବା -ନ ପ୍ରତ୍ୟୟ ଯୋଗରେ ଏହି କୃଦନ୍ତ ଗଠିତ ହୋଇଥାଏ । ଶୌର: ଓ ମାଗ:ରେ -ଦ ପ୍ରତ୍ୟୟ ଦୃଷ୍ଟ । ଧାତୁ ସହ ସିଧା ପ୍ରତ୍ୟୟ ଯୁକ୍ତ ହୁଏ କିମ୍ବା ଧାତୁ ପରେ -ଇ- ର ଆଗମ ହୁଏ । ପିଶେଲ୍‌ଙ୍କ ମତରେ -ନ ପ୍ରତ୍ୟୟ ଯୁକ୍ତ କୃଦନ୍ତର ସଂଖ୍ୟା ବେଶି । -ନ ଯୁକ୍ତ କୃଦନ୍ତ- ଖଣ୍ଣ (√ଖନ୍-), ଦିଣ୍ଣ (√ଦା-), ଦିଣ୍ଣା (ସ୍ତ୍ରୀ), ଅପ: ଦିଣ୍ଣୀ; ପଫଲ୍ଲିଣ୍ଣ = ପ୍ରପଲ୍ଲଭିତଃ (ସେନ ୧୭୩); ରୁଣ୍ଣ (√ରୁଦ୍-) । ଏହି -ତ ଓ -ନ ସ୍ତ୍ରୀପ୍ର

ପୂର୍ବବର୍ତ୍ତୀ ବ୍ୟଞ୍ଜନ ସହ ସମୀଭୂତ ହୁଏ । ମୁକ୍କ < ମୁକ୍ନ (√ମୁଚ୍), ରଗ୍ଗ < * ରଗ୍ଣ (√ ରଞ୍ଜ୍), ଲୁକ୍କ < * ଲୁକ୍ନ (√ ଲୁଞ୍ଚ୍-) 'ଲଣ୍ଡା ହେବା' ।

### -(ଇ)ତ ଯୁକ୍ତ କୃଦନ୍ତ

ମହା: ବୁତ୍ଥ ( < ବି- ବସ୍ ), ଜୈମହା: ଉବ୍ବୁଥ; ଉସିଅ < * ବସ୍ତ < (√ ବସ୍) । ଶୌର: ଜାଣିଦ; ଭୁଟ୍ଟ (√ ବୃହ୍); ଗହ୍ଵସୁ, ଗହ୍ଵଞ, ଗହ୍ଵଦ (ଶୌର: ମାଗ:)

ମହା: ଇଚ୍ଛିଅ, ଜୈମହା:, ଅମାଗ: ଇଚ୍ଛିସୁ, ଶୌର: ଇଚ୍ଛିଦ

ମହା: ପୁଚ୍ଛିଅ, ଜୈମହା:, ଅମାଗ: ପୁଚ୍ଛିସୁ, ଶୌର: ପୁଚ୍ଛିଦ, ଅମାଗ:ରେ ପୁଟ୍ଠ ।

[ତୁଳ: ହାଲପିତ, ଦୁତ (ଧଇଲ, ଜଇଗଡ଼), ପା. କଡ, ବୁସିତ;

ଅପ: ହଣିଅ < * ହନତ, ଲୁଉ < ଲେପିତ] ।

-ଅହଉ- ( < ଧା-) ଏହା ପ୍ରା: ଭା: ଆ: ର ଧଉ ଶବଦର ପୁନଃ ଦ୍ୱିଗୁଣିତ ମୂଳ : -ଧଧ୍ -ରୁ ବ୍ୟୁତ୍ପନ୍ନ (ସେନ ପୃ: ୧୭୪) ।

ପ୍ରାକୃତ ଓ ଅପଭ୍ରଂଶରେ -ଲ ଯୁକ୍ତ ଭୂତକୃଦନ୍ତ ମିଳେ: କଲ- = କୃତ [ ତୁଳ: କଲ, ଗଲ (ଓଡ଼ିଆ); ଅପ: ପଡିଲ- < √ ପତ୍- ] ।

କର୍ମବାଚ୍ୟର ଶେଷରେ -ତ ଯୋଗକରି କେତେକ ଭୂତକୃଦନ୍ତ ହୁଏ: ମହା- ଖୁଡଅ, ଶୌର: ଖୁଡିଦ = * କ୍ଷୁଦ୍ଧତ = କ୍ଷୁଣ୍ଣ । ମହା: ବିଦ୍ଧାଅ, ଜୈମହା: ବିଦ:ସୁ = * ବିଦ୍ରାତ = ସଂ ବିଦ୍ରାଣ । ମହା: ଲୁଅ (କଟାଯାଇଥିବା) = * ଲୂତ = ସଂ: ଲୂନ (ପିଶଲ୍ ୫୬୮) ।

### ଭବିଷ୍ୟତ କୃଦନ୍ତ (କର୍ମବାଚ୍ୟ)

-ତବ୍ୟ (ପରବର୍ତ୍ତୀ ବୈଦିକ) ପ୍ରତ୍ୟୟ ପାଲି, ପ୍ରାକୃତ ଓ ଅପଭ୍ରଂଶରେ ବିଭିନ୍ନ ରୂପରେ ବିକଶିତ ହୋଇଛି । ଅପଭ୍ରଂଶ ଓ ନବ୍ୟ ଭାରତୀୟ ଆର୍ଯ୍ୟଭାଷାର ପୂର୍ବ ଭାଷାମାନଙ୍କରେ ଏହା ଭବିଷ୍ୟତ କାଳଦ୍ୟୋତକ

ହୋଇପାରିଛି । (୧) ଅଶୋକଙ୍କ ଶିଳାଲେଖରେ ଏହାର ରୂପ ଦ୍ରଷ୍ଟବ୍ୟ: କତବ୍ୟ-, କଟବିୟ-, କଟବ- । ପାଲିରେ ଦାତବ୍ବ < ଦାତବ୍ୟ, କତବ୍ବ < କର୍ତ୍ତବ୍ୟ । ପ୍ରାକୃତରେ ହସିଅବ୍ବ ହୋଦବ୍ବ, ଅମାଗ: ହୋୟବ୍ବ < ପ୍ରା: ହୋ- (ମୂଳ) < ସଂ √ ଭୂ-, ମାଗ: ହୁବିଦବ୍ବ, ଶୌର: ଭବିଦବ୍ବ । ମହା: କାଅବ୍ବ (୨) ଜୈନମହା: ଅମାଗ: କାୟବ୍ବ ଜୈନଶୌର:, ଶୌର:, ମାଗ: କାଦବ୍ବ < କର୍ତ୍ତବ୍ୟ (ତୁଳ: ଅପ: କରେବା, କରେବଉ) । ଅମାଗ: ଜାଣିଅବ୍ବ, ଶୌର: ଜାଣିଦବ୍ବ, ମାଗ: ୟାଣିଦବ୍ବ, ଜୈନଶୌର: ଣାଦବ୍ବ < ସଂ ଜ୍ଞାତବ୍ୟ ।

-ଅଣିଜ୍ଜ -ଣୀଅ < ସଂ -ଅନୀୟ

ମହା: କରଣିଜ୍ଜ, ଶୌର: କରଣୀୟ

ଅମାଗ: ଦଂସଣିଜ୍ଜ, ଶୌର: ଦଂସଣୀଅ, ପୁଚ୍ଛଣୀୟ

ଅମାଗ: ନଚ୍ଚ (ତୁଳ: ପାଲି ନେୟ୍ୟ); ମହା: ଘେଇଅବ୍ବ । କିନ୍ତୁ ହେମଚନ୍ଦ୍ର (୪।୨୧୨)ଙ୍କ ଅନୁସାରେ √ଗ୍ରହ୍‌ରୁ ଘେତ୍ତବ୍ବ ହେବା ଉଚିତ ।

ଯ୍: -ୟ ପ୍ରାକୃତରେ ବ୍ୟଞ୍ଜନ ପରେ ସମୀଭୂତ ହୁଏ ଓ ସ୍ୱର ପରେ କେତେକ କ୍ଷେତ୍ରରେ ସୁରକ୍ଷିତ ।

କଜ୍ଜ < କାର୍ଯ୍ୟ, ମାଗ: କୟ୍ୟ

ଜୈନଶୌର: ଣେୟ୍ୟ < ଜ୍ଞେୟ, ଦୁଜ୍ଝ < ଦୋହ୍ୟ, ପେଜ୍ଜ < ପେୟ କିନ୍ତୁ ପିବ୍ବ < *ପିବ୍ୟ < ପିବ (୩) ।

ବୋଜ୍ଝ (ଅମାଗ:) < *ବହ୍ୟ < ସଂ ବାହ୍ୟ

ତୁଳ: ବହନ୍ତ (ବର୍ତ୍ତମାନକାଳ)

---

(୧) ସେନ, ପୃ: ୧୭୫ ।
(୨) ବର—୮।୧୭, ହେମ—୪।୨୧୪
(୩) ଦ୍ରଷ୍ଟବ୍ୟ ପିଶଲ୍, ପ୍ରା: ବ୍ୟା: ୫୭୦, ୫୭୨ ।

ମହା: ହହ୍ୟ ଗେଜ୍ଝଁ < ହସ୍ତଗ୍ରାହ୍ୟ

ଶୌର: ଅଣୁଟ୍ଟଗଜ୍ଜ < * -ଗୃହ୍ୟ; ଗୃହ- ର ବର୍ତ୍ତମାନକାଳର ରୂପ । (୧)

ଅମାଗ: ରେ ଘେପ୍ପ୍ୟ-, ବଚ୍ଚ- ରୂପ ମିଳେ । ( ତୁଳ: ଅପ: ଦୁଗ୍‌ଘେଜ୍ଝ୍-
(ଦୁହ୍- √ଗ୍ରହ ), ପା: ଘେପ୍ପ-, ଖେଜ୍ଜ-  ।

## ପୂର୍ବକାଳକ (Infinitive)

ବୈଦିକ ଯୁଗରେ -ତୁମ୍ ଥିଲା । ସଂସ୍କୃତରେ ଏହା ଏକମାତ୍ର କର୍ମକାରକ ପୂର୍ବକାଳକ (Infinitive) ଏବଂ ମଧ୍ୟଭାରତୀୟ ଆର୍ଯ୍ୟଭାଷାରେ ଏହା ଏକ ଉପଭାଷାଗତ ରୂପ । ଏକମାତ୍ର ରୂପ ଗିର୍ନାର (ଅଶୋକଙ୍କ ଶିଳା ଲେଖାରେ ପ୍ରାପ୍ତ ଏକବଚନ ଆତ୍ମବଧେତୁ । ମାଗ: ଓ ଶୌର:ରେ ଏହା -ଦୁଂ ଏବଂ ଅନ୍ୟାନ୍ୟ ପ୍ରାକୃତରେ -(ଇ)ଉଂ/ତୁଂ । ଏହି ପ୍ରତ୍ୟୟ ସିଧା ଧାତୁ ସହ କମ୍ବା ବର୍ତ୍ତମାନକାଳକ ମୂଳ ସହ ଯୁକ୍ତ ହୁଏ ।

| ଶୌର: | ମହା: | ମାଗ: |
|---|---|---|
| ପୁଚ୍ଛିଦୁଂ | ପୁଚ୍ଛିଉଂ | ପୁଷ୍ଟିଦୁଂ |
| ଧାରିଦୁଂ | ଧାରିଉଂ | କାଦୁଂ |
| | | କଲିଦୁଂ |
| କରିଦୁଂ | | |
| ଥାଦୁଂ | | |
| ଗାଇଦୁଂ | ଗାଇଉଁ (ଜୈମହା:) | |
| | ପିଵଉଁ (ଜୈମହା:) | |
| ଚାଦୁଂ | ପାଉଁ (ଜୈମହା:) | ପାଦୁଂ |
| | < ପାତୁମ୍ | |
| ଖାଦିଦୁଂ | ଖାଇଉଁ (ଜୈମହା:) | ଖାଦୁଂ (ମୃଚ୍ଛ…) |
| ମରିଦୁଂ | ମରିଉଁ (ମହା:, ଜୈମହା:) | ମଲିଦୁଂ |
| | | ଶୁଣିଦୁଂ |
| | ହସିଉଂ | |
| | ହସେଉଂ (ଜୈମହା:) | |

(୧) ପିଶଲ୍, ପ୍ରା: ବ୍ୟା; ୫୭୨ ।

ଶୌର: ମଗ୍ଧା:

ଧାରଦୁଂ ଧାରଇଂ

ଗଚ୍ଛିଦୁଂ, ଗମିଦୁଂ (ମାଗଧୀରେ ମଧ୍ୟ)

କାମେଦୁଂ < କାମୟିତୁମ୍

ଧାରିଦୁଂ < ଧାରୟିତୁମ୍

